ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ନଭେମ୍ବର ୧୭/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, November 17/2025 | Page 14 | ₹ 7.00
୫୧ଶ ଭାଗ ୩୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 351 | ମୂଲ୍ୟ ₹୭/-



**ହାର୍ମର ପ୍ଲେୟର ଅଫ୍ ଦି ମ୍ୟାଚ**
ଭାରତ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଦକ୍ଷିଣ ଆଫ୍ରିକାର ସାଇମନ ହାର୍ମର।
୧୪

୦୨
**କରିସ୍ମାଙ୍କ ଫିଟ୍‌ନେସ୍ ରାଜ୍**
ଆଜିବି ଦର୍ଶକଙ୍କ ହୃଦୟରେ ରାଜ୍ କରୁଥିବା ୫୧ ବର୍ଷୀୟ ଅଭିନେତ୍ରୀ କରିସ୍ମା କପୁର ନିୟମିତ ବ୍ୟାୟମ ଓ ସନ୍ତୁଳିତ ଖାଦ୍ୟ ଯୋଗୁ ଫିଟ୍‌ନେସ୍ ବଜାୟ ରଖିଛନ୍ତି।





ସ୍ପେନର ଚେଷ୍ଟସ୍ଥିତ ରିକାର୍ଡୋ ଟୋର୍ମୋ ସର୍କିଟରେ ଅନୁଷ୍ଠିତ ଭାଲେନ୍ସିଆ ମୋଟୋ୩ ଗ୍ରାଁ ପ୍ରି ୨୦୨୫ରେ ଅଂଶଗ୍ରହଣ ଅବସରରେ ଲିଓପାର୍ଡ ରେସିଂର ଆଡ୍ରିଆନ ଫର୍ନାଣ୍ଡେଜ ଆଗରେ।

# ରୋଗୀ ସେବା ବେଳେ ଟଳିପଡ଼ିଲେ ଡାକ୍ତର

**ନୀଳଗିରି, ୧୬।୧୧ (ପ୍ରଶାନ୍ତ ବିଶ୍ୱାଳ)**

ରୋଗୀଙ୍କ ସେବା କରି ଜୀବନ ବଞ୍ଚାଉଥିଲେ। ହେଲେ ରୋଗୀ ଦେଖୁ ଦେଖୁ ହୃଦ୍‌ଘାତରେ ଟଳିପଡ଼ିଲେ କାର୍ଯ୍ୟରତ ଡାକ୍ତର। ରବିବାର ସକାଳେ ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ। ମୃତ ଡାକ୍ତର ଜଣକ ହେଲେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ତ୍ରିନାଥ ପାଲ୍(୫୩)। ତାଙ୍କ ଘର ଭଦ୍ରକ ଜିଲା କାଦବରାଙ୍ଗ ଭରସିଙ୍ଗପୁର ଗ୍ରାମରେ। ସୂଚନା ଅନୁଯାୟୀ, ସବୁଦିନ ଭଳି ଡା. ପାଲ୍ ସକାଳେ ବାଲେଶ୍ୱରରୁ ଆସି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଓପିଡିରେ ରୋଗୀ ଦେଖୁଥିଲେ। ଏହି ସମୟରେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ନିକଟରେ ଥିବା ବାଥ୍‌ରୁମ୍‌କୁ ଯାଇଥିଲେ। ବାଥ୍‌ରୁମ୍‌ରୁ ସେ ନ ଆସିବାରୁ ଅନ୍ୟ ଡାକ୍ତର ତାଙ୍କୁ ଫୋନ୍ କରିଥିଲେ। ହେଲେ ସେ ଫୋନ୍ ଉଠାଇ ନ



ଡା. ତ୍ରିନାଥ ପାଲ

ଥିଲେ। ବହୁ କଷ୍ଟରେ ସେ ବାଥ୍‌ରୁମ୍ କବାଟ ଖୋଲି ଆସିବା ପରେ ହଠାତ୍ ଖଟରେ ଟଳି ପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିଲା ବେଳେ ୧୯ନଂ. ରାଜ୍ୟ ରାଜପଥ ଆମ୍ବୁଡ଼ିହା ଛକ ନିକଟରେ ତାଙ୍କ ମୃତ୍ୟୁ ଘଟିଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେଠାରୁ ତାଙ୍କ ମରଶରୀରକୁ କର୍ମକ୍ଷେତ୍ର ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ହସ୍ପିଟାଲ କର୍ତ୍ତୃପକ୍ଷ, କର୍ମଚାରୀ ଓ ସହକର୍ମୀ ପହଞ୍ଚି ଶେଷ ଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତ୍ରିନାଥଙ୍କ ସ୍ତ୍ରୀ ପ୍ରତିମା ପାଲ୍, ବଡ଼ପୁଅ ଜ୍ୟୋତିରଞ୍ଜନ ଓ ସାନପୁଅ ପୀୟୂଷ କୁମାର ଅଛନ୍ତି। ମରଶରୀରକୁ ଜନ୍ମମାଟି ଭଦ୍ରକ ଜିଲା କାଦବରାଙ୍ଗ ଭରସିଙ୍ଗପୁର ଗ୍ରାମକୁ ନିଆଯାଇଥିଲା। ସେଠାରେ ବଡ଼ପୁଅ ଜ୍ୟୋତିରଞ୍ଜନ ମୁଖାଗ୍ନି ଦେଇଥିବା ବେଳେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଡା. ପାଲ୍ କଟକ ଏସ୍‌ସିବି ମେଡିକାଲ କଲେଜରେ ଡାକ୍ତରୀ ଶିକ୍ଷା ସାରି ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଚାକିରି କରିଆସୁଥିଲେ। ସେ ଜଣେ ପରୋପକାରୀ, ଅମାୟିକ, ସରଳ ଓ ନିଷ୍କପଟ ଡାକ୍ତର ଭାବେ ପରିଚିତ ଥିଲେ।

# ଦିଲ୍ଲୀ ବିସ୍ଫୋରଣ: ରହସ୍ୟରେ ୯ ଏମ୍ଏମ୍ ଗୁଳି

**୧୩ ଜଣଙ୍କ ଜୀବନ ଯାଇଥିବା ୧୦/୧୧ ଦିଲ୍ଲୀ ବିସ୍ଫୋରଣକୁ ନେଇ ତଦନ୍ତ ଯେତିକି ଆଗଉଛି, ଦିନକୁ ଦିନ ସେତିକି ଅଧିକ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। କିନ୍ତୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଏବଂ ଅନ୍ୟ ଏଜେନ୍ସିଗୁଡ଼ିକର ତଦନ୍ତ ଗୋଟିଏ ବିନ୍ଦୁରେ ଅଟକିଯାଇଛି। ତାହା ହେଲା ଲାଲ୍‌କିଲ୍ଲା ବିସ୍ଫୋରଣସ୍ଥଳରୁ ୩ଟି ୯ ମିଲିମିଟର କ୍ୟାଲିବର କ୍ୟାଟ୍ରିଜ୍ ଠାବ ହେବା। ଏହି ଧରଣର ଗୁଳି ସାଧାରଣ ବ୍ୟବହାର ପାଇଁ ଉଦ୍ଦିଷ୍ଟ ନୁହେଁ। କେବଳ ସୁରକ୍ଷା ବଳ କିମ୍ବା ସ୍ୱତନ୍ତ୍ର ଭାବେ ଅନୁମତିପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ଏହାର ବ୍ୟବହାର ଅନୁମତି ଦିଆଯାଇଥାଏ। ତେଣୁ ଆତ୍ମଘାତୀ ବିସ୍ଫୋରଣ ପଛରେ ଏହି ଗୁଳିର ଭୂମିକା ରହିଥିଲା କି? ଆଇ୨୦ କାର୍ ଚଳାଇ ଲାଲ୍‌କିଲ୍ଲାକୁ ଯାଇଥିବା ଡାକ୍ତର ଉମର ଉନ୍ ନବୀ କିମ୍ବା ଆଉ କିଏ ଏହି ଗୁଳି ବ୍ୟବହାର କରିଥିଲେ, ତାକୁ ନେଇ ନାନା ପ୍ରଶ୍ନ ଉଠିଲାଣି। ୯ ଏମ୍ଏମ୍ ଗୁଳିର ରହସ୍ୟ ଉନ୍ମୋଚିତ ହେଲେ ତଦନ୍ତକୁ ନୂଆ ଦିଗ ମିଳିପାରେ ବୋଲି ମନେକରାଯାଉଛି।**



୯ ଏମ୍ଏମ୍ ଗୁଳି

**ନୂଆଦିଲ୍ଲୀ, ୧୬।୧୧ (ଏଜେନ୍ସି)**

ନଭେମ୍ବର ୧୦ ସନ୍ଧ୍ୟାରେ ନୂଆଦିଲ୍ଲୀସ୍ଥିତ ଲାଲ୍‌କିଲ୍ଲା ନିକଟରେ ଏକ ବଡ଼ଧରଣର ବିସ୍ଫୋରଣରେ ଥରି ଉଠିଥିଲା ଜାତୀୟ ରାଜଧାନୀ। ଚାହୁଁ ଚାହୁଁ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହେବା ପରେ ସାରା ଦେଶ ସ୍ତବ୍ଧ ହୋଇଯାଇଥିଲା। ୨୦୦୮ ସେପ୍ଟେମ୍ବର ୧୩ ସିରିଏଲ୍ ବ୍ଲାଷ୍ଟ ଏବଂ ୨୦୧୧ ସେପ୍ଟେମ୍ବର ୭ ହାଇକୋର୍ଟ ଗେଟ୍ ନମ୍ବର ୩ର ବିସ୍ଫୋରଣ ପରେ କଡ଼ା ସୁରକ୍ଷା ବଳୟରେ ଥିବା ଦିଲ୍ଲୀରେ ଏହା ଥିଲା ଆତଙ୍କବାଦୀଙ୍କ ସବୁଠି ଆକ୍ରମଣ। ତେଣୁ ଏହି ଆତ୍ମଘାତୀ ବିସ୍ଫୋରଣର ତଦନ୍ତ ଏନ୍ଆଇଏକୁ ଦିଆଯାଇଛି। ଦିଲ୍ଲୀ ପୋଲିସ ସମେତ ଅନ୍ୟ କେତେକ ସୁରକ୍ଷା ଏଜେନ୍ସି ମଧ୍ୟ ବିସ୍ଫୋରଣକୁ ନେଇ ଦିଲ୍ଲୀ, ହରିୟାଣା, ଉତ୍ତରପ୍ରଦେଶ ଓ ଜମ୍ମୁ-କଶ୍ମୀରରେ ତନାଘନା ଚଳାଇଛନ୍ତି। ଇତିମଧ୍ୟରେ ଲାଲ୍‌କିଲ୍ଲା ବିସ୍ଫୋରଣସ୍ଥଳରୁ ମିଳିଥିବା କିଛି ସୁରାକ୍ ସମସ୍ତଙ୍କୁ ଚକିତ କରିଦେଇଛି। ଜମ୍ମୁ-କଶ୍ମୀର ପୁଲ୍‌ୱାମା ନିବାସୀ ୩୫ ବର୍ଷୀୟ ଡାକ୍ତର ଉମର ଉନ୍ ନବୀ ଆତ୍ମଘାତୀ କାଣ୍ଡ ଭିଆଇବା ପୂର୍ବରୁ ନିଜ ହୁଣ୍ଡାଇ ଆଇ୨୦ କାର୍‌ରେ ବିପୁଳ ବିସ୍ଫୋରକ ନେଇ ଜନଗହଳିପୂର୍ଣ୍ଣ ଲାଲ୍ କିଲ୍ଲା ପରିସରକୁ ଯାଇଥିଲେ। ବିସ୍ଫୋରଣ ପରେ କାର୍ ସହ ସେ ଜଳିଯାଇଥିବାବେଳେ ଅନ୍ୟ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହି କାର୍ ଭଗ୍ନାବଶେଷ ନିକଟରୁ ଏବେ ୩ଟି ୯ ଏମ୍ଏମ୍ ଗୁଳି ମିଳିଛି। ସେଥିରୁ ୨ଟି ଜୀବନ୍ତ ଓ ଗୋଟିଏ ବ୍ଲାଙ୍କ୍ କ୍ୟାଟ୍ରିଜ୍। ଏହି ଧରଣର ଗୁଳି କେବଳ ସାମରିକ ବ୍ୟବହାର ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ବିସ୍ଫୋରଣସ୍ଥଳକୁ ତାହା କିପରି ଆସିଲା ସେନେଇ ତମାମ୍ ସୁରକ୍ଷା ଏଜେନ୍ସି ତଦନ୍ତ ଚଳାଇଛନ୍ତି। ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ, ଘଟଣାସ୍ଥଳରେ ସେଦିନ ଉପସ୍ଥିତ ଥିବା ଦିଲ୍ଲୀ ପୋଲିସର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ କ୍ୟାଟ୍ରିଜ୍ ଯାଞ୍ଚ କରାଯାଇଛି। ସେମାନଙ୍କ ମଧ୍ୟରୁ କାହାର କ୍ୟାଟ୍ରିଜ୍ ଊଣା ହୋଇନାହିଁ। ଯାହାଙ୍କୁ ଯେତିକି ଗୁଳି ଆଲଟ୍ କରାଯାଇଥିଲା ସେମାନଙ୍କ ନିକଟରେ ସେତିକି କ୍ୟାଟ୍ରିଜ୍ ରହିଛି। ଅଲ୍-ଫଲାହ ୟୁନିଭର୍ସିଟିରେ ପଢ଼ାଉଥିବା ଡାକ୍ତର ଉମରଙ୍କ ଗାଡ଼ିରେ ସେହି ଗୁଳି ଥିଲା କି ତାହା ଉପରେ ବର୍ତ୍ତମାନ ତନାଘନା ଚାଲିଥିବା ସୂତ୍ରରୁ ଜଣାପଡ଼ିଛି। ଯଦି ଉମର ନିଜେ କାର୍‌ରେ ଉକ୍ତ ଗୁଳିକୁ ନେଇ ଯାଇ ନ ଥିଲେ, ତେବେ ଏହି ବିସ୍ଫୋରଣ ପଛରେ ଆଉ କିଏ ଅଛନ୍ତି ତାହା ଅଧିକ ଖୋଳତାଡ଼ କଲେ ପଦାକୁ ଆସିପାରେ। ସୂତ୍ରରୁ ଆହୁରି ସାମ୍ନାକୁ ଆସିଛି ଯେ, ଲାଲ୍‌କିଲ୍ଲା ବିସ୍ଫୋରଣରେ ଟ୍ରାଇଆସେଟୋନ୍ ଟ୍ରାଇପେରୋକ୍ସାଇଡ୍ (ଟିଏଟିପି) ବ୍ୟବହାର କରାଯାଇଥିଲା। 'ମଦର ଅଫ୍ ସଟନ୍' ନାମରେ ପରିଚିତ ଟିଏପିଟି ହେଉଛି ଏକ ଅତ୍ୟନ୍ତ ଭୋଲାଟାଇଲ୍ ବିସ୍ଫୋରକ। ବିନା ଡିଟୋନେଟରରେ ଏହାର ବିସ୍ଫୋରଣ ହୋଇଥାଏ। ☞ପୃଷ୍ଠା-୪

# ଜି.ଉଦୟଗିରିରେ ୫.୮ ଡିଗ୍ରୀ, ଭୁବନେଶ୍ୱରରେ ୧୩

**ଶୀତ ଲହରି: ତଳମୁହାଁ ପାରଦ**

■ ୬ ଜିଲାକୁ ୟେଲୋ ୱାର୍ନିଂ, ଶ୍ରୀଲଙ୍କା ଉପକୂଳରେ ଲଘୁଚାପ

**ଭୁବନେଶ୍ୱର, ୧୬।୧୧ (ବନ୍ଦନା ସେଠୀ)**

ଆଭ୍ୟନ୍ତରରୁ ଉପକୂଳ ଓ ପଶ୍ଚିମରୁ ଦକ୍ଷିଣ ଓଡ଼ିଶା ସବୁଠି ଏବେ ଶୀତର ଲହରି ଜାରି ରହିଛି। ପାରଦ ତଳମୁହାଁ ରହିଥିବାବେଳେ ରବିବାର ରାଜ୍ୟର ୨୦ ଜିଲାର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୫.୮ ଡିଗ୍ରୀ ରହିଥିବାବେଳେ ଦାରିଙ୍ଗବାଡ଼ିରେ ୮, ଫୁଲବାଣୀ ୯, ରାଉରକେଲା ୧୦.୨, ଭଦ୍ରକ ୧୦.୫, ଅନୁଗୋଳ ଓ ଝାରସୁଗୁଡାରେ ୧୦.୬ ଡିଗ୍ରୀ, କେନ୍ଦୁଝର ୧୦.୮, ଭବାନୀପାଟଣା ୧୧.୪, କୋରାପୁଟ ୧୧.୫, ନବରଙ୍ଗପୁର ୧୧.୬, ଢେଙ୍କାନାଳ ୧୨.୩, ସୁନ୍ଦରଗଡ଼ ୧୨.୪, ସୋନପୁର ଓ ଭୁବନେଶ୍ୱରରେ ୧୩, ବଲାଙ୍ଗୀର ୧୩.୨, କଟକ ୧୩.୬, ବାରିପଦା ୧୩.୮, ଟିଟିଲାଗଡ ଓ ସମ୍ବଲପୁରରେ ୧୪.୨ ଏବଂ ରାୟଗଡ଼ାରେ ୧୪.୪ ଡିଗ୍ରୀ ରେକର୍ଡ ହୋଇଛି। ତେବେ ଆଗାମୀ ୨୪ଘଣ୍ଟା ଯାଏ ଖୋର୍ଦ୍ଧା, କଟକ, ଅନୁଗୋଳ, ଝାରସୁଗୁଡା, ସୁନ୍ଦରଗଡ଼ ଏବଂ କନ୍ଧମାଳ ଜିଲାରେ ପ୍ରବଳ ଥଣ୍ଡା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳର ସର୍ବାଧିକ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ରହିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଆଗାମୀ ୨ ଦିନ ଯାଏ ଏଭଳି ସ୍ଥିତି ଜାରି ରହିବ। ପରେ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିବ। ☞ପୃଷ୍ଠା-୪




# ପୋଲିସ ଗୁଳିରେ ୩ ମାଓବାଦୀ ନିହତ

**ମାଲକାନଗିରି, ୧୬।୧୧ (ଦୁର୍ଯ୍ୟୋଧନ ପାତ୍ର/ ସୁଚିତ୍ରା ଦାସ)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲାର ଭେଜିଠାରେ ଥିବା ଜଙ୍ଗଲରେ ରବିବାର ସକାଳୁ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ପୋଲିସ ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ମୃତ ମାଓବାଦୀ ମଧ୍ୟରୁ ୨ ଜଣ ମହିଳା ରହିଛନ୍ତି। ଘଟଣାସ୍ଥଳରୁ ବନ୍ଧୁକ ସହ ବହୁ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ସୂଚନା ଅନୁଯାୟୀ ରବିବାର ସକାଳୁ ଡିଆରଜି ବାହିନୀ ସୁକୁମା ଜିଲା ଭେଜି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ପାତ୍ର ଥିଲେ ସିନା

# ପରାଜୟ ପରେ ପାରିବାରିକ ବିଭ୍ରାଟ | ଲାଲୁଙ୍କ ଘର ଛାଡ଼ିଲେ ଆଉ ୩ ଝିଅ

**ପାଟନା, ୧୬।୧୧**

ବିହାର ବିଧାନସଭା ନିର୍ବାଚନରେ ବିରୋଧୀ ମହାମେଣ୍ଟର ପରାଜୟ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ପାରିବାରିକ ବିଭ୍ରାଟର କାରଣ ହୋଇଛି। ଲାଲୁଙ୍କ ଦ୍ୱିତୀୟ ଝିଅ ରୋହିଣୀ ଆଚାର୍ଯ୍ୟ ଶନିବାର ରାଜନୀତି ଛାଡ଼ି ପରିବାର ସହ ସମ୍ପର୍କ ତୁଟାଇ ଦେଇଥିବାବେଳେ ରବିବାର ଆଉ ୩ ଝିଅ ରାଜଲକ୍ଷ୍ମୀ, ରାଗିଣୀ ଓ ଚନ୍ଦା ପାଟନାସ୍ଥିତ ବାସଭବନ ତ୍ୟାଗ କରିଛନ୍ତି। ଏହି ଘଟଣା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ପରିବାରରେ ଆଭ୍ୟନ୍ତରୀଣ କନ୍ଦଳକୁ ପଦାରେ ପକାଇବା ସହ ଦଳକୁ ମଧ୍ୟ ଆହୁରି ଦୁର୍ବଳ କରିବ ବୋଲି କୁହାଯାଉଛି। ଡାକ୍ତର ରୋହିଣୀ ଆଚାର୍ଯ୍ୟ ଶନିବାର ସୋସିଆଲ ମିଡିଆରେ ବିସ୍ଫୋରକ ମନ୍ତବ୍ୟ ଦେଇଥିଲେ। ସେ ରାଜନୀତି ଛାଡୁଛନ୍ତି ଏବଂ ପରିବାର ସହ ସମ୍ପର୍କ ତୁଟାଉଛନ୍ତି। ତେଜସ୍ୱୀଙ୍କ ଘନିଷ୍ଠ ସହଯୋଗୀ ସଞ୍ଜୟ ଯାଦବ ଓ ରମିଜ୍ ତାଙ୍କୁ ଏପରି କରିବାକୁ କହିଛନ୍ତି। ତେଣୁ ସବୁ ଦୋଷ ନିଜ ମୁଣ୍ଡକୁ ନେଇଥିବା ବିଷୟ ସେ 'X'ରେ ଏକ ପୋଷ୍ଟ କରି ଲେଖିଥିଲେ। ଏହାର ଦିନକ ପରେ ରୋହିଣୀ ଆହୁରି କହିଛନ୍ତି, ୨୦୨୨ରେ ବାପାଙ୍କ କିଡ୍‌ନୀ ଖରାପ ହୋଇଯାଇଥିଲା। ସେ ଗୋଟିଏ କିଡ୍‌ନୀ ଦାନ କରିଥିଲେ, ଯାହାକି ଲାଲୁଙ୍କ ଦେହରେ ପ୍ରତିରୋପଣ କରାଯାଇଥିଲା। କିନ୍ତୁ ପରିବାର ଲୋକେ ଅଭିଯୋଗ ଆଣୁଛନ୍ତି, ଲାଲୁଙ୍କୁ ସେ ଖରାପ କିଡ୍‌ନୀ ଦେଇ ଏହା ବିନିମୟରେ ଅନେକ କୋଟି ଟଙ୍କା ନେଇ ଆର୍‌ଜେଡି ଟିକେଟ କିଣିଥିଲେ। ଏପରି କି ଘର ଲୋକେ ତାଙ୍କ ଉପରକୁ ଜୋତା ଫିଙ୍ଗିଥିବା ମଧ୍ୟ ସେ ଏକ ଭାବପୂର୍ଣ୍ଣ ପୋଷ୍ଟରେ ଅଭିଯୋଗ ଆଣିଛନ୍ତି। ଶନିବାର ରାତିରେ ସିଙ୍ଗାପୁର ଚାଲିଯାଇଥିବା ରୋହିଣୀ ୨୦୨୪ ଲୋକ ସଭା ନିର୍ବାଚନ ବେଳେ ସରନ ଆସନରୁ ଲଢ଼ି ଭାଜପାର ରାଜୀବ ପ୍ରତାପ ରୁଡ଼ିଙ୍କଠାରୁ ହାରିଯାଇଥିଲେ।

ଲାଲୁଙ୍କ ୭ ଝିଅ ଓ ୨ ପୁଅ ଅଛନ୍ତି। ତେଜପ୍ରତାପ ଯାଦବ ବଡ଼ ପୁଅ ଓ ତେଜସ୍ୱୀ ସାନପୁଅ। ପାଟଳିପୁତ୍ର ଏମ୍‌ପି ☞ପୃଷ୍ଠା-୪



ଲାଲୁ ପ୍ରସାଦ ଯାଦବଙ୍କ ସହ ୩ ଝିଅ ରାଜଲକ୍ଷ୍ମୀ, ରାଗିଣୀ ଓ ଚନ୍ଦା।

## ସଂକ୍ଷେପରେ

### ଟ୍ରେଲରକୁ ଧକ୍କା ଦେଲା ଟେମ୍ପୋ: ୬ ତୀର୍ଥଯାତ୍ରୀ ମୃତ

ଜୟପୁର, ୧୬।୧୧

ରାଜସ୍ଥାନର ୧୨୫ ନଂ ଜାତୀୟ ରାଜପଥ ଅନ୍ତର୍ଗତ ଯୋଧପୁର-ବାଲେସାର ରାସ୍ତାରେ ରବିବାର ଭୋର ସମୟରେ ଏକ ତୀର୍ଥଯାତ୍ରୀ ଟେମ୍ପୋ ଟ୍ରେଲରକୁ ଧକ୍କା ଦେବାରୁ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୧୪ ଆହତ ହୋଇଛନ୍ତି। ଟେମ୍ପୋଟି ଗୁଜରାଟର ବନସକଣ୍ଠା ଏବଂ ଧନସୁରା ଅଞ୍ଚଳରୁ ୨୦ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ରାମଦେଓରା ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଦ୍ରୁତ ବେଗରେ ଆସୁଥିବା ଟ୍ରେଲରକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୩ ମହିଳାଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଥିଲା।

### ଲାଲ୍‌କିଲ୍ଲା ବିସ୍ଫୋରଣ ଆତ୍ମଘାତୀ: ଏନ୍‌ଆଇଏ

**ଉମର ନବୀଙ୍କ ସହଯୋଗୀ ଗିରଫ**

ନୂଆଦିଲ୍ଲୀ, ୧୬।୧୧

ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ଗତ ୧୦ ତାରିଖରେ ଘଟିଥିବା ବିସ୍ଫୋରଣ ଏକ ଆତ୍ମଘାତୀ ଆକ୍ରମଣ ଥିଲା ବୋଲି ରବିବାର ଜାତୀୟ ତଦନ୍ତକରୀ ସଂସ୍ଥା (ଏନ୍‌ଆଇଏ) ସ୍ପଷ୍ଟ କରିଛି। ଏଥିରେ ଆଇଇଡି ଖଞ୍ଜାଯାଇଥିବା କାର୍ ବ୍ୟବହୃତ ହୋଇଥିଲା, ଯାହାକୁ ସୁଇସାଇଡ୍ ବମ୍ବର ଉମର ଉନ୍ ନବୀ ଚଳାଉଥିଲେ। ଆତ୍ମଘାତୀ ବିସ୍ଫୋରଣ ଷଡ଼ଯନ୍ତ୍ର ସହ ଜଡ଼ିତ ଉମରଙ୍କ ସହଯୋଗୀ ଅମିର ରଶିଦ ଅଲିଙ୍କୁ ରବିବାର ଦିଲ୍ଲୀରୁ ଗିରଫ କରାଯାଇଛି। ବିସ୍ଫୋରଣରେ ବ୍ୟବହୃତ କାର୍ ଅମିରଙ୍କ ନାମରେ ପଞ୍ଜୀକୃତ ହୋଇଥିଲା। ଜମ୍ମୁ-କଶ୍ମୀରର ସମ୍ବୁରା ବାସିନ୍ଦା ଅମିର ଉକ୍ତ କାର୍ କିଣିବାକୁ ଦିଲ୍ଲୀ ଆସିଥିଲେ, ଯାହାକୁ ଆତ୍ମଘାତୀ ବିସ୍ଫୋରଣରେ ବ୍ୟବହାର ପାଇଁ ଆଇଇଡି ଖଞ୍ଜାଯାଇଥିଲା। ମୃତ ଡ୍ରାଇଭର ଉମର ନବୀ ବୋଲି ଫୋରେନ୍‌ସିକ ପରୀକ୍ଷାରୁ ସ୍ପଷ୍ଟ ହୋଇଛି। ପୁଲ୍‌ୱାମା ଜିଲାର ଉମର ଫରିଦାବାଦ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ଜେନେରାଲ ମେଡିସିନ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଥିଲେ।

ଦକ୍ଷିଣ କଶ୍ମୀରର ଅନନ୍ତନାଗରେ ଏକ ସରକାରୀ ମେଡିକାଲ କଲେଜର ପୋଷ୍ଟିଂ ହୋଇଥିବା ହରିୟାଣାର ମହିଳା ଡାକ୍ତର ପ୍ରିୟଙ୍କା ଶର୍ମା ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍‌ରେ ସମ୍ପୃକ୍ତ ଥିବା ସନ୍ଦେହରେ ଜମ୍ମୁ-କଶ୍ମୀର ପୋଲିସର କାଉଣ୍ଟର ଇଣ୍ଟେଲିଜେନ୍ସ ଟିମ୍ ତାଙ୍କୁ ଜେରା କରିବା ପାଇଁ ଅଟକ ରଖିଛି।

### ୨୦୨୮ରେ ଚନ୍ଦ୍ରୟାନ-୪ ଲଞ୍ଚ୍ କରିବ ଇସ୍ରୋ


ଭି. ନାରାୟଣନ

କୋଲ୍‌କାତା, ୧୬।୧୧

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଚଳିତ ଆର୍ଥିକ ବର୍ଷରେ ଆଉ ୭ଟି ଉତ୍‌କ୍ଷେପଣ ଯୋଜନା ରଖିଛି। ୨୦୨୭ରେ ଭାରତର ପ୍ରଥମ ମାନବଯୁକ୍ତ ମହାକାଶ ଅଭିଯାନ ହେବାକୁ ଥିବାବେଳେ ୨୦୨୮ରେ ଚନ୍ଦ୍ରୟାନ-୪ ଚନ୍ଦ୍ର ଅଭିମୁଖେ ପ୍ରେରଣ ନିମନ୍ତେ ଲକ୍ଷ୍ୟ ରଖାଯାଇଥିବା ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି। ପିଟିଆଇ ସହ ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, ବିଜ୍ଞାନ, ପ୍ରଯୁକ୍ତି ଓ ଶିଳ୍ପ ସାମର୍ଥ୍ୟରେ ଇସ୍ରୋ ଦ୍ରୁତ ଅଭିବୃଦ୍ଧି କରୁଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବ୍ୟବସାୟିକ ଯୋଗାଯୋଗ ସାଟେଲାଇଟ୍ ସମେତ ଏକାଧିକ ପିଏସ୍‌ଏଲ୍‌ଭି ଏବଂ ଜିଏସ୍‌ଏଲ୍‌ଭି ମିଶନ କାର୍ଯ୍ୟକାରୀ ହେବ। ଭାରତୀୟ ଶିଳ୍ପ ଦ୍ୱାରା ପ୍ରଥମ ପିଏସ୍‌ଏଲ୍‌ଭି ସମ୍ପୂର୍ଣ୍ଣ ନିର୍ମାଣ ହେବାକୁ ଯାଉଛି। ଚନ୍ଦ୍ରୟାନ-୪ ମିଶନକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି। ଏହି ମିଶନରେ ଚନ୍ଦ୍ରପୃଷ୍ଠରୁ ନମୁନା ଆଣି ଚନ୍ଦ୍ରୟାନ ଫେରିବା ଯୋଜନା ରହିଥିବାରୁ ଏହା ଦେଶର ସବୁଠୁ ଜଟିଳ ଚନ୍ଦ୍ର ଅଭିଯାନ ବୋଲି ନାରାୟଣନ କହିଛନ୍ତି। ଆଉ ଏକ ମୁଖ୍ୟ ମିଶନ ହେଲା ଲୁପେକ୍ସ, ଯାହାକି ଏକ ମିଳିତ ଚନ୍ଦ୍ର ମେରୁ ଆବିଷ୍କାର କାର୍ଯ୍ୟକ୍ରମ। ଜେଏଏକ୍ସଏ (ଜାପାନ ଏରୋସ୍ପେସ୍ ଏକ୍ସପ୍ଲୋରେଶନ ଏଜେନ୍ସି) ସହ ଇସ୍ରୋ ମିଳିତ ଭାବେ ଏହି ମିଶନ ଦିଗରେ କାର୍ଯ୍ୟ କରୁଛି।



ଲାଲ୍‌କିଲ୍ଲା ଆତ୍ମଘାତୀ ବିସ୍ଫୋରଣ ପ୍ରତିବାଦରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ରବିବାର ଭାଜପା ନେତା ତଥା ୟୁନାଇଟେଡ୍ ହିନ୍ଦୁ ଫ୍ରଣ୍ଟର ଅନ୍ତର୍ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଜୟ ଭଗବାନ୍ ଗୋୟଲ (ମଝି) ଓ ଅନ୍ୟମାନେ ବିକ୍ଷୋଭ କରୁଛନ୍ତି।

# କାର୍ଯ୍ୟାନୁଷ୍ଠାନ ଧମକ ଦେଲେ ରାଜ୍ୟପାଳ

**ପଶ୍ଚିମବଙ୍ଗ ରାଜଭବନରେ ଅସ୍ତ୍ର ଗଚ୍ଛିତ ଥିବା ଅଭିଯୋଗ**

କୋଲକାତା, ୧୬।୧୧


କଲ୍ୟାଣ ବାନାର୍ଜୀ


ସି.ଭି. ଆନନ୍ଦ ବୋଷ୍

ପଶ୍ଚିମବଙ୍ଗ ରାଜଭବନ ପରିସରରେ ଭାଜପା ନେତାମାନଙ୍କ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଗଚ୍ଛିତ ରଖିବା ପାଇଁ ଅନୁମତି ଦିଆଯାଇଥିବା ତୃଣମୂଳ କଂଗ୍ରେସ ଏମ୍‌ପି କଲ୍ୟାଣ ବାନାର୍ଜୀ ଶନିବାର ଅଭିଯୋଗ ଆଣିବା ପରେ ଏହାକୁ ନେଇ ଉଭୟ ଦଳ ମୁହାଁମୁହିଁ ହୋଇଛନ୍ତି। ହୁଗ୍‌ଲି ଜିଲା ଶ୍ରୀରାମପୋରର ଏମ୍‌ପି କହିଛନ୍ତି, ରାଜ୍ୟପାଳ ଅପରାଧୀ (ଭାଜପା ନେତା)ମାନଙ୍କୁ ରାଜଭବନ କମ୍ପ୍ଲେକ୍ସରେ ଆଶ୍ରୟ ଦେବା ସହ ଶାସକ ଦଳ କର୍ମୀଙ୍କ ଉପରେ ଆକ୍ରମଣ ପାଇଁ ଅସ୍ତ୍ର ଯୋଗାଉଛନ୍ତି। ତାଙ୍କର ଏଭଳି ଅଭିଯୋଗର ଦିନକ ପରେ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ଟିଏମ୍‌ସି ଏମ୍‌ପିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଧମକ ଦେଇଛନ୍ତି।

ଏଭଳି ଅକ୍ଷମ ରାଜ୍ୟପାଳ ରହିଥିବା ପର୍ଯ୍ୟନ୍ତ ସେ ପଶ୍ଚିମବଙ୍ଗର ହିତ କଦାପି ଦେଖିପାରିବେ ନାହିଁ ବୋଲି କଲ୍ୟାଣ କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟ ଉତ୍ତେଜନାପୂର୍ଣ୍ଣ ଓ ଦାୟିତ୍ୱହୀନତା ବୋଲି ରାଜ୍ୟପାଳ ଆନନ୍ଦ କହିବା ସହ କଲ୍ୟାଣ ଏଥିପାଇଁ କ୍ଷମା ମାଗନ୍ତୁ ବୋଲି ଦାବି କରିଛନ୍ତି। ଯଦି ସେ କ୍ଷମା ନ ମାଗନ୍ତି, ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟପାଳ କହିଛନ୍ତି। ଜନସାଧାରଣ ଓ ଖବରଦାତାଙ୍କ ସମେତ ୧୦୦ ଜଣ ରାଜଭବନ ଆସି ଏହା ପରିସରରେ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ରହିଥିବା ନେଇ ଯାଞ୍ଚ କରିବାକୁ ଅନୁମତି ଦିଆଯାଇଥିବା ରାଜ୍ୟପାଳ କହିଛନ୍ତି। କଲ୍ୟାଣ ବାନାର୍ଜୀ କ୍ଷମା ମାଗନ୍ତୁ ବୋଲି ଦାବି କରି ରାଜଭବନ ତରଫରୁ ଇତିମଧ୍ୟରେ ଆନୁଷ୍ଠାନିକ ବିବୃତି ଜାରି ହୋଇଛି। ଏମ୍‌ପିଙ୍କ ଅଭିଯୋଗ ରାଜ୍ୟପାଳଙ୍କୁ ମିଳିଥିବା ଜେଡ୍ ପ୍ଲସ୍ ସୁରକ୍ଷାର ଉଲ୍ଲଂଘନ ହୋଇଥିବାରୁ ଏହାର ତୁରନ୍ତ ତଦନ୍ତ ପାଇଁ ରାଜଭବନ ଆହ୍ୱାନ ଦେଇଛି।

# ମେକ୍ସିକୋରେ ବିକ୍ଷୋଭ ବେଳେ ହିଂସା

**ମେୟରଙ୍କୁ ହତ୍ୟା ପରେ ତାତିଲେ ଜେନ୍ ଜି**

**୧୨୦ ଆହତ**

ମେକ୍ସିକୋ ସିଟି, ୧୬।୧୧

ମିଚୋଆକାନ୍ ମେୟର କାର୍ଲୋସ ମାଞ୍ଜୋଙ୍କୁ ହତ୍ୟା ଘଟଣା ପରେ ମେକ୍ସିକୋରେ ଜେନ୍ ଜି ଆନ୍ଦୋଳନ ଜୋର୍‌ଦାର ହୋଇଛି। ସାରା ମେକ୍ସିକୋରେ ଅନେକ ହଜାର ବିକ୍ଷୋଭକାରୀ ଶନିବାର 'ଜେନେରେଶନ ଜି' ବ୍ୟାନରରେ ହିଂସା ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଅପରାଧ, ଦୁର୍ନୀତି ଏବଂ ଦଣ୍ଡମୁକ୍ତି ବିରୋଧରେ ମେକ୍ସିକୋ ସିଟିରେ ଜେନ୍ ଜି ସଦସ୍ୟମାନେ ବିକ୍ଷୋଭ କରୁଥିବାବେଳେ ଏହାକୁ ବିରୋଧୀ ଦଳଗୁଡ଼ିକର ପୁରୁଣା ସମର୍ଥକମାନେ ଦୃଢ଼ ସମର୍ଥନ ଜଣାଇଛନ୍ତି। ଆନ୍ଦୋଳନ ପ୍ରାୟତଃ ଶାନ୍ତିପୂର୍ଣ୍ଣ ଥିବାବେଳେ ଶେଷ ମୁହୂର୍ତ୍ତରେ ପୋଲିସ ସହ ବିକ୍ଷୋଭକାରୀଙ୍କ ସଂଘର୍ଷ ହୋଇଥିଲା। ବିକ୍ଷୋଭକାରୀ ଢେଲା, ଲାଠି, ଚେନ୍‌ରେ ପୋଲିସକୁ ଆକ୍ରମଣ କରିବା ସହ ପୋଲିସ ଢାଲ ଓ ଅନ୍ୟାନ୍ୟ ଉପକରଣ ଛଡ଼ାଇ ନେଇଥିଲେ। ଏହି ସଂଘର୍ଷରେ ୧୦୦ ପୋଲିସ ଅଫିସରଙ୍କ ସମେତ ୧୨୦ ଜଣ ଆହତ ହୋଇଥିବା ରାଜଧାନୀର ସୁରକ୍ଷା ସମ୍ପାଦକ ପାବ୍ଲୋ ଭାଜ୍‌କ୍ୱେଜ୍ କହିଛନ୍ତି। ୨୦ ଜଣଙ୍କୁ ଗିରଫ କରାଯାଇଛି।


ମେକ୍ସିକୋ ସିଟିରେ ଜେନ୍ ଜି ଏବଂ ଅନ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବିଭିନ୍ନ ଦେଶରେ ୯୦ ଦଶକ ଶେଷଭାଗ ଏବଂ ୨୦୧୦ ଦଶକ ପ୍ରଥମ ଭାଗ ମଧ୍ୟରେ ଜନ୍ମିତ ଯୁବଗୋଷ୍ଠୀ ଅସମାନତା, ଗଣତାନ୍ତ୍ରିକ ପତନ ଏବଂ ଦୁର୍ନୀତି ବିରୋଧରେ ଆନ୍ଦୋଳନ କରୁଛନ୍ତି। ଗତ ସେପ୍ଟେମ୍ବରରେ ନେପାଳରେ ବହୁସଂଖ୍ୟାରେ ଜେନ୍ ଜି ବିକ୍ଷୋଭରେ ସାମିଲ ହେବାରୁ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ଦୁର୍ନୀତି ଏବଂ ହିଂସ୍ର ଅପରାଧ ଘଟଣାରେ ଦଣ୍ଡ ମୁକ୍ତି ଭଳି ବ୍ୟବସ୍ଥାଗତ ସମସ୍ୟାକୁ ନେଇ ବହୁସଂଖ୍ୟାରେ ଯୁବବର୍ଗ ନିରାଶ ହୋଇପଡ଼ିଥିବା କହିଛନ୍ତି। ଆମେ ଅଧିକ ସୁରକ୍ଷା ଚାହୁଁ ବୋଲି ୨୯ ବର୍ଷୀୟ ବିଜ୍‌ନେସ୍ କନ୍‌ସଲ୍ଟାଣ୍ଟ ଆଣ୍ଡ୍ରେସ୍ ମାସା କହିଛନ୍ତି। ଜେନ୍ ଜି ବିକ୍ଷୋଭର ବୈଶ୍ୱିକ ପ୍ରତୀକ ଖପୁରି ଥିବା ପତାକା ସେ ଧରିଥିବା ଦେଖାଯାଇଥିଲା। ମିଚୋଆକାନ୍‌ର ଲୋକପ୍ରିୟ ମେୟରଙ୍କ ସମେତ ନିକଟରେ ଦେଶରେ ବହୁ ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡ ଘଟିଥିବା ସତ୍ତ୍ୱେ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡ଼ିଆ ଶେଇନବମ୍‌ଙ୍କ ପ୍ରତି ଉଚ୍ଚ ଅନୁମୋଦନ ହାର ରହିଛି। ଦକ୍ଷିଣପନ୍ଥୀ ଦଳଗୁଡ଼ିକ ଜେନ୍ ଜି ଆନ୍ଦୋଳନରେ ଜବରଦସ୍ତ ସାମିଲ ହୋଇଥିବା ଶେଇନବମ୍ କହିଛନ୍ତି।

### ଆର୍‌ଏସ୍‌ଏସ୍ ନେତାଙ୍କ ପୁଅଙ୍କୁ ଗୁଳିକରି ହତ୍ୟା

ଫିରୋଜପୁର, ୧୬।୧୧

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ସହ ଜଡ଼ିତ ବଳଦେବ ରାଜ ଆରୋରାଙ୍କ ପୁଅ ନବୀନ ଆରୋରା(୩୨)ଙ୍କୁ ଶନିବାର ପଞ୍ଜାବରେ ୨ ଜଣ ଅଜଣା ଆତତାୟୀ ଗୁଳିକରି ହତ୍ୟା କରିଛନ୍ତି। ନବୀନ ତାଙ୍କ ଦୋକାନରୁ ଘରକୁ ଫେରୁଥିବାବେଳେ ଡ. ସାଧୁଚନ୍ଦ ଚୌକ ନିକଟରେ ମୋଟରସାଇକେଲରେ ଆସିଥିବା ୨ ଦୁର୍ବୃତ୍ତ ତାଙ୍କୁ ଗୁଳି ଚଳାଇଥିଲେ। ନବୀନଙ୍କୁ ଏକ ଘରୋଇ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପଞ୍ଜାବରେ ଆପ୍ ସରକାର ଆଇନଶୃଙ୍ଖଳା ବଜାୟ ରଖିବାରେ ବିଫଳ ହୋଇଥିବା ରାଜ୍ୟ ଭାଜପା ସଭାପତି ସୁନୀଲ ଜାଖର ଅଭିଯୋଗ କରିଛନ୍ତି। ଗ୍ୟାଙ୍ଗଷ୍ଟରମାନେ ସରକାର ଚଳାଉଛନ୍ତି। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହୋଇଥିବାରୁ ପଞ୍ଜାବ ଜନସାଧାରଣଙ୍କୁ ଆତଙ୍କର ବାତାବରଣ ମଧ୍ୟରେ ବଞ୍ଚିବାକୁ ପଡୁଥିବା ଜାଖର କହିଛନ୍ତି।

## ପାକିସ୍ତାନ ଜଡ଼ିତ ଥିବା ଅସ୍ତ୍ରଶସ୍ତ୍ର, ଡ୍ରଗ୍ସ ନେଟ୍‌ୱର୍କର ପର୍ଦ୍ଦାଫାଶ: ୫ ଗିରଫ

**୧ କେ.ଜି. ହେରୋଇନ୍, ୬ ପିସ୍ତଲ ଜବତ**

ଚଣ୍ଡିଗଡ଼, ୧୬।୧୧(ପି.ଟି.)

ପଞ୍ଜାବ ପୋଲିସ ୬ଟି ଅତ୍ୟାଧୁନିକ ପିସ୍ତଲ ଏବଂ ୧.୧୦ କେ.ଜି. ହେରୋଇନ୍ ସହ ୫ ଜଣଙ୍କୁ ଗିରଫ କରିବା ଫଳରେ ପାକିସ୍ତାନ ଜଡ଼ିତ ଥିବା ଅସ୍ତ୍ରଶସ୍ତ୍ର ଓ ଡ୍ରଗ୍ସ ନେଟ୍‌ୱର୍କର ପର୍ଦ୍ଦାଫାଶ ହୋଇଛି। ଗିରଫ ଅଭିଯୁକ୍ତମାନେ ପାକିସ୍ତାନରେ ଥିବା ପରିଚାଳକମାନଙ୍କ ସହ ସୋସିଆଲ୍ ମିଡିଆ ଏବଂ ଡ୍ରୋନ୍ ଯୋଗେ ଯୋଗାଯୋଗରେ ଥିଲେ ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି। ଗୋଇନ୍ଦା ସୂଚନା ଆଧାରରେ ଅମୃତସର କମିଶନରେଟ୍ ପୋଲିସ ଏହି ଚଢ଼ାଉ କରି ଡ୍ରଗ୍ସ ଓ ଅସ୍ତ୍ର ଚାଲାଣ ଯୋଜନାକୁ ପଣ୍ଡ କରିଦେଇଛି। ଜବତ ଅସ୍ତ୍ର ମଧ୍ୟରେ ୫ଟି ପଏଣ୍ଟ ଥ୍ରୀ ଜିରୋ ବୋର୍ ଏବଂ ଗୋଟିଏ ଗ୍ଲୋକ୍-୯ ଏମ୍‌ଏମ୍ ପିସ୍ତଲ ରହିଥିବା ଡିଜିପି ଗୌରବ ଯାଦବ କହିଛନ୍ତି। ପଞ୍ଜାବରେ ବେଆଇନ ଅସ୍ତ୍ରଶସ୍ତ୍ର ଏବଂ ଡ୍ରଗ୍ସ ପହଞ୍ଚାଇବାରେ ଡ୍ରୋନ୍ ବ୍ୟବହାର କରାଯାଉଥିଲା। ଅସ୍ତ୍ରଶସ୍ତ୍ର ଆଇନ, ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ୍ ସାଇକୋଟ୍ରପିକ ସବ୍‌ଷ୍ଟାନ୍ସ (ଏନ୍‌ଡିପିଏସ୍) ଆଇନ ବଳରେ ଛେହର୍ତା ଏବଂ ଅମୃତସର କ୍ୟାଣ୍ଟନମେଣ୍ଟ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଉକ୍ତ ନେଟ୍‌ୱର୍କକୁ ଧ୍ୱଂସ କରିବା ସହ ଏହାର ପରିଚାଳକଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରହିଛି।

## ବିହାର ଏନ୍‌ଡିଏରେ କ୍ଷମତା ବଣ୍ଟନ ଚୂଡ଼ାନ୍ତ

**ଜେଡିୟୁରୁ ୧୪ ମନ୍ତ୍ରୀ ହୋଇପାରନ୍ତି**

ନୂଆଦିଲ୍ଲୀ, ୧୬।୧୧

ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏ ୨୦୨ ଆସନରେ ବିଜୟୀ ହୋଇଥିବାବେଳେ ଆସନ୍ତା ୧୯ କିମ୍ବା ୨୦ରେ ନୂଆ ସରକାର ଶପଥ ଗ୍ରହଣ କରିବା ଆଶା କରାଯାଉଛି। ଏଥିପାଇଁ ପାଟନାର ଗାନ୍ଧୀ ମଇଦାନରେ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ମେଣ୍ଟ ସହଯୋଗୀଙ୍କ ମଧ୍ୟରେ କ୍ଷମତା ବଣ୍ଟନ ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। ଜେଡିୟୁ ନେତା ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିବାକୁ ଥିବାବେଳେ ଭାଜପାକୁ ଅଧିକ ମନ୍ତ୍ରୀପଦ ମିଳିପାରେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଏନ୍‌ଡିଏ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଭାଜପାକୁ ୧୫ରୁ ୧୬ ଏବଂ ଜେଡିୟୁରୁ ୧୪ ଜଣଙ୍କୁ ମନ୍ତ୍ରୀପଦ ମିଳିପାରେ। ଭାଜପା ୮୯ ଆସନ ଜିତିଥିବାବେଳେ ଜେଡିୟୁ ୮୫ ଆସନରେ ବିଜୟୀ ହୋଇଥିଲା। ୧୯ ଆସନ ହାସଲ କରିଥିବା ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି (ରାମବିଳାସ)କୁ ୩ ମନ୍ତ୍ରୀ ପଦ ମିଳିପାରେ। ସେହିପରି ଜିତନରାମ ମାନ୍‌ଝିଙ୍କ ହିନ୍ଦୁସ୍ଥାନ ଆୱାମ ମୋର୍ଚ୍ଚା (ଧର୍ମନିରପେକ୍ଷ) ୫ ଆସନ ଏବଂ ଉପେନ୍ଦ୍ର କୁଶ୍‌ୱାହାଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ଯଥାକ୍ରମେ ୫ ଓ ୪ ଆସନ ଜିତିଥିବାବେଳେ ଉଭୟ ଦଳରୁ ଜଣେ ଲେଖାଏ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇପାରନ୍ତି। ପ୍ରତି ୬ ବିଧାୟକରେ ଜଣକୁ ମନ୍ତ୍ରୀ କରିବା ପାଇଁ ସ୍ଥିର ହୋଇଛି।

### ନିର୍ବାଚନରେ ଲାଗିଥିଲା ୧୪ ହଜାର କୋଟିର ବିଶ୍ୱବ୍ୟାଙ୍କ ପାଣ୍ଠି

**ଜନ ସୁରାଜ ପାର୍ଟିର ଅଭିଯୋଗ**

ନୂଆଦିଲ୍ଲୀ, ୧୬।୧୧

ବିଭିନ୍ନ ପ୍ରକଳ୍ପରେ ବିନିଯୋଗ ପାଇଁ ଉଦ୍ଦିଷ୍ଟ ୨୧,୦୦୦ କୋଟି ଟଙ୍କା ବିଶ୍ୱବ୍ୟାଙ୍କ ପାଣ୍ଠିରୁ ୧୪,୦୦୦ କୋଟି ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମହିଳା ଭୋଟରଙ୍କ ଆକାଉଣ୍ଟକୁ ପଠାଯାଇଥିବା ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ରବିବାର ଅଭିଯୋଗ କରିଛି। ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁହେବାର ମାତ୍ର ଘଣ୍ଟାଏ ପୂର୍ବରୁ ଏହି ଅର୍ଥକୁ ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନାରେ ବିନିଯୋଗ ପାଇଁ ମଞ୍ଜୁରୀ ଦିଆଯାଇଥିଲା ବୋଲି ଦଳର ମୁଖପାତ୍ର ପବନ ବର୍ମା କହିଛନ୍ତି। ବିହାରରେ ସାର୍ବଜନିକ ଋଣ ପରିମାଣ ୪,୦୬,୦୦୦ କୋଟି ଏବଂ ଦୈନିକ ସୁଧ ପରିମାଣ ୬୩ କୋଟି ଟଙ୍କା। ଏଭଳି ସ୍ଥିତିରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ୧୪,୦୦୦ କୋଟି ଟଙ୍କା କାଢ଼ିନିଆଯାଇ ରାଜ୍ୟର ୧.୨୫ କୋଟି ମହିଳାଙ୍କୁ ବଣ୍ଟନ କରାଯାଇଥିବା ବର୍ମା କହିଛନ୍ତି।

## ବିଏଲ୍‌ଓଙ୍କ ଆତ୍ମହତ୍ୟା: ଏସ୍‌ଆଇଆର୍ କାର୍ଯ୍ୟ ଚାପକୁ ଦାୟୀ କଲା ପରିବାର

**ଆଜି କେରଳରେ ବିଏଲ୍‌ଓଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ**

ନୂଆଦିଲ୍ଲୀ, ୧୬।୧୧

କେରଳର କନ୍ନୁରରେ ଜଣେ ବୁଥ୍‌ସ୍ତରୀୟ ଅଫିସର (ବିଏଲ୍‌ଓ) ଆତ୍ମହତ୍ୟା କରିଥିବାବେଳେ ତାଙ୍କ ପରିବାର ଓ ସହକର୍ମୀମାନେ ଏଥିପାଇଁ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ଜନିତ କାର୍ଯ୍ୟଚାପକୁ ଦାୟୀ କରିଛନ୍ତି। ଏହି ଘଟଣା ପରେ ରାଜ୍ୟର ବିଏଲ୍‌ଓମାନେ ସୋମବାର କାର୍ଯ୍ୟ ବର୍ଜନ କରିବାକୁ ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ଘୋଷଣା କରାଯାଇଥିବାରୁ ଏସ୍‌ଆଇଆର୍ କାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ରାଜ୍ୟ ସରକାରୀ କର୍ମଚାରୀ ଓ ଶିକ୍ଷକ କ୍ରିୟାନୁଷ୍ଠାନ ପରିଷଦ, ଶିକ୍ଷକ ସେବା ସଂଗଠନ ମିଳିତ କମିଟି ଏବଂ କେରଳ ଏନ୍‌ଜିଓ ଆସୋସିଏଶନର କୌଣସି କର୍ମଚାରୀ ସୋମବାର ବିଏଲ୍‌ଓ କାର୍ଯ୍ୟରେ ଯୋଗଦେବେ ନାହିଁ। ଏଥିସହିତ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମିଳିତ ବିକ୍ଷୋଭ କରିବାକୁ ସେମାନେ ଘୋଷଣା କରିଛନ୍ତି। କନ୍ନୁର ଜିଲାର ପୟାନ୍ନୁର ବିଏଲ୍‌ଓ ଅନୀଶ ଜର୍ଜ(୪୪) ରବିବାର ତାଙ୍କ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ପରିବାର ଲୋକେ ଏସ୍‌ଆଇଆର୍ କାର୍ଯ୍ୟଚାପକୁ ଦାୟୀ କରିଛନ୍ତି।

### ଦକ୍ଷିଣ ଚାଇନା ସାଗରରେ ପିଏଲ୍‌ଏର ବମ୍ବର ପାଟ୍ରୋଲ

ବେଜିଂ, ୧୬।୧୧

ଚାଇନା ସେନା ପ୍ରଥମ ଥର ପାଇଁ ବିବାଦୀୟ ଦକ୍ଷିଣ ଚାଇନା ସାଗର ଉପରେ ରବିବାର ବମ୍ବର ପାଟ୍ରୋଲିଂ କରିଛି। ଉକ୍ତ ଅଞ୍ଚଳରେ ଆମେରିକା ଓ ଜାପାନ ସହ ଫିଲାପାଇନ୍ସ ନୌସେନା ମିଳିତ ପାଟ୍ରୋଲିଂ ଚଳାଇଥିବାବେଳେ ମାନିଲାକୁ ଚେତାବନୀ ଦେବା ପାଇଁ ଚାଇନା ସମୁଦ୍ର ଉପରେ ବହୁସଂଖ୍ୟାରେ ଯୁଦ୍ଧବିମାନ ଉଡ଼ାଇଥିଲା। ଚାଇନା ପିପୁଲ୍ସ ଲବରେଶନ ଆର୍ମି (ପିଏଲ୍‌ଏ)ର ସଦର୍ନ ଥିଏଟର କମାଣ୍ଡ ବମ୍ବର ଫର୍ମେଶନ ପାଟ୍ରୋଲ ଚଳାଇବାକୁ ଘୋଷଣା କରିଛି। ଦକ୍ଷିଣ ଚାଇନା ସାଗରର ଅଧିକାଂଶ ଭାଗକୁ ଚାଇନା ନିଜର ଦାବି କରୁଥିବାବେଳେ ଫିଲିପାଇନ୍ସ, ଭିଏତ୍‌ନାମ, ମାଲେସିଆ, ବ୍ରୁନେଇ ଏବଂ ତାଇୱାନ ସହ ବିବାଦ ଲାଗି ରହିଛି।

## କରିସ୍ମାଙ୍କ ଫିଟ୍‌ନେସ୍ ରାଜ୍


କରିସ୍ମା କପୁର

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ କରିସ୍ମା କପୁର ଆଜିବି ଦର୍ଶକଙ୍କ ହୃଦୟରେ ରାଜ୍ କରୁଛନ୍ତି। ୫୧ ବର୍ଷ ବୟସରେ ମଧ୍ୟ କରିସ୍ମାଙ୍କ ଚମକ ଏବଂ ଫିଟ୍‌ନେସ୍ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରେ। ସେ ଏବେବି ଆଗଭଳି ଫିଟ୍ ଏବଂ ଆତ୍ମବିଶ୍ୱାସୀ ଅଛନ୍ତି। ରେଡ୍ କାର୍ପେଟରେ ହେଉ କିମ୍ବା ଜିମ୍‌ରେ, କରିସ୍ମା ସର୍ବଦା ତାଙ୍କ ଫିଟ୍‌ନେସ୍ ସହ ଦର୍ଶକଙ୍କ ମନ ଜିଣିଛନ୍ତି। ସେ ତାଙ୍କ ଫିଟ୍‌ନେସ୍ ଏବଂ ଡାଏଟ ପ୍ଲାନ ଉପରେ ବିଶେଷ ଧ୍ୟାନ ଦିଅନ୍ତି। କରିସ୍ମାଙ୍କ ୱାର୍କଆଉଟ ରୁଟିନ ଯୋଗକୁ ବିଶେଷ ଧ୍ୟାନ ଦିଅନ୍ତି। ଜିମ୍‌ରେ ଘଣ୍ଟା ଘଣ୍ଟା ବିତାଇବା ପରିବର୍ତ୍ତେ ସେ ଘରେ ଶିଡ଼ି ଚଢ଼ି ନିଜକୁ ଫିଟ୍ ରଖନ୍ତି।

ସପ୍ତାହରେ ପାଞ୍ଚରୁ ଛଅ ଦିନ ବ୍ୟାୟାମ ଏବଂ ଯୋଗ ପରେ କରିସ୍ମା ସପ୍ତାହରେ ଥରେ ଆରାମ ପାଇଁ ମସାଜ୍ ଉପଭୋଗ କରନ୍ତି। ଏହା ମାଂସପେଶୀକୁ ଦୃଢ଼ କରେ। ଏକ ପଞ୍ଜାବୀ ପରିବାରରୁ ଆସିବା ସତ୍ତ୍ୱେ କରିସ୍ମା ଏକ ସନ୍ତୁଳିତ ଖାଦ୍ୟ ବଜାୟ ରଖନ୍ତି। ସେ ସକାଳ ଖାଦ୍ୟ ପାଇଁ ଅଣ୍ଡା ଏବଂ ଟୋଷ୍ଟ ପସନ୍ଦ କରନ୍ତି। ମଧ୍ୟାହ୍ନଭୋଜନରେ ସରଳ ଭାତ, ରୁଟି, ପନିପରିବା ଏବଂ ଦହି ସାମିଲ କରନ୍ତି। ସେ ତାଙ୍କ ଖାଦ୍ୟରେ ସାମୁଦ୍ରିକ ମାଛ ସାମିଲ କରନ୍ତି। ଖାଦ୍ୟରେ କଦଳୀ, କିୱି, ଆମ୍ବ ଏବଂ ବେରି ଭଳି ଫଳ ସାମିଲ କରନ୍ତି।



ରାଉରକେଲାସ୍ଥିତ ସର୍କିଟ ହାଉସ ପରିସରରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣେ ମହିଳା ଅଭିଯୋଗ ପତ୍ର ଦେଉଛନ୍ତି।

# ଶ୍ରୀବଳଦେବ ଜୀଉଙ୍କ ପୀଠର ଉନ୍ନତୀକରଣ ପାଇଁ ୧୦୦ କୋଟି: ମନ୍ତ୍ରୀ ପୃଥ୍ୱୀରାଜ

ଭୁବନେଶ୍ୱର,୧୬।୧୧(ରବିନାରାୟଣ ଜେନା)

କେନ୍ଦ୍ରାପଡ଼ାସ୍ଥିତ ବଳଦେବ ଜୀଉଙ୍କ ପୀଠର ସୌନ୍ଦର୍ଯ୍ୟକରଣକୁ ତ୍ୱରାନ୍ୱିତ କରାଯିବ। ବଳଦେବ ଜୀଉଙ୍କ ମନ୍ଦିର ପରିସର ଭିତରେ ଏବଂ ସଂଯୋଗୀକରଣ ରାସ୍ତା ସହିତ ଅନ୍ୟାନ୍ୟ ଉନ୍ନତୀକରଣ କରାଯିବ। ଏଥିପାଇଁ ପ୍ରାୟ ୧୦୦କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିଲାଗି ଡିପିଆର୍ ପ୍ରସ୍ତୁତ ହୋଇସାରିଛି ବୋଲି ଆଇନ, ଅବକାରୀ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆସନ୍ତା ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ ବୋଲି କୁହାଯାଇଛି।

ରବିବାର ପୂର୍ତ୍ତମନ୍ତ୍ରୀଙ୍କ ସରକାରୀ ଆବାସରେ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକ ପରେ ମନ୍ତ୍ରୀ କହିଛନ୍ତି, କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବ ଜୀଉ ମନ୍ଦିରର ଐତିହ୍ୟ, ପର୍ଯ୍ୟଟନ ଓ ଭକ୍ତଙ୍କ ଭାବାବେଗ ଦୃଷ୍ଟିରୁ ସ୍ୱତନ୍ତ୍ରତା ରହିଛି। ମନ୍ଦିରର ପୂଜାବିଧି ଓ ପରମ୍ପରା ମଧ୍ୟ ଅନେକ ଜଗନ୍ନାଥପ୍ରେମୀଙ୍କୁ



ରବିବାର ପୂର୍ତ୍ତମନ୍ତ୍ରୀଙ୍କ ସରକାରୀ ଆବାସରେ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଓ ଅନ୍ୟ ବରିଷ୍ଠ ଅଧିକାରୀ।

ଆକୃଷ୍ଟ କରିଥାଏ। ବର୍ତ୍ତମାନ ସମୟରେ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ରହିଛନ୍ତି। ମନ୍ଦିରର ଆବଶ୍ୟକ ମରାମତି, ପାରିପାର୍ଶ୍ୱିକ ଉନ୍ନତି ସହ ଆନନ୍ଦ ବଜାର, ରୋଷଘର, ସିନ୍ଦୁକ ଘର, ନିକଟରେ ଥିବା ପୁଷ୍କରିଣୀର ଉନ୍ନତୀକରଣ ନେଇ କ'ଣ ପଦକ୍ଷେପ ନିଆଯାଇପାରିବ ସେ ନେଇ ପ୍ରସ୍ତାବିତ ଥ୍ରୀ-ଡି ନକ୍ସାର ତର୍ଜମା କରାଯାଇଛି। ଏଥିସହିତ ମାଉସୀ ମା' ମନ୍ଦିରର ଉନ୍ନତୀକରଣ, ପାର୍କିଂ ସ୍ଥଳ, ରଥଖଳା, ଯାତ୍ରୀନିବାସ, ଭୋଗ ଦୋକାନ, ପୋଲିସ କଣ୍ଟ୍ରୋଲ ରୁମ୍ ଆଦିର ଆଧୁନିକୀକରଣ ସଂକ୍ରାନ୍ତରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ଜିଲାପାଳ ରଘୁରାମ ଆର୍. ଆୟାର ଓ ମନ୍ଦିର ସେବାୟତମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବୈଠକରେ ବଳଦେବ ଜୀଉ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ବିସ୍ତୃତ ପ୍ଲାନ୍ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବା ଲାଗି ମନ୍ତ୍ରୀ ହରିଚନ୍ଦନ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲାପାଳ, ମନ୍ଦିର ସେବାୟତ ସଂଘର ପ୍ରତିନିଧି ବୃନ୍ଦ ଏବଂ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରବିବାର ଶତାଧିକ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୧୧(ରବିନାରାୟଣ ଜେନା)

ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ରାଉରକେଲାସ୍ଥିତ ସର୍କିଟ ହାଉସ ପରିସରରେ ଶତାଧିକ ଅଭିଯୋଗ ଶୁଣିଛନ୍ତି। ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିବା ସହିତ ସୁଖଦୁଃଖ ମଧ୍ୟ ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କ ସମସ୍ୟାକୁ ଆମ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ପ୍ରତ୍ୟେକ ଅଭିଯୋଗର ଯେପରି ଶୁଣାଣି ହେବ ଏବଂ ସେମାନେ ଉପକୃତ ହୋଇପାରିବେ ତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଏହାକୁ ବିଭାଗୀୟ ଅଧିକାରୀମାନେ ମଧ୍ୟ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ପରେ ୧୪ଥର ଅଭିଯୋଗ ପ୍ରକୋଷ୍ଠ ଯାଇ ଲୋକଙ୍କ ଦୁଃଖ ଶୁଣିଛନ୍ତି। ଇତିମଧ୍ୟରେ ୧୨ହଜାର ୯୫୦ ଅଭିଯୋଗ ଗ୍ରହଣ ହୋଇଥିବାବେଳେ ଫଇସଲା ହାର ରେକର୍ଡ ପରିମାଣ ୯୩ ପ୍ରତିଶତ ରହିଛି।

## ୨ ଦନ୍ତା ହାତୀ ଲଢ଼େଇରେ ଯୁବକ ମୃତ

ରାଉରକେଲା,୧୬।୧୧(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲା ଲାଠିକଟା ଥାନା ଅଧୀନ ଏରଗେଡା ପଡ଼ିଆରେ ରବିବାର ଭୋର୍ ୫ଟାରେ ୨ଟି ଦନ୍ତା ହାତୀଙ୍କ ଘମାଘୋଟ ଲଢେଇ ବେଳେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏରଗେଡା ଗ୍ରାମର ମାଙ୍ଗରା କୁଜୁର(୪୦)। ଏ ନେଇ ମୃତକଙ୍କ ମା' ସୋମବାରୀ କୁଜୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା (ନଂ.୧୭/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ସନ୍ଧ୍ୟା ୫ଟାରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ରାଉରକେଲା ବନ ବିଭାଗ ଅନ୍ତର୍ଗତ ଲାଠିକଟା ଜଙ୍ଗଲରେ ରବିବାର ଭୋର୍ ସମୟରେ ୨ଟି ଦନ୍ତା ହାତୀ ଲଢ଼େଇ କରୁଥିଲେ। ସେମାନେ ଲଢ଼େଇ କରି ଏରଗେଡା ପଡ଼ିଆ ପର୍ଯ୍ୟନ୍ତ ଚାଲିଆସିଥିଲେ। ସେଠାରେ ଏକ ପିପଳ ଗଛ ତଳେ ରଖାଯାଇଥିବା ପିକ୍‌ଅପ୍ ଭ୍ୟାନକୁ ଭଙ୍ଗାରୁଜା କରିଥିଲେ। ଏହି ସମୟରେ ମାଙ୍ଗରା ଉକ୍ତ ପିକ୍‌ଅପ୍ ଭ୍ୟାନ ତଳେ ଥିବା ଦେଖି ହାତୀ ତାଙ୍କୁ ଟେକି କଚାଡ଼ିବା ପରେ ପାଦରେ ଦଳିଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ବନ ବିଭାଗ କର୍ମଚାରୀମାନେ ସେଠାକୁ ଯାଇ ଯୁବକଙ୍କ ମୃତଦେହ ଉଦ୍ଧାର କରି ହାତୀଙ୍କୁ ଘଉଡାଇଥିଲେ। ମୃତକଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତ ୩ ମାସ ମଧ୍ୟରେ ହାତୀ ଆକ୍ରମଣରେ ୪ରୁ ଊର୍ଦ୍ଧ୍ୱ ଜୀବନ ଗଲାଣି।

## ୨ ସନ୍ଦିଗ୍ଧ ବାଂଲାଦେଶୀ ମହିଳା ଗିରଫ

ଜଗତ୍‌ସିଂହପୁର,୧୬।୧୧
(ପ୍ରମୋଦ କୁମାର ନାୟକ)

ଭାରତରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପସ୍ଥିତିକୁ ନେଇ ସାରା ଦେଶରେ ଚିନ୍ତାପ୍ରକଟ କରାଯାଉଛି। ଏଭଳି ସମୟରେ ଦିଲ୍ଲୀରେ ଆତଙ୍କବାଦୀ ବିସ୍ଫୋରଣ ଏହି ଚିନ୍ତାକୁ ବଢ଼ାଇ ଦେଇଛି। ଦିଲ୍ଲୀ ବ୍ଲାଷ୍ଟକୁ ନେଇ ସାରା ଦେଶରେ ହାଇଆଲର୍ଟ ଜାରି କରାଯାଇଛି। ନିକଟରେ ଜଗତ୍‌ସିଂହପୁର ପୋଲିସ ପକ୍ଷରୁ ବମ୍ ଓ ଡଗ୍ ସ୍କ୍ୱାଡ୍ ସହ ପୋଲିସ ଜଗତ୍‌ସିଂହପୁର ସହରର ଜନଗହଳିପୂର୍ଣ୍ଣ ସ୍ଥାନରେ ଯାଞ୍ଚ କରିଥିଲେ ସୁଦ୍ଧା କୌଣସି ସନ୍ଧାନ ପାଇ ନ ଥିଲା। ରବିବାର ରାତିରେ ପୋଲିସକୁ ଖବର ମିଳିଥିଲା ଯେ, ଜଗତ୍‌ସିଂହପୁର ଥାନା ଧନିପୁର ବେହେରାମପୁର ବସ୍ତି ନିକଟରେ ପାଖାପାଖି ୩୦ ଜଣ ସନ୍ଦିଗ୍ଧ ରହିଛନ୍ତି, ଯେଉଁମାନଙ୍କ ପାଖରେ ରିଭଲଭର ସମେତ ବହୁ ମାରଣାସ୍ତ୍ର ରହିଛି। ସେମାନେ କିଛି ବଡ଼ଧରଣର ଆକ୍ରମଣ ଯୋଜନା କରୁଛନ୍ତି। ଏହି ଖବରକୁ ଗୁରୁତ୍ୱର ସହ ନେଇ ପୋଲିସ ସେଠାରେ ପହଞ୍ଚି ୨ ସନ୍ଦିଗ୍ଧ ବାଂଲାଦେଶୀ ମହିଳାଙ୍କୁ ଗିରଫ କରିଛି। କିନ୍ତୁ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସିକନ୍ଦର ଆଲାମ ଖସି ଯାଇଛନ୍ତି। ଚଢ଼ାଉ ସମୟରେ ଏକ ଦେଶୀ ରିଭଲଭର ଓ ଏକାଧିକ ମାରଣାସ୍ତ୍ର ଜବତ ହୋଇଥିବା ଜଗତ୍‌ସିଂହପୁର ଏସ୍‌ଡିପିଓ ଆଜିଙ୍କ୍ୟ ମାଣେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଚଢ଼ାଉ ବେଳେ ୨ଜଣ ମହିଳା ଦେଖାଯାଇଥିଲେ। କିନ୍ତୁ ସେମାନେ ନିଜର ଠିକଣାର କୌଣସି ପ୍ରମାଣ ଦେଇପାରି ନ ଥିଲେ। ମୁଖ୍ୟ ଅଭିଯୁକ୍ତ ସିକନ୍ଦର ଆଲାମଙ୍କ ନାମରେ ଅଭିଯୋଗ ଅଛି। ସେ ବାଂଲାଦେଶର କିଛି ଲୋକଙ୍କୁ ଆଣି ରଖିଛନ୍ତି। କିନ୍ତୁ ପୋଲିସ



■ ବେହେରାମପୁର ବସ୍ତିରେ ପୋଲିସ ଚଢ଼ାଉ
■ ଅତିରିକ୍ତ ଏସ୍‌ପି, ମହିଳା କନଷ୍ଟେବଲ ଆହତ
■ ରିଭଲଭର ସହ ମାରଣାସ୍ତ୍ର ଜବତ
■ ବସ୍ତିରେ ୩୦ ସନ୍ଦିଗ୍ଧ ଥିବା ପୋଲିସର ଆକଳନ

ଚଢ଼ାଉ ସମୟରେ ସେ ଖସି ଯାଇଛନ୍ତି। ଏହି ସମୟରେ ଅଭିଯୁକ୍ତମାନେ ଆକ୍ରମଣ କରିବାରୁ ଅତିରିକ୍ତ ଏସ୍‌ପିଙ୍କ ସମେତ ୨ ମହିଳା ପୋଲିସ କନଷ୍ଟେବଲ ଆହତ ହୋଇଛନ୍ତି। ଏହି ମାମଲାରେ ପୋଲିସ ୨ ସନ୍ଦିଗ୍ଧ ମହିଳାଙ୍କୁ କାବୁ କରିଛି। ଏହାପରେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୂରା ଅଞ୍ଚଳ ସର୍ଚ୍ଚ କରାଯାଉଛି। ଘର ମାଲିକଙ୍କ ଘରୁ ଯେଉଁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି ତାହା କେଉଁଠୁ ଆସିଥିଲା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ମୁଖ୍ୟ ଅଭିଯୁକ୍ତ ଗିରଫ ପରେ ହିଁ ଅଧିକ ତଥ୍ୟ ମିଳିପାରିବ ବୋଲି ଏସ୍‌ଡିପିଓ ମାଣେ କହିଛନ୍ତି। ଖବର ଲେଖାହେବା ବେଳକୁ ୩୦ଟି ଖଣ୍ଡା, କାତି, ଫାର୍ସା ଓ କଟୁରି ଆଦି ଘର ପଛ ପଟ ଜଙ୍ଗଲିଆ ଅଞ୍ଚଳ, ପାଇଖାନା ଓ ବିଭିନ୍ନ ଘରୁ ଜବତ ହୋଇଛି। ୨ ପ୍ଲାଟୁନ ପୋଲିସ ଫୋର୍ସ ଉକ୍ତ ଅଞ୍ଚଳ ଘେରି ରହିଛନ୍ତି। ପାଖାପାଖି ୭ରୁ ୮ ଆଜବେଷ୍ଟସ ବଖରା ଥିବାବେଳେ ଅଧିକାଂଶ ତାଲା ପଡ଼ିଛି। ତଥାପି ପୋଲିସ କେତୋଟି ଘର ତାଲା ତାଡିବା ଆରମ୍ଭ କରିଛି। ଏହି ପ୍ରକ୍ରିୟା ସରିଲେ ଘରଗୁଡ଼ିକରେ ଆଉ କ'ଣ ରହିଛି ତାହା ସ୍ପଷ୍ଟ ହୋଇପାରିବ। ଏ ସମ୍ପର୍କରେ କେତେଜଣ ଲୋକଙ୍କ କହିବା କଥା ହେଲା, ପ୍ରଥମେ ଅତିରିକ୍ତ ଏସ୍‌ପି ଓ ଅନ୍ୟ ପୋଲିସ କର୍ମଚାରୀ ଉକ୍ତ ସ୍ଥାନରେ ଚଢ଼ାଉ କଲାବେଳେ ଅଭାବନୀୟ ଘଟଣା ଘଟିଥିଲା। ବାଂଲାଦେଶୀ ଅନୁପ୍ରବେଶକାରୀମାନେ ପୋଲିସକୁ ଆକ୍ରମଣ କରି ଆହତ କରିଛନ୍ତି। ଏ ପରିସ୍ଥିତିରେ ପୋଲିସ ସେଠାରୁ ପଳାଇ ଆସି ପୂରା ଫୋର୍ସ ନେଇ ପୁଣିଥରେ ଚଢ଼ାଉ କରିଥିଲା। କିନ୍ତୁ ସେତେବେଳକୁ ଅଧିକାଂଶ ବାଂଲାଦେଶୀ ଘର ତାଲାପକାଇ ଖସିଯିବାରେ ସକ୍ଷମ ହୋଇଥିଲେ। ବର୍ତ୍ତମାନ ଉକ୍ତ ଅଭିଯୁକ୍ତମାନଙ୍କୁ ଧରିବା ପୋଲିସ ପାଇଁ ବଡ଼ ଚାଲେଞ୍ଜ ସୃଷ୍ଟି କରିଛି।

## ଦିବ୍ୟାଙ୍ଗଙ୍କ ଛାତ୍ରବୃତ୍ତିକୁ ମୁହଁ ମୋଡୁଛନ୍ତି ଅଧିକାରୀ

ଭୁବନେଶ୍ୱର,୧୬।୧୧
(ରବିନାରାୟଣ ଜେନା)

**ତ୍ୱରିତ୍ ପଦକ୍ଷେପ ଲାଗି ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ**

ଦିବ୍ୟାଙ୍ଗ ବର୍ଗଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଥିବାବେଳେ ତୃଣମୂଳସ୍ତରରେ ଅଧିକାରୀମାନେ ଏଥିପ୍ରତି ଆନ୍ତରିକତା ଦେଖାଉ ନାହାନ୍ତି। ଫଳରେ ଦିବ୍ୟାଙ୍ଗମାନେ ସେମାନଙ୍କ ନ୍ୟାଯ୍ୟ ହକ୍‌ରୁ ବଞ୍ଚିତ ହେଉଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଖବର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତଥ୍ୟରୁ ଜଣାଯାଇଛି। ଦିବ୍ୟାଙ୍ଗମାନଙ୍କ ପାଇଁ ଥିବା ଛାତ୍ରବୃତ୍ତି କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ଠିକଣା ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ। ଯେଉଁ ଅଧିକାରୀମାନେ ଏହାର ମଙ୍ଗ ଧରିଛନ୍ତି ସେମାନେ ମଧ୍ୟ ନିଜ ଦାୟିତ୍ୱ ନିର୍ବାହ କରୁ ନାହାନ୍ତି ବୋଲି ବିଭାଗୀୟ ତଥ୍ୟରୁ ଜଣାଯାଇଛି। ଏହାକୁ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅତିରିକ୍ତ ସଚିବ ସୋନିଆ ବେହେରା ନଭେମ୍ବର ୧୩ରେ ସମସ୍ତ ଜିଲାପାଳଙ୍କୁ ପତ୍ର ଲେଖି ଏ ଦିଗରେ ତ୍ୱରିତ୍ ପଦକ୍ଷେପ ନେବାକୁ ଦର୍ଶାଇଛନ୍ତି।

ସୋନିଆ ପତ୍ରରେ ଦର୍ଶାଇଛନ୍ତି, ଦିବ୍ୟାଙ୍ଗ ବର୍ଗର ଶତାଧିକ ଛାତ୍ରୀଛାତ୍ର ଜାତୀୟ ଛାତ୍ରବୃତ୍ତି କାର୍ଯ୍ୟକ୍ରମ(ଏନ୍‌ଏସ୍‌ପି)ରେ ସାମିଲ ହେବାପାଇଁ ୨୦୨୫ ଜୁନ୍ ୨୫ରୁ ପ୍ରକ୍ରିୟା ଆରମ୍ଭ ହେଲାଣି। ଏନେଇ ବିଭାଗ ପକ୍ଷରୁ ସଂଶୋଧିତ ମାର୍ଗଦର୍ଶିକା ଜାରି କରାଯାଉଛି। ଏପରି କି ସେପ୍ଟେମ୍ବର ୨୫ରେ ମଧ୍ୟ ସବୁ ଅନୁଷ୍ଠାନକୁ ଅବଗତ କରାଯାଇଥିଲା। ହେଲେ ଅଦ୍ୟାବଧି ୧୩୯ ଛାତ୍ରୀଛାତ୍ର ଛାତ୍ରବୃତ୍ତି ପାଇବାରୁ ବଞ୍ଚିତ ଅଛନ୍ତି। ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଆବେଦନକୁ ଶିକ୍ଷାନୁଷ୍ଠାନଗୁଡ଼ିକ ଏପର୍ଯ୍ୟନ୍ତ ଦୃଷ୍ଟିଦେଇ ନାହାନ୍ତି। ଫଳରେ ସେମାନେ ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ପାଇପାରୁ ନାହାନ୍ତି। ଏହାବାଦ୍ କେତେକ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ନବୀକରଣ ମଧ୍ୟ ହେଉନାହିଁ। ଏହାକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନର ମୁଖ୍ୟ ତଥା ଜିଲା କ୍ଷେତ୍ରୀୟ ଅଧିକାରୀ ଯେପରି ଏଦିଗରେ ତ୍ୱରିତ୍ ପଦକ୍ଷେପ ନେବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ସୋନିଆ ସବୁ ଜିଲାପାଳଙ୍କୁ ପତ୍ରରେ ଦର୍ଶାଇଛନ୍ତି।

ବିଭାଗୀୟ ତଥ୍ୟ ଅନୁଯାୟୀ, ଢେଙ୍କାନାଳ ଜିଲାର ୪୦ଛାତ୍ରୀଛାତ୍ରଙ୍କ ଛାତ୍ରବୃତ୍ତି ଆବେଦନ ଜିଲାରେ ଗଡୁଥିବାବେଳେ ବଲାଙ୍ଗୀର ଜିଲାରେ ୨, ବାଲେଶ୍ୱର ୭, ଭଦ୍ରକ ୨, କଟକ ୫ ଓ ଅନ୍ୟାନ୍ୟ ଜିଲାରେ ଅବଶିଷ୍ଟ ଛାତ୍ରୀଛାତ୍ରଙ୍କ ଆବେଦନ ଏପର୍ଯ୍ୟନ୍ତ ପଡ଼ି ରହିଛି।

## ଆଜି ୫ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ



ପୁରୀ,୧୬।୧୧(ଅଜିତ୍ କୁମାର ମହାନ୍ତି)

ମାର୍ଗଶିର ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ଅନୁଷ୍ଠିତ ହେବ। ଏହି ନୀତି ଦ୍ୱାରା ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗର ସୁରକ୍ଷା ଦିଆଯାଇଥାଏ। ଏହା ଏକ ଗୁପ୍ତ ନୀତି। ସୋମବାର ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଦାରୁଦିଅଁଙ୍କ ପଇତା ଲାଗି ନୀତି ହେବାକୁ ଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ରବିବାର ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

## ଭକ୍ତ ପାଇଲେ ବିଭୀଷଣ

**ରମେଶ ଓ ମୋକିମ ଦଳ ବିରୋଧୀ କାର୍ଯ୍ୟ କରିଛନ୍ତି**

ଭୁବନେଶ୍ୱର,୧୬।୧୧(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ବିପୁଳ ଭୋଟରେ ବିଜୟ ଲାଭ କରିବା ପରେ ଏବେ କଂଗ୍ରେସ ଓ ବିଜୁ ଜନତା ଦଳ(ବିଜେଡି)ର ମାନସମନ୍ଥନ ଆରମ୍ଭ ହୋଇଛି। ଏହି ନିର୍ବାଚନ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପାଇଁ ଶକ୍ତି ପରୀକ୍ଷା ରହିଥିବା ବେଳେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଇଁ ସମ୍ମାନର ପ୍ରଶ୍ନ ଥିଲା। ତେବେ ଉପନିର୍ବାଚନ ଶେଷହେବା ପରେ କଂଗ୍ରେସର ପରାଜୟ ପାଇଁ କେଉଁମାନେ ଦାୟୀ ସେନେଇ କାରଣ ଖୋଜା ଚାଲିଥିବାବେଳେ ରବିବାର ଭକ୍ତ 'ଧରିତ୍ରୀ'କୁ ଏକ ବିସ୍ଫୋରକ ବୟାନ ଦେଇଛନ୍ତି।

ସେ କହିଛନ୍ତି, ସରକାରୀ ଦଳ ଭାଜପା ଅର୍ଥବଳ, ବାହୁବଳ ଓ ସରକାରୀ କଳ ଲଗାଇବା ସାଙ୍ଗକୁ ପଡ଼ୋଶୀ ରାଜ୍ୟର ଦୁଇ ଦୁଇଜଣ ମୁଖ୍ୟମନ୍ତ୍ରୀ ଓ ବହୁ ନେତାଙ୍କୁ ଆଣି ଡେରା ପକାଇଲେ। ଏପରି କି ରାଜ୍ୟ ସରକାରଙ୍କ ସବୁ ମନ୍ତ୍ରୀ, ଅଧିକାଂଶ ସାଂସଦ ଓ ବିଧାୟକ ନିର୍ବାଚନ ପର୍ଯ୍ୟନ୍ତ ପଡ଼ି ରହିଲେ। କେତେକ ବିଧାୟକ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରି ୧୧ ତାରିଖ ପର୍ଯ୍ୟନ୍ତ ସେଠାରେ ରହିଲେ। ଭାଜପା ସେଠାରେ ପ୍ରାୟ ୧୦୦କୋଟି ଟଙ୍କା ଖର୍ଚ୍ଚ କରିଛି। ଏହାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଏବଂ ନିର୍ବାଚନ ପରିଚାଳନାରେ ଥିବା ଅଧିକାରୀମାନେ କେହି ଦୃଷ୍ଟିଦେଲେ ନାହିଁ।



ଭକ୍ତ ଚରଣ ଦାସ

ଏହାସହିତ ସେଠାରେ ବରିଷ୍ଠ ପୋଲିସ ଅଧିକାରୀ ତଥା ଆଇଜି ହିମାଂଶୁ ଲାଲଙ୍କୁ ଭାଜପା ପ୍ରାର୍ଥୀ ଜୟ ସର୍ବସମ୍ମୁଖରେ ମୁଣ୍ଡିଆ ମାରି ଆଶୀର୍ବାଦ ନେବା ପ୍ରତ୍ୟକ୍ଷରେ ପୋଲିସ ପ୍ରଶାସନ ତାଙ୍କ ସହିତ ଅଛି ବୋଲି ପ୍ରମାଣିତ କଲା। ଏହା କଂଗ୍ରେସର ବିଜୟ ଉପରେ ପ୍ରଭାବ ପକାଇଲା। ତେବେ ସରକାରୀ ଦଳ ଯେତିକି କଂଗ୍ରେସ ପାଇଁ କ୍ଷତିର କାରଣ ହୋଇଛି ତା'ଠାରୁ ଅଧିକ ଆତ୍ମଘାତୀ ହୋଇଛନ୍ତି ନିଜ ଦଳର ବିଧାୟକ ଓ ସଦସ୍ୟ। ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଓ ପୂର୍ବତନ ବିଧାୟକ ମହମ୍ମଦ ମୋକିମ 'ସଉତୁଣୀ ରା..' ନୀତି ଧରିଲେ। ରାଜ୍ୟରେ କଂଗ୍ରେସର ଭବିଷ୍ୟତକୁ ପଛରେ ପକାଇ ଭକ୍ତଙ୍କ ପରାଜୟ ପାଇଁ ବିଭିନ୍ନ ପ୍ରକାର ରଣନୀତି ଆପଣାଇଲେ। ବିଧାୟକ ରମେଶ ସାମାଜିକ ଗଣମାଧ୍ୟମର ଅପବ୍ୟବହାର କରିବା ସହିତ ନିଜର ସଂଖ୍ୟାଧିକ ଲୋକଙ୍କୁ ନେଇ ନୂଆପଡ଼ାର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ମୋ ବିରୋଧରେ ଅପପ୍ରଚାର କରିଥିବା ଖବର ରହିଛି। ଏମାନଙ୍କ ବ୍ୟତୀତ ଆଉ କେତେକ ମଧ୍ୟ ବିଭୀଷଣ ତଥା ଦଳବିରୋଧୀ କାର୍ଯ୍ୟ କରିଛନ୍ତି। ଏହାସତ୍ତ୍ୱେ ନୂଆପଡ଼ାବାସୀ କଂଗ୍ରେସକୁ ଦ୍ୱିତୀୟସ୍ଥାନର ମର୍ଯ୍ୟାଦା ଦେଇଛନ୍ତି। ଏହା ଆଗାମୀ ଦିନରେ ରାଜ୍ୟ ରାଜନୀତିକୁ ନୂଆ ଦିଶା ଦେବ। ଓଡ଼ିଶାରେ ଏବେ ବିଜେଡି ନୁହେଁ, ପ୍ରମୁଖ ବିରୋଧୀ ଦଳ ଭାବେ କଂଗ୍ରେସ ଜନ ସମର୍ଥନ ପାଇସାରିଛି।

ସେ ଆହୁରି କହିଛନ୍ତି, ନୂଆପଡ଼ାରେ କଂଗ୍ରେସର ପ୍ରଚାରରେ ଜନସମର୍ଥନ ଦେଖି ନିଜେ ମୁଖ୍ୟମନ୍ତ୍ରୀ ସାଧାରଣ ସଭାରେ ମଧ୍ୟ କହିଛନ୍ତି, ଏଥର ବିଜେଡି ନୁହେଁ, କଂଗ୍ରେସ ସହ ଭାଜପାର ଫାଇଟ୍ ହେଉଛି। କେତେକ ସ୍ଥାନରେ ଭାଜପା ଦେଖିଲା ଟଙ୍କା କାମ ଦେଉନାହିଁ, ତେଣୁ ବିଭିନ୍ନ ଉପାୟରେ ଭୋଟ ଚୋରି କଲା। ଗୋଟେ ଉପନିର୍ବାଚନ ପାଇଁ ସରକାରଙ୍କ ଏଭଳି ଜିଦ୍ ଏବଂ ଶାସନର ଦୁରୁପଯୋଗ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ପିସିସି ସଭାପତି କହିଛନ୍ତି।

ଏସଂକ୍ରାନ୍ତରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇ ନ ଥିବାବେଳେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ କହିଛନ୍ତି ଯେ, ମୁଁ ସେଭଳି କୌଣସି କାର୍ଯ୍ୟ କରିନାହିଁ। ତାରକା ପ୍ରଚାରକ ତାଲିକାରେ ମୋତେ ସାମିଲ କରାଯାଇ ନ ଥିଲା। ତେଣୁ କେଉଁ ଆଧାରରେ ପିସିସି ସଭାପତି ଏହା କହୁଛନ୍ତି ତାହା ବୁଝାପଡୁନାହିଁ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଇଣ୍ଡିଆନ୍ ରେଡ୍‌କ୍ରସ ସୋସାଇଟ ଆଞ୍ଚଳିକ ଶାଖା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କ୍ୟାପିଟାଲ ପୋଲିସ ଷ୍ଟେଶନ, ସମୟ: ସକାଳ ୯ଟା।
- ରାଜ୍ୟ ସମବାୟ ନୀତି ୨୦୨୫ ଉପଲକ୍ଷେ ଆଲୋଚନା ଚକ୍ର, ସ୍ଥାନ: ଲୋକସେବା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ହାପି ଲିଭିଙ୍ଗ ଫାଉଣ୍ଡେଶନ୍ ପକ୍ଷରୁ ରାଜ୍ୟସ୍ତରୀୟ ଦେବ ଦୀପାବଳି ମହୋତ୍ସବ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରହ୍ମାକୁମାରୀଜ୍ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ପାଳନ, ସ୍ଥାନ: ଜନତା ମଇଦାନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜନଗଣନା ଭବନ, ରୁପାଲି ଛକ, ସମୟ: ଅପରାହ୍ନ ୩ଟା ୫୦।
- ଅକ୍ଷୟ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୯୨ତମ ଜୟନ୍ତୀ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ସ୍ୱବର୍ଣ୍ଣ ଜୟନ୍ତୀ ପାଳନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ୧୭ ବର୍ଷରୁ କମ୍ ଜିଲାସ୍ତରୀୟ ବାଳିକା ବାଳକ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ସଚେତନତା ରାଲି, ସ୍ଥାନ: ନିଜିଗଡ ସ୍ଥିତ ହନୁମାନ ମନ୍ଦିର ଠାରୁ ପାଞ୍ଚଗାଁ ଦଧିବାମନ ଜୀଉ ବିଦ୍ୟାପୀଠ, ତିଗିରିଆ, ସମୟ: ସକାଳ ୮ ଟା।
- ଲାଲା ଲଜପତ୍ ରାୟଙ୍କ ୯୭ତମ ବଳିଦାନ ଦିବସରେ ସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ, ସ୍ଥାନ: ଗୋପବନ୍ଧୁ ଭବନ ସମ୍ମୁଖ, ବକ୍ସିବଜାର, ସମୟ: ସକାଳ ୮ଟା ୩୦।
- ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଅକ୍ଷୟ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା, ସ୍ଥାନ: ଅକ୍ଷୟ ମହାନ୍ତି ପାର୍କ, କନିକା ଛକ, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରେଭେନ୍ସା ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ପ୍ରଫେସର ଘନଶ୍ୟାମ ଦାସ ପ୍ରଥମ ସ୍ମାରକୀ ବକ୍ତୃତା, ସ୍ଥାନ: ଆନେକ୍ସ-୧ ସମ୍ମିଳନୀ କକ୍ଷ, ସେଭେନ ପିଲାର୍ସ ଅଫ୍ ୱିସ୍‌ଡମ୍, ସମୟ: ପୂର୍ବାହ୍ନ ୧୧ଟା।
- ଶଙ୍କରପୁର ବାଦାମବାଡ଼ି ପାଲା ମଣ୍ଡପର ୮୯ତମ ବାଦିପାଲାର ପଞ୍ଚମ ଦିବସ, ସ୍ଥାନ: ପାଲାମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଗାୟକ ସମ୍ରାଟ ଭ୍ରମରବର ବେହେରାଙ୍କ ଜନ୍ମୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ବ୍ଲକ୍ କାର୍ଯ୍ୟାଳୟ, ବସ୍ତା,ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସଭାଗୃହ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଚମ୍ପୁଆ ବ୍ଲକ୍ କରଂଦିଆ ଉଚ୍ଚବିଦ୍ୟାଳୟରେ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ଚମ୍ପୁଆ, ସମୟ : ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଥିଏଟର ଫେଷ୍ଟିଭାଲର ନାଟକ 'ପ୍ରେମ ପୀରତି', ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା, ସମୟ: ସନ୍ଧ୍ୟା ୭ ଟା।
- ଜଗଧାତ୍ରୀ ମେଳାରେ ବଲିଉଡ ନାଇଟ୍ସ, ସ୍ଥାନ: ଜଗଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା, ସମୟ: ରାତି ୮ ଟା।

## ବ୍ରହ୍ମପୁର

- ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ଟ୍ରେନ ଶୁଭାରମ୍ଭ, ସ୍ଥାନ: ବ୍ରହ୍ମପୁର ରେଳ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଶିକ୍ଷକ-ଅଭିଭାବକ ବୈଠକ, ସ୍ଥାନ: ବୁଗୁଡ଼ା,ପିପୁଲ୍ସ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ବ୍ଲକସ୍ତରୀୟ ସର୍ଗିଫୁଲ ମହୋତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବଡଗାଁ, ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।

## ଗଜପତି

- ସୁରଭିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ମୋହନା ହିଲଟପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ଜଗତ୍‌ସିଂହପୁର

- ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏରଡ଼ା, ନାଉଗାଁ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ମନ୍ମଥନାଥ ହାଇସ୍କୁଲ ପଡିଆ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ପୂଜାସ୍ତୋବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଆ ବଜାର, ଭାଗବତପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ଯାଜପୁର ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ : ରସୁଲପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ୧୪ ଓ ୧୭ ବର୍ଷରୁ କମ ତିନିଦିନିଆ ବାଳିକା ବାଳକ କବାଡ଼ି ପ୍ରଶିକ୍ଷଣ ଶିବିର, ସ୍ଥାନ-ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।

## ନୟାଗଡ଼

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ:ଗଣିଆ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ରାମେଶ୍ୱର ମହାଦେବଙ୍କ ଦ୍ୱାଦଶ ବାର୍ଷିକ ଉତ୍ସବ, ସ୍ଥାନ:ମାଧବ ଚୌଧୁରୀ ପାଟଣା କଣ୍ଟିଲୋ, ସମୟ:ପୂର୍ବାହ୍ନ ୯ଟା ।
- ୬୪ତମ ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ୨ୟ ଦିବସ ମ୍ୟାଚରେ ଡିଏମ୍‌ଏସ୍‌ଏଫ ସିକେପି ଝାରସୁଗୁଡା ବନାମ ଭୁବନେଶ୍ୱର ଗଣ୍ଡାରପୁର ଏଫସି, ସ୍ଥାନ: ଶରଣକୁଳ ନାରାୟଣ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ।

## ରାୟଗଡ଼ା

- ପ୍ରାଣୀଧନ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଚନ୍ଦ୍ରପୁର ବ୍ଲକ ଅଫିସ୍ ପଛ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କାଶୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ସିଭିଲ କୋର୍ଟ ପରିସର ଭିଡିଓ କନଫରେନ୍ସ ହଲ, ସ୍ଥାନ: ଅପରାହ୍ନ ୪ଟା ୩୦।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରାଇଘର, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଡ୍ରିମ ଡ୍ୟାନ୍ସ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ

- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ସେମିଳିଗୁଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆଭାସୀ ମାଧ୍ୟମରେ ଏକ ପେଡ ମା' କେ ନାମ ନେଇ ସମୀକ୍ଷା, ସ୍ଥାନ: ଓସ୍ୱାନ ସମ୍ମିଳନୀ ହଲ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଖୁର୍ଜୀ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ଯୁଯୁମୁରା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ ସମିତି ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ଭାରତୀୟ ମଜଦୁର ସଂଘର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁର ଧନୁଯାତ୍ରୀ କମିଟିର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।
- ସମ୍ବଲପୁର ସାଂସ୍କୃତିକ ପରିଷଦ ଆୟୋଜିତ ସମ୍ବଲପୁର ମହୋତ୍ସବ-୨୦୨୫, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୫, ସ୍ଥାନ: ଗଇଁତଲା ଖେଳ ପଡିଆ, ପୁଇଁତଲା, ବଲାଙ୍ଗୀର, ସମୟ: ୮ଟା ୪୦।
- ଲୋଇସିଂହା ବ୍ଲକସ୍ତରୀୟ ମତ୍ସ୍ୟ ଓ ପଶୁ ସମ୍ପଦ ମେଳା, ସ୍ଥାନ: କଲେଜ ପଡିଆ, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀ-ବିଶେଷଜ୍ଞଙ୍କ ଆଲୋଚନାଚକ୍ର, ସ୍ଥାନ: ଗଇଁତଲା ଖେଳପଡିଆ, ପୁଇଁତଲା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଜ୍ୟସ୍ତରୀୟ ଲୋଇସିଂହା କପ୍ ଫୁଟବଲ୍ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଲୋଇସିଂହା ଷ୍ଟାଡିୟମ, ସମୟ : ଅପରାହ୍ନା ୩ଟା।

## ରାଉରକେଲା

- ଅଶୋକ ସିଂହଲଙ୍କ ପୁଣ୍ୟତିଥିରେ ରକ୍ତଦାନ ଶିବିର, ସ୍ଥାନ: କୋଏଲନଗର ସି ବ୍ଲକ କମ୍ୟୁନିଟି ସେଣ୍ଟର, ସମୟ: ସକାଳ ୯ଟା।
- ସୁଶୀଳାବତୀ ସରକାରୀ ମହିଳା ବିଦ୍ୟାଳୟରେ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ଶ୍ରମିକ ସଂଘ ଓ ମେଣ୍ଟ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଆଇଜିଏଚ୍, ସମୟ: ସନ୍ଧ୍ୟା ୫ଟା।
- ୨୦ତମ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ମାସିକ ସାହିତ୍ୟ ଆସର, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା।
- ମୁକ୍ତମଞ୍ଚ ନାଟକର ଦ୍ୱିତୀୟ ଦିବସ, ସ୍ଥାନ: ଭିଏସ୍‌ଏସ୍ ମାର୍କେଟ, ଛେଣ୍ଡ, ସମୟ: ରାତି ୯ଟା ୩୦।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ରୋଟାରୀ ପବ୍ଲିକ ସ୍କୁଲ, ବରଗଡ଼, ସମୟ:ସକାଳ ୯ଟା।
- ଧନୁଯାତ୍ରା କଂସ ଚୟନ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସକାଳ ୯ଟା ୩୦।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମ୍ମିଳନୀ କକ୍ଷ, ଭେଡେନ, ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ଉପାସନା କେନ୍ଦ୍ର ପ୍ରବେଶ ଓ ପ୍ରତିଷ୍ଠା ସମାରୋହ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଣ୍ଟାମାଳ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକର ଉଟୁନିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର ଅପରାଧ ସଚେତନତା ସମ୍ପର୍କିତ ନାଟକ ପରିବେଷଣ, ସ୍ଥାନ: ଦେବଗଡ଼ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତରଭା ବ୍ଲକର ଡୁଲୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୋଡେନ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପରିଷଦ ଜୋନସ୍ତରୀୟ କ୍ରିକେଟ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ, ସ୍ଥାନ: ଖଡିଆଳ ବ୍ଲକ ଦେଓବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ଶିବ ମନ୍ଦିରରେ ରୁଦ୍ରାଭିଷେକ, ସ୍ଥାନ: ଲୁଗାବଗା ଶିବ ମନ୍ଦିର, ସମୟ: ସକାଳ ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆର୍ଥିକ ଉନ୍ନତି ଓ ସାମାଜିକ ସମ୍ମାନ ମାନସିକ ଶାନ୍ତି ଦେଇପାରିବ ନାହିଁ। ଅଭ୍ୟନ୍ତରରେ କୁହୁଳୁଥିବା ଅଶାନ୍ତିର ଜ୍ୱାଳା ଆପଣଙ୍କୁ ଅତିଷ୍ଠ କରାଇବ। ଦ୍ୱିଜା ନକ୍ଷତ୍ର ଗତ କିଛିଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସୁବିଧାରେ ପାଇଯିବେ। ଶିଳ୍ପ, ନିର୍ମାଣ, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ପ୍ରଭୃତିରେ ସୁଫଳ ପାଇବେ।

**ବୃଷ** ଶାରୀରିକ ସୁସ୍ଥତା ଫେରି ପାଇବାରୁ ଆଶ୍ୱସ୍ତି ଅନୁଭବ କରିବେ। କୃତ୍ତିକା ନକ୍ଷତ୍ରର ବିଭିନ୍ନ ଘରୋଇ ଝାମେଲା କାରଣରୁ ମନଟା ଭଲ ରହିବ ନାହିଁ। ବାଣିଜ୍ୟ, ପରିବହନ, ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କତା ଅବଲମ୍ବନ ନ କଲେ ମନସ୍ତାପ ବଢ଼ିଯିବ।

**ମିଥୁନ** ପୁନର୍ବସୁ ନକ୍ଷତ୍ର ଋଣ ପରିଶୋଧ, ଦୂରଯାତ୍ରା ସାଙ୍ଗକୁ ନୂତନ ନିଯୁକ୍ତିର ସୂଚନା ମଧ୍ୟ ପାଇପାରନ୍ତି। ଦୈହିକ ଦୁର୍ବଳତା ଦୂରେଇଯିବାରୁ ଶାନ୍ତି ଅନୁଭବ କରିବେ। ବନ୍ଧୁଙ୍କ ପରାମର୍ଶରେ ସଭାସମିତିରେ ପୂର୍ବ ନିଷ୍ପତ୍ତି ବଦଳାଇବା ପାଇଁ ମନସ୍ଥ କରିପାରନ୍ତି। ଅସମ୍ପୂର୍ଣ୍ଣ କାର୍ଯ୍ୟ ଆଜି ସାହାଯ୍ୟ ଲାଭ କରି କିଛି ଅଂଶରେ ବଢ଼ିଚାଲିବ।

**କର୍କଟ** ଗୁରୁ ଓ ଶୁକ୍ରଙ୍କ ଶୁଭ ସଂସ୍ଥାନରୁ ପାରିବାରିକ ଜୀବନ ହସଖୁସିରେ କଟିବ। ଚଳିତ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଯୋଗୁ କାମ ସ୍ଥଗିତ ରହିଯିବ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବାର ଆଶଙ୍କା ରହିଛି।

**ସିଂହ** ବଳହୀନ ରବି କେନ୍ଦ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟର କ୍ରମୋନ୍ନତି ସାଙ୍ଗକୁ ପାରିବାରିକ ଜୀବନରେ ଅଶାନ୍ତିର ଝଲକ ଦେଖିପାରନ୍ତି। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ, କିନ୍ତୁ ବନ୍ଧୁଙ୍କ ନିକଟରୁ ପରିଶେଷରେ କିଛି ପାଇବେ। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** ରାଶିକୁ ଶନିଙ୍କର ପ୍ରତ୍ୟକ୍ଷଦୃଷ୍ଟି ପାରିବାରିକ ଜୀବନକୁ ପ୍ରଭାବିତ କରିବ। କାର୍ଯ୍ୟହାନି ସାଙ୍ଗକୁ ମନସ୍ତାପ ମଧ୍ୟରେ ଅଧିକାଂଶ ସମୟ ଅତିବାହିତ ହେବ। ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବା ସକାଶେ ମନ ବଳାଇପାରନ୍ତି। ମାଲିମକଦ୍ଦମା, ତର୍କବିତର୍କ, ସଭାସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ସ୍ୱଗୃହୀ ଶୁକ୍ର ନିଜ ରାଶିରେ ଅବସ୍ଥାନ କରୁଥିବାରୁ ଦୈହିକ ସୁସ୍ଥତା ସାଙ୍ଗକୁ ଭୋଗବିଳାସର ମଉକା ପାଇବେ। ପରିବାରରେ ଭୁଲ୍ ବୁଝାମଣା କାରଣରୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ତିନୋଟି ଗ୍ରହ ରାଶିରେ ରହି ବିଭିନ୍ନ କାମରେ ନିଯୁକ୍ତି କରାଇପାରନ୍ତି। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଅନୁରାଧା ନକ୍ଷତ୍ରର ମନ ଉଦାସ ରହିପାରେ। ଅଫିସରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗିପାରନ୍ତି। ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି ଓ କ୍ରୀଡ଼ା କ୍ଷେତ୍ରରୁ ସୁଫଳ ପାଇପାରନ୍ତି।

**ଧନୁ** କର୍ମକ୍ଷେତ୍ର ପ୍ରତି ଶନିଙ୍କ ପ୍ରତ୍ୟକ୍ଷଦୃଷ୍ଟି କାରଣରୁ କାମ ଧିମା ଗତିରେ ଆଗକୁ ବଢ଼ିବ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହେବେ। ପଡ଼ୋଶୀମାନେ କିମ୍ବା ଈର୍ଷା ପରାୟଣ ବ୍ୟକ୍ତିମାନେ ଆପଣଙ୍କ ଜୀବନଶୈଳୀ ପ୍ରତି ଅଙ୍ଗୁଳି ଉଠାଇପାରନ୍ତି। କର୍ମ ଜଞ୍ଜାଳ ବୃଦ୍ଧି ଜନିତ ଦୈହିକ ସ୍ୱାସ୍ଥ୍ୟ କେତେକାଂଶରେ ପ୍ରଭାବିତ ହୋଇପାରେ।

**ମକର** ରାଶ୍ୟାଧିପତିଙ୍କ ଉପରେ ଗୁରୁଙ୍କ ଶୁଭଦୃଷ୍ଟି ପଡୁଥିବାରୁ ଆପଣଙ୍କ ଶାରୀରିକ ସ୍ଥିତି ପ୍ରାୟତଃ ଭଲ ରହିବ। କିନ୍ତୁ ଅହେତୁକ କଳ୍ପନା ଓ ଭାବପ୍ରବଣତାରେ ଆପଣଙ୍କ ମନ ବିଚଳିତ ହୋଇପାରେ। ଆଶା କରୁଥିବା ଜିନିଷ କିମ୍ବା ଖବର ବନ୍ଧୁଙ୍କଠାରୁ ପାଇ ଖୁସି ହେବେ। ଲେଖାପଢ଼ା, ସାହିତ୍ୟ, ବ୍ୟବସାୟ,ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** କେନ୍ଦ୍ର କୋଣାଧିପତି ଶୁକ୍ରଙ୍କ ସ୍ଥିତି ପ୍ରଭାବରୁ ଯେଉଁ କାମରେ ହାତଦେବେ, ସଫଳତା ପ୍ରାପ୍ତି ଅବଶ୍ୟମ୍ଭାବୀ। ହଠାତ୍ ଜଣେ ବନ୍ଧୁ ନିଜ ତରଫରୁ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କ୍ରୟବିକ୍ରୟ କିମ୍ବା ନୂତନ ଚୁକ୍ତିପତ୍ର ଆଜି ସ୍ୱାକ୍ଷରିତ ହୋଇପାରେ। ଶାରୀରିକ ସ୍ୱାସ୍ଥ୍ୟ ଏବଂ ଆର୍ଥିକ ସ୍ଥିତି ପ୍ରାୟତଃ ଭଲ ରହିବାର ସୂଚନା ରହିଛି।

**ମୀନ** ପୂର୍ବବସ୍ଥା ଦୂର ହୋଇଯିବାରୁ ପ୍ରଫୁଲ୍ଲତା ଅନୁଭବ କରିବେ। ପୂର୍ବଭାଦ୍ରପଦ୍ ନକ୍ଷତ୍ରର ଅଟକିଥିବା କାମ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ସାମାଜିକ ସ୍ତରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବେ। ସାହିତ୍ୟ, ସଙ୍ଗୀତ, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିପାରନ୍ତି।

ଆଜି ନଭେମ୍ବର ୧୭ ତାରିଖ, ଲାଲା ଲଜପତ୍ ରାୟଙ୍କ ତିରୋଧାନ ଦିବସ, ମାର୍ଗଶିର କୃଷ୍ଣ ତ୍ରୟୋଦଶୀ ସୋମବାର, ଆଜି ୧୪ ନକ୍ଷତ୍ରେ ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ। ରାଶିନକ୍ଷତ୍ର-ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୦ ଗତେ ଘ.୦୭।୨୨ ମଧ୍ୟେ, ଘ.୦୮।୫୬ ଗତେ ଘ.୧୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୨୨ ଗତେ ଘ.୦୮।୪୫ ମଧ୍ୟେ ରାହୁକାଳ।

# ଆଜି ଢେଙ୍କାନାଳ ବନ୍ଦ

## ଟିପିସିଓଡିଏଲ୍‌ର ଶୋଷଣକୁ ନେଇ ପ୍ରତିବାଦ

ଢେଙ୍କାନାଳ,୧୬।୧୧(ରତନ ନାୟାର)

ଟିପିସିଓଡିଏଲ୍‌ର ଶୋଷଣ ପ୍ରତିବାଦରେ ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ଢେଙ୍କାନାଳ ପକ୍ଷରୁ ଜିଲା ଓକିଲ ସଂଘ ଆବାହକତ୍ୱରେ ସୋମବାର ଢେଙ୍କାନାଳ ବନ୍ଦ ଡାକରା ଦିଆଯାଇଛି। ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଏହି ବନ୍ଦ ପାଳନ ହେବ। ଏଥିପାଇଁ ସହର ମଧ୍ୟରେ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମାଇକ୍ ପ୍ରଚାର, ଲିଫ୍‌ଲେଟ ବଣ୍ଟନ ଓ ପଥପ୍ରାନ୍ତ ସଭା ଆଦି ଅନୁଷ୍ଠିତ ହୋଇଛି । ମିଟର ଖରାପ ଆଳରେ ଅତ୍ୟଧିକ ଫାଇନ ଆଦାୟ ଏବଂ ସ୍ମାର୍ଟ ମିଟର ବାଧ୍ୟତାମୂଳକ କରିବା ଏବଂ କୌଣସି କାରଣ ନ ଥାଇ ଅଘୋଷିତ ବିଦ୍ୟୁତ୍ କାଟ ଓ ଉପଭୋକ୍ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଆଦି ପ୍ରତିବାଦରେ ଏହି ବନ୍ଦ ପାଳନ କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଜି କାଲି କହି ହେଲା ବରଷେ,**
**ପଥରି ଦିନକୁ ହେବ ପୁରୁଷେ।**

ଧନ ବା ଜିନିଷ ଥରେ ହାତରୁ ଅନ୍ୟ ହାତକୁ ଚାଲିଗଲେ ତାହା ସହଜରେ ଫେରିଆସି ନ ଥାଏ। କରଜ ବା ଉଧାର ନେଇ ପରିଶୋଧ କରି ପାରୁ ନ ଥିବା ବ୍ୟକ୍ତି ଦେବା ଦେବା କହି ସମୟ ଗଡ଼ାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ସମୟ ସାରିବା ହିଁ ସାର ହୋଇଥାଏ। ଆଜି ଦେବା କାଲି ଦେବା କହି କିଛି ଦେଉ ନ ଥିବା ବ୍ୟକ୍ତିଙ୍କର ଏପରି ଭଣ୍ଡେଇବା ନୀତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆମ୍ବ ସଢ଼କା ତେନ୍ତୁଳି ବଙ୍କା;**
**କୁକୁର ଲାଙ୍ଗୁଡ଼ ନୁହେଁ ସଳଖା।**

ଯେତେ ଯତ୍ନ କଲେ ମଧ୍ୟ କୁକୁର ଲାଙ୍ଗୁଡ଼ କେବେ ସଳଖ ହୋଇ ନ ଥାଏ। ପରୋକ୍ଷରେ ଯାହାର ଯାହା ସ୍ୱଭାବ ତାକୁ ବଦଳେଇବା ସେତେଟା ସହଜ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସମର୍ଥନ ଅଛି, ପ୍ରତିଫଳିତ ହୋଇନାହିଁ: ସ୍ନେହାଙ୍ଗିନୀ

## ନୂଆପଡ଼ା ଉପନିର୍ବାଚନ

ଭୁବନେଶ୍ୱର,୧୬।୧୧
(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନରେ ଜିଲା ପ୍ରଶାସନ, ପୋଲିସ ଓ ନିର୍ବାଚନ ଅଧିକାରୀଙ୍କୁ ହାତବାରିଶି କରି ଭୋଟ ରିଗିଂ ମାଧ୍ୟମରେ ଭାଜପା ବିଜୟୀ ହୋଇଛି ବୋଲି ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ଅଭିଯୋଗ କରିଛନ୍ତି। ରବିବାର ଶଙ୍ଖଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ନେହାଙ୍ଗିନୀ କହିଛନ୍ତି, ପ୍ରଚାର ସମୟରେ ନୂଆପଡ଼ାର ପ୍ରତ୍ୟେକ ସ୍ଥାନରେ ବିଜେଡି ଓ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଅକୁଣ୍ଠ ସମର୍ଥନ ମିଳିଥିଲା। ହେଲେ ତାହା ଭୋଟରେ ପ୍ରତିଫଳିତ ହୋଇପାରିଲା ନାହିଁ। ଏଥିରେ ସରକାରୀ କଳ ପ୍ରତିବନ୍ଧକ ସୃଷ୍ଟି କଲା। ପ୍ରଚାର ସମୟରେ ଜିଲା ପ୍ରଶାସନ ତରଫରୁ ବିଜେଡିର ନେତା ଓ କର୍ମୀମାନଙ୍କ ଉପରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ନେଇ ତାଙ୍କ ମନୋବଳକୁ ଦୁର୍ବଳ କରିଥିଲା। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ନୀରବ ଅବଧିରେ ନିର୍ବାଚନ ଆଚରଣବିଧିକୁ ସମ୍ମାନ ଜଣାଇ ବିଜେଡିର ନେତାମାନେ ନୂଆପଡ଼ା ଛାଡ଼ି ଦେଇଥିବାବେଳେ ଭାଜପାର ନେତାମାନେ ଟଙ୍କା ବଣ୍ଟା କାର୍ଯ୍ୟରେ ଲିପ୍ତ ରହିଥିଲେ। ସେହିପରି ବୁଥ୍ ରିଗିଂ କାରଣରୁ ଭୋଟିଂ ପ୍ରତିଶତ ଅହେତୁକ ବୃଦ୍ଧି ପାଇଥିଲା। ୪୧ଟି ବୁଥ୍‌ରେ ୯୦%ରୁ ଅଧିକା ଭୋଟିଂ ହୋଇଛି, ଯାହା ଗ୍ରହଣୀୟ ନୁହେଁ। ୧୪ ତାରିଖ ସନ୍ଧ୍ୟା ୫ଟାରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ୭୫% ଭୋଟିଂ ହୋଇଛି ବୋଲି ସୂଚନା ଦିଆଯାଇଥିଲା ବେଳେ ୭ଟାରେ ଭୋଟିଂ ୭୭% ପ୍ରତିଶତ ଏବଂ ପରେ ଏହା ୮୩.୪୫ % ହୋଇଥିଲା। ସରକାରୀ କଳର ଅପବ୍ୟବହାର ସାଙ୍ଗକୁ ନିର୍ବାଚନ ଅଧିକାରୀଙ୍କ ଏକତରଫା ନୀତି ପାଇଁ ବିଜେଡି ପରାଜୟର ସମ୍ମୁଖୀନ ହେଲା ବୋଲି ସ୍ନେହାଙ୍ଗିନୀ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି, ପ୍ରଶାସନିକ କଳକୁ ହାତବାରିଶି କରି ଭାଜପା ନୂଆପଡ଼ା ଆସନକୁ ହାତେଇବା ପାଇଁ ସଫଳ ହୋଇଥିଲେ ହେଁ ନୂଆପଡ଼ାବାସୀଙ୍କ ସମର୍ଥନ ବିଜୁ ଜନତା ଦଳ ସହିତ ରହିଛି।

## ପ୍ରଥମ ପୃଷ୍ଠାରୁ...

### ଦିଲ୍ଲୀ ବିସ୍ଫୋରଣ...

ଏଥିପାଇଁ କୌଣସି ଉପକରଣ ଅନାବଶ୍ୟକ। କେବଳ ଉଚ୍ଚ ତାପମାତ୍ରାରେ ଏହା ଫୁଟି ବଡ଼ ବିସ୍ଫୋରଣର ରୂପ ନେଇପାରେ। ୨-୩ କେ.ଜି. ଆମୋନିୟମ୍ ନାଇଟ୍ରେଟ୍, ତୈଳ ଓ ଅନ୍ୟ ରାସାୟନିକ ପଦାର୍ଥ ସହ ଟିଏପିଟି ସଂସ୍ପର୍ଶରେ ଆସିଲେ ତାହା ଏପରି ଭୟାବହ ବିସ୍ଫୋରଣ ଘଟିବ, ଯାହା ସାମରିକ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ବିସ୍ଫୋରଣର ସାମର୍ଥ୍ୟ ବହନ କରିଥାଏ। ଜଣେ ବରିଷ୍ଠ ସୁରକ୍ଷା ଅଧିକାରୀଙ୍କ ମତରେ ଟିଏପିଟିର ସେନ୍ସିଟିଭିଟି ଏତେ ଅଧିକ ଯେ, ଏଥିପାଇଁ କୌଣସି ଡିଟୋନେଟର ଦରକାର ପଡ଼ି ନ ଥାଏ। ସମ୍ଭବତଃ ଜମ୍ମୁ-କଶ୍ମୀରର ନୌଗାମ୍ ଥାନାରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଥିବା ବିସ୍ଫୋରଣ ପଛରେ ମଧ୍ୟ ଏହି କାରଣ କାମ କରିଥାଇପାରେ। ଏଭଳି ସ୍ଥିତିରେ କ୍ରମଶଃ ସାମ୍ନାକୁ ଆସିବାରେ ଲାଗିଥିବା ନୂଆ ନୂଆ ତଥ୍ୟ ସିକ୍ୟୁରିଟି ଏଜେନ୍ସିଗୁଡ଼ିକ ପାଇଁ ବିସ୍ଫୋରଣର ମୂଳ ପର୍ଯ୍ୟନ୍ତ ଯିବାକୁ ବାଟ ଦେଖାଇବା ସହ ଆହ୍ୱାନ ମଧ୍ୟ ସୃଷ୍ଟି କରିଛି। ଏଥିରେ ସେନା କିମ୍ବା ପୋଲିସର ସମ୍ପୃକ୍ତି ଜଣାପଡ଼ିଲେ ତଦନ୍ତକୁ ହୁଏତ ବାଟବଣା କରାଯିବା ନେଇ ଅନେକଙ୍କ ମନରେ ସନ୍ଦେହ ଉପୁଜିପାରେ।

### ପୋଲିସ ଗୁଳିରେ ...

ଓ ଚିନ୍ତାଗୁଫା ଜଙ୍ଗଲରେ କୋମ୍ବିଂ ଅପରେଶନ କରୁଥିବା ସମୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା । ଦୀର୍ଘ ସମୟ ଧରି ଗୁଳି ବିନିମୟ ଘଟିଲା ପରେ ଯବାନଙ୍କ ଆକ୍ରମଣକୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ । ପରେ ଯବାନମାନେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ୩ଜଣ ମାଓବାଦୀଙ୍କ ମୃତଦେହ ଜବତ କରାଯାଇଛି। ମୃତ ମାଓବାଦୀମାନେ ହେଲେ ଜନମିଲିସିଆ କମାଣ୍ଡର ମାଡବୀ ଦେବା, ସିଏନ୍‌ଏମ୍ କମାଣ୍ଡର ସୋଡି ଗାଙ୍ଗି ଏବଂ କିଷ୍ଟରାମ ଏରିଆ କମିଟିର ସଦସ୍ୟା ପୋଡିଆମି ଗଙ୍ଗି। ମାଓବାଦୀ ଦେବାଙ୍କ ନାମରେ ସରକାର ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିବାବେଳେ ମୃତ ଦୁଇ ମହିଳା ମାଓବାଦୀଙ୍କ ନାମରେ ୫ ଲକ୍ଷ ଲେଖାଏଁ ପୁରସ୍କାର ଘୋଷଣା କରିଥିଲେ। ଘଟଣାସ୍ଥଳରୁ ୩୦୩ ବନ୍ଧୁକ, ବିଜିଏଲ ଲଞ୍ଚର,ବିସ୍ଫୋରକ ସମେତ ଅନ୍ୟ ହତିଆର ପୋଲିସ ଜବତ କରିଥିବା ସୁକୁମା ପୋଲିସ ସୂତ୍ରରୁ ପ୍ରକାଶ ।

### ଲାଲୁଙ୍କ ଘର ଛାଡ଼ିଲେ ...

ମିସା ଭାରତୀ (୪୯) ବଡ଼ ଝିଅ ହୋଇଥିବାବେଳେ ୪୬ ବର୍ଷୀୟା ରୋହିଣୀ ଦ୍ୱିତୀୟ। ରବିବାର ଅନ୍ୟ ୩ ଝିଅ ରାଜଲକ୍ଷ୍ମୀ, ରାଗିଣୀ ଓ ଚନ୍ଦା ଲାଲୁଙ୍କ ପାଟନାସ୍ଥିତ ୧୦ ସର୍କୁଲାର ରୋଡ୍ ବାସଭବନରୁ ନିଜ ପିଲାଛୁଆଙ୍କୁ ଧରି ଦିଲ୍ଲୀ ଚାଲିଯାଇଛନ୍ତି। ଏହା ବିହାରର ସର୍ବାଧିକ ରାଜନୈତିକ ପ୍ରଭାବଶାଳୀ ପରିବାରରେ ଫାଟକୁ ପଦାରେ ପକାଇଛି। ଏହି ଘଟଣା ଏପରି ସମୟରେ ଘଟିଛି, ଯେତେବେଳେ କି ୨୪୩ ଆସନ ମଧ୍ୟରୁ ୧୪୩ରେ ଲଢ଼ି ମାତ୍ର ୨୫ ନିର୍ବାଚନମଣ୍ଡଳୀରେ ଆର୍‌ଜେଡି ସୀମିତ ହୋଇ ରହିଯାଇଛି। ଘରେ ଚାଲିଥିବା ବିଭ୍ରାଟକୁ ନେଇ ସେମାନେ କ୍ଷୁବ୍ଧ ହୋଇ ଏପରି ପଦକ୍ଷେପ ନେଇଥିବା କୁହାଯାଉଛି। କିନ୍ତୁ ୩ ଝିଅ ସୋସିଆଲ ମିଡିଆ କିମ୍ବା ଗଣମାଧ୍ୟମରେ ଏନେଇ ମୁହଁ ଖୋଲିନାହାନ୍ତି। ଅନ୍ୟପକ୍ଷେ ତେଜପ୍ରତାପ କହିଛନ୍ତି, ଭଉଣୀମାନଙ୍କ ପ୍ରତି ଅପମାନକୁ ସେ କୌଣସି ପରିସ୍ଥିତିରେ ସହ୍ୟ କରିପାରିବେ ନାହିଁ। ଲାଲୁ ସମ୍ମତି ଦେଲେ ଜୟଚନ୍ଦ୍ରମାନଙ୍କୁ ସେ ସମାଧି ଦେଇଦେବେ। ଉଲ୍ଲେଖଯୋଗ୍ୟ, ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ଥିବା ଦର୍ଶାଇ ଲାଲୁ ବଡ଼ପୁଅ ତେଜପ୍ରତାପଙ୍କୁ ଦଳରୁ ୬ ବର୍ଷ ନିଲମ୍ବନ କରିବା ସହ ପରିବାରରୁ ବାହାର କରିଦେଇଥିଲେ। ଏହା ପରେ ତେଜପ୍ରତାପ ଜନଶକ୍ତି ଜନତା ପାର୍ଟି ନାମରେ ନୂଆ ଦଳ ଗଢ଼ି ନିର୍ବାଚନ ଲଢ଼ିଥିଲେ ହେଁ କୌଣସି ସଫଳତା ପାଇ ନାହାନ୍ତି।

### ଜି.ଉଦୟଗିରିରେ ୫.୮ ଡିଗ୍ରୀ...

ସହ ଶୀତର ପ୍ରକୋପ ସାମାନ୍ୟ ହ୍ରାସ ପାଇବ। ଅପରପକ୍ଷେ ଶ୍ରୀଲଙ୍କା ଉପକୂଳ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରେ ତାମିଲନାଡୁ ଓ ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ରୟାଲ ସୀମାରେ ରବିବାର ଓ ସୋମବାର ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଲଘୁଚାପର ପ୍ରଭାବ ଓଡ଼ିଶା ଉପରେ ନ ଥିବାବେଳେ କିଛି ସ୍ଥାନରେ ପାଗ ମେଘୁଆ ରହିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଓଡ଼ିଶା ଉପରେ ଆତଙ୍କବାଦୀଙ୍କ ନଜର

**ଦିଲ୍ଲୀ ଲାଲ୍‌କିଲ୍ଲାରେ ନଭେମ୍ବର ୧୦ରେ ଘଟିଥିବା ଭୟଙ୍କର ବିସ୍ଫୋରଣରେ ସମ୍ପୃକ୍ତ ଆତଙ୍କବାଦୀ ମୁଜାମିଲ ସକିଲଙ୍କ ସମ୍ପର୍କ ଓଡ଼ିଶାରେ ରହିଛି। ତାଙ୍କୁ ଜେରାବେଳେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ହାତରେ ଲାଗିଛି। ମୁଜାମିଲଙ୍କ ହ୍ୱାଟ୍‌ସଆପ୍ ଯାଞ୍ଚ ବେଳେ ସେ ଓଡ଼ିଶାରେ ରହୁଥିବା କେତେଜଣଙ୍କ ଫୋନ୍‌କୁ ମେସେଜ ପଠାଇବା ସହ ବାର୍ତ୍ତାଳାପ କରିଥିବା ଜଣାପଡ଼ିଛି। ସେହିଭଳି ଜମ୍ମୁ, ହରିୟାଣା, ତାମିଲନାଡୁ ସହ ମୁଜାମିଲ୍‌ଙ୍କ ଲିଙ୍କ୍ ରହିଛି। ତେବେ ଓଡ଼ିଶାରୁ କେଉଁମାନେ ମୁଜାମିଲଙ୍କ ସମ୍ପର୍କରେ ଥିଲେ, କାହିଁକି ସେମାନେ ମୁଜାମିଲ ସହ କଥାବାର୍ତ୍ତା ବା ଚାଟିଂ କରୁଥିଲେ? ଏହାର ଖୋଳତାଡ଼ କରୁଛି ଏନଆଇଏ। ବିଶେଷକରି କଟକ ଜିଲାର ଏକ କଲେଜକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଅଧିକ ତନାଘନା ପାଇଁ ଏନ୍‌ଆଇଏ ଖୁବ୍‌ଶୀଘ୍ର ଓଡ଼ିଶା ଆସିପାରେ ବୋଲି ସୂଚନା ମିଳିଛି। ଓଡ଼ିଶା ପୋଲିସ ଓ ଗୋଇନ୍ଦା ଏହା ଉପରେ ପୂରା ସତର୍କ ନଜର ରଖିଛନ୍ତି। ଦିଲ୍ଲୀ ଏନ୍‌ଆଇଏରୁ ଏ ସଂକ୍ରାନ୍ତ କୌଣସି ଖବର ଆସିଲେ ସେହି ଆଧାରରେ ପଦକ୍ଷେପ ନିଆଯିବ ବୋଲି ଓଡ଼ିଶା ପୋଲିସ ପକ୍ଷରୁ କୁହାଯାଇଛି। ତେବେ ଓଡ଼ିଶା ଉପରେ ଆତଙ୍କବାଦୀଙ୍କ ନଜର ରହିଆସିଥିବାରୁ ଚିନ୍ତା ବଢୁଛି।**

## ଏନ୍‌ଆଇଏ, ଆଇବି ସହ ଯୋଗାଯୋଗରେ ଅଛୁ: ଏଡିଜି

- ଆତଙ୍କବାଦୀଙ୍କ ଲିଙ୍କ୍‌ରେ ପୂର୍ବରୁ ଏକାଧିକ ବ୍ୟକ୍ତି ଗିରଫ ହୋଇଛନ୍ତି
- ରାଜ୍ୟ ଗୋଇନ୍ଦା, ଖବରୀଙ୍କୁ ଅଧିକ ସକ୍ରିୟ କଲା ପୋଲିସ ବିଭାଗ

ଭୁବନେଶ୍ୱର,୧୬।୧୧(ତ୍ରିନାଥ ମହାନ୍ତି)

ଆତଙ୍କବାଦୀଙ୍କ ଦିଲ୍ଲୀ ବିସ୍ଫୋରଣ ପରେ ଓଡ଼ିଶା ହାଇଆଲର୍ଟରେ ରହିଛି। ପୁରୀ, ଭୁବନେଶ୍ୱର, କଟକ, ପାରାଦୀପ, ବାଲେଶ୍ୱର, ସମ୍ବଲପୁର, ରାଉରକେଲା ଭଳି ବଡ଼ ସହର ସମେତ ରାଜ୍ୟର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ, ଉପକୂଳ ତଥା ସମୁଦ୍ରାଞ୍ଚଳରେ ସୁରକ୍ଷା ବଢାଇ ଦିଆଯାଇଛି। ଦିଲ୍ଲୀ ଘଟଣାରେ ଓଡ଼ିଶା ଲିଙ୍କ୍ ରହିଥିବା ଚର୍ଚ୍ଚା ହେଉଥିବାରୁ ଏଠାରେ ଆତଙ୍କୀ ଲୁଚିଥିବା ସନ୍ଦେହରେ ଚେକିଂ ଓ ବ୍ଲକିଂ ଜାରି ରହିଛି। ଅନ୍ୟପକ୍ଷରେ ପୂର୍ବରୁ ଆତଙ୍କବାଦୀ ଲିଙ୍କ୍‌ରେ ଓଡ଼ିଶାରୁ ଅନେକ ଦେଶଦ୍ରୋହୀଙ୍କୁ ଗିରଫ କରାଯାଇଛି। ଏଥିସହ ବହୁ ଆତଙ୍କୀ ସଂଗଠନକୁ ଠାବ କରାଯାଇଛି।

୨୦୧୫ ଜାନୁଆରୀ ୨୩ରେ ଚାନ୍ଦିପୁରସ୍ଥିତ ସାମରିକ ଗବେଷଣା ଓ ବିକାଶ ସଂସ୍ଥା (ଡିଆର୍‌ଡିଓ) ଏବଂ କ୍ଷେପଣାସ୍ତ୍ର ଘାଟିର ଗୁପ୍ତ ତଥ୍ୟ ପାକିସ୍ତାନକୁ ଦେଇ ଈଶ୍ୱରଚନ୍ଦ୍ର ବେହେରା ଗିରଫ ହୋଇଥିଲେ। ସେ ଡିଆର୍‌ଡିଓ ଚାରିପଟେ ବୁଲି କ୍ୟାମେରାରେ ଫଟୋ ଉଠାଇ ପାକିସ୍ତାନକୁ ପଠାଇଥିଲେ। ୨୦୧୫ ଡିସେମ୍ବରରେ କଟକ ସାଲେପୁର ପଶ୍ଚିମକଚ୍ଛ ଗାଁରୁ ଗିରଫ ହୋଇଥିଲେ ଅବଦୁର ରହମନ। ଆତଙ୍କବାଦୀ କାର୍ଯ୍ୟ କଳାପରେ ସାମିଲହେବା ନେଇ ତାଙ୍କ ନାମରେ ଅଭିଯୋଗ ଥିଲା। ସେ ଯୁବକମାନଙ୍କୁ ପାଠ ପଢାଇବା ବାହାନାରେ ଆତଙ୍କବାଦୀ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରୁଥିଲେ। ଶେଷରେ ତାଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ୨୦୧୬ ଜାନୁଆରୀ ୧୭ରେ ରାଉରକେଲାରୁ ୫ ସିମି (ଷ୍ଟୁଡେଣ୍ଟ୍‌ସ ଇସ୍‌ଲାମିକ୍ ମୁଭ୍‌ମେଣ୍ଟ୍‌ସ ଅଫ୍ ଇଣ୍ଡିଆ) ଆତଙ୍କବାଦୀଙ୍କୁ ଗିରଫ କରାଯାଇଥିଲା। ସେମାନେ ମଧ୍ୟପ୍ରଦେଶ ଜେଲରୁ ଫେରାର ହୋଇ ଓଡ଼ିଶାରେ ଲୁଚି ରହିବା ସହ ତେଲଙ୍ଗାନା ପାଇଁ ଆତଙ୍କବାଦୀ କାର୍ଯ୍ୟ ଚଳାଇଥିଲେ। ଓଡ଼ିଶା ଏବଂ ତେଲଙ୍ଗାନା ପୋଲିସ ପକ୍ଷରୁ ମିଳିତ ଅପରେଶନ୍ କରାଯାଇ ସେମାନଙ୍କୁ ଗିରଫ କରାଯାଇଥିଲା। ସେହିପରି ପାକିସ୍ତାନ ସୁନ୍ଦରୀ ଜାଲରେ ପଡ଼ି ଚାନ୍ଦିପୁର ଡିଆର୍‌ଡିଓର ୪ଜଣ କର୍ମଚାରୀ ହନିଟ୍ରାପ୍‌ରେ ଫସିଥିଲେ। ଯୁବତୀ ଜଣକ ଆଇଏସ୍‌ଆଇ ଏଜେଣ୍ଟ ହୋଇଥିବା ବେଳେ ସେ ଏହି ୪ କର୍ମଚାରୀଙ୍କ ଦ୍ୱାରା ଗୁପ୍ତ ତଥ୍ୟ ନେଇ ପାକିସ୍ତାନକୁ ଦେଉଥିଲେ। ଏହା ଜଣାପଡ଼ିବା ପରେ ୨୦୨୧ ସେପ୍ଟେମ୍ବର ୧୫ରେ ସମ୍ପୃକ୍ତ ୪ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିବା ସହ ତଦନ୍ତ କରିଥିଲା। ୨୦୨୩ ଡିସେମ୍ବରରେ ସୟଦ ଇଶାନ ବୁଖାରୀଙ୍କୁ ଗିରଫ କରାଯାଇଥିଲା। ସେ ୫ ବର୍ଷ ହେବ ଓଡ଼ିଶାରେ ରହି ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ରହିଥିବା ଅଭିଯୋଗ ଥିଲା। ତାଙ୍କ ଘର କଶ୍ମୀର ହୋଇଥିବା ବେଳେ ସେ ମିଛକଥା କହି ଯାଜପୁରର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ସେ ନିଜକୁ କେତେବେଳେ ଡାକ୍ତର ତ ଆଉ କେତେବେଳେ ଏନ୍‌ଆଇଏ ଅଧିକାରୀ ଓ ସିବିଆଇ ଅଧିକାରୀ ବୋଲି ପରିଚୟ ଦେଉଥିଲ। ଆହୁରି ମଧ୍ୟ ଏକାଧିକ ଯୁବତୀଙ୍କୁ ମିଛ କଥା କହି ବିବାହ କରି ଟଙ୍କା ଲୁଟିବା ସହ ସେମାନଙ୍କ ମାଧ୍ୟମରେ ଗୁପ୍ତ ତଥ୍ୟ ସଂଗ୍ରହ କରି ପାକିସ୍ତାନକୁ ଦେଉଥିଲେ। ୨୦୨୩ ଜୁନ୍‌ରେ ଏସ୍‌ଟିଏଫ ୪ଜଣଙ୍କୁ ବାଲେଶ୍ୱରରୁ ଗିରଫ କରିଥିଲା। ସେମାନେ ପାକିସ୍ତାନ ଆଇଏସ୍‌ଆଇକୁ ସିମ୍ କାର୍ଡ ଓଟିପି ବିକ୍ରି କରୁଥିଲେ। ଆତଙ୍କବାଦୀମାନେ ଓଡ଼ିଶାରୁ ଓଟିପି ନେଇ ଦେଶବିରୋଧୀ କାର୍ଯ୍ୟ କରିବା ସହ ସୋସିଆଲ ମିଡିଆରେ ଦେଶବିରୋଧୀ ତଥ୍ୟ ଦେଉଥିଲେ। ଏହି ଓଟିପି ମାଧ୍ୟମରେ ଏକାଧିକ ବେନାମୀ ଆକାଉଣ୍ଟ ଖୋଲାଯାଇ ତାହା ଜରିଆରେ ପାକିସ୍ତାନରୁ ଟଙ୍କା ଆତଙ୍କବାଦୀଙ୍କ ପାଖକୁ ଆସୁଥିଲା। ନିକଟରେ ହରିୟାଣାରୁ ଗିରଫ ହୋଇଥିବା ଜଣେ ବ୍ଲଗର ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଲିଙ୍କ୍‌ରେ ରହିଥିଲେ। ସେ ଏକାଧିକଥର ପୁରୀ ଆସିବା ସହ ନିଜକୁ ବ୍ଲଗର ପରିଚୟ ଦେଇ ଏଠାକାର ଜଣେ ଯୁବତୀଙ୍କ ସହ ବନ୍ଧୁତା କରିଥିଲେ। ସେମାନେ ପୁରୀ ଏବଂ ଓଡ଼ିଶାର ଏକାଧିକ ଐତିହ୍ୟ ସ୍ଥାନର ଗୁପ୍ତ ତଥ୍ୟ ଆଇଏସ୍‌ଆଇକୁ ପଠାଇଥିବା ସନ୍ଦେହ କରାଯାଇଥିଲା। ଏନେଇ ପୋଲିସ ଓ ଏନ୍‌ଆଇଏ ଉକ୍ତ ଯୁବତୀଙ୍କୁ ମଧ୍ୟ ଆତଙ୍କବାଦୀଙ୍କ ଲିଙ୍କ୍ ନେଇ ତଦନ୍ତ ପରିସରଭୁକ୍ତ କରିଥିଲା।

ଏ ସମ୍ପର୍କରେ ରାଜ୍ୟ ପୋଲିସ ବିଭାଗର ଲ’ ଆଣ୍ଡ୍ ଅର୍ଡର ଏଡିଜି ସଞ୍ଜୀବ କୁମାର କହିଛନ୍ତି, ଓଡ଼ିଶାରୁ ବିଗତ ଦିନରେ ଆତଙ୍କବାଦୀ ଲିଙ୍କ୍‌ରେ ରହିଥିବା ବ୍ୟକ୍ତିଙ୍କୁ ଗିରଫ ପରେ ପୋଲିସ ଅଧିକ ସକ୍ରିୟ ରହିଛି। କିଛି ଭୟ କରିବାର ନାହିଁ। ଓଡ଼ିଶା ପୋଲିସ ସର୍ବଦା ଦିଲ୍ଲୀ ଏନ୍‌ଆଇଏ ଏବଂ ଆଇବି ସହ ଯୋଗାଯୋଗରେ ରହିଛି। ସେଭଳି କିଛି ଆତଙ୍କବାଦୀ କାର୍ଯ୍ୟକଳାପ ନେଇ ସୂଚନା ମିଳିଲେ ତୁରନ୍ତ ପଦକ୍ଷେପ ନିଆଯିବ। ଏବେ ରାଜ୍ୟ ଗୋଇନ୍ଦା ଏବଂ ଖବରୀ(ସୂଚନାଦାତା)ଙ୍କୁ ଅଧିକ ସକ୍ରିୟ କରାଯାଇଛି। ଦେଶବିରୋଧୀ କାର୍ଯ୍ୟକଳାପରେ କେହି ସମ୍ପୃକ୍ତ ଥିଲେ ତୁରନ୍ତ ଧରାଯିବ ବୋଲି ସେ କହିଛନ୍ତି।

# କାଳିମେଳା ଜଙ୍ଗଲରେ ଥିବା ପାହାଡ଼ ଗୁମ୍ଫାରୁ ବିସ୍ଫୋରକ ସାମଗ୍ରୀ ଜବତ



ବିଏସ୍‌ଏଫ୍ ଯବାନଙ୍କ ଦ୍ୱାରା ଜବତ ବିସ୍ଫୋରକ।

ମାଲକାନଗିରି,୧୬।୧୧(ସୁଚିତ୍ରା ଦାସ)

ମାଲକାନଗିରି ଜିଲା କାଳିମେଳା ଥାନା ଦୁଲାଗୁଣ୍ଡି ଜଙ୍ଗଲରେ ଥିବା ପାହାଡ଼ର ଏକ ଗୁମ୍ଫା ଭିତରେ ମାଓବାଦୀମାନେ ଲୁଚାଇଥିବା ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ମାଲକାନଗିରି ପୋଲିସ ଓ ବିଏସ୍‌ଏଫ୍ ଯବାନ ସର୍ଚ୍ଚ ଅପରେଶନ କରିବା ସମୟରେ ସୂଚନା ପାଇ ସତର୍କତାର ସହ ଗୁମ୍ଫାରୁ ମାଓବାଦୀ ସାମଗ୍ରୀକୁ ଜବତ କରିଥିଲେ। ସେଥିମଧ୍ୟରେ ଗୋଟିଏ ବନ୍ଧୁକ ,ବିପୁଳ ପରିମାଣର ଜୀବନ୍ତ ଗୁଳି, ଜିଲେଟିନ ଷ୍ଟିକ, ଲ୍ୟାଣ୍ଡମାଇନ ପରି ଅନେକ ବିସ୍ଫୋରକ ସାମଗ୍ରୀ ରହିଛି। ମାଓବାଦୀମାନେ ପୋଲିସକୁ ଟାର୍ଗେଟ କରିବା ପାଇଁ ଏହି ବିସ୍ଫୋରକ ସାମଗ୍ରୀ ବହୁଦିନ ତଳେ ରଖିଥିବା ପୋଲିସ ଅନୁମାନ କରୁଛି।

# କ୍ୟାଡର ମାଓବାଦୀ ଦମ୍ପତିଙ୍କ ଆତ୍ମସମର୍ପଣ

ଫୁଲବାଣୀ,୧୬।୧୧(ରାକେଶ କୁମାର ରାଉତ)



ଆତ୍ମସମର୍ପଣ କରିଥିବା ମାଓବାଦୀ।

ସଙ୍ଗଠନର କାର୍ଯ୍ୟକଳାପରେ ଅତିଷ୍ଠ ହୋଇ କ୍ୟାଡର ମାଓବାଦୀ ଦମ୍ପତି କନ୍ଧମାଳ ପୋଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଛତିଶଗଡ ରାଜ୍ୟ ସୁକ୍‌ମା ଜିଲାର ଉଙ୍ଗା କାଲମୁ ଓରଫ କିଶୋର(୨୫) ଓ ତାଙ୍କ ସ୍ତ୍ରୀ ମାସେ ମାଦଭି(୨୨)। ଉଭୟେ ବଂଶଧାରା ଘୁମୁସର ନାଗାବଳୀ(ବିଜିଏନ୍) ଡିଭିଜନରେ କାମ କରୁଥିଲେ ବୋଲି ରବିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ସୂଚନା ଦେଇଛନ୍ତି।

୨୦୧୮ରେ କିଶୋର ଓ ମାଦଭି ସିପିଆଇ ମାଓବାଦୀ ସଂଗଠନରେ ଯୋଗଦେବା ପରେ କ୍ୟାଡର ମାଓବାଦୀ ଭାବେ କାର୍ଯ୍ୟ କରୁଥିଲେ। ସୁପ୍ତ ହୋଇ ପଡ଼ିଥିବା ଉତ୍ତର-ଦକ୍ଷିଣ କରିଡରକୁ ପୁନଃସକ୍ରିୟ କରିବା ପାଇଁ ସେମାନେ ନିୟୋଜିତ ହୋଇଥିଲେ। ଝାଡ଼ଖଣ୍ଡ-ଛତିଶଗଡ଼ ଦେଇ ଓଡ଼ିଶାର ଦକ୍ଷିଣ ମଧ୍ୟବର୍ତ୍ତୀ ଅଞ୍ଚଳ ମାଓବାଦୀଙ୍କ ନଜରରେ ଥିଲା। ଏହି ଦମ୍ପତି ଛତିଶଗଡ଼ ଏବଂ ଓଡ଼ିଶାର ବିଭିନ୍ନ ମାଓବାଦୀ ହିଂସା କାର୍ଯ୍ୟକଳାପରେ ସାମିଲ ଥିଲେ। କିନ୍ତୁ ସେମାନେ ସଙ୍ଗଠନର କାର୍ଯ୍ୟକଳାପକୁ ନେଇ ହତାଶ ଏବଂ ମାନସିକ ଦୁଶ୍ଚିନ୍ତାରେ ଥିଲେ। ମହିଳାମାନଙ୍କୁ ଯୌନ ନିର୍ଯାତନା, ଅନୈତିକ ଉପାୟରେ ଅର୍ଥ ଉପାର୍ଜନ, ଯୁବତୀ ଯୁବକଙ୍କୁ ମିଥ୍ୟା ପ୍ରତିଶ୍ରୁତି, ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଦୁର୍ବ୍ୟବହାର, ଗଞ୍ଜେଇ ଚାଷକୁ ପ୍ରୋତ୍ସାହନ, ମାଓବାଦୀଙ୍କ ବିରୋଧରେ ହେଉଥିବା ଅପରେଶନରେ ଅତିଷ୍ଠ ହେବା ସହ ମାଓବାଦୀ ଦମ୍ପତି ସରକାରଙ୍କ ଥଇଥାନ ନୀତିରେ ଆକର୍ଷିତ ହୋଇ ଆତ୍ମସମର୍ପଣ କରିବାକୁ ଯୋଗାଯୋଗ କରିଥିଲେ। ସେମାନଙ୍କୁ ପୂର୍ଣ୍ଣ ସହଯୋଗ କରାଯାଇଥିଲା। ସରକାରଙ୍କ ନୀତି ନିୟମ ଅନୁସାରେ ସବୁ ସୁବିଧା ଯୋଗାଇ ଦିଆଯିବ। ଯେଉଁମାନେ ଏହି ହିଂସା ପଥରେ ଅଛନ୍ତି, ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ପୁଣି ଅନୁରୋଧ କରୁଛୁ। ମାଓବାଦୀ କାର୍ଯ୍ୟକଳାପ ଛାଡ଼ିଲେ ସରକାରଙ୍କ ଥଇଥାନ ନୀତିରେ ଥିବା ସବୁ ଯୋଜନା ଯୋଗାଇ ଦିଆଯିବ ବୋଲି ଆଇଜି ଶେଖର ଏବଂ କନ୍ଧମାଳ ଏସ୍‌ପି ହରିଶ ବି.ସି. କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାଲିଗୁଡା ଏସ୍‌ଡିପିଓଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶ୍ୱେତପର୍ଣ୍ଣାଙ୍କୁ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର,୧୬।୧୧(ଅନାଦି କର)

ଇମ୍ପାକ୍ଟ ପକ୍ଷରୁ ରବିବାର ଏଠାରେ ଚଳିତ ବର୍ଷର ୩୩ତମ ଏକଲବ୍ୟ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ୟାଡ୍‌ମିଣ୍ଟନ କ୍ଷେତ୍ରରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କୁ ଟ୍ରଫି ସହ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ତାଙ୍କ ପୂର୍ବରୁ ତାଙ୍କ ବଡ଼ଭଉଣୀ ରତପର୍ଣ୍ଣା ପଣ୍ଡାଙ୍କୁ ୨୦୨୧ରେ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମଥର ପାଇଁ ଗୋଟିଏ ପରିବାରର ଦୁଇଜଣଙ୍କୁ ଏହି ପୁରସ୍କାର ମିଳିଛି। ଉପ ବିଜେତା ଭାବେ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଓ ଟେନିସ ଖେଳାଳି ଆହନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କୁ ମାନପତ୍ର ସହିତ ଦେଢ଼ଲକ୍ଷ ଲେଖାଏ ପୁରସ୍କାର ରାଶି ଦିଆଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମୁଖ୍ୟ ଅତିଥି ଓ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ତଥା ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ପ୍ରକାଶ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଇମ୍ପା କର୍ପୋରେଟ୍ ବ୍ୟାପାର ମୁଖ୍ୟ ଅଶ୍ୱିନୀ ପ୍ରସାଦ ମହାନ୍ତିଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଏକଲବ୍ୟ ପୁରସ୍କାର କମିଟି ୨୦୨୫ର ଅଧ୍ୟକ୍ଷ ଏବଂ ଇମ୍ପାକ୍ଟର ଟ୍ରଷ୍ଟି ବୈଜୟନ୍ତ ପଣ୍ଡା ଓ ପାରମିତା ପଣ୍ଡା ଉପସ୍ଥିତ ଥିଲେ।



ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ରବିବାର ବ୍ୟାଡମିଣ୍ଟନ ତାରକା ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ୩୩ତମ ଏକଲବ୍ୟ ପୁରସ୍କାରରେ ସମ୍ମାନିତ କରୁଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଇମ୍ପାକ୍ଟର ଟ୍ରଷ୍ଟି ବୈଜୟନ୍ତ ପଣ୍ଡା ଓ ପାରମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଅଛନ୍ତି। **(ଫଟୋ: ବିକାଶ ନାୟକ)**

### ଆହୁରି ଉନ୍ନତ ପ୍ରଦର୍ଶନ କରିବା ମୋ ଲକ୍ଷ୍ୟ

ଆଗକୁ ଅଧିକ ପ୍ରାକ୍ଟିସ ସହ ଅନ୍ତର୍ଜାତୀୟ ସ୍ତରରେ ଆହୁରି ଭଲ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛି। ଏହି ପୁରସ୍କାର ମୋତେ ମିଳିବ ବୋଲି କଦାପି ଆଶା କରି ନ ଥିଲି। କିନ୍ତୁ ମୋ ଭଉଣୀ ରତପର୍ଣ୍ଣାଙ୍କୁ ଏହି ପୁରସ୍କାର ମିଳିବା ପରେ ମୋର ବି ଇଚ୍ଛା ଥିଲା, ଦିନେ ଏହି ପୁରସ୍କାର ପାଇବାକୁ। ଏବେ ଏହି ପୁରସ୍କାର ପାଇଥିବାରୁ ମୁଁ ବହୁତ ଖୁସି। ଏହା ମୋତେ ଆଗାମୀ ଦିନରେ ଅଧିକ ଭଲ ପ୍ରଦର୍ଶନ କରିବାକୁ ପ୍ରେରଣା ଦେବ। ଭଉଣୀ ଓ ପରିବାରବର୍ଗ ମୋ ସହିତ ସର୍ବଦା ଛିଡ଼ା ହୋଇଥିଲେ ଏବଂ ସେମାନେ ମୋତେ ସର୍ବଦା ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ ବୋଲି ଶ୍ୱେତପର୍ଣ୍ଣା ପୁରସ୍କାର ଗ୍ରହଣ କରିବା ଅବସରରେ କହିଛନ୍ତି।

# ବାଇକ୍-ସ୍କୁଟି ଧକ୍କା: ୨ ମୃତ, ୪ ଆହତ

ଢେଙ୍କାନାଳ,୧୬।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଗେଙ୍ଗୁଟିଆ ଓ ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି କମଗରା ମଧ୍ୟରେ ବ୍ରାହ୍ମଣୀ ନଦୀ ଉପରେ ଥିବା ସାରଙ୍ଗଧର ସେତୁ ଉପରେ ରବିବାର ଅପରାହ୍ନରେ ଏକ ସ୍କୁଟି ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ୨ ଜଣ ହେଲେ ସଦର ଥାନା ତରଭା ଫାଣ୍ଡି କେଉଟବେରେଣୀ ଗ୍ରାମର ସତ୍ୟଜିତ ବରାଳ(୨୭) ଓ ବିଶ୍ୱପ୍ରସାଦ ବରାଳ(୨୦)। ଉଭୟେ ଏକ ବାଇକ୍‌ରେ ଢେଙ୍କାନାଳରୁ କାମାକ୍ଷାନଗର ଆଡ଼କୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍କୁଟିରେ ବସିଥିବା ୩ ଜଣଙ୍କ ସମେତ ପଛରେ ଆସୁଥିବା ଆଉ ଏକ ବାଇକ୍ ଆରୋହୀ ପିଚିହୋଇ ଆହତ ହୋଇଥିଲେ। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିବା ସହିତ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଦୁର୍ଘଟଣା ପରେ ସାରଙ୍ଗଧର ସେତୁ ଉପରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା।

# ଉଠିଲା ଆଦର୍ଶ ଆଚରଣବିଧି

ଭୁବନେଶ୍ୱର,୧୬।୧୧(ରବିନାରାୟଣ ଜେନା)

ବିହାରର ବିଧାନସଭା ନିର୍ବାଚନ ଏବଂ ଓଡ଼ିଶାର ନୂଆପଡ଼ା ସମେତ ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଉପନିର୍ବାଚନ ପାଇଁ ଲାଗୁ ହୋଇଥିବା ଆଦର୍ଶ ଆଚରଣବିଧି(ଏମ୍‌ସିସି) ରବିବାର ଉଠିଛି। ଏସଂକ୍ରାନ୍ତରେ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ଆୟୋଗଙ୍କ ପକ୍ଷରୁ ଅନୁସୂଚିବ ପ୍ରଫୁଲ୍ଲ ଆୱସ୍ଥୀ ରାଷ୍ଟ୍ରପତି ଭବନ ସମେତ ବିହାର ଓ ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟଶାସନ ସଚିବ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଛନ୍ତି।

# ସୁକିନ୍ଦାରେ ଘଡ଼େଇ ଶିବିର ହେଉଛି ଖାଲି

କାଳିଆପାଣି,୧୬।୧୧(ଅସିତ୍ ମହାନ୍ତ)

- ମନ୍ତ୍ରୀଙ୍କ ଉପସ୍ଥିତିରେ ପଦ୍ମ ଧରିଲେ ଘଡ଼େଇଙ୍କ ଘନିଷ୍ଠ
- ୨୦୦ରୁ ଊର୍ଦ୍ଧ୍ୱ ଭାଜପାରେ ମିଶିଲେ

ଯାଜପୁର ଜିଲା ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ମୁଣ୍ଡିଆଳ ନେତା ସହ କର୍ମୀଙ୍କ ଦଳ ଡିଆଁର ସୁଅ ଛୁଟି ଚାଲିଛି। ଏହି ନେତା ଓ କର୍ମୀମାନଙ୍କ ସମର୍ଥନ ଯୋଗୁ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ଏବଂ ତାଙ୍କ ପୁଅ ପ୍ରୀତିରଞ୍ଜନ ଘଡ଼େଇ (ଡାନି) ସୁକିନ୍ଦା ନିର୍ବାଚନମଣ୍ଡଳୀକୁ ଦୀର୍ଘଦିନ ଧରି ନିଜ ଅକ୍ତିଆରରେ ରଖିପାରିଥିଲେ। ଏବେ ଘଡ଼େଇ ଶିବିର ଖାଲି ହେବାରେ ଲାଗିଛି। ଜଣେ ଜଣେ ହୋଇ ଘନିଷ୍ଠମାନେ ମୁହଁମୋଡ଼ି ଭାଜପା ନେତା ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତ (ଟୁଟୁ)ଙ୍କ ଶିବିରରେ ଯୋଗଦେଉଛନ୍ତି। ଏହି ଧାରା ରବିବାର ମଧ୍ୟ ଦେଖିବାକୁ ମିଳିଛି। ଦୀର୍ଘ ବର୍ଷ ହେବ ବିଜେଡିର ସାଙ୍ଗଠନିକ ଦାୟିତ୍ୱ ତୁଲାଇ ଦଳ ଓ ଘଡ଼େଇଙ୍କ ପାଇଁ ବଳ ଯୋଗାଡ଼ କରୁଥିବା ଦେବେନ୍ଦ୍ର ମହାଲିକ ଭାଜପାରେ ସାମିଲ ହୋଇଛନ୍ତି। ତାଙ୍କ ସହ ସୁକିନ୍ଦା ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଭାଜପାର ସଦସ୍ୟତା ନେଇଛନ୍ତି। ସେହିପରି ଖଣି ଅଞ୍ଚଳରେ ବୃହତ୍ ଶ୍ରମିକ ସଂଗଠନ ଏସ୍‌ଆର୍‌ସିକେଏମ୍‌ଏସ୍‌ର ସମ୍ପାଦକ ଭାରତ ଚନ୍ଦ୍ର ମହାନ୍ତଙ୍କ ଭାଇ ମଦନ ମହାନ୍ତଙ୍କ ସହ ଦକ୍ଷିଣ କାଳିଆପଣି ଖଣିର ୨୧ ଜଣ ସଦସ୍ୟ ଶ୍ରମିକ ସଂଘ ଛାଡ଼ି ଭାଜପାର ସଦସ୍ୟତା ନେଇଛନ୍ତି। ଏହାସହ ଗାଁସୋଳ ପଞ୍ଚାୟତରେ ଥିବା ଭୀମଟାଙ୍ଗର ଖଣିର ୨୦୦ କର୍ମଚାରୀ ଏସ୍‌ଆର୍‌ସିକେଏମ୍‌ଏସ ଶ୍ରମିକ ସଂଘ ଛାଡ଼ି ଭାଜପା ମିଶିବା ସହ ଓଡ଼ିଶା ମାଇନିଂ ୱାର୍କର ୟୁନିୟନ ସଂଘ ସଦସ୍ୟତା ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଶୈଳୀରେ ପ୍ରଭାବିତ ହୋଇ ବିଜେଡିର କର୍ମୀ ଓ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଭାଜପାରେ ମିଶୁଥିବା ପ୍ରକାଶ କରିଛନ୍ତି। ରବିବାର ସୁକିନ୍ଦାସ୍ଥିତ ମନ୍ତ୍ରୀ ବଳସାମନ୍ତଙ୍କ ବାସଭବନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ବଳସାମନ୍ତ ସମସ୍ତଙ୍କୁ ଉତ୍ତରୀୟ ଦେଇ ଭାଜପାରେ ସାମିଲ କରାଇଥିଲେ। ଏହି ଅବସରରେ ମନ୍ତ୍ରୀ ବଳସାମନ୍ତ କହିଛନ୍ତି, ସୁକିନ୍ଦାର ବିକାଶ ଦିଗରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉଚିତ। ବିଶେଷକରି ଖଣି ଅଞ୍ଚଳର ବିକାଶ ଦିଗରେ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ସୌରିକ ଅଞ୍ଚଳର ୭ ପଞ୍ଚାୟତର ଅନେକ ବିଜେଡି କର୍ମୀ ଶାସକ ଦଳର ନୀତି ଆଦର୍ଶ ଏବଂ ମନ୍ତ୍ରୀ ବଳସାମନ୍ତଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଉପରେ ଆସ୍ଥା ପ୍ରକଟ କରି ଭାଜପାରେ ମିଶିଛନ୍ତି ବୋଲି ବିଜେଡି ଛାଡ଼ିଥିବା ଦେବେନ୍ଦ୍ର ମହାଲିକ ଓ ମଦନ ମହାନ୍ତ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ସୁକିନ୍ଦା ଭାଜପାର ବରିଷ୍ଠ ନେତା ଅମଳେନ୍ଦୁ ବେହୁରା, ସାମାଜିକ କର୍ମୀ ବେଣୁଧର ମହାନ୍ତ, ପୂର୍ବତନ କଂସ ସରପଞ୍ଚ ରବୀନ୍ଦ୍ର ସାହୁ, ଧୀର ଦେହୁରୀ, କୁନା ମହାନ୍ତ, ଯଦୁମଣି ମହାନ୍ତ ଓ ମଣ୍ଡଳ ସଭାପତି ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କୋଣାର୍କର ଅର୍କବଟ ସୂର୍ଯ୍ୟଲୋକର ନନ୍ଦନବଟ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

ଆମେ ଗତ ସଂଖ୍ୟାରେ କୋଣାର୍କଠାରେ ମନ୍ଦିର ପରିସରରେ ରହିଥିବା ‘ଅର୍କବଟ’ ପ୍ରସଙ୍ଗ ଆଲୋଚନା କରିଥିଲେ। ମନ୍ଦିରର ବାହାରପଟେ, ମୁଖଶାଳାରେ ସ୍ଥାନିତ ସମସ୍ତ ବିଗ୍ରହ ପ୍ରଥମେ ଅର୍କବଟ ତଳକୁ ବିଜେ କରିବା ପରେ ଯଥାଯୋଗ୍ୟ ସ୍ଥାନରେ ଖଞ୍ଜାଯାଇଥିଲେ।

ଆମେ ତ ପୋଥି ବର୍ଣ୍ଣନା ଦେଖିଲେ। ଶାସ୍ତ୍ର ବର୍ଣ୍ଣନା ବି ଜାଣିବା। ମୈତ୍ରେୟ ବନରେ ଅର୍କବଟ ତଳେ ସାଧୁ, ସନ୍ଥ ଓ ମୁନିମାନେ ଆଶ୍ରୟ ନେଉଥିଲେ। ଅଧ୍ୟାତ୍ମ ଦୃଷ୍ଟିରୁ ତାହା ଥିଲା ମୁକ୍ତିପ୍ରଦ। ‘ମୁକ୍ତି’ର ପରିଭାଷା ଆମେ ଜାଣିଛେ। ଅବସୋସରୁ ମୁକ୍ତି। ଅବସୋସ ଷୋହଳ ପ୍ରକାର। ଏଥିରୁ ମୁକ୍ତି ମାନେ ନୀରବତା ଆଡ଼କୁ ଗତି। ମୌନ ଅବସ୍ଥା... ଭାବନାମୁକ୍ତ...। ଶାସ୍ତ୍ର ମତରେ ଶ୍ରୀଆଦିତ୍ୟ ସାକ୍ଷାତ୍ ‘ଅର୍କବଟ’ ରୂପ ଧାରଣ କରିଥିଲେ। ଅର୍କବଟ ସଂସ୍ପର୍ଶ ମାନେ ଅବଧ। ମାନସିକ ସ୍ତରରେ ଅବଧ। ମାୟାର ମୋହ ତାକୁ କବଳିତ କରିପାରେ ନାହିଁ। ଅର୍କବଟ ତଳେ ମୁନିମାନେ ସୂର୍ଯ୍ୟମନ୍ତ୍ର ଜପ କରୁଥିଲେ। ଜପରୁ ଧ୍ୟାନ ଆଡ଼କୁ ରାସ୍ତା। ତେଣୁ ଅଭୀଷ୍ଟ ପ୍ରାପ୍ତି ହୁଏ। ପ୍ରାଚୀନ ଶାସ୍ତ୍ର କୁହେ- ଯିଏ ଅର୍କବଟ... ତାହା ହିଁ ସୂର୍ଯ୍ୟଲୋକରେ ଥିବା ନନ୍ଦନ ବୃକ୍ଷ। ‘ନନ୍ଦନ’ ଶବ୍ଦ ଦର୍ଶନ ଶାସ୍ତ୍ରର ପାରିଭାଷିକ ଶବ୍ଦ। ୩୪ ତତ୍ତ୍ୱରେ ନନ୍ଦନ ଏକ ତତ୍ତ୍ୱ। ଏହି ତତ୍ତ୍ୱ ପ୍ରାପ୍ତ ହୁଏ ସାଧନାର ତିନିପକ୍ଷ ମଧ୍ୟରେ। ବାହାରିଆ ଲେଖକ ଏହାକୁ ସଂଯୋଗ କଲେ ବୁଦ୍ଧଦେବଙ୍କ ବୃକ୍ଷତଳେ ୪୯ ଦିନରେ ସିଦ୍ଧି ଲାଭ ସହିତ!!

ସେତିକିବେଳେ ସମସ୍ତ ଶିଳ୍ପୀଙ୍କୁ ଦୁଇଯୋଡ଼ା ଲେଖାଏଁ ବସ୍ତ୍ର ଉପହାର ଦେଇଥିଲେ। ତା’ ସହିତ ଦେଇଥିଲେ ପଦ୍ମ ଅଙ୍କିତ ସ୍ୱର୍ଣ୍ଣ ମୁଦ୍ରା। ପୂର୍ବରୁ ସୂଚନା ଦେଇଥିଲୁ- ପଦ୍ମ ଅଙ୍କିତ ସ୍ୱର୍ଣ୍ଣମୁଦ୍ରା ଆମ ସାମ୍ରାଜ୍ୟର ଗୋଟିଏ ସ୍ଥାନରେ ଗଢ଼ାଯାଉଥିଲା, ତାହା ହେଉଛି କଟକର ବିଡ଼ାନାସୀ ଦୁର୍ଗରେ। ପୋଥିରେ ଲିଖିତ ହୋଇଛି ୩୪୬ ଟି ସ୍ୱର୍ଣ୍ଣମୁଦ୍ରା ଦେଇଥିଲେ। ତାହାହେଲେ କ’ଣ ନିର୍ମାଣ କାର୍ଯ୍ୟର ଶେଷ ଶେଷିଆକୁ ୧୮ ଶହ ଶିଳ୍ପୀ, ପଥୁରିଆ, କମାର, ମାଝି, ପାଇଟିଆଳ, ନାରୀ ମୂଲିଆଣୀ, ଶଗଡ଼ିଆ, ହାତୀଆଳ ପ୍ରଭୃତି କମି କମି ଆଉ ୩୪୬ଜଣ ଥିଲେ? ନା କେବଳ ୩୪୬ ଜଣ ଶିଳ୍ପୀ ଅବଶିଷ୍ଟ ଥିଲେ।

ଆମେ ବାରମ୍ବାର ‘ଶିଳ୍ପୀ’ ଶବ୍ଦ ବ୍ୟବହାର କରିଛୁ। ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଯେଉଁମାନେ ଅସୀମ ତ୍ୟାଗ କରିଥିଲେ ସେମାନେ ପଥରଶିଳ୍ପୀ। ସେମାନେ ବଢ଼େଇ ନୁହନ୍ତି। ଅଭିସନ୍ଧି ମୂଳକ ଭାବରେ କିଛି ପାଶ୍ଚାତ୍ୟ ଅନୁଗାମୀ ବ୍ୟବହାର କଲେ- ବାରଶ ବଢ଼େଇ...। ଓଡ଼ିଶାରେ ବଢ଼େଇ କହିଲେ ମହାରଣାମାନଙ୍କୁ ବି ବୁଝାଏ। ଏମାନେ କାଠ କାମ କରନ୍ତି, ପଥର କାମ ନୁହେଁ। ଏଇଠି ଅଭିସନ୍ଧିର ମୂଳବିନ୍ଦୁ। ବଢ଼େଇ ଶବ୍ଦ ପ୍ରୟୋଗ କଲେ ମୂଳରୁ ଓଡ଼ିଶାର ପଥରଶିଳ୍ପୀ କୋଣାର୍କଠାରେ ମନ୍ଦିର ଗଢ଼ି ନାହାନ୍ତି ବୋଲି ପ୍ରମାଣ କରିବାକୁ ସହଜ ହେବ। ବଢ଼େଇ କ’ଣ ମନ୍ଦିର ନିର୍ମାଣ କରନ୍ତି!! ହସରେ ଉଡ଼େଇ ହେବ। ଆମକୁ ନୁଆଁଣିଆ କରିହେବ।

‘ମହାରଣା’ ସାଙ୍ଗିଆ ଓଡ଼ିଶାରେ ବିଶେଷ ପ୍ରଚଳିତ। ପଥର କାରିଗର, କାଠ କାରିଗର, ଲୁହାକାରିଗର (କମାର), ଚିତ୍ର କାରିଗର, ମାଟି କାରିଗରମାନଙ୍କର ‘ମହାରଣା’ ସାଙ୍ଗିଆ ଅଛି। କେବଳ ‘ବଢ଼େଇ’ ଶବ୍ଦକୁ ରୂଢ଼ି କରାଯାଇଛି। ଆମେ ସୂଚନା ଦେଇଥିଲୁ- ପଥର କାରିଗର ଯେପରି ପଥରର ମନ୍ଦିର ନିର୍ମାଣ କରିଥିଲେ। ଆଜି ବି କରୁଛନ୍ତି, ସେହିପରି କାଠ କାରିଗର ବି ଓଡ଼ିଶାରେ କାଠର ମନ୍ଦିର ନିର୍ମାଣ କରିଛନ୍ତି। ଏହା ଏକ ବିରଳ ଘଟଣା। ଓଡ଼ିଶାରେ ତାହା ‘କାଠର କୋଣାର୍କ’ ଭାବରେ ପ୍ରସିଦ୍ଧ।

ଗଞ୍ଜାମ ଜିଲାର ପ୍ରାଚୀନ ଶ୍ରୀକରନଗର, ବର୍ତ୍ତମାନର ବୁଗୁଡ଼ାଠାରେ ଓଡ଼ିଆ ପୁଅ ଗଢ଼ିଥିଲା ନିହାଣ ମୁନରେ କାଠର କୋଣାର୍କ। ୪୮ଟି ପଥର ଖମ୍ବ ଉପରେ କାଠର ରଥ ସଦୃଶ ମନ୍ଦିର। ସାମ୍ନାରେ ‘ଭଦ୍ରମଣ୍ଡପ’। ଏକ ଚକ ବିଶିଷ୍ଟ ମନ୍ଦିରର ଅଗ୍ରଭାଗରେ ସାତୋଟି ଘୋଡ଼ା ରଥକୁ ଟାଣୁଥିବାର ଦୃଶ୍ୟ। କୋଣାର୍କରେ ଶ୍ରୀସୂର୍ଯ୍ୟନାରାୟଣ ପୂର୍ବାଭିମୁଖୀ, ବୁଗୁଡ଼ାରେ ଶ୍ରୀବିରଞ୍ଚିନାରାୟଣ ପଶ୍ଚିମାଭିମୁଖୀ। କୋଣାର୍କରେ ସୂର୍ଯ୍ୟଙ୍କର ଉଦୟକାଳୀନ କିରଣ ଯେପରି ପ୍ରଥମେ ସ୍ପର୍ଶ କରେ, ବୁଗୁଡ଼ାରେ ସୂର୍ଯ୍ୟାସ୍ତ ସମୟରେ ଅସ୍ତଗାମୀ ସୂର୍ଯ୍ୟଙ୍କର ରକ୍ତିମ ଆଭା ଶ୍ରୀବିରଞ୍ଚିନାରାୟଣଙ୍କୁ ସ୍ପର୍ଶ କରେ। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହେଉ କି ଦକ୍ଷିଣାୟନ ହେଉ, ତାଙ୍କର ଆଭା ସ୍ପର୍ଶ କରିବାରେ ବ୍ୟତିକ୍ରମ ନାହିଁ। ଆହାଃ... ଓଡ଼ିଆ କାଠଶିଳ୍ପୀଙ୍କର କି ଅନନ୍ୟ କଳାକୃତି!

କାଠର କୋଣାର୍କ ପ୍ରତି ମନେହୁଏ ନଜର ପଡ଼ିନି। ନ ହେଲେ ଲେଖିଥାନ୍ତେ ବାହାର ସାମ୍ରାଜ୍ୟର କାଠଶିଳ୍ପୀ ଆସି ଗଢ଼ିଛନ୍ତି। କାଠର କୋଣାର୍କ ମନ୍ଦିରର ଉତ୍ତର ପାର୍ଶ୍ୱରେ ପଟ୍ଟଚିତ୍ର ମହାରଣା(ଶିଳ୍ପୀ) ପ୍ରାୟ ତିନିଶହ ବର୍ଷ ତଳର ଆଙ୍କି ଦେଇଛନ୍ତି ଶ୍ରୀକ୍ଷେତ୍ରର ମାନଚିତ୍ର। ପଟ୍ଟଚିତ୍ର ଶୈଳୀରେ...।



ଗଞ୍ଜାମ ଜିଲା ବୁଗୁଡ଼ାସ୍ଥିତ ଶ୍ରୀବିରଞ୍ଚି ନାରାୟଣଙ୍କ କାଠର ମନ୍ଦିର କାନ୍ଥରେ ଥିବା ପ୍ରାଚୀନ ଶ୍ରୀକ୍ଷେତ୍ରର ମାନଚିତ୍ର। ପଟ୍ଟଚିତ୍ରର ଏହି ମାନଚିତ୍ର ଉତ୍ତରପାର୍ଶ୍ୱରେ ରହିଅଛି। **(ଫଟୋ: କାଳିଚରଣ ଦାଶ, ବୁଗୁଡ଼ା)**

ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। –ଶ୍ରୀମା



# ପାତ୍ର ଥିଲେ ସିନା

ବିହାର ବିଧାନସଭା ନିର୍ବାଚନ ଫଳ ଭାରତୀୟ ରାଜନୈତିକ ଇତିହାସ ପାଇଁ ଏକ ନୂଆ ପାଣ୍ଡୁଲିପି ଲେଖିଛି। ଦୁଇ ଦଶନ୍ଧି ଧରି ମୁଖ୍ୟମନ୍ତ୍ରୀ ରହିଥିବା ନୀତିଶ କୁମାର ଓ କ୍ଷମତା ରାଜନୀତିରେ ସହଯୋଗୀ ଭାଜପା ସରକାରୀ ବିରୋଧୀ ପବନର ସମ୍ମୁଖୀନ ହୋଇପାରନ୍ତି ବୋଲି ଭୋଟ ଗ୍ରହଣ ପୂର୍ବରୁ ଆଲୋଚନା ହେଉଥିଲା। ତେବେ ଏକ୍‌ଜିଟ ପୋଲ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ଅଧିକ ସିଟ୍ ମିଳିବ ବୋଲି ଆକଳନ କରିଥିବା ବେଳେ ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି), କଂଗ୍ରେସ ସହ ମିଶି ସୃଷ୍ଟି ହୋଇଥିବା ମହାଗଠବନ୍ଧନ ଦ୍ୱିତୀୟ ସ୍ଥାନରେ ରହିବ ବୋଲି ଅନୁମାନ ଲଗାଯାଇଥିଲା। ହେଲେ ୧୪ ନଭେମ୍ବରରେ ପ୍ରକାଶିତ ଫଳାଫଳ ଆଶଙ୍କା କିମ୍ବା ସମ୍ଭାବନା ଆଦି ସୀମା ଅତିକ୍ରମ କରି ଏନ୍‌ଡିଏକୁ ବିପୁଳ ବିଜୟ ଦେଇଦେଲା। ଫଳ ଦେଖି ଏନ୍‌ଡିଏ ନେତା ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ୨୪୩ ଆସନ ମଧ୍ୟରୁ ୨୦୨ ଆସନ ଜିତି ଏନ୍‌ଡିଏ ଯେଉଁ ଅପ୍ରତ୍ୟାଶିତ ବିଜୟ ହାସଲ କଲା ସେଥିରେ ଭାଜପା ୮୯ ଆସନ ପାଇ ଆଗରେ ଥିବା ବେଳେ ଜେଡିୟୁ ୮୫ ସିଟ୍ ଜିଣି ତା' ପାଖାପାଖି ରହିଲା। ଉଲ୍ଲେଖଯୋଗ୍ୟ ଯେ, ଉଭୟ ଦଳ ସମାନ ସଂଖ୍ୟକ ୧୦୧ ଆସନରେ ଲଢ଼ିଥିଲେ। ନିର୍ବାଚନ ଆରମ୍ଭ ବେଳୁ ନିଜକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିଥିବା ଆର୍‌ଜେଡିର ତେଜସ୍ୱୀ ଯାଦବ ଅତି କଷ୍ଟରେ ନିଜ ଆସନ ବଞ୍ଚାଇପାରିଥିବା ବେଳେ ଦଳ ପାଇଁ ମାତ୍ର ୨୫ ସିଟ୍ ଗୋଟାଇବାରେ ସକ୍ଷମ ହେଲେ। ସହଯୋଗୀ କଂଗ୍ରେସ ଭାଗରେ ପଡ଼ିଲା କେବଳ ୬। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିରୋଧୀମାନେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍), ଇଭିଏମ୍ ଜାଲିଆତି ଓ ସର୍ବୋପରି ନିର୍ବାଚନ କମିଶନଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଆଗକୁ ବିରୋଧୀ ଆହୁରି କେତେ ଅଭିଯୋଗ ଆଣିପାରନ୍ତି। କିନ୍ତୁ ସାଧାରଣରେ କୁହାଯାଇଥାଏ–ଯିଏ ଜିତିଲେ ସିଏ ସମ୍ରାଟ।

ହିନ୍ଦୀ ଭାଷୀ ଅଞ୍ଚଳ ବିଶେଷକରି ବିହାର ଓ ଉତ୍ତର ପ୍ରଦେଶର ଭୌଗୋଳିକ ସ୍ଥିତି, ଲୋକସଂଖ୍ୟା ଓ ସେମାନଙ୍କ ଚରିତ୍ର, ଜାତି ଓ ଧର୍ମକୁ ନେଇ ରାଜନୀତି ସର୍ବଦା ଭାରତୀୟ ଗଣତନ୍ତ୍ରକୁ ପ୍ରଭାବିତ କରିଥାଏ। ଗତ ଶତାବ୍ଦୀର ଶେଷ ଦଶକକୁ ଯଦି ଦେଖାଯାଏ ହିଂସା, ବୁଥ୍ ଜବରଦଖଲ ଆଦି ବିହାର ନିର୍ବାଚନ ସହ ଯୋଡ଼ି ହୋଇଥିଲା ଏବଂ ଅନେକ ସ୍ଥାନରେ ପୁନଃ ମତଦାନ ହେଉଥିଲା। ୨୦୦୫ରେ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ହେବା ପରେ ବିହାର ଅନେକ ପରିବର୍ତ୍ତନ ଦେଖିଲା। ୨୦୨୫ ବିହାର ବିଧାନସଭା ନିର୍ବାଚନ ଅନେକ ଦୃଷ୍ଟିରୁ ଗୁରୁତ୍ୱ ବହନ କରିଛି। କୌଣସି ସ୍ଥାନରେ ପୁନଃ ଭୋଟଗ୍ରହଣ ହୋଇ ନ ଥିବା ବେଳେ ହିଂସାକାଣ୍ଡ ବିଷୟରେ ଖବର ମିଳି ନାହିଁ। ଦୀର୍ଘ ଶାସନ କରିଥିବା ସତ୍ତ୍ୱେ ନୀତିଶ ବିରୋଧୀ ମତ ନ ବହିବା ଏବେ ବେଶି ଆଲୋଚନାର ବିଷୟବସ୍ତୁ ହୋଇଛି। ଏହାର ସମ୍ଭାବ୍ୟ ଉତ୍ତର ରଖାଯାଉଛି ଯେ, ମହାଗଠବନ୍ଧନ ବିହାରବାସୀଙ୍କ ମନକୁ ପଢ଼ିପାରିଲେ ନାହିଁ। ସାମାଜିକ, ଆର୍ଥିକ ଓ ରାଜ୍ୟର ଉନ୍ନତି ପ୍ରସଙ୍ଗ ବିରୋଧୀ ନ ଉଠାଇ ଜେଡିୟୁ, ଭାଜପାକୁ ଟାର୍ଗେଟ କରିବା ସହ ନିର୍ବାଚନ କମିଶନଙ୍କ ଉପରେ ଦୋଷ ଅଜାଡ଼ି ଚାଲିଲେ। ଗଣତନ୍ତ୍ରରେ ଦୋଷ ଲଦିବା ଅପେକ୍ଷା ଲୋକଙ୍କ ପାଇଁ ଦଳ କ'ଣ କରିପାରିବ ତାହା ସେମାନଙ୍କ ନିକଟରେ ପହଞ୍ଚାଇବାର ଥିଲା। କିନ୍ତୁ କମ୍ ଆଲୋଚନା ହେଉଥିବା ବିନ୍ଦୁଟି ହେଉଛି ବୃଦ୍ଧ ନୀତିଶଙ୍କ ବିକଳ୍ପ ଭାବେ ଯୁବ ତେଜସ୍ୱୀ ନିଜକୁ ପ୍ରତିପାଦିତ କରିବାରେ ଅସଫଳ ହେଉଛନ୍ତି। ଲୋକଙ୍କ ପାଖକୁ ଗଲା ବେଳେ ଗୋଟେ ଭଲ ପାତ୍ର ବା ଥାଳ ନେଇ ଯାଇଥିଲେ ଦାନ ପାଇପାରିଥାଆନ୍ତେ। ଏହି ପାତ୍ର ପ୍ରସ୍ତୁତ କରିବା ଲାଗି ଗୋଟେ ସକାରାତ୍ମକ ପରିବେଶ ସୃଷ୍ଟି କରି ନିଜର ବ୍ୟକ୍ତିତ୍ୱ ବିକଶିତ କରାଇପାରିଥିଲେ ଲୋକେ ସେହି ନେତାଙ୍କ ଗୁରୁତ୍ୱ ବୁଝିପାରିଥାଆନ୍ତେ। ଭାରତୀୟ ରାଜନୀତି ଦେଖିଛି ଗୋଟେ ବିକଳ୍ପ ସୃଷ୍ଟି ନ ହେବା ଯାଏ ନେତାମାନେ ଦୀର୍ଘ ବର୍ଷ ଧରି ଶାସନରେ ରହିଥାଆନ୍ତି। ନଚେତ୍ ନେତା ନେଉଥିବା କୌଣସି ପଦକ୍ଷେପ ସାଧାରଣରେ ସ୍ୱୀକାରଯୋଗ୍ୟ ହେବାରେ ଅସଫଳ ହେଲେ ଭୋଟର ମୁହଁ ମୋଡ଼ିବା ସ୍ୱାଭାବିକ। ଏହା ୨୦୨୪ ନିର୍ବାଚନରେ ଓଡ଼ିଶା ଭୋଟର ପ୍ରମାଣ କରିଦେଇଛନ୍ତି। ଓଡ଼ିଶାର ଉଦାହରଣରୁ ବୁଝିବାକୁ ହେବ ଯେ ସବୁବେଳେ ବିକଳ୍ପ ଖୋଜିବା ପାଇଁ ନାଗରିକ ଅପେକ୍ଷା କରି ବସନ୍ତି ନାହିଁ। ବିରକ୍ତ ହେଲେ ଯାହାକୁ ଇଚ୍ଛା ତାହାକୁ ଶାସନ ଗାଦିରେ ବସାଇଦେଇ ପାରୁଛନ୍ତି।

ଆଜିର ସ୍ଥିତିରେ କଂଗ୍ରେସର ରାହୁଲ ଗାନ୍ଧୀ ହୁଅନ୍ତୁ ବା ଆର୍‌ଜେଡିର ତେଜସ୍ୱୀ ଯାଦବ ଆତ୍ମସମୀକ୍ଷା କରିବା ଗୁରୁତ୍ୱ ଧାରଣ କଲାଣି। ଏକ ଜାତୀୟ ଦଳ ଭାବେ କଂଗ୍ରେସ ୬ଟି ଆସନ ପାଉଥିବାରୁ ସେଥିରୁ ରାହୁଲ ବୁଝିଯିବା ଦରକାର ଯେ, ଜନସାଧାରଣଙ୍କ ନିକଟରେ ତାଙ୍କର ଗ୍ରହଣୀୟତା ସମ୍ପୂର୍ଣ୍ଣ ଲୋପ ପାଇଲାଣି। ତେଣୁ ସେଭଳି ନେତା ନେତୃତ୍ୱ ନେବାରୁ ଓହରିଯିବା ଉଚିତ। ତେଲଙ୍ଗାନା, କର୍ନାଟକ କିମ୍ବା ହିମାଚଳ ପ୍ରଦେଶରେ କଂଗ୍ରେସ ଶାସନକୁ ଆସିବା ପଛରେ ସ୍ଥାନୀୟ ନେତାଙ୍କ କସରତ ଥିଲା। ତେଲଙ୍ଗାନାରେ ଏ. ରେଭନ୍ତ ରେଡ୍ଡୀ, କର୍ନାଟକରେ ଡି.କେ. ଶିବକୁମାର ଏବଂ ହିମାଚଳ ପ୍ରଦେଶରେ ସୁଖବିନ୍ଦର ସିଂ ସୁଖୁ ନିଜ ପ୍ରଚେଷ୍ଟାରେ କଂଗ୍ରେସକୁ ଜିତାଇ ପାରିଥିଲେ। ସେହି ବିଜୟ ସହ ରାହୁଲଙ୍କୁ ଆଦୌ ଯୋଡ଼ାଯିବା କଥା ନୁହେଁ। ବିହାର କଂଗ୍ରେସରେ ସେଭଳି ଆଞ୍ଚଳିକ ନେତାଙ୍କ ଅଭାବ ଆରମ୍ଭରୁ ଦିଶୁଥିଲା। ତେଣୁ ଯେତେବେଳେ ନେତାମାନେ ଜାଣୁଛନ୍ତି ଯେ ସେମାନଙ୍କ ଦ୍ୱାରା କିଛି ହୋଇପାରୁ ନାହିଁ, ନିଜଆଡୁ ସେମାନେ ମଇଦାନରୁ ଅପସରି ଯିବା କଥା। ଓଡ଼ିଶା କଥା ଦେଖିଲେ ଦିନେ ସର୍ବମାନ୍ୟ ନେତା ଭାବେ ନବୀନ ପଟ୍ଟନାୟକଙ୍କୁ ଦେଖାଯାଉଥିଲା। ଏବେ ବହୁ ଦିଗରୁ ତାଙ୍କ ବ୍ୟକ୍ତିତ୍ୱ ହ୍ରାସ ପାଇଥିବାରୁ ତାଙ୍କର ଗ୍ରହଣୀୟତା ସମ୍ପୂର୍ଣ୍ଣ ଭାବେ ଚାଲିଗଲାଣି ବୋଲି ନୂଆପଡ଼ା ଉପନିର୍ବାଚନରୁ ପ୍ରମାଣ ମିଳିଲା। ଏହା ସୁନିଶ୍ଚିତ ବିଷୟ ଯେ ଓଡ଼ିଶାରେ ଶୂନ୍ୟ ବିରୋଧୀ ସ୍ଥାନ ସୃଷ୍ଟି ହୋଇଛି। ସେହି ସ୍ଥାନକୁ ନବୀନ ପଟ୍ଟନାୟକ ପୂରଣ କରିବାର ଅକ୍ଷମତା ପ୍ରଦର୍ଶନ କରିସାରିଲେଣି। ତାଙ୍କ ପାଖରେ କୌଣସି ନୂଆ ମନ୍ତ୍ର ଦେଖିବାକୁ ବାକି ନାହିଁ ବୋଲି ନୂଆପଡ଼ା ଦେଖାଇ ଦେଲା। ଅନୁରୂପ ଭାବେ ଓଡ଼ିଶା କଂଗ୍ରେସରେ ମଧ୍ୟ ଡି.କେ. ଶିବକୁମାର କିମ୍ବା ରେଭନ୍ତ ରେଡ୍ଡୀଙ୍କ ଭଳି ଗ୍ରହଣୀୟ ନେତାଙ୍କ ଉପସ୍ଥିତି ନାହିଁ। ତେଣୁ ବିରୋଧୀ ସ୍ଥାନ ଏବେ ଖାଲି ପଡ଼ିଛି, ଯାହାକୁ କଂଗ୍ରେସ ଏକ ଜାତୀୟ ଦଳ ଭାବେ ପୂରଣ କରିପାରିବ ବୋଲି ବିଶ୍ୱାସ ହେଉନାହିଁ।

# ଆମେରିକାରେ ନୂତନ ତରଙ୍ଗ



ଜନାର୍ଦ୍ଦନ ପତି

ଯୁକ୍ତରାଷ୍ଟ୍ର ଆମେରିକାର କେବଳ ନୁହେଁ ସମଗ୍ର ବିଶ୍ୱର ପୁଞ୍ଜିର ରାଜଧାନୀ ହେଉଛି ନ୍ୟୁୟର୍କ। ସେଇଠି ରହିଛି ରାଷ୍ଟ୍ରସଂଘର ମୁଖ୍ୟ କାର୍ଯ୍ୟାଳୟ। ୱାର୍ଲଡଷ୍ଟ୍ରିଟର କେନ୍ଦ୍ର। ନ୍ୟୁୟର୍କ ଭିତରେ ବହି ଯାଉଥିବା ହଡସନ ନଦୀ ଭିତରେ ଥିବା ଟାପୁରେ ଷ୍ଟାଚ୍ୟୁ ଅଫ୍ ଲିବର୍ଟିର ବିଶାଳ ପ୍ରତିମୂର୍ତ୍ତି। ନ୍ୟୁୟର୍କ ସହରର ମ୍ୟୁନିସିପାଲିଟିର ବାର୍ଷିକ ବଜେଟ ୧୦ହଜାର କୋଟି ଡଲାର ବା ଆଠ ଲକ୍ଷ ଅଶୀ ହଜାର କୋଟି ଟଙ୍କା। ନ୍ୟୁୟର୍କର ଜିଡିପିର ପରିମାଣ ହେଉଛି ୨.୪୪ ଟ୍ରିଲିୟନ ଡଲାର। ଭାରତର ମୋଟ ଜିଡିପି ଅଧାରୁ ଅଧିକ ହେଉଛି ନ୍ୟୁୟର୍କ ସହରର ଜିଡିପି। ଯୁକ୍ତରାଷ୍ଟ୍ର ଆମେରିକାର ପଚାଶଟି ପ୍ରଦେଶ ମଧ୍ୟରୁ ଚାଳିଶଟିର ଲୋକସଂଖ୍ୟା ନ୍ୟୁୟର୍କ ସହରରୁ କମ୍। ଲୋକସଂଖ୍ୟା ପ୍ରାୟ ୮୫ଲକ୍ଷ। ନ୍ୟୁୟର୍କ ଚଳଣି ଖର୍ଚ୍ଚ ବହୁତ ବେଶି। ଘରଭଡ଼ା, ଟ୍ୟାକ୍ସିଭଡ଼ା, ଗ୍ରୋସରି ଦାମ୍ ଖୁବ୍ ଅଧିକ। ଗୋଟିଏ ପଟେ ଅତ୍ୟନ୍ତ ପ୍ରାଚୁର୍ଯ୍ୟ ଓ ଅପରପଟେ ସାଧାରଣ ଲୋକଙ୍କ ଜୀବନଯାପନ ଖୁବ୍ କଷ୍ଟସାଧ୍ୟ।

୪ ନଭେମ୍ବର ୨୦୨୫ରେ ନ୍ୟୁୟର୍କ ମ୍ୟୁନିସିପାଲ ମେୟର ପଦବୀ ପାଇଁ ନିର୍ବାଚନ ହୋଇଥିଲା। ନ୍ୟୁୟର୍କ ସହରର ଭୋଟଦାତାମାନେ ଡେମୋକ୍ରାଟିକ ଦଳକୁ ପ୍ରାୟତଃ ସମର୍ଥନ କରିଥାନ୍ତି। ଡେମୋକ୍ରାଟିକ ଦଳର ବର୍ତ୍ତମାନ ନ୍ୟୁୟର୍କ ମେୟର ଅଛନ୍ତି ଆଣ୍ଡ୍ରେୟୁ କ୍ୟୁମୋ। ତାଙ୍କର କାର୍ଯ୍ୟକାଳ ଜାନୁୟାରୀ ୨୦୨୬ରେ ଶେଷ ହେବ। ନଭେମ୍ବର ୪ ତାରିଖ ନିର୍ବାଚନ ପୂର୍ବରୁ ଡେମୋକ୍ରାଟିକ ଦଳର ମେୟର ପ୍ରାର୍ଥୀ କିଏ ହେବ, ସେଥିପାଇଁ ଦଳ ଭିତରେ ନିର୍ବାଚନ ହୋଇଥିଲା ଓ ଜୋହରାନ ମାମଦାନି ନିର୍ବାଚିତ ହୋଇଥିଲେ ପ୍ରାର୍ଥୀ ହେବା ପାଇଁ। ଆଣ୍ଡ୍ରେୟୁ କ୍ୟୁମୋଙ୍କ ପଛରେ ବହୁ ପୁଞ୍ଜିପତି ଠିଆ ହୋଇଥିଲେ। ମାତ୍ର ଆଣ୍ଡ୍ରେୟୁ ପରାସ୍ତ ହେଲେ ଓ ଡେମୋକ୍ରାଟିକ ଦଳ ପକ୍ଷରୁ ପ୍ରାର୍ଥୀ ହୋଇପାରିଲେ ନାହିଁ।

ଜୋହରାନଙ୍କ ପିତା ମହମ୍ମଦ ମାମଦାନି ଜଣେ ମହାରାଷ୍ଟ୍ରର ମୁସଲମାନ। ସେ ୧୯୪୬ରେ ବମ୍ବେରେ ଜନ୍ମଲାଭ କରିଥିଲେ। ଜଣେ ପ୍ରଫେସର। ଉଗାଣ୍ଡାର ଏକ ବିଶ୍ୱବିଦ୍ୟାଳୟର ସେ କୁଳପତି। ଜୋହରାନଙ୍କ ମା' ମୀରା ନାୟାର, ଓଡ଼ିଶା ରାଉରକେଲାରେ ୧୯୫୭ରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ଉଚ୍ଚଶିକ୍ଷିତା ଓ ଫିଲ୍ମ ନିର୍ମାତା। ଜୋହରାନଙ୍କ ମାତାପିତା ଉଗାଣ୍ଡା ଯାଇଥିଲେ ଓ ସେଠାରେ ଜୋହରାନ ଜନ୍ମ ହୋଇଥିଲେ। ତା'ପରବର୍ତ୍ତୀ କାଳରେ ସେମାନେ ଯୁକ୍ତରାଷ୍ଟ୍ର ଆମେରିକାକୁ ଯାଇ ସେଠାକାର ନାଗରିକତ୍ୱ ଗ୍ରହଣ କରିଥିଲେ।

ନ୍ୟୁୟର୍କ ସହରର ମେୟର ନିର୍ବାଚନ ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଛି। କାରଣ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ନିଜ ଦଳର ପ୍ରାର୍ଥୀଙ୍କ ପରିବର୍ତ୍ତେ ଡେମୋକ୍ରାଟିକ ଦଳର ସଦସ୍ୟ ଓ ସ୍ୱାଧୀନ ମେୟର ପ୍ରାର୍ଥୀ ଆଣ୍ଡ୍ରେୟୁ କ୍ୟୁମୋଙ୍କୁ ସମର୍ଥନ ଜଣାଇଥିଲେ। ଫଳରେ ଏହି ନିର୍ବାଚନ ବିତର୍କିତ ହୋଇ ଉଠିଲା।

ଜୋହରାନ ମମଦାନି ଡେମୋକ୍ରାଟିକ ଦଳର ସଦସ୍ୟ ଓ ଡେମୋକ୍ରାଟିକ ସୋସାଲିଷ୍ଟ



ଅଫ୍ ଆମେରିକା ଗ୍ରୁପର ମଧ୍ୟ ସଦସ୍ୟ। ଏହି ଡେମୋକ୍ରାଟିକ ସୋସାଲିଷ୍ଟ ଏକ ରାଜନୈତିକ ଦଳ ନୁହେଁ। ଏହା ଏକ ଆନ୍ଦୋଳନ। ମାମଦାନି ନିର୍ବାଚନ ପୂର୍ବରୁ ଘୋଷଣା କଲେ ଯେ, ସେ ଜଣେ ଡେମୋକ୍ରାଟିକ ସୋସାଲିଷ୍ଟ। ସେ ମଧ୍ୟ ନ୍ୟୁୟର୍କବାସୀଙ୍କ ପାଇଁ କେତୋଟି କାର୍ଯ୍ୟକ୍ରମ ଘୋଷଣା କଲେ। ୧–ନ୍ୟୁୟର୍କରେ ଘରଭଡ଼ା କମାଇବେ ଓ ଦୁଇଲକ୍ଷ ବାସଗୃହ ନିର୍ମାଣ କରି ଶସ୍ତାରେ ଘର ଯୋଗାଇବେ। ୨– ମ୍ୟୁନିସିପାଲିଟି ତରଫରୁ ଗ୍ରୋସରି ଦୋକାନ ଖୋଲାଯିବ ଓ ଶସ୍ତାରେ ସମସ୍ତଙ୍କୁ ଆବଶ୍ୟକ ଜିନିଷ ମିଳିବ। ୩– ବସ୍‌ରେ ଯାତାୟାତ ବିନାମୂଲ୍ୟରେ ଯୋଗାଇ ଦିଆଯିବ। ୪– ମହିଳା ଶ୍ରମିକଙ୍କ ଶିଶୁମାନଙ୍କ ସମେତ ସମସ୍ତ ଶିଶୁଙ୍କର ଯତ୍ନ ନିଆଯିବ। ଜୋହରାନଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କେବଳ ନ୍ୟୁୟର୍କକୁ ନୁହେଁ, ସମଗ୍ର ଆମେରିକାକୁ ଦୋହଲାଇ ଦେଲା।

ଏହି ପଟଭୂମିରେ ଟ୍ରମ୍ପଙ୍କ ବୟାନବାଜି ଆରମ୍ଭ ହେଲା। ସେ ଘୋଷଣା କଲେ, ମାମଦାନି ଜଣେ କମ୍ୟୁନିଷ୍ଟ ପାଗଳ। ନ୍ୟୁୟର୍କବାସୀ କମ୍ୟୁନିଷ୍ଟଙ୍କୁ ସ୍ୱୀକାର କରିବେ ନାହିଁ। ସେ ନ୍ୟୁୟର୍କବାସୀଙ୍କୁ ଆହ୍ୱାନ ଦେଲେ, ଆପଣଙ୍କ ପାଖରେ ବିକଳ୍ପ ନାହିଁ। ତେଣୁ ସ୍ୱାଧୀନ ପ୍ରାର୍ଥୀ ଆଣ୍ଡ୍ରେୟୁ କ୍ୟୁମୋକୁ ସମର୍ଥନ କରନ୍ତୁ। ଆଉ ଯଦି ମାମଦାନି ନିର୍ବାଚିତ ହୁଅନ୍ତି, ତେବେ ସେ ନ୍ୟୁୟର୍କ ମ୍ୟୁନିସିପାଲିଟିକୁ ଅର୍ଥ ଦେବା ବନ୍ଦ କରିଦେବେ। ଜୋହରାନ ଏକ ଚକ୍ରବ୍ୟୂହକୁ ସାମ୍ନା କରିଥିଲେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଆମେରିକାର ବିଲିୟନ କୋଟି ଡଲାରର ମାଲିକ ମାଇକେଲ ବ୍ଲୁମ୍‌ବର୍ଗ, ଜିଓନିଷ୍ଟ କୋଟିପତି ବିଲ୍ ଆକ୍‌ମ୍ୟାନ, ଖବରକାଗଜ ନ୍ୟୁୟର୍କ ଟାଇମ୍‌ସ– ଏମାନେ ସମସ୍ତେ ନିଜର ସମସ୍ତ ଶକ୍ତି ଦେଇ ଜୋହରାନଙ୍କୁ ପରାସ୍ତ କରିବାକୁ ଲାଗି ପଡ଼ିଥିଲେ। ହେଲେ ତାଙ୍କୁ ଅଭିମନ୍ୟୁ ସ୍ଥାନରେ ରଖିପାରିଲେ ନାହିଁ ଆମେରିକାର ପୁଞ୍ଜିପତିମାନେ। ବାରମ୍ବାର ପ୍ରଚାର କରାଗଲା ଯେ ମାମଦାନି ଜଣେ ପକ୍କା କମ୍ୟୁନିଷ୍ଟ।

ଏହି ଅବସରରେ କମ୍ୟୁନିଷ୍ଟ ଇସ୍ତାହାରରେ ଲିପିବଦ୍ଧ ହୋଇଥିବା କେଇପଦ କଥା ଏଠାରେ ବର୍ଣ୍ଣନା କରିବା ଆବଶ୍ୟକ। ଇସ୍ତାହାରରେ ଲେଖାଯାଇଛି (୧୮୪୮)– ଆଜି ଏପରି କୌଣସି ବିରୋଧୀ ଦଳ ଅଛି ଯେ କି କ୍ଷମତାସୀନ ତାହାର ବିପକ୍ଷ ଦଳମାନଙ୍କ ଦ୍ୱାରା କମ୍ୟୁନିଷ୍ଟ ବୋଲି ନିନ୍ଦିତ ହୋଇନାହିଁ ? ଏପରି କୌଣସି ବିରୋଧୀ ଦଳ ଅଛି ଯେ କି ଅପେକ୍ଷାକୃତ ଅଧିକ ପ୍ରଗତିଶୀଳ ବିରୋଧୀ ଦଳକୁ ଏବଂ ନିଜର ପ୍ରତିକ୍ରିୟାଶୀଳ ଶତ୍ରୁମାନଙ୍କୁ ମଧ୍ୟ ଓଲଟି କମ୍ୟୁନିଷ୍ଟ ଆଖ୍ୟା ଦେଇ ନିନ୍ଦା କରିବାକୁ ଛାଡିନାହିଁ? ନ୍ୟୁୟର୍କ ମ୍ୟୁନିସିପାଲ ମେୟର ନିର୍ବାଚନରେ ଯାହାସବୁ ଘଟିଗଲା, ତାହା କ'ଣ ଇସ୍ତାହାରକୁ ଠିକ୍ ବୋଲି ପ୍ରତିପାଦନ କରିନାହିଁ?

ବାସ୍ତବରେ ମାମଦାନି ଜଣେ କମ୍ୟୁନିଷ୍ଟ ନ ଥିଲେ କି ସେ ମାର୍କ୍ସବାଦୀ ନୁହନ୍ତି। ସେ କହିଛନ୍ତି, ଦେଶବାସୀଙ୍କୁ ମୌଳିକ ସୁବିଧା ଦେବା ରାଷ୍ଟ୍ରର କର୍ତ୍ତବ୍ୟ। ଖାଦ୍ୟ, ବାସଗୃହ, ଚିକିତ୍ସା, ଶିକ୍ଷା ଆଦିକୁ ବ୍ୟବସାୟ କରି ପୁଞ୍ଜିପତିମାନେ ଅଜସ୍ର ଅର୍ଥ ଆୟ କରୁଛନ୍ତି। ମଣିଷର ବଞ୍ଚିବା ପାଇଁ ଯେଉଁ ମୌଳିକ ଜିନିଷ ଦରକାର, ସେ ସବୁକୁ ଶସ୍ତାରେ ଯୋଗାଇବାକୁ ରାଷ୍ଟ୍ରକୁ ଦାୟିତ୍ୱ ନେବାକୁ ହେବ।

ନଭେମ୍ବର ୪ ନିର୍ବାଚନରେ ମାମଦାନି ବିଜୟୀ ହୋଇ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। 'ସମାଜବାଦ' ଏକ ଅଛୁଆଁ ରାଜନୀତି ହୋଇ ରହିନାହିଁ ନ୍ୟୁୟର୍କର ନାଗରିକଙ୍କ ପାଇଁ। ମମଦାନି ସ୍ପଷ୍ଟ ଭାବରେ ପାଲେଷ୍ଟାଇନ ରାଷ୍ଟ୍ର ପାଇଁ ଦାବି କରିଛନ୍ତି ଓ 'ଗାଜା' ନରସଂହାର ମୁଖ୍ୟ ଅପରାଧୀ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କୁ ଗିରଫ କରାଯିବ ବୋଲି ସେ ଘୋଷଣା କରିଛନ୍ତି।

ମାମଦାନିଙ୍କ ନାଗରିକତ୍ୱକୁ ଲୋପ କରିଦେବା ପାଇଁ ରିପବ୍ଲିକାନ ପାର୍ଟି ପକ୍ଷରୁ ଜୋରସୋରରେ ଉଦ୍ୟମ ଆରମ୍ଭ ହୋଇଛି। ମାମଦାନି ୧୯୯୮ରେ ଉଗାଣ୍ଡାରୁ ଆମେରିକାକୁ ଆସିଥିଲେ। ସେତେବେଳେ ତାଙ୍କର ବୟସ ହୋଇଥିଲା ସାତବର୍ଷ। ୨୦୧୮ରେ ସେ ଯୁକ୍ତରାଷ୍ଟ୍ର ଆମେରିକାର ନାଗରିକତ୍ୱ ହାସଲ କରିଥିଲେ। ନ୍ୟୁୟର୍କ ମେୟର ଭାବେ ଶପଥ ନେବା ପୂର୍ବରୁ ତାଙ୍କୁ ଆମେରିକାରୁ ତଡିଦେବା ପାଇଁ ଉଦ୍ୟମ ବହୁ ପୂର୍ବରୁ ଆରମ୍ଭ ହୋଇଥିଲା। ମାତ୍ର ସେ ନିର୍ବାଚିତ ହେବା ପରେ ଏହି ଉଦ୍ୟମ ବି ଜୋରଦାର ଭାବେ ଚାଲିଛି।

ମାମଦାନିଙ୍କୁ ଇହୁଦୀ ବିରୋଧୀ ବୋଲି ଟ୍ରମ୍ପ ଦାବି କରିଥିଲେ। ମାତ୍ର ନ୍ୟୁୟର୍କର ଇହୁଦୀମାନଙ୍କର ଏକ ବଡ଼ ଅଂଶ ମମଦାନିଙ୍କ ସମର୍ଥନରେ ଥିଲେ। ମାମଦାନି ନିର୍ବାଚିତ ହେବା ପରେ ବିଜୟ ଉତ୍ସବରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୧୯୪୭ ଅଗଷ୍ଟ ୧୫ ମଧ୍ୟରାତ୍ର, ସ୍ୱାଧୀନତା ଦିବସର ବକ୍ତବ୍ୟକୁ ତୋଳି ଧରିଥିଲେ।

"A moment comes out but rarely in History, when we step out from the old to the new. When an age ends and the soul of a Nation find utterance. To night we step out from the old to the new."

ମାମଦାନି ଭାରତକୁ ଖୁବ୍ ସମ୍ମାନ କରନ୍ତି। ମାମଦାନିଙ୍କ ଡେମୋକ୍ରାଟିକ ସୋସାଲିଜମ୍ ସମଗ୍ର ଆମେରିକାରେ ଏକ ନୂଆ ତରଙ୍ଗ ସୃଷ୍ଟି କରିପାରିଛି।

ମୋ:୯୪୩୭୦୦୭୭୭୦

# ସାକ୍ଷରତାର ବ୍ୟାପକତା



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଆଜିକାଲିର ଯୁବପିଢ଼ି ପାଖରେ କେବଳ ଦସ୍ତଖତ ଦେବା, ଅକ୍ଷର ଶିଖିବା ବା ପଢ଼ିପାରିବା ସାକ୍ଷରତା ନୁହେଁ, ଏହା ସହ ହିସାବ କରିବା, ଅନ୍ୟାନ୍ୟ ବିଷୟରେ ଜ୍ଞାନ ଆହରଣ କରିବା, ଶିକ୍ଷାର ଉପଯୋଗ କରି ଉନ୍ନତ ଜୀବନଶୈଳୀଟିଏ ବଞ୍ଚିବା ହେଉଛି ଶିକ୍ଷା ଗ୍ରହଣର ପ୍ରକୃତ ଉଦ୍ଦେଶ୍ୟ। ଜୀବନରେ ଆସୁଥିବା ଅନେକ ସମସ୍ୟା ପ୍ରତି ସଚେତନ ରହିବା ସହ ଏହାର ସମାଧାନର ବାଟ ଖୋଜିପାରିଲେ ହିଁ ଶିକ୍ଷା ଗ୍ରହଣର ମୂଲ୍ୟ ଅଛି। ସାକ୍ଷରତା ଓ ସଚେତନତା ସବୁବେଳେ ପରସ୍ପର ଅନୁପୂରକ। ଏଣୁ ସାକ୍ଷରତା ଅଭିଯାନରେ ସାମିଲ ହେଉଥିବା ଶିଶୁ, ମହିଳା ଓ ବୃଦ୍ଧାବୃଦ୍ଧମାନେ ଏହା ହୃଦ୍‌ବୋଧ କରିବା ଉଚିତ ଯେ, ସେମାନେ ନାମକୁମାତ୍ର ସାକ୍ଷର ହେଉଛନ୍ତି ନା ପ୍ରକୃତରେ ସାକ୍ଷରତାର ସବୁ ଦିଗକୁ ଛୁଇଁପାରୁଛନ୍ତି!

ସାକ୍ଷରତା ହେଉଛି ଏକ ମାନବ ଅଧିକାର। ଜଣେ ଶିକ୍ଷିତ ହେଲେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାର କ୍ଷମତା ରଖେ। ଏହା କିଛି ଶବ୍ଦକୁ କହିବାର ବା ଲେଖିବାର ଦକ୍ଷତା ନୁହେଁ; ବରଂ ନିଜ ତଥା ସମାଜର ବିକାଶ ନିମନ୍ତେ ଜ୍ଞାନ ଆହରଣ କରିବାର ଏକ ପ୍ରକ୍ରିୟା କହିଲେ ଭୁଲ ହେବ ନାହିଁ। ଜଣେ ଶିକ୍ଷିତ ହେବା ଅର୍ଥ, ନିଜ ଭିତରେ ଲୁଚି ରହିଥିବା ସାମର୍ଥ୍ୟ, ଦକ୍ଷତାକୁ ପରିପ୍ରକାଶ କରିବା। ଶିକ୍ଷିତ ବ୍ୟକ୍ତିଟିଏ ସବୁବେଳେ ସଶକ୍ତ କାରଣ ଶିକ୍ଷା ହିଁ ସେଇ ଅସ୍ତ୍ର, ଯାହାଦ୍ୱାରା ସେ ନିଜର ଆତ୍ମସମ୍ମାନ ଓ ପରିଚୟକୁ ବଜାୟ ରଖିପାରେ। ଏହା କେବଳ ବ୍ୟକ୍ତିର କହିବା, ଲେଖିବାକୁ ମାର୍ଜିତ କରେ ନାହିଁ, ସମକାଳରେ ଚିନ୍ତନ, ବିଶ୍ଳେଷଣ, ନିଷ୍ପତ୍ତି ନେବା ଆଦି ଦିଗରେ ଉନ୍ନତ ପ୍ରଦର୍ଶନରେ ସହାୟକ ହୁଏ। ବିଶେଷକରି ମହିଳାମାନଙ୍କ କ୍ଷେତ୍ରରେ ସାକ୍ଷର ହେବା ଅତ୍ୟନ୍ତ ପ୍ରୟୋଜନୀୟ। କାରଣ ପ୍ରତିପରିବାରର ମଙ୍ଗ ସବୁବେଳେ ମହିଳାଟିଏ ହାତରେ ଥାଏ। ସେଥିପାଇଁ ତ କଥାରେ ଅଛି, "ପୁରୁଷଟିଏ ଶିକ୍ଷିତ ହେଲେ ଜଣେ ଶିକ୍ଷିତ ହେଲା ବୋଲି କୁହାଯାଏ, କିନ୍ତୁ ମହିଳାଟିଏ ଶିକ୍ଷିତ ହେଲେ ପୂରା ପିଢ଼ି ଶିକ୍ଷିତ ହୋଇଥାଏ। "ଲିଙ୍ଗ, ଜାତି, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଶିକ୍ଷିତ ହେବାର ଅଧିକାର ଆମ ସମ୍ବିଧାନରେ ରହିଛି। ସତ କହିବାକୁ ଗଲେ ଖୁସି ଓ ସଫଳ ଜୀବନ ବଞ୍ଚିବାର ପ୍ରଥମ ପାହାଚ ହେଉଛି ଶିକ୍ଷିତ ହେବା। କାରଣ ଶିକ୍ଷା ବିନା ଜଣେ ତା'ର ଦୈନନ୍ଦିନ ସମସ୍ୟାଗୁଡ଼ିକୁ ଠିକ୍ ଭାବରେ ବୁଝିପାରିବ ନାହିଁ କି ତା'ର ସମାଧାନ କରିପାରିବ ନାହିଁ। ଜୀବନରେ ଆସୁଥିବା ଅସଂଖ୍ୟ ସମସ୍ୟାର ଗୋଟିଏ ସମାଧାନ ହେଉଛି ଶିକ୍ଷା।

ନିରକ୍ଷରତା ଭୋଗୁଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରିବା, ସେମାନଙ୍କୁ ଶିକ୍ଷିତ କରିବାର ଦାୟିତ୍ୱ କେବଳ ସରକାରଙ୍କର ତା' ନୁହେଁ; ଶିକ୍ଷିତ ବ୍ୟକ୍ତିମାନେ ମଧ୍ୟ ଏହାର କର୍ଣ୍ଣଧାର ସାଜିପାରିବେ। ତେବେ ଏହାର ଶୁଭାରମ୍ଭ କରିବା ପାଇଁ ବେଶି ଦୂରକୁ ଯିବାକୁ



ହେବ ନାହିଁ। ଆମ ଘରେ କିମ୍ବା ଆଖପାଖରେ କାମ କରୁଥିବା ମହିଳା, ଶିଶୁ ବା ବୟସ୍କ ଲୋକ, ଯେଉଁମାନଙ୍କ ପାଖରେ କୌଣସି ଅନୁଷ୍ଠାନକୁ ଯାଇ ଶିକ୍ଷା ଗ୍ରହଣ କରିବାର ସୁଯୋଗ ନାହିଁ ଅଥବା ଅଭାବ, ଅସୁବିଧାର ସମ୍ମୁଖୀନ ହୋଇ ସେମାନେ ଶିକ୍ଷା ଗ୍ରହଣରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ଶିକ୍ଷିତ କରେଇବାର ଭାର ଆମ ଭଳି ଶିକ୍ଷିତ ଗୋଷ୍ଠୀ ନେବାର ଆବଶ୍ୟକତା ରହିଛି। ବୟସ ଏହା ପାଇଁ ପ୍ରତିବନ୍ଧକ ହୋଇ ନ ପାରେ, ଜଣେ ଇଚ୍ଛା କଲେ ଯେକୌଣସି ବୟସରେ ଶିକ୍ଷାଗ୍ରହଣ କରିପାରିବ।

ସମାଜ ତଥା ଜାତି ସମେତ ରାଜ୍ୟ ଓ ଦେଶର ପ୍ରଗତି ପାଇଁ ମହିଳାଙ୍କୁ ଶିକ୍ଷିତ କରିବା ଜରୁରୀ। ଏହାପରେ ମହିଳା ନିଜ ଅଧିକାର ବିଷୟରେ ସଚେତନ ହେବ, ନିଜର ଦକ୍ଷତା ଓ ଆବଶ୍ୟକତା ପାଇଁ ସ୍ୱର ଉତ୍ତୋଳନ କରିବ। ନିଜ ପ୍ରତି ହେଉଥିବା ଅତ୍ୟାଚାରକୁ ପ୍ରତିରୋଧ କରିବ, ଘରୋଇ ହିଂସା, ଶୋଷଣ ଓ ଅପରାଧ ଦାଉରୁ ସୁରକ୍ଷିତ ରଖିପାରିବ। ନିଜ ପରିବାର ଓ ପିଲାଙ୍କ ଭବିଷ୍ୟତ ମହିଳା ହାତରେ, ଯାହା ସେ ଶିକ୍ଷିତ ହେଲା ପରେ ଆହୁରି ଉନ୍ନତ ଭାବରେ ଗଢ଼ିପାରିବ। ନିଜେ ରୋଜଗାର କରି ଆତ୍ମନିର୍ଭରଶୀଳ ହେବା ସମ୍ଭବ କେବଳ ଶିକ୍ଷା ଯୋଗୁ। ସେ କୃଷି ହେଉ କି ଶିଳ୍ପ, ବ୍ୟବସାୟ, ଚାକିରି; ପ୍ରତିଟି କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିବାର ଦକ୍ଷତା ଶିକ୍ଷିତ ହେବା ପରେ ଆସେ। ପିଲାମାନେ ଅବାଟରେ ଯାଉଥିଲେ କିମ୍ବା କୌଣସି ଅସୁବିଧା ଭୋଗୁଥିଲେ ମହିଳାଟିଏ ହିଁ ତାକୁ ଠିକ୍ ରାସ୍ତା ଦେଖାଇଥାଏ।

ଶିକ୍ଷା ପାଇଁ ସୁଯୋଗ ଓ ସହଯୋଗର ଆବଶ୍ୟକତା ଅଛି। ଧରାଯାଉ ଜଣେ ଶିକ୍ଷିତ ହେବା ପାଇଁ ଇଚ୍ଛା କଲା ଏବଂ ତା' ପାଖରେ ସରକାରୀ ସୁବିଧା ଉପଲବ୍ଧ; ମାତ୍ର ଶିକ୍ଷାଗ୍ରହଣ ପାଇଁ ନିର୍ଦ୍ଧାରିତ ସ୍ଥାନ ଓ ସମୟ ଭିତରେ ସେ ପହଞ୍ଚି ପାରିଲା ନାହିଁ; ଏଥିରେ ବ୍ୟାଘାତ ସୃଷ୍ଟି କଲେ ତା'ର ପରିବାର କିମ୍ବା ତା'ର ସ୍ୱାମୀ କିମ୍ବା ତା'ର ଘରକାମ ବା ରୋଜଗାର ପନ୍ଥା ବା ଆଉ କିଛି। ସେହି ସମୟରେ ଶିକ୍ଷାଗ୍ରହଣ ପାଇଁ ଆଗ୍ରହୀ ବ୍ୟକ୍ତିକୁ ଉପଯୁକ୍ତ ପରିବେଶ ଓ ସ୍ୱାଧୀନତା ଲୋଡ଼ା ହୁଏ, ଯାହା ନ ମିଳିଲେ ସୁବିଧା, ସୁଯୋଗ ଥାଇ ସୁଦ୍ଧା ତାହା କାମରେ ଲାଗି ପାରେ ନାହିଁ। ପରସ୍ପର ବୁଝାମଣା ଏବଂ ସକାରାତ୍ମକ ମାନସିକତା ଥିଲେ ହିଁ ସଫଳତା ମିଳିପାରିବ, ଏଥିରେ ଦ୍ୱିମତ ନାହିଁ।

ନିକଟରେ ଆରମ୍ଭ ହୋଇଥିବା ସାକ୍ଷରତା ଅଭିଯାନଗୁଡ଼ିକରେ ପଢ଼ିବା, ଲେଖିବା ବ୍ୟତୀତ ହିସାବ କରିବା, ମୋବାଇଲ, ଲାପ୍‌ଟପ୍, କମ୍ପ୍ୟୁଟର ଭଳି ଯାନ୍ତ୍ରିକ ଉପକରଣ ବିଷୟରେ ଜ୍ଞାନ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା, ରୋଗ ଓ ଏହାର ନିରାକରଣ ପ୍ରତି ସଚେତନତା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହା ସହ ଲଢ଼ିବା ଏବଂ ଥଇଥାନ ବିଷୟରେ ଧାରଣା, ଜରୁରିକାଳୀନ ପରିସ୍ଥିତିରେ କ'ଣସବୁ କରଣୀୟ ସେ ବିଷୟରେ ଶିକ୍ଷା ଦିଆଯାଉଛି। ବାସ୍ତବରେ ଏହାହିଁ ବର୍ତ୍ତମାନ ସମୟର ଆବଶ୍ୟକତା। ପ୍ରକୃତ ସାକ୍ଷରତା ସେତେବେଳେ ସମ୍ଭବ ହେବ, ଯେବେ ବ୍ୟକ୍ତିର ଜୀବନଶୈଳୀରେ ପରିବର୍ତ୍ତନ ଆସିବ। ଯେଉଁଦିନ ଶିକ୍ଷାରୁ ବଞ୍ଚିତ ଗୋଷ୍ଠୀ କାହାର ଠକାମିର ଶିକାର ହେବେ ନାହିଁ, ନିଜେ ଉତ୍ପାଦନ କରୁଥିବା ବସ୍ତୁଗୁଡ଼ିକର ସଠିକ ମୂଲ୍ୟାୟନ କରି ରୋଜଗାର କରିବେ, ନିଜ ପିଲାଙ୍କ ଶିକ୍ଷା ଓ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ସୁବିଧା ପାଇବେ, ନିଜ ଅଧିକାର ବିଷୟରେ ସଚେତନ ହେବେ, ସେହିଦିନ ସାକ୍ଷରତାର ନୂତନ ସୂର୍ଯ୍ୟୋଦୟ ହେଲା ବୋଲି ଧରିନିଆଯିବ।

ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ସମାଜରେ ଲୋକଙ୍କୁ ରୋଜଗାରକ୍ଷମ କରିବାରେ ପଞ୍ଜାବର ଜଣେ ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ଅଧିକାରୀ ଉଦାହରଣ ସୃଷ୍ଟି କରିଛନ୍ତି। ପଞ୍ଜାବ ବନ ବିଭାଗରେ କାର୍ଯ୍ୟରତ ଏହି ଅଧିକାରୀ ଜଣକ ହେଉଛନ୍ତି ଧରମବୀର ଧୈରୁ। ସେ ଧର୍ ବ୍ଲକ୍‌ରେ ରେଶମକୀଟ ପାଳନର ପୁନରୁଦ୍ଧାର ପାଇଁ କାର୍ଯ୍ୟକ୍ରମ ଚଳାଇ ସଫଳ ହୋଇପାରିଛନ୍ତି। ଉଲ୍ଲେଖନୀୟ ଯେ, ଏହି ବ୍ଲକ୍‌ରେ ପୂର୍ବରୁ ରେଶମକୀଟ ପାଳନ କରାଯାଉଥିଲା ଏବଂ ସମୟକ୍ରମେ କୃଷକମାନେ ସେଥିରୁ ଦୂରେଇ ଯାଇଥିଲେ। ତେବେ ୨୦୨୨ରେ ପଠାନକୋର୍ଟ ଫରେଷ୍ଟ ଡିଭିଜନରେ ଡିଏଫ୍‌ଓ ଭାବେ ଧରମବୀର ଯୋଗଦେବା ପରେ ତାଙ୍କ ଉଦ୍ୟମରେ ଧର୍ ବ୍ଲକ୍‌ର କୃଷକମାନେ ରେଶମକୀଟ ପାଳନ କରି ରୋଜଗାରକ୍ଷମ ହୋଇପାରିଛନ୍ତି। ବ୍ଲକର ବିଭିନ୍ନ ଗାଁରେ ମୁଲବେରି ଗଛ ରୋପଣ କରାଯାଇ ରେଶମକୀଟ ପାଳନକୁ ବ୍ୟାପକ କରାଯାଇଛି। ବିଶେଷକରି ମହିଳାଙ୍କୁ ଏହି ଚାଷରେ ଜଡ଼ିତ କରାଯାଇଛି। କୀଟପାଳନ ସହିତ ରେଶମ କୋଷା ସଂଗ୍ରହ ଉପାୟ ସମ୍ପର୍କରେ କୃଷକଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୭ ନଭେମ୍ବର ୧୯୭୬

- ରାଜ୍ୟସଭାର ଇତିହାସରେ ପ୍ରଥମ ଥର ପାଇଁ ସୁବ୍ରମଣ୍ୟନ୍ ସ୍ୱାମୀଙ୍କୁ ରାଜ୍ୟସଭା ସଭ୍ୟପଦରୁ ବହିଷ୍କାର କରିଦିଆଯାଇଛି।
- ଜାତିସଂଘର ନିରାପତ୍ତା ପରିଷଦରେ ଭିଏତନାମ ଜାତିସଂଘର ସଭ୍ୟ ହେବା ସପକ୍ଷରେ ପ୍ରାୟ ସମସ୍ତ ସଭ୍ୟଙ୍କର ବିପୁଳ ସମର୍ଥନ ମିଳିଥିବା ସତ୍ତ୍ୱେ ଆମେରିକା ଏହା ବିରୁଦ୍ଧରେ ପୁଣି ଭିଟୋ ପ୍ରୟୋଗ କରିଛି।

## ଚିରନ୍ତନୀ

ଭୁବନ ତିନ୍ତିଲାଣି ପ୍ରଭାତ ଛନ୍ଦେ
ହରଷ ଉପୁଜାଏ ପବନ ମନ୍ଦେ
ଉଠ ଗୋ ଉଠ ପ୍ରିୟ ! ପୁଲକେ ମାଜି ହିଆ
ବଦନ ପଖାଳ ଗୋ ପରାଗ ଗନ୍ଧେ
ଭୁବନ ତିନ୍ତିଲାଣି ପ୍ରଭାତ ଛନ୍ଦେ ।

–(ପ୍ରଭାତ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | 9 | | | | |
| 9 | | | 1 | 5 | | | | |
| | | | | | 4 | | | |
| | 4 | 3 | 6 | | | | | 2 |
| | | 8 | | 7 | | 5 | | |
| | | 9 | 8 | | | | | 6 |
| 2 | | | | | | 1 | | |
| | 5 | | | | | 8 | | |
| 7 | | | | | 6 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 3 | 6 | 1 | 5 | 9 | 8 | 2 |
| 8 | 9 | 6 | 2 | 7 | 4 | 5 | 3 | 1 |
| 5 | 1 | 2 | 3 | 8 | 9 | 4 | 7 | 6 |
| 6 | 7 | 5 | 4 | 3 | 2 | 1 | 9 | 8 |
| 3 | 8 | 9 | 7 | 5 | 1 | 2 | 6 | 4 |
| 1 | 2 | 4 | 9 | 6 | 8 | 7 | 5 | 3 |
| 4 | 5 | 7 | 8 | 2 | 6 | 3 | 1 | 9 |
| 9 | 6 | 1 | 5 | 4 | 3 | 8 | 2 | 7 |
| 2 | 3 | 8 | 1 | 9 | 7 | 6 | 4 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମଦମୁକ୍ତ ହେଉ ଓଡ଼ିଶା

ମହାଶୟ,

ବର୍ତ୍ତମାନର ସରକାର ବିରୋଧୀ ଦଳରେ ଥିଲାବେଳେ କହିଥିଲେ କ୍ଷମତାକୁ ଆସିଲେ ଓଡ଼ିଶାକୁ ମଦମୁକ୍ତ କରିଦେବେ। ରାଜ୍ୟବାସୀ ଖୁସି ହୋଇ ବିପୁଳ ଭୋଟରେ ଜୟଯୁକ୍ତ କରାଇଥିଲେ। ମଦର ଅପକାରିତା ବିଷୟରେ ସମସ୍ତେ ଊଣାଅଧିକେ ଅବଗତ ଥିବେ। ମଦୁଆମାନେ ସ୍ୱାର୍ଜିତ ଅର୍ଥକୁ ମଦ ପାଣିରେ ଭସାଇ ଦେଉଛନ୍ତି। ପିଲାଛୁଆଙ୍କୁ ପେଟପୂରା ଖାଇବାକୁ ଦେଇ ପାରୁନାହାନ୍ତି। ମଦ ନିଶାରେ ମଦୁଆମାନେ ସ୍ତ୍ରୀ, ପିଲାଙ୍କୁ ବାଡ଼ିଆପିଟା କରୁଛନ୍ତି। ମଦନିଶାରେ କାମ ନ କରି ବିଛଣାରେ ଶୋଇ ରହୁଛନ୍ତି। ମଦ ପିଇ କେଉଁଠି ରାସ୍ତା ଉପରେ ତ କେଉଁଠି ନାଳନର୍ଦ୍ଦମାରେ ପଡୁଛନ୍ତି। ସେମାନେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଉଛନ୍ତି , ଅନ୍ୟକୁ ମାରୁଛନ୍ତି ଏବଂ ନିଜେ ମଧ୍ୟ ମରୁଛନ୍ତି। ମଦ ପିଇ ପିଇ ଲୋକେ ରୁଗ୍‌ଣ ହେବା ସହ ଆର୍ଥିକ ଦୁରବସ୍ଥା ମଧ୍ୟରେ ଜୀବନଯାପନ କରୁଛନ୍ତି। ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ସବୁବେଳେ ଲାଗିରହୁଛି। ଏପରିକି ଛାଡ଼ପତ୍ର ଦିଆନିଆ ହେଉଛି କିମ୍ବା କେହି କାହାରିକୁ ହତ୍ୟା ମଧ୍ୟ କରୁଛି। ତେଣୁ ସରକାର ରାଜସ୍ୱ ଉପରେ ଗୁରୁତ୍ୱ ଦେଇ ମଣିଷ ଜୀବନକୁ ହାହତାଶ ମଧ୍ୟକୁ ଠେଲି ନ ଦିଅନ୍ତୁ। ନିଜ କଥାକୁ ନିଜେ ରକ୍ଷା କରନ୍ତୁ।

–ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପୋଖରୀରେ ବୁଡ଼ି ୨ ମୃତ

ଢେଙ୍କାନାଳ,(ରତନ ନାୟକ): ପୃଥକ ପୃଥକ ଘଟଣାରେ ଢେଙ୍କାନାଳ ଜିଲା ସଦର ଥାନା ବଣସିଂହ ଓ ମହୁଲପଡ଼ା ଗ୍ରାମରେ ରବିବାର ପୋଖରୀରେ ବୁଡ଼ି ୨ ଜଣଙ୍କର ମୃତ୍ୟୁ ଘଟିଛି। ବଣସିଂହରେ ପୋଖରୀରେ ବୁଡ଼ି କାଠିଆ ମହାଳିକ(୬୦)ଙ୍କର ମୃତ୍ୟୁ ଘଟିଥିବା ବେଳେ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ମହୁଲପଡ଼ାରେ ପୋଖରୀରେ ବୁଡି ଅଜିତ ପରିଡ଼ା(୪୨)ଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବରପାଇ ସଦର ଥାନା ଓ ଗୋବିନ୍ଦପୁର ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଲକ୍ଷଣକୁ ପ୍ରାଥମିକତା ଦେବା

## ଆଜି ଜାତୀୟ ଅପସ୍ମାର ଦିବସ



ଅପସ୍ମାର ବା ଏପିଲେପ୍ସୀ ଏକ ପ୍ରକାର ମସ୍ତିଷ୍କ ରୋଗ। ଏହାକୁ ମୃଗୀ ରୋଗ ବୋଲି ମଧ୍ୟ କହନ୍ତି। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ସାଧାରଣତଃ ବାରମ୍ବାର ହଠାତ୍ ବାତ ମାରିଥାଏ। ରୋଗୀଠାରେ ମାଂସପେଶୀଗୁଡ଼ିକରେ ଘନଘନ ଆକସ୍ମିକ ସଂକୋଚନ ହେବା ସଙ୍ଗେ ସଙ୍ଗେ ସେ ମୂର୍ଚ୍ଛା ଯାଇପାରେ। ମସ୍ତିଷ୍କସ୍ଥ ସ୍ନାୟୁକୋଷର କାର୍ଯ୍ୟଧାରାରେ ବିଘ୍ନ ତଥା ବିଶୃଙ୍ଖଳା ସୃଷ୍ଟି ହିଁ ଏଭଳି ଲକ୍ଷଣ ପ୍ରକାଶ ପାଇବାର କାରଣ। ରୋଗୀ ଓ ଜନସାଧାରଣଙ୍କଠାରେ ଏପିଲେପ୍ସୀ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରତିବର୍ଷ ନଭେମ୍ବର ୧୭ରେ ପାଳିତ ହୋଇଥାଏ 'ଜାତୀୟ ଅପସ୍ମାର ଦିବସ' ବା 'ଜାତୀୟ ଏପିଲେପ୍ସି ଡେ'। ଅଧାଅଧି ରୋଗୀଙ୍କ କ୍ଷେତ୍ରରେ ରୋଗର କୌଣସି କାରଣ ଠଉରେଇ ହୁଏ ନାହିଁ। ଅବଶିଷ୍ଟ କ୍ଷେତ୍ରରେ ମସ୍ତିଷ୍କର କୋମଳ ବିଦ୍ୟୁତ୍ ରାସାୟନିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼େ। ଯେପରିକି ମୁଣ୍ଡରେ ଜୋର୍‌ରେ ମାଡ଼ ବାଜିଲେ, ଶିଶୁ ଜନ୍ମ ସମୟରେ ତା' ପାଇଁ ଅମ୍ଳଜାନର ଅଭାବ ହେଲେ, ମସ୍ତିଷ୍କରେ ପ୍ରଦାହ ହେଲେ କି ମସ୍ତିଷ୍କରେ ଅର୍ବୁଦ ବା ଟ୍ୟୁମର୍ ହୋଇଥିଲେ ଏପିଲେପ୍ସିର ଲକ୍ଷଣମାନ ପ୍ରକାଶ ପାଇଥାଏ। ଏପିଲେପ୍ସିର ମଧ୍ୟ ରହିଛି ବଂଶଗତ ପ୍ରଭାବ। ଏପିଲେପ୍ସି ରହିଥିବା ଦୁଇଟି ପରିବାର ବିବାହ ସମ୍ପର୍କରେ ଜଡ଼ିତ ହୋଇପଡ଼ିଲେ ସନ୍ତାନମାନଙ୍କୁ ଏପିଲେପ୍ସି ହେବାର ଆଶଙ୍କା ଅଧିକ। ତେବେ ଯେକୌଣସି ବ୍ୟକ୍ତି ଜୀବନରେ ଯେକୌଣସି ସମୟରେ ଏହି ରୋଗର ଶିକାର ହୋଇପାରନ୍ତି।

ବାତ ମାରିବା ଆରମ୍ଭ ହେବା ପୂର୍ବରୁ ଯେଉଁସବୁ ସୂଚନା ପ୍ରକାଶ ପାଇପାରେ, ତାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହନ୍ତି। ଏହି ରୋଗ ନିର୍ଣ୍ଣୟ ପାଇଁ ଇଲେକ୍ଟ୍ରୋଏନ୍‌ସେଫାଲୋଗ୍ରାଫି ବା ଇ.ଇ.ଜି, ଭିଡିଓ ଇଇଜି, ମୁଣ୍ଡରେ ଏକ୍ସ-ରେ। ମସ୍ତିଷ୍କରେ ସି.ଟି. ସ୍କାନ୍, ଏମ୍.ଆର୍.ଆଇ ସ୍କାନ୍, ପି.ଇ.ଟି. ସ୍କାନ୍, ରେଡିଓ ଆଇସୋଟୋପ୍ ସ୍କାନିଂ ଏବଂ ମ୍ୟାଗ୍ନେଟୋଏନ୍‌ସେଫାଲୋଗ୍ରାଫି ଆଦି ପରୀକ୍ଷା କରାଯାଇଥାଏ। ଏପିଲେପ୍ସିର ପ୍ରକାର ବିବିଧ। ଏହାର ଚିକିତ୍ସା ପାଇଁ ଏକାଧିକ ଔଷଧ ଉପଲବ୍ଧ। ତେଣୁ ସ୍ନାୟୁରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ଚିକିତ୍ସିତ ହେବା ବିଜ୍ଞତାର କାର୍ଯ୍ୟ। ଚିକିତ୍ସା କରିବା ନିମନ୍ତେ ବିଶେଷଜ୍ଞ ଡାକ୍ତର ରୋଗୀର ବୟସ, ଲିଙ୍ଗ, ବୃତ୍ତି, ଆନୁଷଙ୍ଗିକ ବ୍ୟାଧି ଓ ଲକ୍ଷଣଗୁଡ଼ିକ ବିଚାରକୁ ନେଇଥାନ୍ତି। ଔଷଧ ଚାଲୁ ରଖିବା କି ବନ୍ଦ କରିଦେବା ନିଷ୍ପତ୍ତି ଗ୍ରହଣ କରିଥାନ୍ତି। ପିଲାବେଳେ ବାତ ମାରିବା ଲକ୍ଷଣ ପ୍ରକାଶ ପାଇଥିଲେ, ବୟସ ବଢ଼ିବା ସଙ୍ଗେ ସଙ୍ଗେ ବାତ ମାରିବା ଧୀରେ ଧୀରେ କମି କମି ପୂରାପୂରି ବନ୍ଦ ହୋଇଯିବା କିଛି ଅସମ୍ଭବ ନୁହେଁ। ତେବେ ନିୟମିତ ଚିକିତ୍ସା ସତ୍ତ୍ୱେ ଅନ୍ତତଃ ଏକ ଚତୁର୍ଥାଂଶ ରୋଗୀଙ୍କ କ୍ଷେତ୍ରରେ ଯେତେ ଯାହା ଔଷଧ ଦେଲେ ବି ଚିକିତ୍ସା ବିଶେଷ ଫଳବତୀ ହୋଇ ନଥାଏ। ସୀମିତ କ୍ଷେତ୍ରରେ ଅପରେଶନ୍ ଚିକିତ୍ସାର ମଧ୍ୟ ସାହାଯ୍ୟ ନିଆଯାଇପାରେ।

**- ଡା. ନିତ୍ୟାନନ୍ଦ ସ୍ୱାଇଁ,** ଅଭୀପ୍ସା, ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡାନାସୀ, କଟକ-୧୪

# ରାଜନୀତି ଲକ୍ଷ୍ୟ ହାସଲର ମାଧ୍ୟମ ହେଉ: ପ୍ରଫେସର ମାଛୁ

## ପ୍ରଫେସର ବିଷ୍ଣୁ ଚରଣ ରାଉତଙ୍କ ଚତୁର୍ଥ ସ୍ମାରକୀ ବକ୍ତୃତା

ଭୁବନେଶ୍ୱର,୧୬।୧୧ (ରବିନାରାୟଣ ଜେନା)



ମାନସିକତା ଓ ନୈତିକତା ଆମର ପ୍ରମୁଖ ଶକ୍ତି। ଏହାକୁ ଠିକଣା ଭାବେ ବୁଝିବାକୁ ହେବ। ରାଜନୀତିକୁ କ୍ଷମତା ଲଢ଼େଇ ପାଇଁ ନୁହେଁ, ଲକ୍ଷ୍ୟ ହାସଲର ମାଧ୍ୟମ ଭାବେ ବ୍ୟବହାର କରାଯିବା ଉଚିତ ବୋଲି ନୂଆଦିଲ୍ଲୀସ୍ଥିତ ଜେଏନ୍‌ୟୁର ସ୍କୁଲ ଅଫ୍ ଇଣ୍ଟରନ୍ୟାଶନାଲ ଷ୍ଟଡିଜ୍‌ର ଡିନ୍ ପ୍ରଫେସର ଅମିତାଭ ମାଛୁ କହିଛନ୍ତି।

ରବିବାର ଗୀତଗୋବିନ୍ଦ ସଦନରେ ପ୍ରଫେସର ବିଷ୍ଣୁ ଚରଣ ରାଉତଙ୍କ ଚତୁର୍ଥ ସ୍ମାରକୀରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାଛୁ କହିଥିଲେ ଯେ, ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ। ବିକଶିତ ଭାରତ ଗଠନ ଲାଗି ଆମ ଭିତରେ ଥିବା ମାନସିକତା ଏବଂ ନୈତିକ ମୂଲ୍ୟବୋଧ ଶକ୍ତିକୁ ବିକଶିତ କରିବାକୁ ପଡ଼ିବ। ଭାରତ ହେଉଛି ବେଦ ଓ ଉପନିଷଦର ଦେଶ। ଏଠାରେ ଶିଖିବା ପାଇଁ ବହୁତ କିଛି ରହିଛି। ଏହାର ସଦ୍‌ବ୍ୟବହାର ହୋଇପାରିଲେ ୨୦୪୭ ବେଳକୁ ଭାରତ ବିଶ୍ୱର ଗୁରୁ ପାଲଟିବ। ସେ କହିଥିଲେ, ଯେତେବେଳେ ଆମେ ନିଜକୁ ଜାଣିପାରିବା ସେତେବେଳେ ଆମକୁ କେହି ପରାସ୍ତ କରିପାରିବେ ନାହିଁ। ତେବେ ପ୍ରଫେସର ବି.ସି. ରାଉତ ଥିଲେ ଜଣେ ଆଧୁନିକ ଚିନ୍ତାନାୟକ। ଓଡ଼ିଶା ରାଜନୀତି ପ୍ରତି ତାଙ୍କର ଯେଉଁ ଅବଦାନ ରହିଛି ତାହା ଅତୁଳନୀୟ।

କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଯୋଗଦେଇ ପ୍ରଫେସର ରାଉତଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମିର ପୂର୍ବତନ ସଚିବ ଜୟନ୍ତୀ ରଥ, ସ୍ତମ୍ଭକାର ଅଭିରାମ ବିଶ୍ୱାଳ ଓ ଦେବବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଜେବି କଲେଜର ଚଳିତବର୍ଷର ରାଜନୀତି ବିଜ୍ଞାନ ବିଭାଗ ଟପ୍ପର୍ ଛାତ୍ରୀ ରୀତି ବାରିକ୍ଙ୍କୁ ଚତୁର୍ଥ ପ୍ରଫେସର ବିସି ରାଉତ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଭୀପ୍ସା ସିଂହ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଏବଂ ସନ୍ଦୀପନ ରାଉତ ଧନ୍ୟବାଦ ଦେଇଥିଲେ।

# ଟ୍ରକ୍ ଧକ୍କାରେ ୩ ବାଇକ୍ ଆରୋହୀ ମୃତ

ପରଜଙ୍ଗ,୧୬।୧୧(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ୧୪୯ ନଂ. ଜାତୀୟ ରାଜପଥର କୁଲେଇ ଗ୍ରାମ ନିକଟସ୍ଥ ଜିଏମ୍ ଆଣ୍ଡ ଆଇରନ ଷ୍ଟିଲ ପ୍ଲାଣ୍ଟଠାରୁ ୫୦୦ ମିଟର ଦୂରରେ ଶନିବାର ରାତି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ଖାଲପାଳ ଗ୍ରାମର ବାଇକ୍ ଚାଳକ ଟୁଟୁ ମଲ୍ଲିକ, ଦଦରାଘାଟି ଫାଣ୍ଡି କୁଲେଇ ଗ୍ରାମର ସନ୍ତୋଷ ମଲ୍ଲିକ ଓ ମହାବିରୋଡ ଥାନା କନ୍ଦୁମୁଣ୍ଡା ଗ୍ରାମର ଗୋପବନ୍ଧୁ ନାଏକ। ଉକ୍ତ ୩ ଜଣ ଟୁଟୁଙ୍କ ବାଇକ୍‌ରେ କୁଲେଇ ଗ୍ରାମରୁ ଖାଲପାଳ ଗ୍ରାମକୁ ଫେରୁଥିବାବେଳେ ପାଲଲହଡା ଆଡ଼କୁ ଯାଉଥିବା ଏକ ଅଜଣା ଟ୍ରକ ଧକ୍କାଦେଇଥିଲା। ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ଗୁଡ଼ିକ ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ଘଟଣା ସମ୍ପର୍କରେ ମୃତ ଟୁଟୁଙ୍କ ବଡ଼ ଭାଇ ସୁଧାକର ମଲ୍ଲିକ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପରଜଙ୍ଗ ପୋଲିସ କେସ୍ ନଂ. ୫୪୦/୨୫ ରେ ଏକ ମାମଲା ରୁଜୁ କରି ମୃତଦେହ ଗୁଡ଼ିକୁ ରବିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦଦରା ଘଟି ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରା ମୃତଦେହ ଗୁଡିକ ଉଦ୍ଧାର କରିବା ସହ ଅଧିକ ତଦନ୍ତ ଜାରି ରଖିଛନ୍ତି। ରେଡକ୍ରସ୍ ପାଣ୍ଠିରୁ ସହାୟତା କରାଯିବାକୁ ପରିବାର ଲୋକେ ନିବେଦନ କରିଛନ୍ତି।

# ବିଜେଡି ଆତ୍ମସମୀକ୍ଷା ନ କରି ମିଛ ଆରୋପ ଲଗାଉଛି: ଭାଜପା

ଭୁବନେଶ୍ୱର,୧୬।୧୧(ରବିନାରାୟଣ ଜେନା)

ନୂଆପଡ଼ାରେ ଭାଜପାର ବିପୁଳ ବିଜୟକୁ ନେଇ ବିଜୁ ଜନତା ଦଳ(ବିଜେଡି) ମିଥ୍ୟା ଆରୋପ ଲଗାଉଛି ବୋଲି ରାଜ୍ୟ ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି। ବିଜେଡିର ଲୋକପ୍ରିୟତା ଦିନକୁ ଦିନ କମିବାରେ ଲାଗିଛି। ଏଥିନେଇ ଆତ୍ମସମୀକ୍ଷା ନ କରି ସାମ୍ବିଧାନିକ ସଂସ୍ଥା ଉପରେ ପ୍ରଶ୍ନ ଉଠାଉଛି। ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ବିଶ୍ୱାଳ କହିଛନ୍ତି। ସେହିପରି ରାଜ୍ୟ ଭାଜପା ମିଡିଆ ସଂଯୋଜକ ସୁଜିତ କୁମାର ଦାସ କହିଛନ୍ତି, ନୂଆପଡ଼ାରେ ଭାଜପାର ବିଜୟ ପଛରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାର ପ୍ରତିଫଳନ ଓ ସଙ୍ଗଠନ କର୍ମକର୍ତ୍ତାଙ୍କ କଠିନ ପରିଶ୍ରମର ଫଳ ରହିଛି। ରବିବାର ବିଜେଡିର ଖବରଦାତା ସମ୍ମିଳନୀକୁ ନେଇ ସୁଜିତ କହିଛନ୍ତି, ବିଜେଡି ସରକାର ଗତ ୨୪ବର୍ଷରେ କ'ଣ ସବୁ ଲୋକଙ୍କ ପାଇଁ କରିଛି ତାହା ଉପରେ ମତ ନ ରଖି ଭାଜପା ଓ ସରକାରୀ କଳକୁ ଦାୟୀ କରୁଛି। ଏହାକୁ ନୂଆପଡ଼ାବାସୀ ଗ୍ରହଣ କଲେ ନାହିଁ ବୋଲି ସୁଜିତ କହିଛନ୍ତି।


**Odisha Lift Irrigation Corporatiom Ltd.**
(A Govt. of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, BARGARH**
E-Procurement Notice - EE/OLIC/BGH-04/2025-26
E-mail : eeolicbgh@gmail.com, Ph : 06646-246126

No.CAD-2317 **No.2305/Dated : 12.11.2025**

1. Name of the tender Inviting Officer : Executive Engineer, L.I. Division, Bargarh
2. Name of the work : Reinforcement of 02 nos. Package (03 Nos. CLIPS) in different Block of Bargarh District under State Plan Grant 2024-25
3. No. of Packages : 02 Nos.
4. Tender Amount : Varies from 15.97 Lakhs to 25.79 Lakhs.
5. Date and time of availability of bid documents in the portal for on line bidding **from 10.00 hrs dated 19.11.2025 to 17.00 hrs dated 28.11.2025.**
6. Last date and time of receipt of bids in the portal up to **17.00 hrs. Dated-28.11.2025.**
7. Last date and time of clarification up to **17.00 hrs Dated-27.11.2025.**
8. Date of opening of bid at **11.00 hrs. Dated-29.11.2025.**
9. Further details can be seen from the e-procurement portal of Govt. of Odisha i.e. **www.tendersorissa.gov.in**
10. Subsequent corrigendum/addendum/cancellation of tender if required shall be available in the above portal.

OIPR-

Sd./- Executive Engineer
L.I. Division, Bargarh



## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No.RDM-LAA-MBJ-0024-2024-22182/ R&DM,** **Dated: 19 JUN 2025**

No.XXI-17: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାଉତରା ସବ୍ ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: **ରାଉତରା**, ଥାନା: ବେତନଟୀ ନଂ. ୧୧୪, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧୦.୬୪ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ** - ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାଉତରା ସବ୍ ମାଇନର ନିର୍ମାଣ ନିମନ୍ତେ ।
୨. **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ** - ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ରାଉତରା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୨୭.୧୯ | ଏ. ୧୦.୬୪ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.୨, ବହଳଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- (ସୁରଞ୍ଜନ ପ୍ରଧାନ)**
**ଅତିରିକ୍ତ ଶାସନ ସଚିବ**

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା: ୪୩/ ୨୦୨୨
ଏ.୧୦.୬୪ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ରାଉତରା ସବ୍-ମାଇନର ନିମନ୍ତେ ମୌଜା-ରାଉତରା, ଥାନା-ବେତନଟୀ ନଂ-୧୧୪, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜ**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୯୮୨ | ଶାରଦ ଦୁଇ | ୦.୨୩ | ୦.୧୧ | ଅନନ୍ତ ଦାସ, କର୍ମୁ ଦାସ, ହାଡିବନ୍ଧୁ ଦାସ, ପି. କାହ୍ନୁ ଦାସ, ଜା:ମୋଚି, ବା:ନିଜଗାଁ |
| | ୭୬ | ଶାରଦ ଦୁଇ | ୦.୧୫ | ୦.୧୧ | |
| | ୬୩୦ | ଶାରଦ ତିନି | ୦.୧୬ | ୦.୦୮ | |
| ୪ | ୬୩୮ | ଶାରଦ ତିନି | ୦.୧୨ | ୦.୧୨ | ଅନୁକୁଳ ମହାନ୍ତ, ଶ୍ରୀହରି ମହାନ୍ତ, ପି:ଦ୍ୱାରି ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| ୭ | ୯୮୪ | ଶାରଦ ଦୁଇ | ୦.୧୫ | ୦.୦୨ | ଆରତୀ ମହାନ୍ତ, ପି:ଭାଗବତ ମହାନ୍ତ, ନୀର ମହାନ୍ତ, ସ୍ୱା:ଭାଗବତ ମହାନ୍ତ, ଜା:କନ୍ଧଶବର, ବା:ନିଜଗାଁ |
| ୮ | ୭୩ | ଶାରଦ ଦୁଇ | ୦.୨୩ | ୦.୧୫ | ଆରତୀ ମହାନ୍ତ, ପି:ଭାଗବତ ମହାନ୍ତ, ନୀର ମହାନ୍ତ, ସ୍ୱା:ଭାଗବତ ମହାନ୍ତ, ନବୀନ ମହାନ୍ତ, ପି:ଲାଲମୋହନ ମହାନ୍ତ, ଜା:କୁଡୁମି,ବା:ନିଜଗାଁ |
| ୧୨ | ୯୬୩ | ଶାରଦ ଦୁଇ | ୦.୧୬ | ୦.୧୦ | ଉଦୟ ନାଥ ମହାନ୍ତ, ପି:ସାନ ଚୈତନ୍ୟ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୮ | ୮୯୨/୧୧୭୨ | ଶାରଦ ତିନି | ୦.୧୦ | ୦.୦୫ | କର୍ମୁ ମହାନ୍ତ, ପି:ଗଙ୍ଗା ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୮୯୨/୧୧୭୩ | ଶାରଦ ତିନି | ୦.୪୩ | ୦.୨୨ | |
| ୨୨ | ୬୮୭ | ଶାରଦ ଦୁଇ | ୦.୦୬ | ୦.୦୬ | କାଳିଆ ମାଝୀ, ପି:ନିମାଇ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୬୮୪ | ଶାରଦ ତିନି | ୦.୧୩ | ୦.୧୩ | |
| ୨୭ | ୭୪ | ଶାରଦ ଦୁଇ | ୦.୧୭ | ୦.୦୮ | ଗଣେଶ୍ୱର ମହାନ୍ତ, ବିନୋଦ ମହାନ୍ତ, ପି:କନ୍ଦର୍ପ ମହାନ୍ତ, ଚଞ୍ଚଳା ମହାନ୍ତ, ସ୍ୱା: ଲାଲ ମୋହନ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| ୨୯ | ୬୯୩ | ଶାରଦ ଦୁଇ | ୦.୦୪ | ୦.୦୪ | ଗଣେଶ ମହାନ୍ତ, ରମେଶ ମହାନ୍ତ, ଶଶଧର ମହାନ୍ତ, ସର୍ବେଶ୍ୱର ମହାନ୍ତ, ରଣ୍ଡି ମହାନ୍ତ, ପି:ଚନ୍ଦ୍ରମୋହନ ମହାନ୍ତ, ସୁରା ମହାନ୍ତ, ସ୍ୱା: ଚନ୍ଦ୍ରମୋହନ ମହାନ୍ତ, ହର ମୋହନ ମହାନ୍ତ, ଗୋକୁଳ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ପି:ମଧୁ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୭୬୬ | ଶାରଦ ଦୁଇ | ୦.୭୨ | ୦.୦୫ | |
| ୩୦ | ୮୫୪ | ଶାରଦ ତିନି | ୦.୬୮ | ୦.୩୨ | ଗଦାଧର ମହାନ୍ତ, ପି:ପ୍ରାଣକୃଷ୍ଣ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୩୧ | ୭୬୯ | ଶାରଦ ଦୁଇ | ୦.୨୨ | ୦.୧୪ | ଗହ୍ଲା ମହାନ୍ତ, ଗୌର ମହାନ୍ତ, ପି:ସହରାଇ ମହାନ୍ତ, ଥୁପି ମହାନ୍ତ, ଚିତ୍ତ ମହାନ୍ତ, ପି:ଜୁବରାଜ ମହାନ୍ତ, କୃପାସିନ୍ଧୁ ମହାନ୍ତ, ନୃପଚନ୍ଦ୍ର ମହାନ୍ତ, ସୁରେନ୍ଦ୍ର ମହାନ୍ତ, ପି:ସନାତନ ମହାନ୍ତ, ଚୂଡାମଣୀ ମହାନ୍ତ, ସ୍ୱା:ସନାତନ ମହାନ୍ତ, କାନ୍ଦରୀ ମହାନ୍ତ, ପେଲି ମହାନ୍ତ, ଗୁଞ୍ଜରୀ ମହାନ୍ତ, ପି:ମନବୋଧ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୬୬୯ | ଶାରଦ ତିନି | ୦.୧୫ | ୦.୧୨ | |
| | ୯୩୯ | ଶାରଦ ଦୁଇ | ୦.୭୫ | ୦.୧୭ | |
| | ୯୪୨ | ଶାରଦ ଦୁଇ | ୧.୨୦ | ୦.୩୮ | |
| | ୯୬୨ | ଶାରଦ ଦୁଇ | ୦.୧୭ | ୦.୧୭ | |
| | ୮୪୮ | ଶାରଦ ଦୁଇ | ୦.୨୮ | ୦.୨୦ | |
| ୩୭ | ୯୩୭ | ଶାରଦ ଏକ | ୦.୬୮ | ୦.୧୮ | ଗୋବରା ମହାନ୍ତ, ପି:ଦଶରଥ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| | ୯୩୮ | ଶାରଦ ଦୁଇ | ୦.୧୪ | ୦.୧୪ | |
| ୩୮ | ୬୩୪ | ଶାରଦ ଦୁଇ | ୦.୨୩ | ୦.୧୧ | ଗୋବର୍ଦ୍ଧନ ମହାନ୍ତ, କୌଶଲ୍ୟା ମହାନ୍ତ, ଯତନୀ ମହାନ୍ତ, ପି:ଚନ୍ଦ୍ରମୋହନ ମହାନ୍ତ, ମତୀ ମହାନ୍ତ, ସ୍ୱା:ଚନ୍ଦ୍ର ମୋହନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୪୧ | ୯୨୯ | ଶାରଦ ଦୁଇ | ୦.୬୪ | ୦.୩୫ | ଗୌରଚନ୍ଦ୍ର ମହାନ୍ତ, ପି:ସହରୋଇ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୪୩ | ୯୮୫ | ଶାରଦ ଦୁଇ | ୦.୩୨ | ୦.୩୨ | ଗୌର ମୋହନ ମହାନ୍ତି, ମହେନ୍ଦ୍ର ମହାନ୍ତ, ପି:ହରି ମୋହନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୪୭ | ୮୮୯ | ଶାରଦ ଏକ | ୦.୬୦ | ୦.୧୪ | ଚନ୍ଦୁ ମହାନ୍ତ, ପି:ବଡ ଶଙ୍କର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୮୭୧/୧୧୫୪ | ଶାରଦ ଦୁଇ | ୦.୧୧ | ୦.୧୧ | |
| | ୮୭୧/୧୧୫୫ | ଶାରଦ ଦୁଇ | ୦.୧୨ | ୦.୧୨ | |
| ୪୯ | ୬୮୫ | ଶାରଦ ତିନି | ୦.୨୨ | ୦.୧୮ | ଚୈତନ ମହାନ୍ତ, ପି:ଗୋସାଇଁ ଦାସ ମହାନ୍ତ, ଜା: କୁଡୁମି, ବା:ନିଜଗାଁ |
| ୫୨ | ୮୮୬ | ଶାରଦ ତିନି | ୦.୦୯ | ୦.୦୯ | ଜଗବନ୍ଧୁ ମହାନ୍ତ, ପି:ସାହେବରାମ ମହାନ୍ତ, ଜା: କୁଡୁମି, ବା:ପୁରିନ୍ଦା |
| | ୯୧୦ | ଶାରଦ ଦୁଇ | ୦.୧୮ | ୦.୦୩ | |
| ୬୮ | ୯୩୪ | ଶାରଦ ଏକ | ୦.୮୨ | ୦.୧୩ | ଦୁଲା ମାଝୀ, ପି:ମାତାଲ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୭୩ | ୬୮୮ | ଶାରଦ ଦୁଇ | ୦.୪୬ | ୦.୪୧ | ଦେବେନ୍ଦ୍ର ମହାନ୍ତ, ଗଜେନ୍ଦ୍ର ମହାନ୍ତ, ଶୁକ୍ରିଆ ମହାନ୍ତ, ପି:ହଗୁରୁ ମହାନ୍ତ, ଯୁଡାନୀ ମହାନ୍ତ, ସ୍ୱା: ହଗରୁ ମହାନ୍ତ, ସାଗରା ମହାନ୍ତ, ପି:ଗୋପିନାଥ ମହାନ୍ତ, ଜା:କୁଡୁମି, ବା:ଯୁଆଳିଭଙ୍ଗା |
| | ୬୯୪ | ଶାରଦ ଦୁଇ | ୦.୦୮ | ୦.୦୫ | |
| ୭୭ | ୮୫୫ | ଶାରଦ ତିନି | ୦.୨୦ | ୦.୦୬ | ନବୀନ ମହାନ୍ତ, ପି:ଲାଲମୋହନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୭୬୮/୧୧୫୮ | ଶାରଦ ଦୁଇ | ୦.୦୬ | ୦.୦୬ | |
| | ୯୮୪/୧୧୬୦ | ଶାରଦ ଦୁଇ | ୦.୧୩ | ୦.୦୨ | |
| ୮୩ | ୯୩୧/୧୧୮୧ | ଶାରଦ ଦୁଇ | ୦.୬୯ | ୦.୧୮ | ନୁନାରାମ ମହାନ୍ତ, ପି:ନାରାୟଣ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| ୮୮ | ୮୫୧ | ଶାରଦ ତିନି | ୦.୪୦ | ୦.୧୬ | ପ୍ରଫୁଲ ମହାନ୍ତ, ପ୍ରଭାକର ମହନ୍ତ, ପି:ଶତ୍ରୁଘନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୬୨୮ | ଶାରଦ ତିନି | ୦.୧୪ | ୦.୦୧ | |
| ୯୪ | ୬୯୬ | ଶାରଦ ଦୁଇ | ୦.୧୯ | ୦.୦୪ | ଫୁଲ ମାଝୀ, ସ୍ୱା:ଲିପା ମାଝୀ, ଜା:ସାନ୍ତାଳ, ବା: ନିଜଗାଁ |
| | ୬୮୩ | ଶାରଦ ତିନି | ୦.୧୩ | ୦.୧୩ | |
| ୯୬ | ୬୩୫ | ଶାରଦ ଦୁଇ | ୦.୨୨ | ୦.୧୮ | ବାଇଧର ମହାନ୍ତ, ଗେହ୍ଲୀ ମହାନ୍ତ, ପି:ସାନ ଦୁଃଖ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୬୦୪ | ଶାରଦ ତିନି | ୦.୩୬ | ୦.୦୩ | |
| ୧୧୨ | ୬୮୯ | ଶାରଦ ଦୁଇ | ୦.୬୩ | ୦.୧୩ | ଭାଗୀରଥି ମହାନ୍ତ, ପ୍ରାଣକୃଷ୍ଣ ମହାନ୍ତ, ପି:ଶଙ୍କର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୧୬ | ୮୭୨ | ଶାରଦ ଦୁଇ | ୦.୪୪ | ୦.୦୩ | ମଥୁରା ନନ୍ଦ ମହାନ୍ତ, ପି:ନରସିଂହ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୧୮ | ୬୯୧ | ଶାରଦ ଦୁଇ | ୦.୦୭ | ୦.୦୧ | ମହାଦେବପ୍ରସାଦ ଖଣ୍ଡେଲବାଲା, ରାମପ୍ୟାରି ଲାଲ ଖଣ୍ଡେଲବାଲା, ବୈଦନାଥ ଖଣ୍ଡେଲବାଲା, ପି:ଚୁନିଲାଲ ଲଛମି ନାରାୟଣ ଜା:ବୈଶ୍ୟ ବଣିଆ, ବା:ମୋତିଗଞ୍ଜବଜାର, ଜି:ବାଲେଶ୍ୱର |
| ୧୨୪ | ୮୮୫ | ଶାରଦ ତିନି | ୦.୦୮ | ୦.୦୮ | ମୋତିରାମ ମହାନ୍ତ, ପି:କୃଷ୍ଣ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| | ୬୪୧ | ଶାରଦ ତିନି | ୦.୨୬ | ୦.୦୯ | |
| | ୯୦୬ | ଶାରଦ ଦୁଇ | ୦.୪୯ | ୦.୦୩ | |
| | ୯୦୭ | ଶାରଦ ଦୁଇ | ୦.୧୮ | ୦.୧୮ | |
| ୧୨୬ | ୬୯୫ | ଶାରଦ ଦୁଇ | ୦.୫୧ | ୦.୦୪ | ରମାକାନ୍ତ ମହାନ୍ତ, ଉମେଶ ମହାନ୍ତ, ଗେହ୍ଲେଇ ମହାନ୍ତ, ତରୁ ମହାନ୍ତ, ଉର୍ବଶି ମହାନ୍ତ, ଶଚି ମହାନ୍ତ, ପି:ସନାତନ ମହାନ୍ତ, ସମବାରି ମହାନ୍ତ, ସ୍ୱା:ସନାତନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୨୭ | ୮୮୭ | ଶାରଦ ତିନି | ୦.୬୪ | ୦.୦୪ | ରମାନାଥ ମହାନ୍ତ, ପି:ବୁଧୁ ମହାନ୍ତ, ଜା:କୁଡୁମି, ବା:ଅମଣିଦା |
| ୧୩୩ | ୬୮୬ | ଶାରଦ ଦୁଇ | ୦.୧୨ | ୦.୦୫ | ରାଜୁ ମାଝୀ, ଭିଲୁ ମାଝୀ, ରାମ ମାଝୀ, ପି:ଫାଗୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୩୫ | ୮୭୧ | ଶାରଦ ଦୁଇ | ୦.୩୫ | ୦.୧୬ | ରାମହରି ମହାନ୍ତ, ପି:ବଡ ଶଙ୍କର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | | ୧୭୬୮ | | ୦.୩୪୦ | ୦.୩୪୦ | | କେନାଲ ସକାସେ=୦.୧୭୦, ଗୋଚର ପ୍ରତି ବଦଳ=୦.୧୭୦ |
| | | ୫୦୩ | | ୦.୨୬୫ | ୦.୦୪୦ | | |
| ୧୨ | ୬୨ | ୧୭୦୦ | ବିଲ ଜଳସେଚିତ ଏକ ଫସଲି | ୦.୪୩୦ | ୦.୪୩୦ | ଖଲି ପଧାନ, ପି:ବାଲାଜି ପଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୯୦, ଗୋଚର ପ୍ରତି ବଦଳ=୦.୨୫୦ |
| ୧୩ | ୮୯ | ୧୬୬୮ | ବିଲ ଜଳସେଚିତ ଏକ ଫସଲି | ୦.୧୨୦ | ୦.୦୭୦ | ତ୍ରିନାଥ ନାୟକ, ତବତିଆ ନାୟକ, ଲକ୍ଷ୍ମୀ ନାୟକ, ପି:ଉଜ୍ଜଳ ନାୟକ, ଜା:କୁରୁମ, ବା:ନିଜଗାଁ | |
| | | ୪୯୧ | | ୦.୨୯୦ | ୦.୦୪୦ | | |
| ୧୪ | ୯୭ | ୧୭୬୪ | ବିଲ ଜଳସେଚିତ ଏକ ଫସଲି | ୦.୧୩୫ | ୦.୧୩୫ | ଦଣ୍ଡପାଣି ପ୍ରଧାନ, ପି:ବାପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୦୨୦, ଗୋଚର ପ୍ରତି ବଦଳ=୦.୧୧୫ |
| ୧୫ | ୩୧ | ୧୬୯୯ | ବିଲ ଜଳସେଚିତ ଏକ ଫସଲି | ୦.୦୭୦ | ୦.୦୭୦ | ଉଲା ପ୍ରଧାନ, ପି:ଦଣ୍ଡପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୦୫୦, ଗୋଚର ପ୍ରତି ବଦଳ=୦.୦୨୦ |
| ୧୬ | ୫ | ୧୬୪୫ | ବିଲ ଜଳସେଚିତ ଏକ ଫସଲି | ୦.୦୩୦ | ୦.୦୧୦ | ଅନି ପ୍ରଧାନ, ସ୍ୱା:କପିଳ ପ୍ରଧାନ, ଜା:କୁରୁମ, ବା:ନିଜଗାଁ | |
| | | | | | | ମୋଟ = ୫.୦୫୬ ଏକର | |

OIPR- Sd./- Spl.L.A.Cum-R&R.O(M.I.P.), Mahendragada, (Gajapati)

**ଆକ୍ରମଣ କରି ଲୁଟ୍, ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,(ସତ୍ୟଜିତ ରାଉତ): ଆକ୍ରମଣ କରି ମୋବାଇଲ ଲୁଟ୍ ଅଭିଯୋଗରେ ମୈତ୍ରୀ ବିହାର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ସେ ହେଲେ ସାଲିଆ ସାହିର କାହ୍ନା ନାୟକ (୨୫)। ଲୁଟ୍‌ର ଶିକାର ପି. ରାମା ରାଓ ସାଲିଆ ସାହି ମହାବୀର ନଗରରେ ରୁହନ୍ତି। ଗୁରୁବାର ମଧ୍ୟାହ୍ନରେ ସେ ତାଙ୍କ ଘର ସମ୍ମୁଖରେ ଛିଡା ହୋଇ ମୋବାଇଲରେ କଥା ହେଉଥିବା ବେଳେ କାହ୍ନା ସେଠାକୁ ଆସି ହଠାତ ତାଙ୍କୁ ମାଡ ମାରିବା ସହ ଧକ୍କା ଦେଇ ରାମାଙ୍କଠାରୁ ସେ ମୋବାଇଲ ଛଡ଼ାଇ ନେଇ ଚମ୍ପଟ ମାରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ.୪୯୬/୨୦୨୫) ରୁଜୁ କରିଥିଲା।



# ଶ୍ରୀଲିଙ୍ଗରାଜଙ୍କ କୋଠରୋଷରେ ଲାଗୁଛି ନିମ୍ନମାନର ଗୁଡ଼

ପୁରୁଣା ଭୁବନେଶ୍ୱର,୧୬।୧୧ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବିଭିନ୍ନ ଧୂପରେ ପୂଜାର୍ଚ୍ଚନା ପାଇଁ ବ୍ୟବହୃତ ଭୋଗ ନୈବେଦ୍ୟ କୋଠରୋଷରେ ପ୍ରସ୍ତୁତ ହୋଇଥାଏ। ତେଣୁ ସକାଳ ଧୂପଠାରୁ ବଡ଼ସିଂହାର ବେଶ ପର୍ଯ୍ୟନ୍ତ ସମସ୍ତ ଭୋଗ ପାଇଁ ଏହା ଉଦ୍ଦିଷ୍ଟ। ଅନ୍ୟପକ୍ଷରେ ଅନେକ ସମୟରେ ନିମ୍ନମାନ ସାମଗ୍ରୀରେ ଠାକୁରଙ୍କ ଭୋଗ ପ୍ରସ୍ତୁତ ହୋଇଥିବା ନଜିର ରହିଛି। ଏହିକ୍ରମରେ ନିକଟରେ ଠାକୁରଙ୍କ ପାଇଁ କୋଠରୋଷରେ ସୋଦୁଆ, ଅଂଗୁଳି, ଆରିସା, ନାଡ଼ିଗୁଣ୍ଡା ପ୍ରସ୍ତୁତ ପାଇଁ ଆସିଥିବା ଗୁଡ଼ ନିମ୍ନମାନର ବୋଲି ଜଣାପଡ଼ିଛି। ପ୍ଲାଷ୍ଟିକ ପ୍ୟାକେଟରେ ଥିବା ଏହି ଗୁଡ଼ ପ୍ରାୟ ନଷ୍ଟ ହୋଇଯାଇଛି। କେତେକ ପ୍ୟାକେଟ ଗୁଡ଼ରେ ଜନ୍ଦା, ପିମ୍ପୁଡ଼ି ମରିପଡ଼ିଥିବା ଦେଖିବାକୁ ମିଳିଛି। ଏନେଇ ସେବାୟତମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି ଯେ, ପୁରୀ ଶ୍ରୀମନ୍ଦିର ଭଳି ଶ୍ରୀଲିଙ୍ଗରାଜଙ୍କ ଭୋଗ ନୈବେଦ୍ୟ ପ୍ରସ୍ତୁତ ପାଇଁ ସାମଗ୍ରୀ ଏବଂ ଘିଅର ସ୍ୱତନ୍ତ୍ର ମାନ ଥିବା କମ୍ପାନୀଠାରୁ କିଣାଯାଉ। ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ମାସକରେ ଥରେ ଯାଞ୍ଚ କରାଗଲେ ଏଭଳି ସମସ୍ୟା ଉପୁଜିବ ନାହିଁ। ସେହିପରି ବରିଷ୍ଠ ସେବାୟତ ବିରଞ୍ଚି ନାରାୟଣ ପତି କହିଛନ୍ତି ଯେ, ନିମ୍ନମାନର ଗୁଡ଼ ଆସିଥିବା ନେଇ ଫଟୋ ଦେଖିଛି, କିନ୍ତୁ ଅଭିଯୋଗ ହୋଇନାହିଁ। ଏହି ଗୁଡ଼ ମନ୍ଦିର ପ୍ରଶାସନ ଯୋଗାଇଥାଏ। ସିଲ୍ ଥିବା ଗୁଡ଼ କେହି ଦେଖି ନ ଥିବେ। ଯାଞ୍ଚ ପରେ ସତ୍ୟାସତ୍ୟ ଜଣାପଡ଼ିବ। ଅନ୍ୟପକ୍ଷରେ ଏନେଇ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ମହାନ୍ତି କହିଛନ୍ତି ଯେ ଘଟଣାର ଯାଞ୍ଚ ପରେ ପଦକ୍ଷେପ ନିଆଯିବ।


ଭୋଗ ପାଇଁ ଆସିଥିବା ନିମ୍ନମାନର ଗୁଡ଼।

## ଲକ୍ଷ୍ମୀସାଗରରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୧୬।୧୦(ସତ୍ୟଜିତ ରାଉତ)

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ରେ ରବିବାର ଏକ ଛୋଟ ଧରଣର ଅଗ୍ନିକାଣ୍ଡ ଘଟିଛି। ଅପରାହ୍ନ ପ୍ରାୟ ୨ଟା ବେଳେ ରାସ୍ତା ପାର୍ଶ୍ୱରେ ଥିବା ଏକ କବାଡିଆ ଦୋକାନରେ ନିଆଁ ଲାଗିଥିଲା। ନିଆଁରେ ଦୋକାନର ଆଜ୍‌ବେଷ୍ଟସ୍ ଛାତ ଉପରେ ଥିବା ଟାୟାର, ତାର ଏବଂ ଅନ୍ୟାନ୍ୟ ସାମଗ୍ରୀ ପୋଡିଯାଇଛି। ଖବର ପାଇ କଳ୍ପନା ଫାୟାର ଷ୍ଟେଶନ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଶର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ଟିମ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ତୁରନ୍ତ ନିଆଁକୁ ଆୟତ୍ତ କରାଯିବାରୁ କବାଡିଆ ଦୋକାନ ଭିତରେ କିମ୍ବା ଅନ୍ୟାନ୍ୟ ପାଖ ଦୋକାନକୁ ଏହା ବ୍ୟାପି ନ ଥିଲା।

## ଜ୍ୟୋସ୍ନାରାଣୀ ସ୍ୱାଇଁଙ୍କ ପରଲୋକ

ଭୁବନେଶ୍ୱର,୧୬।୧୧(ବନ୍ଦନା ସେଠୀ)

ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ପାଇକରାୟଙ୍କ ପୁତ୍ରବଧୂ ତଥା ସାମାଜିକ କର୍ମୀ ପ୍ରଶାନ୍ତ ପାଇକରାୟଙ୍କ ଧର୍ମପତ୍ନୀ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ସ୍ୱାଇଁଙ୍କ ୬୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବହୁବିଧ ରୋଗରେ ପୀଡ଼ିତ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ଥିଲେ। ଅବସର ପରେ ସେ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ମୃତ୍ୟୁରେ ବହୁ ରାଜନେତା, ସାମାଜିକ କର୍ମୀ ୟୁନିଟ୍-୩ ସ୍ଥିତ ବାସଭବନରେ ଶେଷଦର୍ଶନ କରିଥିଲେ।

# ଅଳିଆଗଦା ନିଆଁରେ ଜଳିଗଲା ବହୁ ଗଛ

ଭୁବନେଶ୍ୱର,୧୬।୧୦ (ସତ୍ୟଜିତ ରାଉତ)


ଅଗ୍ନିକାଣ୍ଡରେ ଜଳୁଥିବା ଗଛ।

ଡମଣା ଟ୍ରାଫିକ୍ ଛକ ପାଖ କେଳୁଚରଣ ପାର୍କ ନିକଟରେ ରବିବାର ରାତି ପ୍ରାୟ ୮ଟା ୩୦ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଅଳିଆ ଗଦାରେ ଲାଗିଥିବା ନିଆଁ ପାଖ ଜଙ୍ଗଲିଆ ଅଞ୍ଚଳକୁ ବ୍ୟାପି ଯାଇଥିଲା। ତେବେ ଏଥିରେ ୧୦ରୁ ଊର୍ଦ୍ଧ୍ୱ ବଡ଼ ଗଛ ସମେତ ବହୁ ଗଛଲତା ଓ ପକ୍ଷୀ ବସା ଜଳିଯାଇଛି। ଅନେକ ଗଛ ନିଆଁର ଧାପ ପାଇ କିଛିକାଂଶରେ ପୋଡ଼ିଯାଇଛି। ଅଗ୍ନିକାଣ୍ଡ ଖବର ପାଇ ଚନ୍ଦ୍ରଶେଖରପୁର ଅଗ୍ନିଶମ କେନ୍ଦ୍ରର ୨ଟି ୟୁନିଟ୍ ଘଟଣାସ୍ଥଳରେ ପହଞ୍ଚି ଦୁଇ ଦମକଳ ଗାଡି ଜରିଆରେ ନିଆଁ ଲିଭାଇଥିଲା। ଫାୟାର ଅଫିସର ବିପ୍ଳବ କୁମାର ଜେନାଙ୍କ ସମେତ ୧୦ ଜଣ କର୍ମଚାରୀ ନିଆଁ ଲିଭାଇବାକୁ ପ୍ରୟାସ କରିଥିଲେ। ତେବେ ପ୍ରାୟ ୩୦ ମିନିଟ ପରେ ନିଆଁ ଆୟତ୍ତ କରାଯାଇଥିଲା। ତେବେ ରାତି ଯାଏ ସେଠାରେ ଧୂଆଁ ହେଉଥିବା ନଜର ଆସିଥିଲା। ଅଳିଆ ଗଦାରେ କେହି ସିଗାରେଟ୍ ଫିଙ୍ଗିଦେଇଥିବାରୁ ସେଥିରୁ ନିଆଁ ଲାଗିଥିବା କୁହାଯାଉଛି। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ବହୁ ଉଚ୍ଚ ପର୍ଯ୍ୟନ୍ତ ନିଆଁ ଶିଖା ଉପରକୁ ଉଠିଯାଇଥିଲା। ଆଖପାଖ ଅଞ୍ଚଳର ଧୂଆଁମୟ ହୋଇଥିଲା। ସ୍ଥାନୀୟ ଲୋକମାନେ ପାଣି ପକାଇ ନିଆଁ ଲିଭାଇବାକୁ ପ୍ରୟାସ କରିବା ସହ ଅଗ୍ନିଶମ ଟିମ୍‌କୁ ଖବର ଦେଇଥିଲେ।

# ଶିକ୍ଷୟିତ୍ରୀ ରୀନା ଦେବୀଙ୍କୁ ଶିକ୍ଷକ ରତ୍ନ ସମ୍ମାନ

ଭୁବନେଶ୍ୱର,୧୬।୧୧ (ଅନୁରାଧା ମହାରଣା)

କଟକସ୍ଥିତ ନିଉ ଷ୍ଟିୱାର୍ଟ ସ୍କୁଲର ଶିକ୍ଷୟିତ୍ରୀ ରୀନା ଦେବୀଙ୍କୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନଜନକ ଶିକ୍ଷକ ରତ୍ନ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ଓଡ଼ିଶା ପ୍ରତିଭା ସମ୍ମାନ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଆୟୋଜିତ ବାର୍ଷିକ ସାଂସ୍କୃତିକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଉତ୍ସବରେ ଏମ୍ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର ରୀନା ଦେବୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବର୍ତ୍ତମାନ ହାଇଟେକ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ମୁଖ୍ୟ ଡ. କୁମରବର ଦାସ ଏବଂ ବିଶିଷ୍ଟ ସମାଜସେବୀ ପ୍ରମୋଦ କୁମାର ଦେବ ଯୋଗଦେଇଥିଲେ। ପୁରସ୍କାର ଗ୍ରହଣ କରି ରୀନା ଦେବୀ କହିଛନ୍ତି, କୃତଜ୍ଞତାର ସହ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଭାବରେ ଏହି ସମ୍ମାନ ଗ୍ରହଣ କରୁଛି। ଶିକ୍ଷକତା କରିବାକୁ ମୁଁ ପିଲାବେଳୁ ବାପାଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲି। ନିରନ୍ତର ପ୍ରୋତ୍ସାହନ ଓ ମାର୍ଗଦର୍ଶନ ପାଇଁ ଭୁବନେଶ୍ୱର ଷ୍ଟିୱାର୍ଟ ସ୍କୁଲର ପୂର୍ବତନ ଅଧ୍ୟକ୍ଷା ଡକ୍ଟର ରଶ୍ମିରେଖା ସେନାପତିଙ୍କ ନିକଟରେ ମୁଁ ଋଣୀ ବୋଲି ସେ କହିଛନ୍ତି।

## ସ୍ୱଚ୍ଛକର୍ମୀଙ୍କୁ ଛାଡି ସ୍ୱଚ୍ଛ ଭୁବନେଶ୍ୱର କଳ୍ପନା କରି ହେବନି: ମେୟର

**ବିଏମ୍‌ସିର ସ୍ୱଚ୍ଛ ସମ୍ବର୍ଦ୍ଧନା**

ଭୁବନେଶ୍ୱର, ୧୬।୧୧ (ବନ୍ଦନା ସେଠୀ)

ସ୍ୱଚ୍ଛ କର୍ମୀଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ରବିବାର ସ୍ୱଚ୍ଛ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୬୭ଟି ୱାର୍ଡରୁ ପ୍ରାୟ ୫ହଜାର ସ୍ୱଚ୍ଛକର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ। ସହରକୁ ନିୟମିତ ସ୍ୱଚ୍ଛ ରଖି ଏହାର ମାନମର୍ଯ୍ୟାଦା ବଢାଇବାର ଗୁରୁଦାୟିତ୍ୱ ତୁଲାଇଥିବାରୁ ସମସ୍ତ ବର୍ଗର ସ୍ୱଚ୍ଛକର୍ମୀଙ୍କ ଉଦ୍ଦେଶ୍ୟରେ ଦିନଟିକୁ ଉତ୍ସର୍ଗ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ୱାର୍ଡରୁ ଚୟନ ହୋଇଥିବା ୮୫ଜଣ ସ୍ୱଚ୍ଛକର୍ମୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଏଥିସହ ୧୧ଜଣ ଗରିମାକର୍ମୀଙ୍କୁ ସେଫ୍ଟି କିଟ୍ ବଣ୍ଟନ କରାଯାଇଥିଲା। ମେୟର ସୁଲୋଚନା ଦାସ ଯୋଗଦେଇ କହିଲେ, ସ୍ୱଚ୍ଛକର୍ମୀଙ୍କୁ ଛାଡି ସ୍ୱଚ୍ଛ ଭୁବନେଶ୍ୱର କଳ୍ପନା କରି ହେବନି। ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱର ୯ମ ସ୍ଥାନରେ ରହିବାର ଶ୍ରେୟ ସ୍ୱଚ୍ଛକର୍ମୀଙ୍କର। ସବୁ ସମୟ ଛୁଟିଦିନ ଓ ପର୍ବପର୍ବାଣିରେ ସେମାନେ କର୍ମର ସାରଥି ସାଜିଛନ୍ତି। ସେମାନଙ୍କ ବ୍ୟତୀତ ସହରର ଉନ୍ନତି ଅସମ୍ଭବ ବୋଲି ମେୟର କହିଛନ୍ତି। ସ୍ୱଚ୍ଛକର୍ମୀମାନେ ଭୁବନେଶ୍ୱରକୁ ନିଜର ଶିଶୁ ତୁଲ୍ୟ ଭାବି ଏହାକୁ ପରିଷ୍କାର ରଖୁଛନ୍ତି ବୋଲି କମିଶନର ଚଞ୍ଚଳ ରାଣା କହିଛନ୍ତି। ଅତିଥି ଭାବେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ପରିମଳ ଷ୍ଟାଣ୍ଡିଂକମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ ଏବଂ ସମସ୍ତ କର୍ପୋରେଟର ଓ ବିଏମ୍‌ସି ଅଧିକାରୀମାନେ ଉପସ୍ଥିତ ଥିଲେ। ଡିଏମ୍ କନଭେନଶନ, ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପ, ୟୁନିଟ-୮ କମ୍ୟୁନିଟି ସେଣ୍ଟର, ଭିଏସଏସ ନଗର କଲ୍ୟାଣ ମଣ୍ଡପ, ଶହୀଦନଗର କଲ୍ୟାଣ ମଣ୍ଡପ, ବଡ଼ଗଡ଼ କଲ୍ୟାଣ ମଣ୍ଡପରେ କାର୍ଯ୍ୟକ୍ରମ କରାଯାଇଥିଲା। ଅତିରିକ୍ତ କମିଶନର ରତ୍ନାକର ସାହୁ ଏବଂ କୈଳାସ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆଜି ବ୍ରହ୍ମପୁର ଯିବ ସିବିଆଇ ଟିମ୍

**ପୋଲିସ ଏସ୍ଆଇ କେଲେଙ୍କାରୀ**

- ଶଙ୍କର ପୃଷ୍ଟି, ମୁନା ସମେତ ୭ଜଣଙ୍କ ସିଡିଆର୍ ଯାଞ୍ଚ
- ମିଛ ଧରା ପରୀକ୍ଷା ପାଇଁ ସିବିଆଇ କରିବ ଆବେଦନ

ଭୁବନେଶ୍ୱର, ୧୬।୧୧ (ତ୍ରିନାଥ ମହାନ୍ତି)

ବହୁ ଚର୍ଚ୍ଚିତ ଏସ୍ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ଅଧିକ ତଦନ୍ତ ପାଇଁ ସିବିଆଇ ସୋମବାର ବ୍ରହ୍ମପର ଯିବ ବୋଲି ଜଣାପଡ଼ିଛି। ମାମଲାର ସମସ୍ତ ଘଟଣା ବ୍ରହ୍ମପୁରରେ ଘଟିଥିବା ବେଳେ ସିବିଆଇ ଟିମ୍ ସେଠାକୁ ଯାଇ ଛାନ୍‌ଭିନ କରିବା ସହ ତଦନ୍ତ ଅଧିକାରୀ ଏବଂ ଏସ୍‌ପିଙ୍କ ସହ ଆଲୋଚନା କରିବେ। କ୍ରାଇମବ୍ରାଞ୍ଚ ଦେଇଥିବା ସମସ୍ତ ଦସ୍ତାବିଜ୍‌କୁ ଯାଞ୍ଚ କରିବା ପରେ ଏବେ ଆଉ କେତେଜଣ ଅଭିଯୁକ୍ତଙ୍କ ନାମ ସିବିଆଇ ଜାଣିବାକୁ ପାଇଛି। ସେମାନେ ଏବେ ଫେରାର ଅଛନ୍ତି। ତେଣୁ ସେମାନଙ୍କୁ ଧରିବା ପାଇଁ ସିବିଆଇ ଟିମ୍ ଚଢାଉ କରିବ। ର‌୍ୟାକେଟର ମାଷ୍ଟରମାଇଣ୍ଡ ମୁଖ୍ୟ ଶଙ୍କର ପୃଷ୍ଟି ଏବଂ ତାର ସହଯୋଗ ମୁନା ସମେତ ୭ଜଣଙ୍କ ସିଡିଆର ରିପୋର୍ଟ ମାଗିଛି ସିବିଆଇ। ରିପୋର୍ଟ ଆସିବା ପରେ ଶଙ୍କର ଓ ମୁନାଙ୍କ ସହ କେଉଁମାନେ ଲିଙ୍କ୍‌ରେ ଥିଲେ ସ୍ପଷ୍ଟ ହେବ। ଏହି ମାମଲାରେ ସିବିଆଇ ସ୍କାନରରେ୨୬ ଜଣ ଦଲାଲ ରହିଛନ୍ତି। ସେଥିରୁ କେତେଜଣ ଗିରଫ ହୋଇ ଜେଲରେ ରହିଥିବା ବେଳେ ବାକି ଫେରାର ରହିଛନ୍ତି। ତେଣୁ ସେମାନଙ୍କୁ ଗିରଫ କରିବା ପାଇଁ ସିବିଆଇ ଟିମ୍ ଲାଗିପଡିଛି। ପୋଲିସ ଏସଆଇ ପରୀକ୍ଷା ପରିଚାଳନା ଲାଗି କୋଲକାତାର କେନ୍ଦ୍ରୀୟ ଆଇଟିଆଇ ସଂସ୍ଥାକୁ ଟେଣ୍ଡର ମିଳିଥିଲା। ପରେ ଏହି ସଂସ୍ଥା ହାଇଦ୍ରାବାଦର ସିଲିକନ ଟେକଲ୍ୟାବ ପ୍ରାଇଭେଟ ଲିମିଟେଡ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରିଥିଲା। ସିଲିକନ ଏହାକୁ ସବ୍‌ଲେଟ୍‌ରେ ବ୍ରହ୍ମପୁରର ପଞ୍ଚସଫ୍ଟକୁ ସଂସ୍ଥାକୁ ଦାୟିତ୍ୱ ଦେଇଥିଲା। ତେଣୁ ପ୍ରଥମେ କୋଲକାତାରେ ଥିବା ଆଇଟିଆଇ ସଂସ୍ଥା ସମ୍ପର୍କରେ ଜାଣିବା ପାଇଁ ପଶ୍ଚିମବଙ୍ଗ ଏବଂ ହାଇଦ୍ରାବାଦରେ ଥିବା ସିଲିକନ ଟେକ୍‌ଲ୍ୟାବ୍ ପ୍ରାଇଭେଟ ସଂସ୍ଥାକୁ ଯିବ ସିବିଆଇର ଆଉ ଏକ ଟିମ। ଏଥିସହ ଶଙ୍କର, ମୁନା ଏବଂ ସିଲିକନ ଟେକ୍ ଲ୍ୟାବ୍‌ର ପ୍ରୋପାଇଟରଙ୍କୁ ଜେରା କରାଯାଇଥିଲେ ମଧ୍ୟ ସେମାନେ ମିଛ କହୁଥିଲେ। ତେଣୁ କ୍ରାଇମବ୍ରାଞ୍ଚ ସେମାନଙ୍କର ମିଛ ଧରା ପରୀକ୍ଷା(ଲାଏ ଡିଟେକ୍‌ସନ ଟେଷ୍ଟ) କରିବା ପାଇଁ ଆବେଦନ କରିଥିଲେ। ହେଲେ ଏବେ ମାମଲା ସିବିଆଇ ହାତକୁ ଯାଇଥିବାରୁ ସିବିଆଇ ମିଛ ଧରା ପରୀକ୍ଷା କରିବା ପାଇଁ ପୁନଃ ଆବେଦନ କରିବ ବୋଲି ସୂଚନା ମିଳିଛି।

# ଆକର୍ଷଣ ସାଜିଲା 'ବେବି ଅଫ୍ ଦି ଇୟର'



ଚିତ୍ରାଙ୍କନ ପ୍ରତିଯୋଗୀତାରେ ଭାଗ ନେଇଥିବା ପ୍ରତିଯୋଗୀ।

**୩୬ତମ ପିକକ୍ ଶିଶୁମେଳାର ତୃତୀୟ ଦିବସ**

ଭୁବନେଶ୍ୱର, ୧୬।୧୧ (ବନ୍ଦନା ସେଠୀ)

ପିପୁଲ୍‌ସ କଲଚରାଲ୍ ସେଣ୍ଟର (ପିକକ୍) ପକ୍ଷରୁ ଏକାମ୍ର ହାଟରେ ୭ଦିନବ୍ୟାପୀ ଚାଲିଥିବା ୩୬ତମ ଶିଶୁମେଳାର ରବିବାର ଥିଲା ତୃତୀୟ ଦିବସ। ଏହି ଅବସରରେ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଙ୍ଗ ତୁଳୀରେ ପିଲାମାନେ ସଜାଇଥିଲେ 'ମୋ ସପ୍ନର ବିକଶିତ ଓଡିଶା'। ସନ୍ଧ୍ୟାରେ ଆକର୍ଷଣ ସାଜିଲା କୁନି କୁନି ପିଲାଙ୍କ ମଧ୍ୟରେ 'ବେବି ଅଫ୍ ଦି ଇୟର'। ଛୋଟ ପିଲାମାନେ 'ଆବୃତ୍ତି' ପ୍ରତିଯୋଗିତା ମାଧ୍ୟମରେ ସାମାଜିକ ଏବଂ ପରିବେଶଗତ ପ୍ରସଙ୍ଗରେ ସେମାନଙ୍କ ଅଭିବ୍ୟକ୍ତି ଏବଂ ଚିନ୍ତାଶୀଳ ବାର୍ତ୍ତା ଦେଇଥିଲେ। ମୁଖ୍ୟ ବିଚାରକ ଭାବେ ଚିତ୍ରଶିଳ୍ପୀ ବାଞ୍ଛାନିଧି ପଟ୍ଟନାୟକ, ସରୋଜିନୀ ମହାନ୍ତି, ଦେବର୍ଚ୍ଚନା ଦ୍ୱିବେଦୀ ଉପସ୍ଥିତ ଥିଲେ। ସେହିପରି ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଶିଖିବା, ଭାବିବା, କହିବା ପରିବର୍ତ୍ତନର ଆଧାର - ପିଲାମାନଙ୍କର ସ୍ୱର' ଆୟୋଜିତ ହୋଇଥିଲା। ଶ୍ରବଣ କୁମାର ସାମଲ, ଜେସିକା ନାୟକ, ତାପସ କୁମାର ଷଡଙ୍ଗୀ, ଇଭାନଶୀ ମିଶ୍ର, ଶୁଭମ ନାୟକ, ସଂସ୍କୃତି ମହାନ୍ତି ମହାପାତ୍ର, ପ୍ରିୟାନ୍ସି ସାହୁ ପ୍ରମୁଖ ପିଲା ଭାଗନେଇ ସୁରକ୍ଷିତ ଶିଶୁ ଆନନ୍ଦମୟ ଶୈଶବ ଉପରେ ଆଲୋଚନା କରିଥିଲେ। ଅତିଥି ଭାବେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ମନସ୍ମିତା ଖୁଣ୍ଟିଆ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଉପସଚିବ ସନ୍ୟାସୀ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଲାଲ, ୟୁନିସେଫର ଶିଶୁ ସୁରକ୍ଷା ପରାମର୍ଶଦାତା ଘାସିରାମ ପଣ୍ଡା ଯୋଗଦେଇଥିଲେ। ପୂର୍ବରୁ ଓଡିଶୀ ନୃତ୍ୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଓଏଭି କର୍ମଚାରୀଙ୍କୁ ସରକାରୀ ମାନ୍ୟତା ମିଳୁ

**୧୪ ଦାବି ନେଇ ମହାସମ୍ମିଳନୀ**

ଭୁବନେଶ୍ୱର,୧୬।୧୧ (ଅନୁରାଧା ମହାରଣା)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଥିବା ସରକାରୀ ହାଇସ୍କୁଲ ଭଳି ଓଡ଼ିଶା ଆଦର୍ଶ ବିଦ୍ୟାଳୟର କର୍ମଚାରୀମାନଙ୍କୁ ସରକାରୀ ମାନ୍ୟତା ଦାବିରେ ରେଲୱେ ଅଡିଟୋରିୟମଠାରେ ମହାସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ରିପୁ ଦମନ ସୌରଭ ମିଶ୍ର ଓ ସାଧାରଣ ସମ୍ପାଦକ ଶୁଭାଶିଷ ଦାଶ କହିଲେ, ସରକାର ଯଦି ୧୩ଟି ଦାବି ୧୫ ଦିନ ଭିତରେ ନ ଶୁଣନ୍ତି ତାହା ହେଲେ ଆଗାମୀ ଦିନରେ ଶାନ୍ତି ପୂର୍ଣ୍ଣ ଭାବେ ମହାଆନ୍ଦୋଳନ ହେବ। ଓଏଭି କର୍ମଚାରୀମାନଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗରେ ଥିବା ସରକାରୀ ହାଇସ୍କୁଲଙ୍କ କର୍ମଚାରୀଙ୍କ ଭଳି ସରକାରୀ ମାନ୍ୟତା ଦାବି ସହ ସମସ୍ତ କର୍ମଚାରୀଙ୍କୁ ୟୁନିଫର୍ମ କ୍ୟାଡର ପାଇଁ ଦାବି ହୋଇଛି। ସେହିପରି ସମାନ କାମକୁ ସମାନ ଦରମା, ପିଇଟି, ମ୍ୟୁଜିକ ଓ କମ୍ପ୍ୟୁଟର ଶିକ୍ଷକଙ୍କୁ ଅନ୍ୟ କର୍ମଚାରୀଙ୍କ ପରି ୪୬୦୦ ଗ୍ରେଡ ପେ' ପ୍ରଦାନ, ପ୍ରତ୍ୟେକ ଓଏଭିରେ ପିଜିଟି ଓଡ଼ିଆ ପୋଷ୍ଟିଂ ଦେବା ସହିତ ହିନ୍ଦୀ ଓ ସଂସ୍କୃତରେ ପିଜିଟି ପୋଷ୍ଟ ସୃଷ୍ଟି କରିବାକୁ ମଧ୍ୟ ଦାବି କରାଯାଇଛି। ଅନ୍ୟପଟେ ପ୍ରତ୍ୟେକ ଓଏଭିକୁ ପିଏମଶ୍ରୀ ସ୍କୁଲ ମାନ୍ୟତା ପ୍ରଦାନ ସହ ପ୍ରତି ଓଏଭିରେ ଆର୍ଟସ୍ ଷ୍ଟ୍ରିମ୍ ଖୋଲିବା, ଓଏଭି କର୍ମଚାରୀ ପିଲାଙ୍କ ସିଟ୍ ପାଇଁ ସଂରକ୍ଷଣ କରିବା, କାର୍ଯ୍ୟରତ ସମସ୍ତ ବର୍ଗର କର୍ମଚାରୀ ଏବଂ ପ୍ରିନ୍ସିପାଲ ମାନଙ୍କର ପଦୋନ୍ନତି ବ୍ୟବସ୍ଥାକୁ ନିୟମିତ କରିବା, କ୍ଲର୍କ ପଦ ସୃଷ୍ଟି ହେବା ତଥା ଆଗରୁ କାର୍ଯ୍ୟ କରୁଥିବା କ୍ଲର୍କ କର୍ମଚାରୀକୁ ନିୟମିତ କରିବା, ଓଏଭି ଛାତ୍ରୀଛାତ୍ରଙ୍କୁ ନିଟ୍ ଓ ଜେଇଇ ପରୀକ୍ଷାରେ ୧୫% ସଂରକ୍ଷଣ କରିବା ସହ ଏନ୍‌ଏମଏସ ପରୀକ୍ଷାକୁ ଓଏଭିରେ ସାମିଲ କରିବାକୁ ସଂଘ ସ୍ୱର ଉଠାଇଛି। ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷକଙ୍କର ପୂର୍ବ ସେବା ଅବଧିକୁ ବର୍ତ୍ତମାନ ସେବାରେ ମିଶାଇବା ଓ ପୂର୍ବରୁ ଆଦର୍ଶ ବିଦ୍ୟାଳୟ ଟିଜିଟି ଭାବେ କାମ କରି ପୁନର୍ବାର ପିଜିଟି ଭାବେ ଯୋଗଦେବା, ଶିକ୍ଷକମାନଙ୍କୁ ଚାକିରି ଓ ଦରମାରେ ସୁରକ୍ଷା ପ୍ରଦାନ, ଆର୍ଟ ଟିଚର ପୋଷ୍ଟକୁ ଟିଜିଟି ଆର୍ଟ ମାନ୍ୟତା ଓ ରିହାବିଲିଟେଶନ ଏବଂ ଡେଥ୍ ଗ୍ରାଚୁଇଟିକୁ ଅଗ୍ରାଧିକାର ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟର ଓଏଭିଗୁଡ଼ିକରୁ ୧୫୦୦ରୁ ଅଧିକ କର୍ମଚାରୀ ଯୋଗଦେଇଥିଲେ।



ମହାସମ୍ମିଳନୀରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର କର୍ମଚାରୀ ସଂଘର ନେତା ଓ କର୍ମକର୍ତ୍ତା।


# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

**ଅଧିସୂଚନା**

**No.RDM-LAB-GM-0021-2025-19066/ R&DM,** **Dated: 27 MAY 2025**

No.XII-16: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଗଞ୍ଜାମ ଜିଲ୍ଲାରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: **ସୁନ୍ଦରପୁର**, ଥାନା: ପାଟପୁର, ତହସିଲ: ସାନଖେମୁଣ୍ଡି, ଜିଲ୍ଲା: ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୫.୦୫୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ** – ଛେଳିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ । ୨. **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ** – ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ, ଦିଗପହଣ୍ଡି, ଗଞ୍ଜାମ। ୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା। (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) । ୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା ୩୪୮୮୪ ତାରିଖ ୦୮.୧୦.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି । ୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ । ୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ସୁନ୍ଦରପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୬.୩୯୧ | ଏ ୫.୦୫୬ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୨.୮୨୫ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି **ଜିଲ୍ଲାପାଳ, ଗଞ୍ଜାମଙ୍କ** ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ମଧୁସ୍ମିତା ସାହୁ),
ଅତିରିକ୍ତ ଶାସନ ସଚିବ

## ସୁନ୍ଦରପୁର ଗ୍ରାମର ଜମିର ବିବରଣୀ
### ମୌଜା–ସୁନ୍ଦରପୁର, ତହସିଲ–ସାନଖେମୁଣ୍ଡି, ଜିଲ୍ଲା–ଗଞ୍ଜାମ

| କ୍ରମିକ ସଂଖ୍ୟା | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକର) | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୦୧ | ୧୬୩୪ | ବିଲ ଜଳସେଚିତ ଏକ ଫସଲି | ୦.୧୭୦ | ୦.୧୭୦ | ଦଣ୍ଡିଆ ପ୍ରଧାନ, ପି:ମଙ୍ଗୁଲୁ ପ୍ରଧାନ, ଚୈତନ ପ୍ରଧାନ, ଦୁର୍ଲଭ ପ୍ରଧାନ, ପି:ହାଡୁ ପ୍ରଧାନ, ଗୁଣ୍ଡିଚା ପ୍ରଧାନ, ପି:ଲକ୍ଷ୍ମଣ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ= ୦.୦୪୦, ଗୋଚର ପ୍ରତି ବଦଳ=୦.୧୩୦ |
| ୨ | ୧୦୯ | ୧୬୪୬ | ବିଲ ଜଳସେଚିତ ଏକ ଫସଲି | ୦.୦୪୫ | ୦.୦୦୫ | ନଟିଆ ପ୍ରଧାନ, ପି:ଦଣ୍ଡପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | |
| | | ୧୬୪୭ | | ୦.୦୩୦ | ୦.୦୦୫ | | |
| | | ୧୬୯୭ | | ୦.୦୯୦ | ୦.୦୯୦ | | କେନାଲ ସକାସେ=୦.୦୪୦, ଗୋଚର ପ୍ରତି ବଦଳ=୦.୦୫୦ |
| | | ୧୬୯୮ | | ୦.୦୯୦ | ୦.୦୯୦ | | କେନାଲ ସକାସେ=୦.୦୭୦, ଗୋଚର ପ୍ରତି ବଦଳ=୦.୦୨୦ |
| ୩ | ୧୧ | ୧୬୩୩ | ବିଲ ଅଣ ଜଳସେଚିତ ଦୁଇ | ୦.୧୫୦ | ୦.୧୫୦ | ଆନନ୍ଦ ପ୍ରଧାନ, ପି:ଅର୍ଜୁନ ପ୍ରଧାନ, ବାଉରାଣୀ ପ୍ରଧାନ, ସ୍ୱା:ଅର୍ଜୁନ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୦୦, ଗୋଚର ପ୍ରତି ବଦଳ=୦.୦୫୦ |
| ୪ | ୧୪୯ | ୧୭୬୫ | ବିଲ ଜଳସେଚିତ ଏକ ଫସଲି | ୦.୧୬୦ | ୦.୧୬୦ | ଭାସ୍କର ପ୍ରଧାନ, ପି:ବାପାଣି ପ୍ରଧାନ, ଜା:କୁରୁମ, ବା:ନିଜଗାଁ | କେନାଲ ସକାସେ=୦.୦୩୦, ଗୋଚର ପ୍ରତି ବଦଳ=୦.୧୩୦ |
| ୫ | ୧୭୯ | ୧୬୩୧ | ବିଲ ଜଳସେଚିତ ଏକ ଫସଲି | ୦.୨୦୮ | ୦.୨୦୮ | ରାଜେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଜ୍ୟୋସ୍ନା ପ୍ରଧାନ, ପି:କହ୍ନେଇ ପ୍ରଧାନ, ଝୁମ୍ପା ପ୍ରଧାନ, ସ୍ୱା:କହ୍ନେଇ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୦୮, ଗୋଚର ପ୍ରତି ବଦଳ=୦.୧୦୦ |
| | | ୧୭୦୧ | | ୦.୩୦୫ | ୦.୩୦୫ | | କେନାଲ ସକାସେ=୦.୦୨୦, ଗୋଚର ପ୍ରତି ବଦଳ=୦.୨୮୦ |
| ୬ | ୧୯୩ | ୧୬୭୦ | ବିଲ ଜଳସେଚିତ ଏକ ଫସଲି | ୦.୪୬୦ | ୦.୪୬୦ | ଶାନ୍ତି ପ୍ରଧାନ, ପି:ଖଲି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୨୯୦, ଗୋଚର ପ୍ରତି ବଦଳ=୦.୧୭୦ |
| ୭ | ୧୯୪ | ୧୭୬୧ | ବିଲ ଜଳସେଚିତ ଏକ ଫସଲି | ୦.୩୨୦ | ୦.୦୧୦ | ଶାନ୍ତି ପ୍ରଧାନ, ସ୍ୱା:ଦାମ ପ୍ରଧାନ, ଜା:କୁରୁମ,ବା:ତୁଣ୍ଡୁରା | |
| ୮ | ୨୦୬/୫୨ | ୧୬୩୦ | ବିଲ ଅଣ ଜଳସେଚିତ ଦୁଇ | ୦.୨୭୦ | ୦.୨୭୦ | କୃଷ୍ଣଚନ୍ଦ୍ର ପ୍ରଧାନ, ପି: ନଟବର ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | ଗୋଚର ପ୍ରତି ବଦଳ= ୦.୧୭୦ |
| | | ୧୬୩୨ | ବିଲ ଜଳସେଚିତ ଏକ ଫସଲି | ୦.୧୯୦ | ୦.୧୯୦ | | କେନାଲ ସକାସେ=୦.୧୬୦, ଗୋଚର ପ୍ରତି ବଦଳ=୦.୦୮୦ |
| ୯ | ୨୮ | ୧୬୭୧ | ବିଲ ଜଳସେଚିତ ଏକ ଫସଲି | ୦.୩୨୫ | ୦.୩୨୫ | ଉଲା ପାତ୍ର, ପି:ବେଣିଆ ପାତ୍ର, ଜା:କୁରୁମ, ବା: ନିଜଗାଁ | କେନାଲ ସକାସେ=୦.୨୦୦, ଗୋଚର ପ୍ରତି ବଦଳ=୦.୧୨୫ |
| | | ୪୭୭ | | ୦.୨୭୫ | ୦.୦୪୦ | | |
| | | ୪୯୦ | | ୦.୧୯୦ | ୦.୦୧୦ | | |
| ୧୦ | ୩୪ | ୧୬୯୪ | ବିଲ ଜଳସେଚିତ ଏକ ଫସଲି | ୦.୧୧୦ | ୦.୧୧୦ | କପିଳ ପ୍ରଧାନ, ପି:ସାହେବ ପ୍ରଧାନ, ଜା:କୁରୁମ,ବା:ତୁଣ୍ଡୁରା | |
| ୧୧ | ୪୭ | ୧୬୬୯ | ବିଲ ଜଳସେଚିତ ଏକ ଫସଲି | ୦.୧୫୮ | ୦.୧୫୮ | କେଦାର ନାଥ ପ୍ରଧାନ, ପି:ଅର୍ଜୁନ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | |
| | | ୧୭୬୬ | | ୧.୧୬୫ | ୧.୧୬୫ | | କେନାଲ ସକାସେ=୦.୧୯୦, ଗୋଚର ପ୍ରତି ବଦଳ=୦.୯୭୫ |
| | | ୧୭୬୮ | | ୦.୩୪୦ | ୦.୩୪୦ | | କେନାଲ ସକାସେ=୦.୧୭୦, ଗୋଚର ପ୍ରତି ବଦଳ=୦.୧୭୦ |
| | | ୫୦୩ | | ୦.୨୬୫ | ୦.୦୪୦ | | |
| ୧୨ | ୬୨ | ୧୭୦୦ | ବିଲ ଜଳସେଚିତ ଏକ ଫସଲି | ୦.୪୩୦ | ୦.୪୩୦ | ଖଲି ପଧାନ, ପି:ବାଲାଜି ପଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୯୦, ଗୋଚର ପ୍ରତି ବଦଳ=୦.୨୫୦ |
| ୧୩ | ୮୯ | ୧୬୬୮ | ବିଲ ଜଳସେଚିତ ଏକ ଫସଲି | ୦.୧୨୦ | ୦.୦୭୦ | ତ୍ରିନାଥ ନାୟକ, ତବଡିଆ ନାୟକ, ଲକ୍ଷ୍ମୀ ନାୟକ, ପି:ଉଜ୍ଜଳ ନାୟକ, ଜା:କୁରୁମ, ବା:ନିଜଗାଁ | |
| | | ୪୯୧ | | ୦.୨୯୦ | ୦.୦୪୦ | | |
| ୧୪ | ୯୭ | ୧୭୬୪ | ବିଲ ଜଳସେଚିତ ଏକ ଫସଲି | ୦.୧୩୫ | ୦.୧୩୫ | ଦଣ୍ଡପାଣି ପ୍ରଧାନ, ପି:ବାପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୦୨୦, ଗୋଚର ପ୍ରତି ବଦଳ=୦.୧୧୫ |
| ୧୫ | ୩୧ | ୧୬୯୯ | ବିଲ ଜଳସେଚିତ ଏକ ଫସଲି | ୦.୦୭୦ | ୦.୦୭୦ | ଉଲା ପ୍ରଧାନ, ପି:ଦଣ୍ଡପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୦୫୦, ଗୋଚର ପ୍ରତି ବଦଳ=୦.୦୨୦ |
| ୧୬ | ୫ | ୧୬୪୫ | ବିଲ ଜଳସେଚିତ ଏକ ଫସଲି | ୦.୦୩୦ | ୦.୦୧୦ | ଅନି ପ୍ରଧାନ, ସ୍ୱା:କପିଳ ପ୍ରଧାନ, ଜା:କୁରୁମ, ବା:ନିଜଗାଁ | |
| ମୋଟ = ୫.୦୫୬ ଏକର | | | | | | | |

OIPR- **Sd./- Spl.L.A.Cum-R&R.O(M.I.P.), Mahendragada, (Gajapati)**

# ଖବରଦାତାଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ଦାବି

## ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ ଉଦ୍‌ଘାଟିତ, ଜାତୀୟ ପ୍ରେସ ଦିବସ

ନିମାପଡ଼ା,୧୬।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପ୍ରେସ୍ କ୍ଲବ ଓ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସହାୟତାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ଏକ ବର୍ଣ୍ଣାଢ୍ୟ ପରିବେଶରେ ମୁକ୍ତାକାଶ ମଞ୍ଚରେ ପ୍ରେସ କ୍ଲବ୍‌ର ୨ଦିନିଆ ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ଖବରଦାତା ସମାଜରେ ଏକ ନୂଆ ସୁବର୍ଣ୍ଣ ଯୁଗ ଆରମ୍ଭ ହେବ, ଖବରଦାତାଙ୍କର ବିକାଶ ପାଇଁ ଆମ ସରକାର ଦୃଢ଼ ସଂକଳ୍ପବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ମତବ୍ୟକ୍ତ କରିଥିଲେ। ସମାରୋହରେ ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ତଥା ବରିଷ୍ଠ ଖବରଦାତା ବିଭୂତି ଭୂଷଣ କର, ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘର ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପୁରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠି ପ୍ରମୁଖ ଯୋଗଦେଇ ଜାତୀୟ ପ୍ରେସ୍ ଦିବସ ସମ୍ପର୍କରେ ଓ ରାଜ୍ୟରେ ଖବରଦାତାଙ୍କର ବିଭିନ୍ନ ଦାବି, ମୌଳିକ ଅଧିକାର ଓ ବିଭିନ୍ନ ସମସ୍ୟାର ପ୍ରତିକାର ଦିଗରେ ରାଜ୍ୟ ସରକାର ଦୃଷ୍ଟିଦେବାକୁ ଅତିଥିମାନେ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ଏହି ସମାରୋହରେ ନିମାପଡ଼ା ପ୍ରେସ କ୍ଲବ୍‌ର ସଭାପତି ଅକ୍ଷୟ ବେହେରା ଅଧକ୍ଷତା କରି ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। କ୍ଲବର ସମ୍ପାଦକ ରମାକାନ୍ତ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପ୍ରେସ କ୍ଲବର ମୁଖପତ୍ର (ସ୍ମରଣିକା) 'ଆମ ନିମାପଡ଼ା ଆମ ସ୍ୱାଭିମାନ' ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରେସ କ୍ଲବର ପ୍ରତିଷ୍ଠାତା ସଭ୍ୟ ପ୍ରତାପ ମହାନ୍ତି, ଖବରଦାତା ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ସେନାପତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ଆଶୁତୋଷ ଜେନା, ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିକ୍ରମ କେଶରୀ ସାମଲ, ଦିଲୀପ ସାହୁ, କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଜୟଲକ୍ଷ୍ମୀ ବାରିକ ଓ କୋଚ୍ ଚନ୍ଦ୍ର ମୋହନ ମିଶ୍ର, ପରିମଳ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଜୟ କୁମାର ଗ୍ରହଚାର୍ଯ୍ୟଙ୍କୁ ପ୍ରେସ କ୍ଲବ ପକ୍ଷରୁ ମାନପତ୍ର, ଉତ୍ତରୀୟ ସହ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ପ୍ରବନ୍ଧ, ଚିତ୍ରାଙ୍କନ ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୭ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସମାରୋହରେ ମଞ୍ଚାସୀନ ସମସ୍ତ ଅତିଥି ଓ ପ୍ରେସ କ୍ଲବର ଉପଦେଷ୍ଟାମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଉତ୍ସବ ସ୍ଥଳରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଆୟୋଜିତ ସାଂସ୍କୃତିକ ଧମାକା ଓ କାର୍ଯ୍ୟକ୍ରମରେ ନିମାପଡ଼ାର ନୃତ୍ୟାଳୟ ଡ୍ୟାନ୍ସ ଏକାଡେମୀର ପ୍ରତିଷ୍ଠିତ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଗୁରୁ ବିଷ୍ଣୁ ଚରଣ ସାସମଲ ଓ ସୁଦେଷ୍ଣା ସାସମଲଙ୍କ ନିର୍ଦ୍ଦେଶିତ ଓଡ଼ିଶୀ ନୃତ୍ୟ ଓ ନୃତ୍ୟାଭିନୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କାଞ୍ଚି ଅଭିଯାନ ଓ ମାଣିକପାଟଣା ନୃତ୍ୟ ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା। ଓଡ଼ିଶାର ଖ୍ୟାତନାମା କଣ୍ଠଶିଳ୍ପୀ ଶକ୍ତି ମିଶ୍ର ଓ ଗ୍ରୁପ ଦ୍ୱାରା ପରିବେଷିତ ମେଲୋଡି ଧମାକା ଦର୍ଶକଙ୍କୁ ବେଶ ମନ୍ତ୍ରମୁଗ୍ଧ କରିଥିଲା।



ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

# ଆତ୍ମୀୟତାର ମଣିଷ ଥିଲେ ମଙ୍ଗୁ ସାର୍

ଗୋପ,୧୬।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ମଙ୍ଗରାଜ ମହାରଣା ଅତ୍ୟନ୍ତ ହୃଦୟସ୍ପର୍ଶୀ ମଣିଷ ଭାବେ ପରିଚିତ ଥିବାବେଳେ ଆତ୍ମୀୟତାର ମଣିଷ ଭାବରେ ମୁଁ ତାଙ୍କୁ ଜାଣିଛି ବୋଲି ରବିବାର ସନ୍ଧ୍ୟାରେ ଆୟୋଜିତ ମଙ୍ଗରାଜ ମହାରଣାଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ଯୋଗଦେଇ ନିମାପଡ଼ାର ପୂର୍ବତନ ମନ୍ତ୍ରୀ ତଥା ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ଏପରି ଏକ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛୁ, ବନ୍ଧୁବର୍ଗ ସହିତ ରାଜ୍ୟ ଓ ଜିଲା ବିଶ୍ୱକର୍ମା ସମିତିର ସଭ୍ୟମାନେ ଯୋଗ ଦେଇଥିଲେ। ପରଲୋକ ହୋଇଥିବା ମଙ୍ଗରାଜ ମହାରଣା (୭୧) ଙ୍କ ଗତ ୬ ତାରିଖରେ ଦେହାନ୍ତ ଘଟିଥିଲା। ସେ ଏକାଧାରରେ ଜଣେ ଶିକ୍ଷକ, କବି ଓ ରାଜନୈତିକ ମଣିଷ ଭାବରେ ଗୋପ ବ୍ଲକ ଅଞ୍ଚଳରେ ଜଣାଶୁଣା ଥିବା ବେଳେ ଅର୍କକ୍ଷେତ୍ର କୋଣାର୍କରେ ବାରଶହ ବଢ଼େଇଙ୍କ ଜୀବନ ବଞ୍ଚାଇଥିବା ୧୨ ବର୍ଷର ବାଳକ ଧର୍ମପଦ (ଧରମା)ଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ସବୁ ସମୟରେ ସରକାରଙ୍କ ନିକଟରେ ଦାବି କରି ଆସୁଥିଲେ। ଏହି ଏକାଦଶ କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ଯୋଗଦେଇ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।



ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ଅଧିକାରୀ ବିହୀନ କଣାସ ଥାନା

## ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ଚୋରି ବୃଦ୍ଧ

କଣାସ,୧୬।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ଏକ ଉତ୍ତେଜନାପ୍ରବଣ ଅଞ୍ଚଳ ଭାବେ ପୋଲିସ୍ ରେକର୍ଡରେ ବର୍ଣ୍ଣିତ ହୋଇଥିବା ବେଳେ ଥାନାରେ ଆବଶ୍ୟକ ପରିମାଣରେ ପୋଲିସ୍ ଅଧିକାରୀ ନ ଥିବାରୁ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସଙ୍ଗେ ସଙ୍ଗେ ଦିନକୁ ଦିନ ଚୋରି ବୃଦ୍ଧି ପାଇବାରେ ଲାଗିଛି। ସୂଚନାଯୋଗ୍ୟ, କଣାସ ଥାନାରେ ଜଣେ ଆଇଆଇସି ଥିବାବେଳେ ୩ଜଣ ଏସ୍‌ଆଇ ରହିବାର ନିୟମ ଥିବାବେଳେ ମାତ୍ର ଜଣେ ଏସ୍‌ଆଇ ନିଯୁକ୍ତି ପାଇଛନ୍ତି। ସେହି ଏସ୍‌ଆଇଙ୍କ ଅସୁସ୍ଥତା ହେତୁ ଛୁଟିରେ ରହିଥିବା ବେଳେ ୫ଜଣ ଏଏସ୍‌ଆଇ ରହିବାର କଥା, କିନ୍ତୁ ୩ଜଣ ନିଯୁକ୍ତି ପାଇଥିବା ବେଳେ ଜଣେ ଏଏସ୍‌ଆଇ ଛୁଟିରେ ରହିଛନ୍ତି। ୨ଟି ଏଏସ୍‌ଆଇ ପଦବୀ ଦୀର୍ଘ ଦିନ ହେଲା ଖାଲିପଡ଼ିଛି। ଫଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଥିବା ଜଣାପଡ଼ିଛି। ଶନିବାର ଅଣ୍ଡାଳସିଂହ ଗ୍ରାମରେ ଘର ଦୁଆର ମୁହଁରେ ରଖାଯାଇଥିବା ବାଇକ୍‌କୁ କୌଣସି ଦୁର୍ବୃତ୍ତ ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଥିଲା। ରବିବାର ବଳଜିତ୍‌ପୁର ଗ୍ରାମର ବିକ୍ରମ ମହାରଣାଙ୍କ ଘର ପଛପଟ ଝରକା ଭାଙ୍ଗି ପଶି ଗଡରେଜ୍ ଭିତରେ ଥିବା ସୁନା ଅଳଙ୍କାର ଚୋରି କରିବା ସହ ୨୫ ହଜାର ଟଙ୍କା ନେଇଯାଇଥିବା ବିକ୍ରମ ମହାରଣା ଆଜି କଣାସ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ୍ ପକ୍ଷରୁ ତଦନ୍ତ ଜାରି ରହିଛି।

# ଅସୁସ୍ଥ ଶ୍ୱଶୁରଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇଲେ ୨ ଜ୍ୱାଇଁ

ପୁରୀ,୧୬।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଏକ ଦୃଶ୍ୟ ଦେଖିବାକୁ ମିଳୁଛି, ଯେଉଁଥିରେ ଜଣେ ଅସୁସ୍ଥ ବ୍ୟକ୍ତିଙ୍କୁ ତାଙ୍କର ୨ ଜ୍ୱାଇଁ ଆଣି ମହାପ୍ରଭୁଙ୍କ ଦର୍ଶନ କରାଉଛନ୍ତି। ଏହାକୁ ନେଇ ଏବେ ବିଭିନ୍ନ ସୋସିଆଲ ମିଡିଆରେ ଭିଡିଓଟି ଭାଇରାଲ୍ ହେବାରେ ଲାଗିଛି। ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ଏହି ଦୃଶ୍ୟ ଦେଖି ଭକ୍ତମାନେ ବେଶ ଭାବବିହ୍ୱଳ ହୋଇପଡ଼ିଥିଲେ।

ସୂଚନାଯୋଗ୍ୟ, ୨ଜଣ ଜ୍ୱାଇଁ ଅସୁସ୍ଥ ଶ୍ୱଶୁରଙ୍କର ସୁସ୍ଥତା କାମନା ନେଇ ମହାପ୍ରଭୁଙ୍କ ନିକଟକୁ ଆଣିଥିଲେ। ହୁଇଲ୍ ଚେୟାରରେ ଆସିଥିବା ଏହି ବ୍ୟକ୍ତି ଜଣକ ବ୍ରେନ୍ ଟ୍ୟୁମର୍‌ରେ ଆକ୍ରାନ୍ତ ହୋଇଛନ୍ତି। ଦୀର୍ଘ ଦିନ ହେବ ତାଙ୍କର ଆଶା ଥିଲା ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ସହିତ ସାନିଧ୍ୟଲାଭ କରିବେ। ଏନେଇ ବ୍ୟକ୍ତି ଜଣକ ତାଙ୍କ ଜ୍ୱାଇଁଙ୍କୁ କହିଥିଲେ। ତେବେ ୨ଜଣ ଜ୍ୱାଇଁ ଶ୍ୱଶୁରଙ୍କ ଆଶା ପୁରଣ କରିବା ପାଇଁ ଶ୍ରୀମନ୍ଦିର ଆସିଥିଲେ। ପ୍ରଶାସନ ପକ୍ଷରୁ ତାଙ୍କୁ ହୁଇଲ ଚେୟାର ଦେବାର ବ୍ୟବସ୍ଥା କରାଯାଇଥିଲା। ପତିତପାବନଙ୍କୁ ଦର୍ଶନ କରିବା ପରେ ଅସୁସ୍ଥ ବ୍ୟକ୍ତି ଜଣକ ନିଜ କୋହକୁ ସମ୍ଭାଳି ପାରି ନ ଥିଲେ। ଦୀର୍ଘ ବର୍ଷର ଆଶା ଜ୍ୱାଇଁମାନେ ପୂରଣ କରିଥିବା ବେଳେ ଶ୍ୱଶୁରଙ୍କ ସୁସ୍ଥତା ନେଇ ମହାପ୍ରଭୁଙ୍କୁ ନିକଟରେ ପ୍ରାର୍ଥନା କରିଥିଲେ।



# କବାଡ଼ି ଆମକୁ ସାହସ, କ୍ଷମତା ଦେଇଥାଏ

କାକଟପୁର/ଅସ୍ତରଙ୍ଗ,୧୬।୧୧(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଗ୍ରାମୀଣ କ୍ରୀଡ଼ାକ୍ଷେତ୍ରରେ ବହୁ ପ୍ରତିଭା ଲୁକ୍କାୟିତ ଭାବେ ରହିଛି। କବାଡ଼ି ଆମକୁ ସାହସ ଓ କ୍ଷମତା ଦେଇଥାଏ ବୋଲି ଅସ୍ତରଙ୍ଗ ବ୍ଲକ ପଡ଼ିଆରେ ଅସ୍ତରଙ୍ଗ ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ଦ୍ୱାରା ଅନୁଷ୍ଠିତ ୬୯ତମ ପୁରୀ ଜିଲା ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି ଯୋଗଦେଇ ମତପ୍ରକାଶ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା, ମା' କଳରେଇ ଚାରିଟେବଲ ଟ୍ରଷ୍ଟ ଅଧ୍ୟକ୍ଷ ଇଂ. ରଞ୍ଜିତ କୁମାର ସ୍ୱାଇଁ, ସାମାଜିକ କର୍ମୀ ଜୟନ୍ତ କୁମାର ପରିଡ଼ା, ମଣ୍ଡଳ ସହଶିକ୍ଷାଧିକାରୀ ପ୍ରିୟଦର୍ଶୀ ବିଶ୍ୱାଳ, ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ବିବରଣୀ ପାଠ କରିଥିଲେ। ଜିଲାସ୍ତରୀୟ କବାଡି ପ୍ରତିଯୋଗିତାରେ ପୁରୀ ଜିଲାର ୧୧ଟି ବ୍ଲକର ୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ୫୨୮ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ପ୍ରତି ବ୍ଲକ୍‌ରୁ ୪ଟି ଟିମ ଅଂଶଗ୍ରହଣ କରିଥିଲେ। ୧୭ବର୍ଷରୁ କମ୍ ବାଳକରେ ଅସ୍ତରଙ୍ଗ ବ୍ଲକ ଚାମ୍ପିୟନ ହୋଇଥିବା ବେଳେ ସତ୍ୟବାଦୀ ବ୍ଲକ ରନର ଅପ ହୋଇଥିଲା। ସେହିପରି ବାଳିକାରେ ଡେଲାଙ୍ଗ ବ୍ଲକ ଚାମ୍ପିୟନ ଓ ସତ୍ୟବାଦୀ ବ୍ଲକ ରନର ଅପ ହୋଇଥିଲା। ୧୪ବର୍ଷରୁ କମ୍ ବାଳକରେ ନିମାପଡ଼ା ଚାମ୍ପିୟନ ହୋଇଥିବା ବେଳେ ଡେଲାଙ୍ଗ ବ୍ଲକ ରନର ଅପ ହୋଇଥିଲା। ବାଳିକାରେ ଡେଲାଙ୍ଗ ବ୍ଲକ ଚାମ୍ପିୟନ ଓ ନିମାପଡ଼ା ରନର ଅପ ହୋଇଥିବା ବେଳେ ବିଜେତା ଦଳକୁ ଉପସ୍ଥିତ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ।

# ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଛାତ୍ରୀଛାତ୍ର

କୋଣାର୍କ,୧୬।୧୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ନିକଟସ୍ଥ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଜନଜାତି ଗୌରବ ଦିବସ ପାଳନ କରାଯାଇଛି। ଭଗବାନ ବିର୍ସା ମୁଣ୍ଡାଙ୍କ ତୈଳଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରି ଉଭୟ ବିଦ୍ୟାଳୟର ଛାତ୍ରୀଛାତ୍ର ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ସହକାରୀ ଶିକ୍ଷକ ଦିଲୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭୈରବ ନୋଡାଲ୍ ୟୁପିଏସ କ୍ଲଷ୍ଟରର ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି ଅତିଥିରୂପେ ଯୋଗଦେଇ ସହିଦ ବିର୍ସା ମୁଣ୍ଡାଙ୍କ ଜୀବନୀ, ସ୍ୱାଧୀନତା ସଂଗ୍ରାମରେ ତାଙ୍କର ବୈପ୍ଳବିକ ଭୂମିକା ଓ ଦେଶପ୍ରେମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ବେହେରା, ହାଇସ୍କୁଲ ସହକାରୀ ଶିକ୍ଷୟିତ୍ରୀ ଚିତ୍ରାଞ୍ଜଳି ନାୟକ, ପଣ୍ଡିତ ରବୀନ୍ଦ୍ର କୁମାର ଦ୍ୱିବେଦୀ ଓ ମାନସ କୁମାର ମୁଦୁଲି ପ୍ରମୁଖ ଇଂରେଜ ସରକାରଙ୍କ ସହିତ ଶହୀଦ ବିର୍ସା ମୁଣ୍ଡାଙ୍କ ଘମାଘୋଟ ସଂଗ୍ରାମର ଐତିହାସିକ ତଥ୍ୟ ପରିବେଷଣ କରିଥିଲେ। ବିର୍ସା ମୁଣ୍ଡାଙ୍କ ଚିତ୍ର ଅଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରାବାସରେ ରହି ଏଠାରେ ଅଧ୍ୟୟନ କରୁଥିବା ଜନଜାତି ବର୍ଗର ଛାତ୍ରୀଛାତ୍ରମାନେ ବିର୍ସା ମୁଣ୍ଡାଙ୍କ ଚିତ୍ର ଆଙ୍କିବା ସହିତ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ରକ୍ଷାକାରୀ

ପିପିଲି,୧୬।୧୧(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ରକ୍ଷାକାରୀ। ଗଣମାଧ୍ୟମ ବିନା ସାଧାରଣ ଲୋକେ ସୁଶାସନ ପାଇବାରୁ ବଞ୍ଚିତ ହୁଅନ୍ତି। ଗଣମାଧ୍ୟମ ଯେତେବେଳେ ଚାପଗ୍ରସ୍ତ ହୁଏ, ତେବେ ଦୁର୍ନୀତି ଓ କୁଶାସନ ଅଗ୍ରସର ଭାବେ ବୃଦ୍ଧି ପାଏ ବୋଲି ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ଅତିଥିମାନେ ମତପ୍ରକାଶ କରିଥିଲେ। ପିପିଲି ମିଡ଼ିଆ ୟୁନିୟନ ପକ୍ଷରୁ ରବିବାର ପିପିଲି ହାଟଛକ ଠାରେ ଆୟୋଜିତ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ପିପିଲିର ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ସାହୁ, କଂଗ୍ରେସ ନେତ୍ରୀ ନିରୁପମା ପାତ୍ର, ସିଦ୍ଧେଶ୍ୱର ଦେବ ବ୍ୟବସାୟୀ ସଂଘ ସଭାପତି ଧିରେନ୍ଦ୍ର ସାମନ୍ତରାୟ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ପ୍ରମୁଖ ଯୋଗଦେଇ ଖବରଦାତା ନିରପେକ୍ଷ, ନ୍ୟାୟସଙ୍ଗତ ଓ ନିର୍ଭରଯୋଗ୍ୟ ଖବର ପରିବେଷଣ କରିବା ସାଙ୍ଗକୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଘଟଣା ଉପରେ ସଠିକ ଢଙ୍ଗରେ ଉପସ୍ଥାପନ କରିବା ଜରୁରୀ ବୋଲି କହିଥିଲେ।

ଏହି ଅବସରରେ ପିପିଲିରେ ୪୦ବର୍ଷରୁ ଊର୍ଦ୍ଧ୍ୱ ନିରବଚ୍ଛିନ୍ନ ଭାବେ ଖବରକାଗଜ ବିତରଣ କରୁଥିବା ବରିଷ୍ଠ ବିତରକ ଚିତ୍ରସେନ ଦିକ୍ଷୀତ ଓ ପ୍ରସନ୍ନ କୁମାର ମିଶ୍ରଙ୍କୁ ସଂଘ ପକ୍ଷରୁ 'ପିପିଲି ସେବା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ପିପିଲି ଗୌରବ ଭାବେ ଓଏଏସ୍ ପରୀକ୍ଷାରେ ସଫଳତା ହୋଇଥିବା ଲୋପାମୁଦ୍ରା ପ୍ରଧାନ ଓ ରାଜ୍ୟସ୍ତର ଏମସିଏ ପରୀକ୍ଷାରେ ସ୍ୱର୍ଣ୍ଣପଦକ ବିଜେତା ଦୀପଶିକ୍ଷା ଦାସଙ୍କ ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ପ୍ରତିଭାମାନଙ୍କୁ ସଭା ମଞ୍ଚରେ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଘର ସଭାପତି ମନୋରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ହୋଇଥିବା ବେଳେ ମୁଖ୍ୟ ଉପଦେଷ୍ଟା ପ୍ରଭାତ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଦେବାଶିଷ ସିଂରାୟନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ସହ ସମ୍ପାଦକ ସଞ୍ଜୟ କୁମାର ପ୍ରଧାନ ଅତିଥିଙ୍କୁ ଧନ୍ୟବାଦ ଦେଇଥିବା ବେଳେ ମଂଚ ପରିଚାଳନା ରେ ମୁଖ୍ୟ ସହଯୋଗୀ ଭାବେ ସକ୍ରିୟ ସଦସ୍ୟ ବାପୁ ବେହେରା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ସଂଘର ସମସ୍ତ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


କାର୍ଯ୍ୟକ୍ରମରେ ଜଣେ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No.RDM-LAB-GM-0021-2025-19066/ R&DM,** **Dated: 27 MAY 2025**

No.XII-16: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଗଞ୍ଜାମ ଜିଲ୍ଲାରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: **ସୁନ୍ଦରପୁର**, ଥାନା: ପାଟପୁର, ତହସିଲ: ସାନଖେମୁଣ୍ଡି, ଜିଲ୍ଲା: ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୫.୦୫୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ** – ଛେଳିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ । ୨. **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ** – ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ, ଦିଗପହଣ୍ଡି, ଗଞ୍ଜାମ। ୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା। (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) । ୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା ୩୪୮୮୪ ତାରିଖ ୦୮.୧୦.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି । ୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ । ୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ସୁନ୍ଦରପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୬.୩୯୧ | ଏ ୫.୦୫୬ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୨.୮୨୫ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି **ଜିଲ୍ଲାପାଳ, ଗଞ୍ଜାମଙ୍କ** ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- (ମଧୁସ୍ମିତା ସାହୁ),**
**ଅତିରିକ୍ତ ଶାସନ ସଚିବ**

### ସୁନ୍ଦରପୁର ଗ୍ରାମର ଜମିର ବିବରଣୀ
### ମୌଜା–ସୁନ୍ଦରପୁର, ତହସିଲ–ସାନଖେମୁଣ୍ଡି, ଜିଲ୍ଲା–ଗଞ୍ଜାମ

| କ୍ରମିକ ସଂଖ୍ୟା | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକର) | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୦୧ | ୧୬୩୪ | ବିଲ ଜଳସେଚିତ ଏକ ଫସଲି | ୦.୧୭୦ | ୦.୧୭୦ | ଦଣ୍ଡିଆ ପ୍ରଧାନ, ପି:ମଙ୍ଗୁଲୁ ପ୍ରଧାନ, ଚୈତନ ପ୍ରଧାନ, ଦୁର୍ଲଭ ପ୍ରଧାନ, ପି:ହାଡୁ ପ୍ରଧାନ, ଗୁଣ୍ଡିଚା ପ୍ରଧାନ, ପି:ଲକ୍ଷ୍ମଣ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ= ୦.୦୪୦, ଗୋଚର ପ୍ରତି ବଦଳ=୦.୧୩୦ |
| ୨ | ୧୦୯ | ୧୬୪୬ | ବିଲ ଜଳସେଚିତ ଏକ ଫସଲି | ୦.୦୪୫ | ୦.୦୦୫ | ନଟିଆ ପ୍ରଧାନ, ପି:ଦଣ୍ଡପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | |
| | | ୧୬୪୭ | | ୦.୦୩୦ | ୦.୦୦୫ | | |
| | | ୧୬୯୭ | | ୦.୦୯୦ | ୦.୦୯୦ | | କେନାଲ ସକାସେ=୦.୦୪୦, ଗୋଚର ପ୍ରତି ବଦଳ=୦.୦୪୦ |
| | | ୧୬୯୮ | | ୦.୦୯୦ | ୦.୦୯୦ | | କେନାଲ ସକାସେ=୦.୦୭୦, ଗୋଚର ପ୍ରତି ବଦଳ=୦.୦୨୦ |
| ୩ | ୧୧ | ୧୬୩୩ | ବିଲ ଅଣ ଜଳସେଚିତ ଦୁଇ | ୦.୧୫୦ | ୦.୧୫୦ | ଆନନ୍ଦ ପ୍ରଧାନ, ପି:ଅର୍ଜୁନ ପ୍ରଧାନ, ବାଉରାଣୀ ପ୍ରଧାନ, ସ୍ୱା:ଅର୍ଜୁନ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୦୦, ଗୋଚର ପ୍ରତି ବଦଳ=୦.୦୫୦ |
| ୪ | ୧୪୯ | ୧୭୬୫ | ବିଲ ଜଳସେଚିତ ଏକ ଫସଲି | ୦.୧୬୦ | ୦.୧୬୦ | ଭାସ୍କର ପ୍ରଧାନ, ପି:ବାପାଣି ପ୍ରଧାନ, ଜା:କୁରୁମ, ବା:ନିଜଗାଁ | କେନାଲ ସକାସେ=୦.୦୩୦, ଗୋଚର ପ୍ରତି ବଦଳ=୦.୧୩୦ |
| ୫ | ୧୭୯ | ୧୬୩୧ | ବିଲ ଜଳସେଚିତ ଏକ ଫସଲି | ୦.୨୦୮ | ୦.୨୦୮ | ରାଜେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଜ୍ୟୋସ୍ନା ପ୍ରଧାନ, ପି:କହ୍ନେଇ ପ୍ରଧାନ, ଝୁମ୍ପା ପ୍ରଧାନ, ସ୍ୱା:କହ୍ନେଇ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୦୮, ଗୋଚର ପ୍ରତି ବଦଳ=୦.୧୦୦ |
| | | ୧୭୦୧ | | ୦.୩୦୫ | ୦.୩୦୫ | | କେନାଲ ସକାସେ=୦.୦୨୦, ଗୋଚର ପ୍ରତି ବଦଳ=୦.୨୮୦ |
| ୬ | ୧୯୩ | ୧୬୭୦ | ବିଲ ଜଳସେଚିତ ଏକ ଫସଲି | ୦.୪୬୦ | ୦.୪୬୦ | ଶାନ୍ତି ପ୍ରଧାନ, ପି:ଖଲି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୨୯୦, ଗୋଚର ପ୍ରତି ବଦଳ=୦.୧୭୦ |
| ୭ | ୧୯୪ | ୧୭୬୧ | ବିଲ ଜଳସେଚିତ ଏକ ଫସଲି | ୦.୩୨୦ | ୦.୦୧୦ | ଶାନ୍ତି ପ୍ରଧାନ, ସ୍ୱା:ଦାମ ପ୍ରଧାନ, ଜା:କୁରୁମ,ବା:ତୁଣ୍ଡୁରା | |
| ୮ | ୨୦୬/୫୨ | ୧୬୩୦ | ବିଲ ଅଣ ଜଳସେଚିତ ଦୁଇ | ୦.୨୭୦ | ୦.୨୭୦ | କୃଷ୍ଣଚନ୍ଦ୍ର ପ୍ରଧାନ, ପି: ନଟବର ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | ଗୋଚର ପ୍ରତି ବଦଳ= ୦.୧୭୦ |
| | | ୧୬୩୨ | ବିଲ ଜଳସେଚିତ ଏକ ଫସଲି | ୦.୧୯୦ | ୦.୧୯୦ | | କେନାଲ ସକାସେ=୦.୧୬୦, ଗୋଚର ପ୍ରତି ବଦଳ=୦.୦୮୦ |
| ୯ | ୨୮ | ୧୬୭୧ | ବିଲ ଜଳସେଚିତ ଏକ ଫସଲି | ୦.୩୨୫ | ୦.୩୨୫ | ଉଲା ପାତ୍ର, ପି:ବେଣିଆ ପାତ୍ର, ଜା:କୁରୁମ, ବା: ନିଜଗାଁ | କେନାଲ ସକାସେ=୦.୨୦୦, ଗୋଚର ପ୍ରତି ବଦଳ=୦.୧୨୫ |
| | | ୪୭୭ | | ୦.୨୭୫ | ୦.୦୪୦ | | |
| | | ୪୯୦ | | ୦.୧୯୦ | ୦.୦୧୦ | | |
| ୧୦ | ୩୪ | ୧୬୯୪ | ବିଲ ଜଳସେଚିତ ଏକ ଫସଲି | ୦.୧୧୦ | ୦.୧୧୦ | କପିଳ ପ୍ରଧାନ, ପି:ସାହେବ ପ୍ରଧାନ, ଜା:କୁରୁମ,ବା:ତୁଣ୍ଡୁରା | |
| ୧୧ | ୪୭ | ୧୬୬୯ | ବିଲ ଜଳସେଚିତ ଏକ ଫସଲି | ୦.୧୫୮ | ୦.୧୫୮ | କେଦାର ନାଥ ପ୍ରଧାନ, ପି:ଅର୍ଜୁନ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | |
| | | ୧୭୬୬ | | ୧.୧୬୫ | ୧.୧୬୫ | | କେନାଲ ସକାସେ=୦.୧୯୦, ଗୋଚର ପ୍ରତି ବଦଳ=୦.୯୭୫ |
| | | ୧୭୬୮ | | ୦.୩୪୦ | ୦.୩୪୦ | | କେନାଲ ସକାସେ=୦.୧୭୦, ଗୋଚର ପ୍ରତି ବଦଳ=୦.୧୭୦ |
| | | ୫୦୩ | | ୦.୨୬୫ | ୦.୦୪୦ | | |
| ୧୨ | ୬୨ | ୧୭୦୦ | ବିଲ ଜଳସେଚିତ ଏକ ଫସଲି | ୦.୪୩୦ | ୦.୪୩୦ | ଖଲି ପ୍ରଧାନ, ପି:ବାଲାଜି ପଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୯୦, ଗୋଚର ପ୍ରତି ବଦଳ=୦.୨୫୦ |
| ୧୩ | ୮୯ | ୧୬୬୮ | ବିଲ ଜଳସେଚିତ ଏକ ଫସଲି | ୦.୧୨୦ | ୦.୦୭୦ | ତ୍ରିନାଥ ନାୟକ, ତବତିଆ ନାୟକ, ଲକ୍ଷ୍ମୀ ନାୟକ, ପି:ଉଜଳ ନାୟକ, ଜା:କୁରୁମ, ବା:ନିଜଗାଁ | |
| | | ୪୯୧ | | ୦.୨୯୦ | ୦.୦୪୦ | | |
| ୧୪ | ୯୭ | ୧୭୬୪ | ବିଲ ଜଳସେଚିତ ଏକ ଫସଲି | ୦.୧୩୫ | ୦.୧୩୫ | ଦଣ୍ଡପାଣି ପ୍ରଧାନ, ପି:ବାପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୦୨୦, ଗୋଚର ପ୍ରତି ବଦଳ=୦.୧୧୫ |
| ୧୫ | ୩୧ | ୧୬୯୯ | ବିଲ ଜଳସେଚିତ ଏକ ଫସଲି | ୦.୦୭୦ | ୦.୦୭୦ | ଉଲା ପ୍ରଧାନ, ପି:ଦଣ୍ଡପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୦୫୦, ଗୋଚର ପ୍ରତି ବଦଳ=୦.୦୨୦ |
| ୧୬ | ୫ | ୧୬୪୫ | ବିଲ ଜଳସେଚିତ ଏକ ଫସଲି | ୦.୦୩୦ | ୦.୦୧୦ | ଅନି ପ୍ରଧାନ, ସ୍ୱା:କପିଳ ପ୍ରଧାନ, ଜା:କୁରୁମ, ବା:ନିଜଗାଁ | |
| ମୋଟ = ୫.୦୫୬ ଏକର | | | | | | | |

OIPR- **Sd./- Spl.L.A.Cum-R&R.O(M.I.P.), Mahendragada, (Gajapati)**

# ଠିକ୍ ଖବର ପରିବେଷଣ ଗଣତନ୍ତ୍ରକୁ ସୁଦୃଢ଼ କରେ

## ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ

ଭୁବନେଶ୍ୱର,୧୬।୧୧
(ସୌମ୍ୟରଞ୍ଜନ ରାଉତ)



କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ସହ ଅନ୍ୟ ଅତିଥିମାନେ।

ଗଣତନ୍ତ୍ରକୁ ସୁଦୃଢ଼ ଓ ସକ୍ରିୟ କରିବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଠିକ୍ ଖବର ପରିବେଷଣ ଓ ଗଠନମୂଳକ ସମାଲୋଚନା ଗଣତନ୍ତ୍ରକୁ ଋଦ୍ଧିମନ୍ତ କରିଥାଏ। ସାମ୍ପ୍ରତିକ ଦୁନିଆରେ ଅନେକ ସମୟରେ ଗଣମାଧ୍ୟମ ଦ୍ୱାରା ପ୍ରସାରିତ ଖବର ଭ୍ରମାତ୍ମକ ଭାବେ ପ୍ରସାରିତ ହେଉଥିବାରୁ ପ୍ରେସ୍‌ର ବିଶ୍ୱାସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସ୍ୱୟଂ ନିୟନ୍ତ୍ରିତ ଗଣମାଧ୍ୟମ ସମାଜ ଗଠନ ସହ ଗଣତନ୍ତ୍ରର ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ନଜିର ରହିଛି। ତେଣୁ ଦାୟିତ୍ୱସମ୍ପନ୍ନ ଗଣମାଧ୍ୟମ ପ୍ରତିନିଧି ପ୍ରତ୍ୟେକ ଖବରର ସତ୍ୟତା ଯାଞ୍ଚ କରି ଲୋକଲୋଚନକୁ ଆଣିବା ବିଧେୟ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ରବିବାର ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ପ୍ରେସ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ଚଳିତବର୍ଷ ଏହି ଦିବସର ପ୍ରସଙ୍ଗ ଥିଲା 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ'। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର କହିଲେ, ଗଣମାଧ୍ୟମ ସର୍ବଦା ଗଣତନ୍ତ୍ରର ସୁରକ୍ଷା ଦିଗରେ ନିଜର ନୀତି ସ୍ପଷ୍ଟ କରିଆସିଛି। ଭ୍ରମାତ୍ମକ ତଥା ଭୁଲ୍ ଖବରରୁ ଦୂରେଇ ରହି ଜନସାଧାରଣଙ୍କ ଠିକ ସୂଚନା ପ୍ରଦାନ କରି ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଗଣମାଧ୍ୟମ ନିଜେ ନିଜର ଭୂମିକା ନିର୍ଣ୍ଣୟ କରୁ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଦେବୀଲାଲ ମିଶ୍ର ଖବର ପ୍ରସାରଣ ପୂର୍ବରୁ ପ୍ରତ୍ୟେକ ତଥ୍ୟର ଗଭୀର ସମୀକ୍ଷାର ଆବଶ୍ୟକତା ରହିଛି। ଭ୍ରମାତ୍ମକ ଖବର ଗଣତନ୍ତ୍ର ଓ ସମାଜ ପ୍ରତି କ୍ଷତିକାରକ ବୋଲି ସେ ମତବ୍ୟକ୍ତ କରିଥିଲେ।

ସେହିପରି ଜାତୀୟ ପ୍ରେସ୍ ଦିବସ ପରିପ୍ରେକ୍ଷୀରେ ସୂଚନା ଭବନଠାରେ ଅନୁଷ୍ଠିତ ଖବରକାଗଜ ପ୍ରଦର୍ଶନୀକୁ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀରେ ୯୩ଟି ପତ୍ରପତ୍ରିକା, ୧୭ଟି ବିଦେଶୀ ଖବରକାଗଜ, ୨୪୦ଟି ଓଡ଼ିଆ ଦୈନିକ ଓ ପୁରାତନ ଖବରକାଗଜ ସମେତ ୫୦୧ଟି ଖବରକାଗଜ ଓ ପତ୍ରପତ୍ରିକା ସ୍ଥାନିତ ହୋଇଛି। ଏହି ପ୍ରଦର୍ଶନୀ ଆୟୋଜନରେ ସହଯୋଗ କରିଥିବାରୁ ଶଶାଙ୍କ ଶେଖର ଦାଶ (ପେପରମ୍ୟାନ୍ ଇଣ୍ଡିଆ)ଙ୍କୁ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର ସିଂ, ବରିଷ୍ଠ ଖବରଦାତା ପୀତବାସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ସୂଚନା ଭବନଠାରେ ଅନୁଷ୍ଠିତ ଖବରକାଗଜ ପ୍ରଦର୍ଶନୀକୁ ଯୁବତୀମାନେ ବୁଲି ଦେଖୁଛନ୍ତି।

# ଗଣମାଧ୍ୟମ ପ୍ରକୃତ ସମସ୍ୟା ଲୋକଲୋଚନକୁ ଆଣିବା ଉଚିତ




କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୧୬।୧୧
(ସୌମ୍ୟରଞ୍ଜନ ରାଉତ)

## ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ପ୍ରେସ୍ ଦିବସ

ସମାଜର ତଳସ୍ତରରେ ଥିବା ଗରିବ ଓ ଅବହେଳିତ ମଣିଷର ସମସ୍ୟାଗୁଡ଼ିକୁ ଲୋକଲୋଚନକୁ ଆଣିବା ଦିଗରେ ଗଣମାଧ୍ୟମ ଶକ୍ତିଶାଳୀ ଭୂମିକା ଗ୍ରହଣ କରିବା ଉଚିତ। ଅନ୍ୟାୟ, ଅନୀତି ବିରୋଧରେ ସେମାନେ ସତ୍ୟ ଓ ନିର୍ଭୀକ ଭାବେ ଲେଖନୀ ଚାଳନା କଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ ବୋଲି ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ରବିବାର ସୂଚନା ଭବନଠାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଦୂରଦର୍ଶନ କେନ୍ଦ୍ର, ଆକାଶବାଣୀ, ପିଆଇବି, ସେଣ୍ଟ୍ରାଲ ବ୍ୟୁରୋ ଅଫ୍ କମ୍ୟୁନିକେଶନ (ସିବିସି) ଏବଂ ଏକାଡ଼େମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇନଫରମେଶନ ଟେକ୍ନୋଲୋଜି (ଅମିତ)ର ସହଯୋଗରେ 'ଜାତୀୟ ପ୍ରେସ୍ ଦିବସ' ପାଳନ କରାଯାଇଥିଲା। ରାଜ୍ୟ ମାନବାଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଗଣମାଧ୍ୟମକୁ ସରକାର ମଧ୍ୟ ବିଭିନ୍ନ ସମୟରେ ଡରି ପୂରା ପୃଷ୍ଠା ବିଜ୍ଞାପନ ଦିଅନ୍ତି। କିନ୍ତୁ ପ୍ରକୃତ ସତ୍ୟ ହେଲା ସମ୍ବିଧାନର ଧାରା ୧୯(କ) ଅନୁଯାୟୀ ବ୍ୟକ୍ତି ସ୍ୱାଧୀନତା ଏବଂ ସୂଚନା ଅଧିକାରକୁ କେହି ଗୁରୁତ୍ୱ ଦିଅନ୍ତି ନାହିଁ। ସମ୍ମାନିତ ଅତିଥି ଭାବେ ଉନ୍ନୟନ କମିଶନର ଅନୁ ଗର୍ଗ କହିଲେ, ସ୍ୱାସ୍ଥ୍ୟସେବା, ସମାନୁପାତିକ ପ୍ରଗତି ଭଳି ପ୍ରସଙ୍ଗଗୁଡ଼ିକୁ ସାମ୍ବାଦିକମାନେ ଲୋକଙ୍କ ପାଖରେ ତୃଣମୂଳସ୍ତର ପର୍ଯ୍ୟନ୍ତ ପହଞ୍ଚାଇ ପାରିଲେ ଭିଜନ ଡକ୍ୟୁମେଣ୍ଟର ଲକ୍ଷ୍ୟ ପୂରଣ ହୋଇପାରିବ। ରାଜ୍ୟ ଆଇନ କମିଶନ ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ କହିଲେ, ୨୫ ବର୍ଷ ଧରି ସମ୍ବାଦପତ୍ରର ଓକିଲ ଭାବେ କାର୍ଯ୍ୟ କରି ସାମ୍ବାଦିକଙ୍କ ଅନେକ ସସସ୍ୟା ସମ୍ପର୍କରେ ଅବଗତ ହୋଇଛି। ସାମ୍ବାଦିକମାନେ ଶୀତତାପ ନିୟନ୍ତ୍ରିତ କକ୍ଷରୁ ବାହାରି, ସ୍କୁଲ, କଲେଜ, ବସ୍‌ଷ୍ଟାଣ୍ଡ, ଡାକ୍ତରଖାନା ଆଦିକୁ ଯାଇ ସେଠାରେ ଥିବା ସାଧାରଣ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ରାଜ୍ୟର ୩୫ଜଣ ବରିଷ୍ଠ ଖବରଦାତାଙ୍କୁ ପେନ୍‌ସନ ପ୍ରଦାନ କରାଯିବା ସହିତ ୮ଜଣ ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତିରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଲୋକସେବକ ମଣ୍ଡଳର ଉପାଧ୍ୟକ୍ଷ ଦୀପକ ମାଳବ୍ୟ, ବୋର୍ଡର ରାଜ୍ୟ ସଭାପତି ପ୍ରଦୋଷ ପଟ୍ଟନାୟକ, ବୋର୍ଡ଼ର ସାଧାରଣ ସମ୍ପାଦକ ସନତ ମିଶ୍ର, ବିଏମ୍‌ସି ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଥିଲେ। ବୋର୍ଡର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାରରୁ ଯୁବତୀଙ୍କ ଜୀବନ ଗଲା

ଭୁବନେଶ୍ୱର, ୧୬।୧୧(ତ୍ରିନାଥ ମହାନ୍ତି)

## ଡାକ୍ତରଙ୍କ ନାମରେ ମାମଲା

### ୨୬ରେ ନିର୍ବନ୍ଧ, ଜାନୁଆରୀରେ ବିବାହ ସ୍ଥିର ହୋଇଥିଲା

ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଜଣେ ଯୁବତୀଙ୍କ ଜୀବନ ଯାଇଛି। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ କ୍ଲିନିକ୍‌ରେ ଏହି ଘଟଣା ଘଟିଛି। ମୃତ ଯୁବତୀ ହେଉଛନ୍ତି କଟକ ନୂଆ ବଜାରର ଅଲିଭା ଦାସ। ଏନେଇ ତାଙ୍କ ଭାଇ ଅଭିଷେକ ଦାସ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସମ୍ପୃକ୍ତ ଡାକ୍ତରଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଲିଭାଙ୍କର ବିବାହ ସ୍ଥିର ହୋଇସାରିଥିଲା। ଆସନ୍ତା ୨୬ ତାରିଖରେ ନିର୍ବନ୍ଧ ଓ ଜାନୁଆରୀରେ ବିବାହ ହୋଇଥାନ୍ତା। ତେବେ ନୂଆ ସଂସାର ପୂର୍ବରୁ ତାଙ୍କର ମୃତ୍ୟୁ ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ଉକ୍ତ ଘରୋଇ କ୍ଲିନିକ୍ ଓ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପରିବାର ପକ୍ଷରୁ ଦାବି ହୋଇଛି।

ଅଲିଭା ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଘରୋଇ କ୍ଲିନିକ୍ ଆହାନା ଗାଇନୋ କେୟାରକୁ ନେଇଥିଲେ। ସେଠାରେ ଡାକ୍ତର ଦେଖିବା ପରେ କେତେକ ପରୀକ୍ଷା କରାଯାଇଥିଲା। ରିପୋର୍ଟରୁ ତାଙ୍କ ଗର୍ଭାଶୟରେ ଫାଇବ୍ରଏଡ୍ସ ହୋଇଥିବା ଓ ଲାପାରୋସ୍କୋପି ମାଧ୍ୟମରେ ଅପରେଶନ କରାଯିବ ବୋଲି ଡାକ୍ତର କହିଥିଲେ। ପରିବାର ଲୋକେ ଗତ ୪ ତାରିଖ ଦିନ ଅଲିଭାଙ୍କୁ ଉକ୍ତ କ୍ଲିନିକ୍‌ରେ ଆଡ୍‌ମିଶନ କରିଥିଲେ। ଅପରାହ୍ନ ୩ଟାରେ ଅଲିଭାଙ୍କୁ ଓଟି ଭିତରକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କର ଓପନ ସର୍ଜରି କରି ଦେଇଥିଲେ। ଛୋଟବଡ଼ କରି ପ୍ରାୟ ୪୦ଟି ଫାଇବ୍ରଏଡ୍ସ ବାହାରିଥିବା ପରିବାର ଲୋକଙ୍କୁ ଜଣାଇଥିଲେ। ହେଲେ ଅସ୍ତ୍ରୋପଚାର ପରେ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ପରିବାର ଲୋକେ ରକ୍ତ ମଧ୍ୟ ଯୋଗାଇ ଦେଇଥିଲେ। ପ୍ରଚୁର ରକ୍ତସ୍ରାବ ଯୋଗୁ ଅବସ୍ଥା ଅତି ସଙ୍କଟାପନ୍ନ ହେବାରୁ ସନ୍ଧ୍ୟା ୭ଟା ବେଳକୁ ଡାକ୍ତର ଦ୍ୱିତୀୟ ଥର ଅସ୍ତ୍ରୋପଚାର କରିଥିଲେ। ଏଥିସହିତ ୨ ୟୁନିଟ୍ ପିଆରବିସି, ୨ ୟୁନିଟ ଆର୍‌ଡିପି ଓ ୨ ୟୁନିଟ ଏଫ୍‌ପିପି ଯୋଗାଡ଼ କରିବାକୁ କହିବାରୁ ପରିବାର ଲୋକେ ତାହା ମଧ୍ୟ କରିଥିଲେ। ଦ୍ୱିତୀୟ ଅସ୍ତ୍ରୋପଚାର ସଫଳ ହୋଇଛି। ଅଲିଭାଙ୍କ ଅବସ୍ଥା ସ୍ଥିର ରହିଛି ଓ ଜୀବନ ପ୍ରତି କୌଣସି ବିପଦ ନାହିଁ। ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ନେଇ ରାତି ପ୍ରାୟ ୧୦ଟା ବେଳକୁ ଡାକ୍ତର କହିଥିଲେ। ହେଲେ ରାତି ପ୍ରାୟ ଗୋଟାଏ ବେଳକୁ ପରିବାର ଲୋକଙ୍କ ବିନା ଅନୁମତିରେ ଅଲିଭାଙ୍କୁ ଆଉ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରି ଦେଇଥିଲେ। ସେଠାରେ ପହଞ୍ଚିବା ପରେ ଡାକ୍ତରଙ୍କ କଥା ଶୁଣି ପରିବାର ଲୋକଙ୍କ ପାଦ ତଳୁ ମାଟି ଖସି ଯାଇଥିଲା। ଅଲିଭାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଗୁରୁତର ଥିବାବେଳେ ବଞ୍ଚିବାର ମାତ୍ର ୧ ପ୍ରତିଶତ ସମ୍ଭାବନା ରହିଛି ବୋଲି ଡାକ୍ତର କହିଥିଲେ। ସେଠାରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଅଲିଭା ହୃଦ୍‌ଘାତର ଶିକାର ହୋଇଥିଲେ। ପ୍ରାୟ ୪ ଦିନ ଧରି ଚିକିତ୍ସା ହେବାପରେ ଅଲିଭା ସେଠାରେ ପ୍ରାଣ ହରାଇଥିଲେ। ଗର୍ଭାଶୟରୁ ଫାଇବ୍ରଏଡ୍ସ କାଢ଼ିବା ସମୟରେ ହୋଇଥିବା ତ୍ରୁଟି ଯୋଗୁ ରକ୍ତସ୍ରାବ ହୋଇଥିଲା ଓ ସେଥିଲାଗି ଅଲିଭା ପ୍ରାଣ ହରାଇଲେ ବୋଲି ଭାଇ ଅଭିଷେକ ଅଭିଯୋଗ କରିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ପ୍ରଦୀପ୍ତ



@ ଜିତୁ



@ ଅଭୟ



@ ବିଷ୍ଣୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଡ଼କ ଦୁର୍ଘଟଣାଜନିତ 'ଶୂନ ମୃତାହତ ପକ୍ଷ' ପାଳନ ଆରମ୍ଭ

# ୩୦ ପର୍ଯ୍ୟନ୍ତ ଚେକିଂ କଡ଼ାକଡ଼ି

କଟକ,୧୬।୧୧(କାର୍ତ୍ତିକ ସାହୁ)



କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଉଦ୍‌ବୋଧନ ଦେଉଛନ୍ତି।

ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପୀଡ଼ିତଙ୍କ ସ୍ମୃତିରେ ତଥା ବିଶ୍ୱ ସ୍ମୃତି ଦିବସ ଅବସରରେ ରବିବାରଠାରୁ ରାଜ୍ୟରେ 'ଶୂନ୍ୟ ମୃତାହତ ପକ୍ଷ' ଆରମ୍ଭ ହୋଇଛି। ଏହି ଅଭିଯାନ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ସଡ଼କ ସୁରକ୍ଷା ନିୟମ କଡ଼ାକଡ଼ି ପାଳନ ଓ ଆବଶ୍ୟକ କାଗଜପତ୍ର ଯାଞ୍ଚ ସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବ। ରବିବାର ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍‌ରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇ ଏହି ସୂଚନା ଦେବା ସହ କହିଲେ ଯେ, ସଡ଼କ ଦୁର୍ଘଟଣାରେ ହେଉଥିବା ମୃତ୍ୟୁସଂଖ୍ୟା ଆମ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ। ସରକାର ଏହାକୁ ହ୍ରାସ କରିବା ପାଇଁ ସମସ୍ତ ପ୍ରୟାସ କରୁଛନ୍ତି, କିନ୍ତୁ ଏହା କେବଳ ସରକାରୀ ଉଦ୍ୟମରେ ସମ୍ଭବ ନୁହେଁ। ଏଥିପାଇଁ ସାମୂହିକ ସହଭାଗିତା ଆବଶ୍ୟକ। ସମସ୍ତେ ଏହି ଅଭିଯାନରେ ଯୋଗଦେଇ ସଡ଼କ ସୁରକ୍ଷା ନିୟମ ପାଳନ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ପରିବହନ ଆୟୁକ୍ତ ଅମିତାଭ ଠାକୁର ଯୋଗଦେଇ କହିଲେ, କୋଭିଡ୍ ମହାମାରୀ ସମୟରେ ନିୟମ ପାଳନ କରି ଆମେ ନିଜକୁ ରକ୍ଷା କରିଥିଲେ। ସଡ଼କ ଦୁର୍ଘଟଣା ମଧ୍ୟ ଏକ ମହାମାରୀ ରୂପ ନେଇଛି। ଏଥିରୁ ରକ୍ଷା ପାଇବା ପାଇଁ ନିୟମ ପାଳନକୁ ଗୁରୁତ୍ୱ ଦେବା ଆବଶ୍ୟକ। ଏହି ଅଭିଯାନ ଅବସରରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ସେହିପରି ହେଲମେଟ୍, ଡ୍ରାଇଭିଂ ଲାଇସେନ୍ସ ସମେତ ଆବଶ୍ୟକ ଗାଡ଼ି କାଗଜପତ୍ର ଆଦି କଡ଼ାକଡ଼ି ଯାଞ୍ଚ କରାଯିବ। କୌଣସି ବ୍ୟକ୍ତି ସଡ଼କ ସୁରକ୍ଷା ନିୟମ ପାଳନ କରୁ ନ ଥିଲେ, ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଯୋଗଦେଇ କହିଲେ, ଅନେକ ଦୁର୍ଘଟଣାର ତଦନ୍ତରୁ ଦେଖାଯାଉଛି ଯେ, ଚାଳକମାନଙ୍କର ଛୋଟ ତ୍ରୁଟି ବଡ଼ ଦୁର୍ଘଟଣା ଘଟାଉଛି। ସଡ଼କ ବ୍ୟବହାରକାରୀମାନେ ସୁରକ୍ଷା ନିୟମକୁ ଗମ୍ଭୀରତାର ସହ ପାଳନ କରିବା ଉଚିତ, ନ ହେଲେ ସେମାନେ ନିଜେ ଶିକାର ହେବେ। ଏହି ୧୫ ଦିନର ଅଭିଯାନରେ ସାରା ରାଜ୍ୟରେ ଜିଲା ପ୍ରଶାସନ, ପୋଲିସ ଏବଂ ଅନ୍ୟାନ୍ୟ ବିଭାଗର ସହଯୋଗରେ ଆଞ୍ଚଳିକ ପରିବହନ ଅଧିକାରୀମାନେ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିବେ। ଏହି ଅବସରରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ସଚେତନତା ରଥର ଶୁଭାରମ୍ଭ କରାଯାଇଛି, ଯାହା ପରିକ୍ରମା କରି ଲୋକଙ୍କୁ ସଚେତନ କରିବ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ସଡ଼କ ସୁରକ୍ଷା ପଦଯାତ୍ରାରେ ସାମିଲ ହୋଇଥିଲେ। ଟ୍ରାଫିକ ଡିସିପି, ପରିବହନ ବିଭାଗର ବରିଷ୍ଠ ଅଧିକାରୀ ଏବଂ ପୋଲିସ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ୧ରୁ ବିଧାନସଭା ସମ୍ମୁଖରେ ପ୍ରାଥମିକ ଶିକ୍ଷକ ମହାସଂଘର ଆନ୍ଦୋଳନ

ଭୁବନେଶ୍ୱର,୧୬।୧୧(ଅନୁରାଧା ମହାରଣା)

୨ ଦଫା ଦାବି ନେଇ ଡିସେମ୍ବର ୧ରୁ ପ୍ରାଥମିକ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇବେ। ମୂଳ ପଦବୀକୁ ଉନ୍ନୀତ କରି ୪୨୦୦ ଗ୍ରେଡ୍ ପେ' ପ୍ରଦାନ, ୨୦୦୧ରୁ ୨୦୨୪ ମସିହା ପର୍ଯ୍ୟନ୍ତ ୬ ବର୍ଷର କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରି ୬ଟି ନୋଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ଦାବି ପୂରଣ ପାଇଁ ମହାସଂଘ ଏହି ନିଷ୍ପତ୍ତି ନେଇଛି। ନଭେମ୍ବର ୩୦ ସୁଦ୍ଧା ସରକାର ଯଦି ଦାବି ପୂରଣ ନ କରନ୍ତି, ଡିସେମ୍ବର ୧ରୁ ରାଜରାସ୍ତାରେ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ ବିକ୍ଷୋଭ ପ୍ରଦର୍ଶନ କରିବେ। ଏଥିପାଇଁ ରାଜ୍ୟ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଯାହା ପରିସ୍ଥିତି ଉପୁଜିବ, ସେଥିପାଇଁ ସରକାର ଦାୟୀ ରହିବେ ବୋଲି ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ମହାସଂଘର ଆବାହକ ରାମଲାଲ ପଟେଲଙ୍କ ଅଧ୍ୟକ୍ଷତାରେ ରବିବାର ଖାରବେଳ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଏନେଇ ଆଲୋଚନା ହୋଇଛି। ୨୦୦୧ରୁ ନିଅଣ୍ଟିଆ ଅର୍ଥ ବ୍ୟବସ୍ଥା ସମୟରୁ ସ୍ୱଳ୍ପ ବେତନରେ ଓ ଶିକ୍ଷା ବ୍ୟବସ୍ଥାକୁ ପ୍ରାଥମିକ ଶିକ୍ଷକ ସୁଦୃଢ଼ କରି ଆସୁଥିବାବେଳେ ଶିକ୍ଷକମାନଙ୍କ ଦାବୀକୁ ଉପେକ୍ଷା କରାଯାଉଛି। ପ୍ରାଥମିକ ଶିକ୍ଷକ ସରକାରଙ୍କ ଆର୍‌ଟିଇ, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା, କିଶୋରୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ସହିତ ବିଭିନ୍ନ ଅଣଶୈକ୍ଷିକ କାର୍ଯ୍ୟକ୍ରମର ଅନୁପାଳନ କରୁଛନ୍ତି। ହେଲେ ସେମାନଙ୍କ ଦାବିକୁ ସରକାର କର୍ଣ୍ଣପାତ କରୁ ନ ଥିବା ମହାସଂଘ ଅଭିଯୋଗ କରିଛି। ବୈଠକରେ ଓପିଟିଏ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ଓଇବିଟିଏଫ ସଭାପତି ଅଜୟ କୁମାର ଧଳ, ଏଓପିଟିଏ ସଭାପତି ସୁଶାନ୍ତ ବେହେରା, ଓଇଟିଏ ସାଧାରଣ ସମ୍ପାଦକ ପ୍ରବୀଣ କୁମାର ଦାସ, ଲେଭଲ ଭି-ଏ ଆବାହକ ସୁବ୍ରତ କୁମାର ଧଳ, ଅଜିତ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।




ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟ ଓ ବିଏମସି ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକରୁ ଗିରିଦୁର୍ଗା ମନ୍ଦିର ମଧ୍ୟରେ ଆୟୋଜିତ 'ଷ୍ଟ୍ରିଟ୍ କାର୍ନିଭାଲ୍'ର ମ୍ୟୁଜିକ୍ ଓ ଡ୍ୟାନ୍ସ କାର୍ଯ୍ୟକ୍ରମରେ ଉତ୍ସାହିତ ସହରବାସୀ। (ଫଟୋ– ମନୋରଞ୍ଜନ ମିଶ୍ର)

# ରାଜଧାନୀରେ ଷ୍ଟ୍ରିଟ୍ କାର୍ନିଭାଲ

## ଶୀତୁଆ ସକାଳରେ ଝୁମିଲେ ଦର୍ଶକ

ଭୁବନେଶ୍ୱର, ୧୬।୧୧ (ବନ୍ଦନା ସେଠୀ)– ଶୀତୁଆ ସକାଳରେ ରବିବାର ବିଭିନ୍ନ ସାଂସ୍କୃତି କାର୍ଯ୍ୟକ୍ରମର ମଜା ନେଇଛନ୍ତି ରାଜଧାନୀବାସୀ। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ମିଳିତ ଆନୁକୂଲ୍ୟରେ ମାଷ୍ଟର କ୍ୟାଣ୍ଟିନ ଛକରୁ ଗିରିଦୁର୍ଗା ମନ୍ଦିର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଷ୍ଟ୍ରିଟ୍ କାର୍ନିଭାଲ୍ ବା ରାସ୍ତାପାର୍ଶ୍ୱ ମେଳା। ଏହି କାର୍ନିଭାଲ୍‌ରେ ଥ୍ରୀଡି ଆର୍ଟ, ଜୁମ୍ବା, ଲାଇଭ୍ ମ୍ୟୁଜିକ, ଡ୍ୟାନ୍ସ, ବିଭିନ୍ନ ପ୍ରଦର୍ଶନ, ଆର୍କିଟେକ୍ଟଙ୍କ ଦ୍ୱାରା ଘରର ସୌନ୍ଦର୍ଯ୍ୟକରଣ, ବର୍ଜ୍ୟରୁ ପ୍ରସ୍ତୁତ ଶ୍ରେଷ୍ଠ ଫ୍ୟାଶନ ଡିଜାଇନ ଶୋ, ବିଭିନ୍ନ ପେଣ୍ଟିଂ କଳା ଆଦି ପ୍ରଦର୍ଶିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଝୁମିଥିବାବେଳେ 'ଆପଣଙ୍କ ସହରକୁ ଜାଣନ୍ତୁ' କାର୍ଯ୍ୟକ୍ରମ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେହିପରି ଛୋଟ ଶିଶୁଙ୍କଠାରୁ ବରିଷ୍ଠ ନାଗରିକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଭରପୁର କାର୍ଯ୍ୟକ୍ରମ ରହିଥିଲା। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଶାସନ ସଚିବ ଉଷା ପାଢ଼ୀ, ମେୟର ସୁଲୋଚନା ଦାସ ଓ ବିଏମ୍‌ସି କମିଶନର ଚଞ୍ଚଳ ରାଣାଙ୍କ ସମେତ ବିଏମ୍‌ସି ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ବହୁ କଳାକାର, ବାସ୍ତୁଶାସ୍ତ୍ର ବିଶାରଦ, ଡିଜାଇନର ଏବଂ ସାଂସ୍କୃତିକ ଦଳ ଯୋଗଦେଇଥିଲେ।



ମେଳାରେ ଲୋକଙ୍କୁ ମନୋରଞ୍ଜନ କରୁଥିବା ଲୋକକଳା ଗ୍ରୁପ୍।



ରାସ୍ତାରେ ବସି ପିଲାମାନେ ଚିତ୍ରାଙ୍କନ କରୁଛନ୍ତି।

## ଡିସେମ୍ବର ଶେଷ ରବିବାରଠାରୁ ପଥୋତ୍ସବ

ଭୁବନେଶ୍ୱର, ୧୬।୧୧ (ବନ୍ଦନା ସେଠୀ)– ରାଜଧାନୀକୁ ପୁଣି ଫେରିବ 'ପଥୋତ୍ସବ'। ଶୀତ ସକାଳରେ ଭୁବନେଶ୍ୱରର ରାସ୍ତାଗୁଡ଼ିକ ପୁଣିଥରେ ଜୀବନ୍ତ ହେବ। ଡିସେମ୍ବର ଶେଷ ସପ୍ତାହରୁ ଆରମ୍ଭ ହୋଇ ଜାନୁଆରୀ ପ୍ରଥମ ଦୁଇ ସପ୍ତାହ ପର୍ଯ୍ୟନ୍ତ 'ପଥୋତ୍ସବ' ଚାଲିବ। ଏଥିରେ ସଂସ୍କୃତି, କଳା ଓ ବିନୋଦର ମଜା ପାଇବେ ସହରବାସୀ। ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଏହାକୁ ୩ଟି ଜୋନ୍‌ରେ ଆୟୋଜନ କରିବ ବୋଲି ବିଏମ୍‌ସି କମିଶନର ଚଞ୍ଚଳ ରାଣା ସୂଚନା ଦେଇଛନ୍ତି। ସବୁ ରବିବାର ସକାଳ ୭ରୁ ୧୦ ପର୍ଯ୍ୟନ୍ତ ଏହି ଉତ୍ସବକୁ ପାଳନ କରାଯିବ। ସହରର ୩ଟି ଜୋନ୍‌ର ଏକ ନିର୍ଦ୍ଦିଷ୍ଟ ପଥରେ ଏହାର ଆୟୋଜନ ହେବାକୁ ଥିବାବେଳେ ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ସ୍କେଟିଂ ସହ ଅନ୍ୟାନ୍ୟ ବିନୋଦମୂଳକ କାର୍ଯ୍ୟକ୍ରମରେ ସମସ୍ତେ ଆମୋଦିତ ହେବେ। ଏଥର ଭିନ୍ନଭାବେ କାର୍ଯ୍ୟକ୍ରମ ହେବ। ଏଥିପାଇଁ ସହରର ବିଭିନ୍ନକୁ ରାସ୍ତା ଚିହ୍ନଟ କରାଯାଇଛି। ଓଡ଼ିଶାର ସଂସ୍କୃତିକୁ ପ୍ରଦର୍ଶନ କରିବା ସହ ସମାଜର ସମଗ୍ର ବର୍ଗଙ୍କୁ ଏକତ୍ରିତ କରିବାରେ ଏହା ସହାୟକ ହେବ ବୋଲି ବିଏମ୍‌ସି କମିଶନର କହିଛନ୍ତି।

## ମୁମ୍ବାଇ ଜାଗରଣ ଫିଲ୍ମ ଫେଷ୍ଟିଭାଲ୍‌ରେ ଓଡ଼ିଆ ଚଳଚ୍ଚିତ୍ର 'ପୂୟୋଦକମ୍' ପ୍ରଦର୍ଶିତ




ଭୁବନେଶ୍ୱର,୧୬।୧୧ (ସୌମ୍ୟରଞ୍ଜନ ରାଉତ)

ମୁମ୍ବାଇରେ ଆୟୋଜିତ ଜାଗରଣ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଆ ଚଳଚ୍ଚିତ୍ର 'ପୂୟୋଦକମ୍' ରବିବାର ପ୍ରଦର୍ଶିତ ହୋଇଯାଇଛି। ଚଳଚ୍ଚିତ୍ରର ନିର୍ଦ୍ଦେଶକ ଶିବପ୍ରସାଦ ମହାନ୍ତି, ପ୍ରଯୋଜିକା ଗୁନ୍‌ଗୁନ୍, ରୀନା ଜେନା, କାର୍ଯ୍ୟକାରୀ ପ୍ରଯୋଜକ ନିର୍ମାଲ୍ୟ କୁମାର, ସାଉଣ୍ଡ୍ ଡିଜାଇନର ସୁବାସ ସାହୁ, ନିର୍ଦ୍ଦେଶିକା ବିଜୟା ଜେନା ପ୍ରମୁଖ ଯୋଗଦେଇଥିଲେ। ନଭେମ୍ବର ୧୩ରୁ ୧୬ ପର୍ଯ୍ୟନ୍ତ ଆୟୋଜିତ ଏହି ଅନ୍ତର୍ଜାତୀୟ ମହୋତ୍ସବରେ ପ୍ରଦର୍ଶିତ ହୋଇ 'ପୂୟୋଦକମ୍' ବେଶ୍ ପ୍ରଶଂସା ସାଉଣ୍ଟିଛି। ବଳିଷ୍ଠ କାହାଣୀ, ସ୍ୱତନ୍ତ୍ର ଉପସ୍ଥାପନା, ପ୍ରଭାବୀ ଅଭିନୟ ଓ ଉଚ୍ଚକୋଟୀର ନିର୍ମାଣଶୈଳୀ ପାଇଁ ଏହା ଉଭୟ ଦର୍ଶକ ଓ ସମାଲୋଚକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ଗୁନ୍‌ଗୁନ୍ ଫିଲ୍ମସ ନିବେଦିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ଶିବପ୍ରସାଦ ମହାନ୍ତି। ଫିଲ୍ମର ପ୍ରଯୋଜନା କରିଛନ୍ତି ଗୁନ୍‌ଗୁନ୍ ଓ ରୀନା ଜେନା। ବିଭିନ୍ନ ଭୂମିକାରେ ଗୁନ୍‌ଗୁନ୍, ଶ୍ରୀତମ ଦାସ, ଗାର୍ଗୀ ମହାନ୍ତି, ଅଭିଷେକ ଗିରି, ଶୁଭ୍ରାଂଶୁ ନାୟକ, ବିବୁ ଦାସ, ପୂର୍ଣ୍ଣେନ୍ଦୁ ଦତ୍ତ ପ୍ରମୁଖ ଅଭିନୟ କରିଛନ୍ତି। ପ୍ରଚାର ପ୍ରସାର ଦାୟିତ୍ୱରେ ରହିଛନ୍ତି ହରପ୍ରସାଦ ମହାପାତ୍ର। 'ପୂୟୋଦକମ୍' ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବା ପରେ ଏହା ବଡ ପରଦାକୁ ଆସିବ ବୋଲି ଗୁନ୍‌ଗୁନ୍ ସୂଚନା ଦେଇଛନ୍ତି।

## ୫ମ ଲାସ୍ୟ ସମ୍ମାନ ଉତ୍ସବ



ଉତ୍ସବରେ ଲାସ୍ୟ ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୧୬।୧୧ (ସୌମ୍ୟରଞ୍ଜନ ରାଉତ)

**■ଧନେଶ୍ୱର, ରାମହରିଙ୍କୁ '୫ମ ଲାସ୍ୟ ସମ୍ମାନ'**

**■ନୃତ୍ୟରେ ପରିବେଶିତ ହେଲା ଦକ୍ଷ ଯଜ୍ଞ**

ଲାସ୍ୟ ଡ୍ୟାନ୍ସ ଏକାଡେମୀ କଟକ ପକ୍ଷରୁ ଆୟୋଜିତ ୫ମ ଲାସ୍ୟ ସମ୍ମାନ ଉତ୍ସବ ରବିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ଚିରସନ୍ଧାନର ସମ୍ପାଦକ ଡ. ପାର୍ଥସାରଥୀ ଅଜୟ ବାରିକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଡେପୁଟି ଡାଇରେକ୍ଟର ଶୁଚିସ୍ମିତା ମନ୍ତ୍ରୀ, ଜିଲା ସଂସ୍କୃତି ଅଫିସର ନଳିନୀକାନ୍ତ ସାହୁ, ଗୀତିକାର ପଞ୍ଚାନନ ନାୟକ, ଓଡିଶୀ ସଂଗୀତ ଗୁରୁ ରାମହରି ଦାସ୍, ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ଧନେଶ୍ୱର ସ୍ୱାଇଁ ଓ ଗୁରୁ ରାମହରି ଦାସଙ୍କୁ '୫ମ ଲାସ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ଥିଲା ଦଳଗତ ଓଡ଼ିଶୀ ନୃତ୍ୟ, ଯାହାକୁ ପରିବେଷଣ କରିଥିଲେ ଏକାଡେମୀର ଛାତ୍ରୀଛାତ୍ର। ସେମାନେ ପ୍ରଥମେ ପ୍ରସ୍ତୁତ କରିଥିଲେ ଦକ୍ଷ ଯଜ୍ଞ। ଏହାର ନୃତ୍ୟ ନିର୍ଦ୍ଦେଶନା ଓ ପରିଚାଳନା କରିଥିଲେ ଗୁରୁ ସମୀକ୍ଷା ଦୀକ୍ଷିତ। ଜ୍ଞାନାନନ୍ଦ ସାଗର କାର୍ଯ୍ୟକ୍ରମର ଉପସ୍ଥାପକ ଥିଲେ।

## ପ୍ରେମ, ରହସ୍ୟ, ନାଟକକୁ ନେଇ ଆସୁଛି 'ରକ୍ତ ଗୋଲାପ'

ଭୁବନେଶ୍ୱର,୧୬।୧୧ (ସୌମ୍ୟରଞ୍ଜନ ରାଉତ)




ଓଡ଼ିଆ ଚଳଚ୍ଚିତ୍ର 'ରକ୍ତ ଗୋଲାପ'ର ପ୍ରଥମ ଅଫିସିଆଲ ପୋଷ୍ଟର ଉନ୍ମୋଚିତ ହୋଇଯାଇଛି। ଏଥିରେ ନାୟିକା ଏଲିନା ସାମନ୍ତରାୟଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଛି। 'ରକ୍ତ ଗୋଲାପ'ର କାହାଣୀରେ ପ୍ରେମ, ରହସ୍ୟ ଓ ନାଟକୀୟତା ଭରି ରହିଥିବା ବେଳେ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ଅଶ୍ରୁଜିତ ମହାପାତ୍ର ଓ ଶୋଭନ ଦାସ। ନିର୍ଦ୍ଦେଶନା ଦେଇଛନ୍ତି ଶିଶିର କୁମାର ସାହୁ ଓ ପିନାକୀ ସିଂ। ପ୍ରେମ ଓ ତ୍ୟାଗର ମହନୀୟତା ସାଥିରେ ନ୍ୟାୟିକ ଲଢେଇ ଉପରେ ପର୍ଯ୍ୟବସିତ ଏହାର କାହାଣୀ। ଜଣେ ନାରୀ କିଭଳି ନିଜ ପରିବାରର ସୁରକ୍ଷା ପାଇଁ ଏକ ବଡ ଆହ୍ୱାନକୁ ଗ୍ରହଣ କରିନି, ଏଥିରେ ତା'ର ନିଛକ ଅବତାରଣା ରହିଛି। ଏଲିନାଙ୍କ ବ୍ୟତୀତ ଅଭିଷେକ ଗିରି, ସମରେଶ ରାଉତରାୟ, ଚୌଧୁରୀ ଜୟପ୍ରକାଶ ଦାସ, ହର ରଥ ଓ ଉଦିତ୍ ଗୁରୁଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ। 'ରକ୍ତ ଗୋଲାପ'ର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଆଶିଷ ପ୍ରଧାନ। ଚିତ୍ରନାଟ୍ୟ ତଥା ସଂଳାପ ରଚନା କରିଛନ୍ତି ଅମିତ କୁମାର ଦାସ ଓ ଅନିଲ ବାରିକ। 'ରକ୍ତ ଗୋଲାପ' ଦର୍ଶକଙ୍କୁ ବେଶ ପସନ୍ଦ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ପୁନରୁଦ୍ଧାର ଚଳଚ୍ଚିତ୍ର 'କନକଲତା' ପ୍ରଦର୍ଶିତ

### ଚଳଚ୍ଚିତ୍ର ସଂରକ୍ଷଣ ଏବଂ ପୁନରୁଦ୍ଧାର କର୍ମଶାଳାର ଚତୁର୍ଥ ଦିବସ

ଭୁବନେଶ୍ୱର,୧୬।୧୧(ସୌମ୍ୟରଞ୍ଜନ ରାଉତ)



ଫିଲ୍ମ ହେରିଟେଜ୍ ଫାଉଣ୍ଡେଶନ (ଏଫ୍‌ଏଚ୍‌ଏଫ୍) ପକ୍ଷରୁ ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ କଳାଭୂମିଠାରେ ଚାଲିଥିବା ୧୦ମ ଚଳଚ୍ଚିତ୍ର ସଂରକ୍ଷଣ ଏବଂ ପୁନରୁଦ୍ଧାର କର୍ମଶାଳାର ରବିବାର ଥିଲା ଚତୁର୍ଥ ଦିବସ। ଏହି ଅବସରରେ ଏଫ୍‌ଏଚ୍‌ଏଫ୍ ଦ୍ୱାରା କଳାଧଳାରୁ ରଙ୍ଗିନ ହୋଇ ୪–କେ ମାଧ୍ୟମରେ ପୁନରୁଦ୍ଧାର ହୋଇଥିବା ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ରଙ୍କ ୧୯୭୪ ମସିହାରେ ନିର୍ଦ୍ଦେଶିତ 'କନକଲତା' ରବିବାର ସନ୍ଧ୍ୟାରେ କେଶରୀ ଟକିଜ୍‌ଠାରେ ପ୍ରଦର୍ଶିତ ହୋଇଯାଇଛି। କର୍ମଶାଳାରେ ଦ୍ୱିତୀୟ ଓଡ଼ିଆ ଚଳଚ୍ଚିତ୍ର ଭାବେ ଏହା ପ୍ରଦର୍ଶିତ ହୋଇଛି। ଏହି ଅବସରରେ ନିର୍ଦ୍ଦେଶକ ଘନଶ୍ୟାମ ଯୋଗଦେଇ ଚଳଚ୍ଚିତ୍ରରେ ଦର୍ଶା ଯାଇଥିବା କାହାଣୀ ଉପରେ ବର୍ଣ୍ଣନା କରିଥିଲେ। ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ଶାସ୍ତ୍ରୀୟ ଉପନ୍ୟାସ ଉପରେ ଆଧାରିତ 'କନକଲତା'ରେ ଗ୍ରାମୀଣ ସମ୍ଭ୍ରାନ୍ତ ସମାଜରେ ଯୌତୁକ ପ୍ରଥାର କୁକର୍ମ, ଯନ୍ତ୍ରଣା ଏବଂ ଯନ୍ତ୍ରଣାରେ ଛଟପଟ ହୋଇ ଜୀବନ ଜିଉଁଥିବା ସେହି ନିନ୍ଦିତ ଅଳ୍ପ ବୟସର ବିଧବାଙ୍କ ଦୁର୍ଦ୍ଦଶାକୁ ଦେଖାଯାଇଛି ବୋଲି ଘନଶ୍ୟାମ ମତ ରଖିଥିଲେ। ରବିବାର ଛୁଟିଦିନ ଥିବାରୁ ଚଳଚ୍ଚିତ୍ର ଦେଖିବାକୁ ପ୍ରତ୍ୟେକ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ପୁରାତନ ଓଡ଼ିଶାର ନିଛକ କଥା ଜାଣିବା ସହ କାର୍ଯ୍ୟକ୍ରମର ଭରପୂର ମଜା ନେଇଥିଲେ।

## କିମ୍ସରେ 'କାହୋଟେକ୍'ର ଦଶମ ସଂସ୍କରଣ ଉଦଯାପିତ

ଭୁବନେଶ୍ୱର,୧୬।୧୧(ଅନୁରାଧା ମହାରଣା)




ସମ୍ମିଳନୀରେ କିଟ, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଅତିଥିମାନେ।

କନ୍‌ସୋର୍ଟିୟମ ଅଫ୍ ଆକ୍ରେଡିଟେଡ ହେଲ୍‌ଥକେୟାର ଅର୍ଗାନାଇଜେସନ୍ସ (କାହୋ) ପକ୍ଷରୁ କିମ୍ସରେ ଚାଲିଥିବା ଭାରତର ପ୍ରିମିୟର ହେଲ୍‌ଥକେୟାର ଟେକ୍ନୋଲୋଜି ଇନୋଭେଶନ କନ୍‌କ୍ଲେଭ 'କାହୋଟେକ୍'ର ଦଶମ ସଂସ୍କରଣ ରବିବାର ଉଦଯାପିତ ହୋଇଯାଇଛି। ସମ୍ମିଳନୀରେ ପ୍ରସଙ୍ଗ ରହିଥିଲଶ 'ଟେକ୍ନୋଲୋଜି ଆଣ୍ଡ ଇମ୍ପାକ୍ଟ: ସଲଭିଂ ଚ୍ୟାଲେଞ୍ଜେସ ଇନ ହେଲ୍‌ଥକେୟାର'। ଏହି ୨ ଦିନିଆ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା ଶିଳ୍ପ, ବୃତ୍ତିଗତ, ନବସର୍ଜନାକାରୀ, ଷ୍ଟାର୍ଟଅପ ଓ ଛାତ୍ର ପ୍ରତିନିଧିମାନେ ଯୋଗଦେଇଥିଲେ। କିଟ, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇ କହିଲେ, ବର୍ଷ ବର୍ଷ ଧରି କାହୋଟେକ କାହୋର ସ୍ୱାସ୍ଥ୍ୟ ପ୍ରଯୁକ୍ତି ଫୋରମର ପ୍ରମୁଖ ପ୍ଲାଟଫର୍ମ ଭାବରେ ରହି ଆସିଛି। ଏହା ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ପ୍ରଯୁକ୍ତିବିଦ୍ୟା ଉଦ୍ଭାବକ, ନୀତି ନିର୍ଦ୍ଧାରକ, ଉଦ୍ୟୋଗୀ, ନିବେଶକ ଏବଂ ଶିଳ୍ପଦ୍ୟୋଗୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିପାରିଛି। କାହୋର ସଭାପତି ଡ ବିଜୟ ଅଗ୍ରୱାଲ କହିଲେ, କାହୋର ଲକ୍ଷ୍ୟ ହେଉଛି ସ୍ୱୀକୃତ ହସ୍ପିଟାଲଗୁଡ଼ିକୁ ସେମାନଙ୍କର ନିରନ୍ତର ଗୁଣାତ୍ମକ ଚିକିତ୍ସା ସେବାରେ ଉନ୍ନତି ଆଣିବା। ସମ୍ମାନିତ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ଡା ସୁବ୍ରତ କୁମାର ଆଚାର୍ଯ୍ୟ କହିଲେ, ଚିକିତ୍ସିତ ହେଉଥିବା ଲୋକଙ୍କ ସୁରକ୍ଷା ହେଉଛି ଚିକିତ୍ସା ବିଜ୍ଞାନର ମୌଳିକ ଲକ୍ଷ୍ୟ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କର ପ୍ରଯୁକ୍ତିବିଦ୍ୟା ଉପରେ ଜ୍ଞାନ ରହିବା ଉଚିତ ବୋଲି ସେ କହିଥିଲେ। ଆଇଆଇଟି ନିର୍ଦ୍ଦେଶକ ଡ ସୁମନ ଚକ୍ରବର୍ତ୍ତୀ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବାବେଳେ କାହୋ ସେକ୍ରେଟାରୀ ଜେନେରାଲ ଡ ଲାଲୁ ଯୋସେଫ୍, ଚାର୍ଣ୍ଣକ ହସ୍ପିଟାଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ଶର୍ମା, କାହୋ ଉପାଧ୍ୟକ୍ଷ ଡ. ଶଙ୍କର ସେନଗୁପ୍ତା ଓ କିମ୍ସ ଅପରେସନ୍ସ ନିର୍ଦ୍ଦେଶକ ସୌମ୍ୟକାନ୍ତ ଶଥପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜଟଣୀ ପୁସ୍ତକ ମେଳା ପାଇଁ ପ୍ରସ୍ତୁତି

**ଜଟଣୀ,୧୬।୧୧(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୁସ୍ତକ ମେଳା ପାଇଁ ରବିବାର ଉତ୍ତରାୟଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଜବାହରଲାଲ ସୁବୁଦ୍ଧି ଅଧ୍ୟକ୍ଷତା କରିଥିଲେ। ଯୁଗ୍ମ ସମ୍ପାଦକ ଡ. ଶଶୀ ରଥ, କୋଷାଧ୍ୟକ୍ଷ କ୍ଷୀରୋଦ ପ୍ରସାଦ ନନ୍ଦ, ଅନ୍ତର୍ଯାମୀ ପ୍ରଧାନ, ସୀତାକାନ୍ତ ଶତପଥୀ, କିଶୋର ପାଇକରାୟ, ବ୍ରଜବନ୍ଧୁ ନାୟକ ପ୍ରମୁଖ ଯୋଗଦେଇ ଡିସେମ୍ବର ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପୁସ୍ତକ ମେଳା କିପରି ସୁଚାରୁଭାବେ କାର୍ଯ୍ୟକାରୀ ହେବ ସେନେଇ ଆଲୋଚନା କରିଥିଲେ। ପଦ୍ମନାଭ ପାଣିଗ୍ରାହୀ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ପଦ୍ମଲୋଚନ ସାହୁ, ଭବାନୀ ଶଙ୍କର ମହାପାତ୍ର, ଡ.ସୁକାନ୍ତି ମହାପାତ୍ର, ଆରତି ସେନ, ନର୍ମଦା ଦୋରା, ଦେବରାଜ ପ୍ରଧାନ, ନଟବର ସ୍ୱାଇଁ, ସୁଶାନ୍ତ ରାଉତ, ଅଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଦି ନାରାୟଣ ଖଣ୍ଡୁଆଳ ଧନ୍ୟବାଦ ଅର୍ପଣ କରିଥିଲେ।

## ୩୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଟାଙ୍ଗୀ,୧୬।୧୧(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଏବଂ ଅନ୍ନପୂର୍ଣ୍ଣା ଫାଇନାନ୍ସ ମିଳିତ ସହଯୋଗରେ ମଙ୍ଗଳାଯୋଡ଼ି ବାତ୍ୟା ଆଶ୍ରୟସ୍ଥଳୀଠାରେ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା.ସତ୍ୟ ରଞ୍ଜନ ନନ୍ଦ, ଟାଙ୍ଗୀ ଥାନା ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ, ଚାନ୍ଦପୁର ଥାନା ଆଇଆଇସି ଦିଲୀପ କୁମାର ସ୍ୱାଇଁ, ପୂର୍ବତନ ଖାଉଟି ସୁରକ୍ଷା ସଭାପତି ନାରାୟଣ ମହାପାତ୍ର, ମଙ୍ଗଳାଯୋଡ଼ି ସରପଞ୍ଚ ମାନସ ରଞ୍ଜନ ସାମନ୍ତରା, ସମିତି ସଭ୍ୟା କସ୍ତୁରୀ ପାଣିଗ୍ରାହୀ, ଅନ୍ନପୂର୍ଣ୍ଣା ଫାଇନାନ୍ସର ସିଇଓ ସଞ୍ଜୟ ପଟ୍ଟନାୟକ, ଟାଙ୍ଗୀ ବ୍ଲକ ଆତ୍ମା ଅଧ୍ୟକ୍ଷ ଯୋଗିନ୍ଦ୍ର ରାଉତରାୟ, ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ସାଧାରଣ ସମ୍ପାଦକ ଦିଲୀପ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଡା.ଗଣପତି ପ୍ରଧାନ, ଡା.କବିତା ଚାନିଆ, ଡା.ପ୍ରଶାନ୍ତ ସାବତ, ଡା.ସୁଧାଶ୍ରୀ ପଟ୍ଟନାୟକ, ଡା.ସୁରଜ ସୁବୁଦ୍ଧି ପ୍ରମୁଖ ଯୋଗଦେଇ ରୋଗୀଙ୍କ ବିଭିନ୍ନ ରୋଗର ଚିକିତ୍ସା କରିଥିଲେ। ୩୦୦ରୁ ଊର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏଥିସହ ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ସାମ୍ବାଦିକ ସଂଘ ସଭାପତି ରାମଚନ୍ଦ୍ର ପରିଡା, ଉପସଭାପତି ଦୁର୍ଗା ପ୍ରସାଦ ଦାସ, ସମ୍ପାଦକ ସରୋଜ ପାଇକରାୟ, ସହ ସମ୍ପାଦକ ସୁଧୀର ବେହେରା, କୋଷାଧ୍ୟକ୍ଷ କମଳ ଲୋଚନ ପାଇକରାୟ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ପ୍ରାଚୀନ ଗ୍ରନ୍ଥ ଲୋକାର୍ପିତ

**ଖୋର୍ଦ୍ଧା,୧୬।୧୧(ପ୍ରଭାତ ପାଣିଗ୍ରାହୀ)**

ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଶନିବାର ଶ୍ରୀଚୈତନ୍ୟ ବିହାରସ୍ଥିତ ଶ୍ରୀଗୌର ଜଗନ୍ନାଥ ମନ୍ଦିରରେ ପ୍ରାଚୀନ ଗ୍ରନ୍ଥ ଲୋକାର୍ପିତ ହୋଇଯାଇଛି। ଏଥିରେ ବୋଧାୟନ ମହାରାଜ, ଅନନ୍ତ ହରିବାବା, ବ୍ରଜ ବାବା, ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଜନାକୀ ବଲ୍ଲଭ ପଟ୍ଟନାୟକ, ସଞ୍ଜୁକ୍ତା ସାହୁ, ଜଗଦୀଶ ପ୍ରସାଦ ପଟ୍ଟନାୟକ, ଅଧିବକ୍ତା ଅମରେଶ ପଟ୍ଟନାୟକ, ଗୌର ହରି ପଣ୍ଡା, ଶିଶିର ରାଉତ, ସନ୍ତୋଷୀ ସାହୁ, କାଦମ୍ବିନୀ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ସଂଘ ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ ସଂଯୋଜନା କରିଥିଲେ।

## ଏବିଭିପି ପକ୍ଷରୁ କ୍ରୀଡ଼ା ମହୋତ୍ସବ

**ଖୋର୍ଦ୍ଧା,୧୬।୧୧(ପ୍ରଭାତ ପାଣିଗ୍ରାହୀ)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ନଗର ପକ୍ଷରୁ ମହାନ୍ ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଛାତ୍ରମାନଙ୍କ ମଧ୍ୟରେ ରାଷ୍ଟ୍ରବାଦର ବିଚାର ଓ ସାମାଜିକ ସମରସତାର ବିସ୍ତାର ନିମନ୍ତେ ଦୁଇଦିନ ଧରି ପିଏନ୍ କଲେଜ ଖେଳପଡ଼ିଆରେ ଚାଲିଥିବା କ୍ରୀଡ଼ା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବରେ କ୍ରିକେଟ, କବାଡି, ଭଲିବଲ, ୧୦୦ମିଟର, ୨୦୦ମିଟର ଗୋଲାଫିଙ୍ଗା ଆଦି କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ପ୍ରାଧ୍ୟାପକ ଶିବ ପାଢୀ ମୁଖ୍ୟ ଅତିଥି, ଏବିଭିପି ଖୋର୍ଦ୍ଧାର ସଭାପତି ସାଇଲେନ୍ଦ୍ର ମିଶ୍ର, ସହ ବିଭାଗ ସଂଯୋଜକ ସରୋଜ ପାଲଟାସିଂହ, ରାକେଶ ବାରିକ, ଏବିଭିପି ଓଡ଼ିଶା ପୂର୍ବପ୍ରାନ୍ତର ରାଜ୍ୟ ସହ ସମ୍ପାଦକ ରାଜକୁମାର ମିଶ୍ର, ନଗର ସମ୍ପାଦକ ସୁଜାଳ ପୁଣ୍ୟଶ୍ଳୋକ, ଜିଲା ସଂଯୋଜକ ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସେଞ୍ଚୁରିଆନ ୟୁନିଭର୍ସିଟି କ୍ରିକେଟ, କବାଡି ଏବଂ ଭଲିବଲରେ ପ୍ରାଣନାଥ ମହାବିଦ୍ୟାଳୟ ବିଜୟୀ ହୋଇଛି।

# 'ସକାରାତ୍ମକ ଖବର ସମାଜରେ ପ୍ରଭାବ ପକାଏ'

**ଖୋର୍ଦ୍ଧା,୧୬।୧୧(ପ୍ରଭାତ ପାଣିଗ୍ରାହୀ)**


କାର୍ଯ୍ୟକ୍ରମରେ ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ଅନ୍ୟ ଅତିଥି।

ଜାତୀୟ ପ୍ରେସ୍ ଦିବସ ଅବସରରେ ରବିବାର ଜିଲା ପ୍ରେସ୍‌କ୍ଲବ ପକ୍ଷରୁ ସାମ୍ବାଦିକ ଭବନଠାରେ ଆଲୋଚନାଚକ୍ର ସହିତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷଣ କୁମାର ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ଆଲୋଚନାଚକ୍ରରେ ପ୍ରେସ୍ କ୍ଲବର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ବରିଷ୍ଠ ଖବରଦାତା ତଥା କ୍ଲବ ଉପଦେଷ୍ଟା ତପନ କୁମାର ନାୟକ, ଅରୁଣ କୁମାର ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ନିରପେକ୍ଷ, ସତ୍ୟ ଆଧାରିତ ଖବର ପରିବେଷଣ ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ଗଣମାଧ୍ୟମ ଜନତାଙ୍କ ସ୍ୱର। ଗଣତନ୍ତ୍ରର ଜାଗ୍ରତ ପ୍ରହରୀଭାବେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ସକାରାତ୍ମକ ଖବର ସମାଜରେ ପ୍ରଭାବ ପକାଇଥାଏ। ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର, ଲୋତକ ବିନ୍ଦୁ ପଟ୍ଟନାୟକ, ସାମାଜିକ କର୍ମୀ ଶୋଭନ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ଉପସଭାପତି ଲଳିତ ମୋହନ ମହାପାତ୍ର ସଂଯୋଜନା କରିଥିବା ବେଳେ କ୍ଲବ ସମ୍ପାଦକ ଦିଲୀପ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ମୋଟ୍ ୪୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଖୋର୍ଦ୍ଧା ବ୍ଲଡ ବ୍ୟାଙ୍କ ଡା.ସୌରଭ ସୁନ୍ଦର ରାୟ, ଅରୁଣ କୁମାର ସାହୁ, ଝିଲ୍ଲିରାଣୀ ପାତ୍ର, ଲକ୍ଷ୍ମୀପ୍ରିୟା ପ୍ରଧାନ, ଶ୍ରୀକାନ୍ତ କୁମାର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। କ୍ଲବର ସମସ୍ତ ସଦସ୍ୟ ଆଲୋଚନାଚକ୍ର ଓ ରକ୍ତ ସଂଗ୍ରହ ପରିଚାଳନାରେ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ଜାତୀୟ ପ୍ରେସ୍ ଦିବସ




**ଖୋର୍ଦ୍ଧା,୧୬।୧୧(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଭଏସ୍ ଅଫ୍ ମିଡିଆ ପକ୍ଷରୁ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ପ୍ରଭାତ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅବକାରୀ ଆରକ୍ଷୀ ଅଧୀକ୍ଷକ ସୁମତି ତ୍ରିପାଠୀ, ମୁଖ୍ୟ ବକ୍ତା ଡିଏସ୍‌ପି ଅନିଲ ମହାନ୍ତି ଏବଂ ଅତିଥିଭାବେ ସାମାଜିକକର୍ମୀ ସଞ୍ଜୟ ପଟ୍ଟନାୟକ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସାଇବର ଇନ୍ସପେକ୍ଟର ସୁଚିତ୍ରା ଜେନା, ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ସୁରେନ୍ଦ୍ରନାଥ ପାଢ଼ୀ, ସୂଚନା ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ସଭାପତି ମିଶ୍ର ୪ଜଣ ବରିଷ୍ଠ ସାମ୍ବାଦିକଙ୍କୁ ମାସକୁ ୧୫୦୦ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରିଥିଲେ। ରାଜ୍ୟ ସମ୍ପାଦକ ସୁକାନ୍ତ ପରିଡ଼ା ଏବଂ ଖୋର୍ଦ୍ଧା ଜିଲା ସଭାପତି ଧନେଶ୍ୱର ବିଧାର ସଭା ପରିଚାଳନା କରିଥିଲେ। ରାଜ୍ୟ ଉପସଭାପତି ପି.ବାଲାଜୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଟାଙ୍ଗୀ,୧୬।୧୧(ରଘୁନାଥ ସାହୁ):** ଟାଙ୍ଗୀ ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ପୂର୍ତ୍ତ




ବିଭାଗ ଡାକ ବଙ୍ଗଳା ପରିସରରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏଥିରେ ଟାଙ୍ଗୀ ଥାନା ନିରୀକ୍ଷକ ରବୀନ୍ଦ୍ର କୁମାର ଭୁଜବଳ, ଚାନ୍ଦପୁର ଥାନା ନିରୀକ୍ଷକ ଦିଲୀପ କୁମାର ସ୍ୱାଇଁ, ସମାଜସେବୀ ମୃତ୍ୟୁଞ୍ଜୟ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ବରିଷ୍ଠ ଖବରଦାତା ରଘୁନାଥ ସାହୁ ଏବଂ ଟାଙ୍ଗୀ ସାମ୍ବାଦିକ ସଂଘର ଉପଦେଷ୍ଟା ଭାଗୀରଥି ଛୋଟରାୟ ଉପସ୍ଥିତ ଥିଲେ। ଟାଙ୍ଗୀ ସାମ୍ବାଦିକ ସଂଘର ସଭାପତି ରବୀନ୍ଦ୍ର କୁମାର ରଣା ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ସମ୍ପାଦକ ସନ୍ତୋଷ ଚୌଧୁରୀ ଏବଂ ସହ-ସମ୍ପାଦକ କାହ୍ନୁ ଚରଣ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହେଶ ନାୟକ, ରମେଶ ଚନ୍ଦ୍ର ନାଇଡୁ, ବିଜୟ କୁମାର ବାହୁବଳେନ୍ଦ୍ର, ଦେବେଶ ପରିଡ଼ା, ସଂଗ୍ରାମ କେଶରୀ ପଟ୍ଟନାୟକ, ଅଶ୍ୱିନୀ ପରିଡ଼ା, ଉମାକାନ୍ତ ରଣସିଂହଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଖବରଦାତା, ସମାଜସେବୀ, ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

**ବାଲୁଗାଁ,୧୬।୧୧(ସଂଗ୍ରାମ ପାଇକରାୟ):** ଚିଲିକା ପ୍ରେସ୍ କ୍ଲବ୍ ପକ୍ଷରୁ ରବିବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଲୁଗାଁ ବଜାର ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ବାଲୁଗାଁ ଚିଲିକା କୂଳ, ମେଘାମ୍ବରୀ ଛକ, ବାଣପୁର ଜରାନିବାସ ଅନ୍ତେବାସୀ ଏବଂ ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ଫଳ, ବିସ୍କୁଟ, ପାଉଁରୁଟି ଆଦି ବଣ୍ଟନ କରାଯାଇଥିଲା। କ୍ଲବର ସଭାପତି ପ୍ରକାଶ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା। ଏଥିରେ ସଂଘର ଆଭିମୁଖ୍ୟ, ଭବିଷ୍ୟତ କାର୍ଯ୍ୟପନ୍ଥା ଏବଂ କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା। ଏକ ସୁସ୍ଥ ସମାଜ ଗଠନ ଦିଗରେ ଗଣମାଧ୍ୟମର ବଳିଷ୍ଠ ଭୂମିକା ରହିଛି। ଖବର ପରିବେଷଣରେ ସତ୍ୟନିଷ୍ଠତା, ସ୍ୱଚ୍ଛତା ଏବଂ ନିରପେକ୍ଷତା ଅବଲମ୍ବନ ସହିତ ଲୋକଙ୍କ ସମସ୍ୟା ଦୂରୀକରଣ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପ୍ରତ୍ୟେକ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଧାନ କର୍ତ୍ତବ୍ୟ। ଏଥିପାଇଁ ଅନେକ କ୍ଷେତ୍ରରେ ଖବରଦାତାଙ୍କୁ ଆକ୍ରୋଶର ଶିକାର ହେବାକୁ ପଡୁଛି। ତେଣୁ କାର୍ଯ୍ୟରତ ଖବରଦାତାଙ୍କ ସୁରକ୍ଷା ନିମନ୍ତେ ସରକାରୀ ସ୍ତରରେ ସ୍ୱତନ୍ତ୍ର ଆଇନ ପ୍ରଣୟନ ହେବା ସହ ପେନ୍‌ସନ, ସ୍ୱାସ୍ଥ୍ୟ ବୀମା ୧୦ଲକ୍ଷକୁ ବୃଦ୍ଧି ଏବଂ ବସ୍ କିମ୍ବା ଟ୍ରେନ୍ ଯାତାୟାତ ପାଇଁ ସ୍ୱତନ୍ତ୍ର ରିହାତି ନିମନ୍ତେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମରେ କ୍ଲବର ଉପଦେଷ୍ଟା ଆର୍ତ୍ତତ୍ରାଣ ଜାଲି, ସମ୍ପାଦକ ଅନନ୍ତ ଚରଣ ବାରିକ, ଉପସଭାପତି ସଂଗ୍ରାମ କେଶରୀ ପାଇକରାୟ, କୋଷାଧ୍ୟକ୍ଷ ସୁଶୀଲ କୁମାର ପ୍ରଧାନ, ହିମାଳୟ ଶତପଥୀ, ଅଶୋକ କୁମାର ନାୟକ, ରଞ୍ଜନ ସାମନ୍ତରାୟ, ଅଶୋକ କୁମାର ଜେନା, ଶିବ ପଣ୍ଡା, ରାମଚନ୍ଦ୍ର ପଲାଇ, ଶୁଭ୍ରାଂଶୁ ପରିଡା, ବିଷ୍ଣୁ ଖୁଣ୍ଟିଆ, ରଙ୍କନାଥ ସେଠୀ, ରମେଶ ଚନ୍ଦ୍ର ସେଠୀ, ବିରଞ୍ଚି ପ୍ରଧାନ, ସୁଶାନ୍ତ ସାହୁଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

**ଜଟଣୀ,(ରବୀନ୍ଦ୍ରନାଥ ମହାକୁଡ଼):** ପ୍ରେସ୍ କ୍ଲବ ଜଟଣୀ ପକ୍ଷରୁ ରାଣୀପୁରଠାରେ ଥିବା



ବାପାମା' ସେବାଶ୍ରମ ପରିସରରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ପ୍ରେସ କ୍ଲବ ସଭାପତି ରବୀନ୍ଦ୍ର ନାଥ ମହାକୁଡ଼ଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ ପ୍ରତାପ କିଶୋର ପାତ୍ର ଯୋଗଦେଇ ଖବରଦାତାଙ୍କ ସମସ୍ୟା ଉପରେ ଆଲୋକପାତ କରିବା ସହିତ ସମାଜରେ ଅବହେଳିତ ଅବସ୍ଥାରେ ଥିବା ଲୋକଙ୍କୁ ନ୍ୟାୟ ପ୍ରଦାନ ଉପରେ ମତବ୍ୟକ୍ତ କରିଥିଲେ। ଏହି ସେବାଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ଗଣମାଧ୍ୟମକୁ ନିବେଦନ କରିଥିଲେ। ପ୍ରେସ କ୍ଲବ ସଭାପତି ମହାକୁଡ, ସମ୍ପାଦକ ସୁରେଶ ମହାରଣା, ଖବରଦାତା ନୀଳାମ୍ବର ମିଶ୍ର ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏହି ଅବସରରେ 'ସେବା ହି ଧର୍ମ' ଆଲୋଚନଚକ୍ର ଅନୁଷ୍ଠିତ ହୋଇଥିଲା। ଖବରଦାତାମାନେ ସମାଜ ମଙ୍ଗଳ ପାଇଁ କାର୍ଯ୍ୟ କଲେ ସମସ୍ତେ ଉପକୃତ ହୋଇପାରିବେ ଏବଂ ଖବରଦାତା ସମାଜର ପ୍ରହରୀ ଉକ୍ତିଟି ସଫଳ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବର କୋଷାଧ୍ୟକ୍ଷ ଗୌତମ ମହାରଣା, ସଙ୍ଗଠନ ସଂଯୋଜକ ଶୁଭେନ୍ଦ୍ର ଶତପଥୀ, ହରିହର ସ୍ୱାଇଁ, ମହମ୍ମଦ ଅତୀକ, ଅମରେଶ ରାଉତରାୟ, ମହମ୍ମଦ ଇସ୍ମାଇଲ ଅଲ୍ଲୀ, ହୃଦାନନ୍ଦ କୋଦମାସିଂହ, ବିଟୁ ମହେଶ, ସଞ୍ଜୀବ କୁମାର, ସଂଗ୍ରାମ ହୋତା, ସନ୍ତୋଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସଙ୍ଗୀତଜ୍ଞ ତାନସେନ ସିଂଙ୍କୁ ପ୍ରାଣନାଥ ସଙ୍ଗୀତ ସମ୍ମାନ



ପ୍ରାଣନାଥଙ୍କ ଜୟନ୍ତୀ ଏବଂ ପ୍ରାଣନାଥ ସଙ୍ଗୀତ ସମ୍ମାନ ସମାରୋହରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅତିଥି।

**ଖୋର୍ଦ୍ଧା ଅଫିସ,୧୬।୧୧(ପ୍ରଭାତ ପାଣିଗ୍ରାହୀ)**

### ପ୍ରାଣନାଥଙ୍କ ଜୟନ୍ତୀ ଏବଂ ପ୍ରାଣନାଥ ସଙ୍ଗୀତ ସମ୍ମାନ ସମାରୋହ

ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ରବିବାର ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ଜୟନ୍ତୀ ଏବଂ ପ୍ରାଣନାଥ ସଙ୍ଗୀତ ସମ୍ମାନ ସମାରୋହ କ୍ୟାମ୍ପସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପ୍ରାଣନାଥଙ୍କ ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାର୍ଥୀମାନେ ଦେଶର ଭବିଷ୍ୟତ। ଶୃଙ୍ଖଳିତଭାବେ ନିଜ ଜୀବନକୁ ଗଢ଼ିବା ସହ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ବିଧାୟକ ପ୍ରଶାନ୍ତ ଜଗଦେବ ଖୋର୍ଦ୍ଧା ମାଟିର ଗୌରବମୟ ଇତିହାସ, ବିପ୍ଳବୀ ପ୍ରାଣନାଥଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରି ନିଷ୍ଠା, ଏକାଗ୍ରତା ସହ ପାଠପଢ଼ି ମହାବିଦ୍ୟାଳୟର ଗୌରବ ବଢ଼ାଇବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ମେଜର କ୍ଷୀରୋଧ ପ୍ରସାଦ ମହାନ୍ତି, ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପିଲାଙ୍କ ଶୃଙ୍ଖଳା ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ବରିଷ୍ଠ ସଙ୍ଗୀତଜ୍ଞ ତାନସେନ ସିଂଙ୍କୁ ପ୍ରାଣନାଥ ସଙ୍ଗୀତ ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ମନ୍ତ୍ରୀ ହରିଚନ୍ଦନ ତାଙ୍କୁ ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ବିନ୍ଦୁଶ୍ରୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପାଧ୍ୟକ୍ଷ ଡ.ପ୍ରତାପ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଡ.ବାମଦେବ ମିଶ୍ର ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ, ଅଧ୍ୟକ୍ଷା, ନିମନ୍ତ୍ରିତ ଅତିଥି, ବୁଦ୍ଧିଜୀବୀ, ଶିକ୍ଷାବିତ୍, ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ଥିଲେ।

## ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

**ବେଗୁନିଆ,୧୬।୧୧(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବିଦ୍ୟା ଭାରତୀ ଓ ଶିକ୍ଷା ବିକାଶ ସମିତି ପକ୍ଷରୁ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାତୃଭାରତୀ ସଭାପତି ସୋନାଲି ହୋତାଙ୍କ ଅଧ୍ୟକ୍ଷତା ଏବଂ ଆଚାର୍ଯ୍ୟା ଭାନୁମତୀ ବେହେରାଙ୍କ ସଂଯୋଜନାରେ ସମାଜସେବୀ ପ୍ରଜ୍ଞାସ୍ମିତା ଆଚାର୍ଯ୍ୟ, ପରିଚାଳନା କମିଟି ଉପସଭାପତି ରାଜଶ୍ରୀ ପଣ୍ଡା, ମମତା ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ଶୃଙ୍ଖଳିତ ସମାଜ ଗଠନରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସଭା ପ୍ରାରମ୍ଭରେ ଆଚାର୍ଯ୍ୟା ମମତା ରାଣୀ ସାହୁ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେବା ପରେ ଆଚାର୍ଯ୍ୟା ଯାଜ୍ଞସେନୀ ହୋତା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ଶୁଭସ୍ମିତା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ପରେ କୁଇଜ ପ୍ରତିଯୋଗିତା ହୋଇଥିଲା। ଆଚାର୍ଯ୍ୟା ଶୁଭଲକ୍ଷ୍ମୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ଝରାଶ୍ରୀ ବେହେରା, ଲୀଳାବତି ସାହୁ, ରିତିମୁକ୍ତା ପାଣିଗ୍ରାହୀ, ଶୁଭସ୍ମିତା ପାଣିଗ୍ରାହୀ, ରୀତା ରାଣୀ ପଣ୍ଡା, ସ୍ୱାଗତିକା ପଣ୍ଡା ପ୍ରମୁଖ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ସୁରଭିରେ ବିଜେବି ଉଚ୍ଚ ବିଦ୍ୟାଳୟ ଛାତ୍ରଙ୍କ ସଫଳତା

**ଖୋର୍ଦ୍ଧା,୧୬।୧୧(ପ୍ରଭାତ ପାଣିଗ୍ରାହୀ)**

ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଜେବି ଉଚ୍ଚ ବିଦ୍ୟାଳୟର ଛାତ୍ର ସିଦ୍ଧି ଶେଖର ଛୋଟରାୟ କୁଇଜଜ ଏବଂ ସଂଗ୍ରାମ ପୁହାଣ ତର୍କ ତଥା ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୁଇଜ ପ୍ରତିଯୋଗିତାର ସିଦ୍ଧି ଶେଖର ଛୋଟରାୟ ଦ୍ୱିତୀୟ ସ୍ଥାନ ଅଧିକାର କରି ଗଣଶିକ୍ଷା ମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ସଂଗ୍ରାମ ପୁହାଣ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନରେ ଦ୍ୱିତୀୟ ସ୍ଥାନ ଅଧିକାର କରି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ସେନାପତି ଗାଇଡ୍ ଶିକ୍ଷକ ତଥା ସଫଳ ଶିକ୍ଷକ ଭାବେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାଳୟର ଏହି ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ବିଦ୍ୟାଳୟର ପୁରାତନ ଛାତ୍ର, ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି।

# ସମାଜ ପ୍ରତି ପ୍ରାଣନାଥଙ୍କ ଅବଦାନ ଅତୁଳନୀୟ

**ଖୋର୍ଦ୍ଧା ଅଫିସ,୧୬।୧୧(ପ୍ରଭାତ ପାଣିଗ୍ରାହୀ)**


ପ୍ରାଣନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ସ୍ୱେଚ୍ଛାସେବୀ।

ପ୍ରାଣନାଥ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ସମବାୟ ଛକରେ ଥିବା ପ୍ରାଣନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଛି। ସ୍ମୃତି ସଂସଦ ସଭାପତି ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରାଣନାଥଙ୍କ ସ୍ମୃତିଚାରଣ କରିଥିଲେ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି କ୍ଷୀରୋଦ ପ୍ରସାଦ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ପ୍ରାଣନାଥ ଏକାଧାରାରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାହିତ୍ୟିକ, ରାଜନେତା। କଲେଜ ପାଠପଢ଼ା ସମୟରେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ। ଓଡ଼ିଶାରେ ସମାଜବାଦୀ ଓ କୃଷକ ଆନ୍ଦୋଳନର କର୍ଣ୍ଣଧାର ସାଜିଥିଲେ। ରାଜ୍ୟରେ ଶିକ୍ଷାର ପ୍ରଗତି ନିମନ୍ତେ ୧୯୫୯ରେ ଖୋର୍ଦ୍ଧାରେ କଲେଜ ସ୍ଥାପନ କରିଥିଲେ। ଯାହାକୁ ଏବେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାବେ ପରିଚୟ ସୃଷ୍ଟି କରିଛି। ଅନ୍ୟମାନଙ୍କ ମଧ୍ୟରେ କଲେଜ ଅଧ୍ୟକ୍ଷା ଡ.ବିନ୍ଦୁଶ୍ରୀ ମିଶ୍ର, ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ବାର୍ ସଭାପତି ଜୀବନଜ୍ୟୋତି ମିଶ୍ର, ଅଧ୍ୟାପକ ସୁବୋଧ ଜଗଦେବ, ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ, ପ୍ରମୋଦ ଦାଶ, ଉମାଶଙ୍କର ପ୍ରସାଦ, ବରିଷ୍ଠ ନାଗରିକ ଦେବପ୍ରସାଦ ମଜୁମଦାରଙ୍କ ସମେତ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

**ବାଣପୁର,୧୬।୧୧(ଦିଲୀପ କୁମାର ସ୍ୱାଇଁ)**

ମୋରାମୋରୀ ପଞ୍ଚାୟତ ଅଧୀନ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସଲପଡ଼ିହଠାରେ ପ୍ରଜ୍ଞାନ ମିଶନ ପକ୍ଷରୁ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଣପୁର ଓ ଚିଲିକା ବ୍ଲକର ୨୭ଟି ବିଦ୍ୟାଳୟର ୪୯ଜଣ ପ୍ରତିଯୋଗୀ ଗୀତା ଆବୃତ୍ତି କରିଥିଲେ। ଶିକ୍ଷାବିତ୍ ମିହିର ଭୂୟାଁ, ତପନ ବେହେରା, ଲକ୍ଷ୍ମୀଧର ସାହୁ, ଆଲୋକ ପାଢଶାଣୀ, ସୁଜାତା ନାୟକ ପ୍ରମୁଖ ପ୍ରତିଯୋଗୀଙ୍କ ଗୀତା ଆବୃତ୍ତି ମୂଲ୍ୟାୟନ କରିଥିଲେ। ଅତିଥିଭାବେ ପ୍ରଧାନ ଶିକ୍ଷକ ମନୋଜ ପ୍ରଧାନ, ସ୍ତମ୍ଭକାର ପ୍ରଦୋଷ ଦାସ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରି ଗୀତା ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁକାନ୍ତ ନାୟକ ବିଦ୍ୟାର୍ଥୀଙ୍କୁ ଗୀତା ପାଠର ଆବଶ୍ୟକତା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଏହି ପ୍ରତିଯୋଗିତା ତିନୋଟି ବିଭାଗକୁ ନେଇ କରାଯାଇଥିଲା। ଦୁଇଟି ବ୍ଲକରୁ 'କ' ବିଭାଗରେ ୧୮ଜଣ, 'ଖ' ବିଭାଗରେ ୧୩ଜଣ ଏବଂ 'ଗ' ବିଭାଗରେ ୧୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସଲପଡ଼ିହର ଶିକ୍ଷୟିତ୍ରୀ ଶିକ୍ଷକ ଯଥା ଆଲୋକ ଭୋଇ, ରିନୁ ଦେଈ, ପୂର୍ଣ୍ଣଚନ୍ଦ୍ର ଦେହୁରି, ସାଗରିକା ସାହୁ, ପ୍ରିୟଙ୍କା ବେହେରା, ମୋନାଲିସା ନାୟକ, ଶୀତିକଣ୍ଠ ବେହେରା, ରତିପ୍ରଭା ପ୍ରଧାନ, ରିତାଞ୍ଜଳି ନାୟକ, ସନ୍ଧ୍ୟାରାଣୀ ମହାରଣା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜିଲା ସଂଯୋଜକ ସନ୍ତୋଷ ଦଳାଇ ଆଶ୍ରମର ଅନ୍ତେବାସୀ ବ୍ରହ୍ମଚାରୀ ତୃପ୍ତାନନ୍ଦ ପ୍ରାରମ୍ଭିକ ସୂଚନା ଦେଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହିତ ପୁରସ୍କୃତ କରାଯାଇଥିଲା।

# ଡାଇମଣ୍ଡ ଫୁଟ୍‌ବଲ କ୍ଲବ ଖୋର୍ଦ୍ଧା ବିଜୟୀ

### ପ୍ରତାପେଶ୍ୱର ଦେବ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବାଲୁଗାଁ,୧୬।୧୧(ସଂଗ୍ରାମ ପାଇକରାୟ)**


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ଚିଲିକା ବ୍ଲକ ହରିପୁର ଗ୍ରାମ ଲକ୍ଷ୍ମୀଧର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ରବିବାର ବାବା ପ୍ରତାପେଶ୍ୱର ଦେବ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସକ ଡା.ସଞ୍ଜୟ ରାୟ ଏବଂ ତାଙ୍କ ସ୍ତ୍ରୀ ଶର୍ମିଷ୍ଠା ରାୟ ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ବେହେରା, ସମ୍ମାନିତ ଅତିଥିଭାବେ ଚିଲିକା ବ୍ଲକ ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ଲକ୍ଷ୍ମୀଧର ସରକାରୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସତ୍ୟସାରଥୀ ବେଦମତ୍ତା, ଆରକ୍ଷୀ ନିରୀକ୍ଷକ ଅକ୍ଷୟ କୁମାର ଭୋଳ, ବରିଷ୍ଠ ଶାରୀରିକ ଶିକ୍ଷାଧିକାରୀ ମହେନ୍ଦ୍ର ବିଶ୍ୱାଳ, ବରିଷ୍ଠ କ୍ରୀଡ଼ାବିତ ମକରଧ୍ୱଜ ପଲାଇ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ସରୋଜ ମହାନ୍ତି, କ୍ରୀଡ଼ାବିତ୍ ମନୋଜ ଶ୍ରୀଚନ୍ଦନ, ପୂର୍ବତନ ସରପଞ୍ଚ ବଳଭଦ୍ର ବଳବନ୍ତରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଲିଗ୍ ମ୍ୟାଚ ଡାଇମଣ୍ଡ ଫୁଟ୍‌ବଲ କ୍ଲବ ଖୋର୍ଦ୍ଧା ଏବଂ ବଜରଙ୍ଗୀ ଫୁଟ୍‌ବଲ କ୍ଲବ ଘାଟିକିଆ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୨-୧ ଗୋଲରେ ଡାଇମଣ୍ଡ ଫୁଟ୍‌ବଲ କ୍ଲବ ଖୋର୍ଦ୍ଧା ବିଜୟୀ ହୋଇଛି। ରେଫରି ଭାବେ ଭୁବନେଶ୍ୱରସ୍ଥିତ ଫୁଟ୍‌ବଲ ଏକାଡେମୀର ବିଜୟ ମଙ୍ଗରାଜ, ସହଯୋଗୀ ଭାବେ ଜାନି ସିଂହ, ପ୍ରଫୁଲ୍ଲ ବେହେରା ଏବଂ ବିନୋଦ କୁମାର ଗୁରୁ ମ୍ୟାଚ୍ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୧୧।୨୦୨୫

| | |
|---|---|
| ୯,୮୪,୧୦୩ ଟଙ୍କା | |
| ସୁନା | ୧୦ ମିଲିଗ୍ରାମ୍ |
| ରୁପା | ୧୦୧.୯୦୦ ଗ୍ରାମ୍ |

# ନିରପେକ୍ଷ, ସତ୍ୟ ଖବର ଗଣତନ୍ତ୍ରକୁ ସୁଦୃଢ଼ କରେ

ପୁରୀ,୧୬।୧୧(ଅଜିତ୍ କୁମାର ମହାନ୍ତି)

ସାଧାରଣଲୋକଙ୍କ ଆଶା, ଭରସା ଓ ବିଶ୍ୱାସର ପ୍ରତୀକ ଗଣମାଧ୍ୟମ। ଏହା ସତ୍ୟ, ଅନୁସନ୍ଧାନଧର୍ମୀ, ନିରପେକ୍ଷ ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନରେ ବ୍ରତୀ ହେବା ଉଚିତ ବୋଲି ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ କହିଛନ୍ତି। ସଦ୍ଭାବନା ସଭାଗୃହ ପରିସରରେ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ରବିବାର ପୂର୍ବାହ୍ଣରେ ପାଳିତ ହୋଇଯାଇଛି। ଚଳିତ ବର୍ଷର ଆଲୋଚ୍ୟ ପ୍ରସଙ୍ଗ 'ଭ୍ରାମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ବିଶ୍ୱସନୀୟତାର ସଂରକ୍ଷଣ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୋଇ ସମ୍ବାଦ ସଂଗ୍ରହ ଓ ପରିବେଷଣ ଶୈଳୀରେ ପୂର୍ବାପେକ୍ଷା ଅନେକ ପରିବର୍ତ୍ତନ ଘଟିଛି। କିନ୍ତୁ ସମାଜକୁ ଶୃଙ୍ଖଳିତ ଓ ବିକଶିତ କରିବାରେ ଗଣମାଧ୍ୟମ ପୂର୍ବପରି ତାହାର ପ୍ରଚେଷ୍ଟା ଜାରି ରଖିଛି। ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ୪ଟି ଯାକ ସ୍ତମ୍ଭର ସମନ୍ୱୟ ଓ କାର୍ଯ୍ୟକାରିତା ଗୁରୁତ୍ୱପୂର୍ଣ୍ଣ। ଭ୍ରାମକ ସମ୍ବାଦ ଶୀଘ୍ର ବ୍ୟାପେ ଓ ସମାଜରେ ଏହାର ନକରାତ୍ମକ ପ୍ରଭାବ ଅଧିକ। ଏହାକୁ ପ୍ରତିହତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ରାଜକିଶୋର ଜେନା ଯୋଗଦେଇ ସାଧାରଣ ଲୋକଙ୍କ ସମସ୍ୟା, ଆବଶ୍ୟକତାକୁ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇବା ଓ ସରକାରଙ୍କ ବିଭିନ୍ନ ଯୋଜନା, ପ୍ରକଳ୍ପ ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ ଓ ସଚେତନ କରାଇବାରେ ଗଣମାଧ୍ୟମର ଅବଦାନ ଅତୁଳନୀୟ। ମୁଖ୍ୟବକ୍ତା ଭାବେ ସୂଚନା ଓ ଲୋକସମ୍ପର୍କ ଉତ୍ତର ପୂର୍ବାଞ୍ଚଳ ପରିଷଦର ପୂର୍ବତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର ଗଣମାଧ୍ୟମର ଉତ୍ପତ୍ତି, ପ୍ରାଚୀନ କାଳରେ ଗଣମାଧ୍ୟମର ଭୂମିକା, ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ ଗଣତନ୍ତ୍ରକୁ ମଜଭୁତ କରିଥାଏ ବୋଲି କହିଥିଲେ। ଗଣତନ୍ତ୍ର ସୁରକ୍ଷା ଓ ସମୃଦ୍ଧି ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବରିଷ୍ଠ ପତ୍ରକାର ଭୁପେନ୍ଦ୍ରର ଦାସ ଓ ବିଶ୍ୱଜିତ୍ ପଟ୍ଟନାୟକ ଗଣମାଧ୍ୟମର କାର୍ଯ୍ୟକାରିତା, ସମସ୍ୟା, ବିଭିନ୍ନ ବିପଦପୂର୍ଣ୍ଣ ସମୟରେ ସେମାନଙ୍କ କାର୍ଯ୍ୟ ଓ ସେମାନଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ସଭା ପରିଚାଳନା କରି ଗଣମାଧ୍ୟମ ସାଧାରଣଜନତାର ସ୍ୱରହେବା ସହ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତରେ ସହଯୋଗ ରଖିବା ଓ ଭ୍ରାମକ ସମ୍ବାଦ ପରିବର୍ତ୍ତେ ସଠିକ ତଥ୍ୟଭିତ୍ତିକ ସତ୍ୟ ସମ୍ବାଦ ପରିବେଷଣ ପାଇଁ ଅନୁରୋଧ କରିଥିଲେ। ଦିବଂଗତ ଗଣମାଧ୍ୟମ ପ୍ରତିନିଧିଙ୍କ ଆତ୍ମାର ସଦ୍ଗତି ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସହକାରୀ ଜିଲା ସୂଚନା ଅଧିକାରୀ ରାଜେନ୍ଦ୍ର କୁମାର ପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ସେନାପତି, ପ୍ରୋଜେକ୍ସନିଷ୍ଟ ପ୍ରସନ୍ନ ସାହୁ, କର୍ମଚାରୀ ମିନତୀ ଦାସ, ରବୀନ୍ଦ୍ର ଦାସ, ପ୍ରଦୀପ୍ତ ପଟ୍ଟନାୟକ, ସୁବ୍ରତ ସାହୁ, ତ୍ରିନାଥ ପାତ୍ର, ପ୍ରତିମା ମହାନ୍ତି, ଲକ୍ଷ୍ମୀଧର ନାୟକ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନୀଳମାଧବ ଭୋଇଙ୍କ ସମେତ ଅନ୍ୟ ଅତିଥିମାନେ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଭଗବଦ୍‌କୁ ଜୀବନରେ ଉପଯୋଗ କରାଯାଉ

ସାକ୍ଷୀଗୋପାଳ/ପୁରୀ,୧୬।୧୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ ଭରତ ରାଉତ/ ଅଜିତ୍ କୁମାର ମହାନ୍ତି)

**ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ଗୀତା ଆବୃତ୍ତି ପ୍ରତିଯୋଗିତା**

ସତ୍ୟବାଦୀ ଉଚ୍ଚବିଦ୍ୟାଳୟ ପରିସର ପୁରୀର ହରିହରାନନ୍ଦ ଗୁରୁକୁଳମ୍ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶ୍ରୀମଦ ଭଗବଦ୍ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ସତ୍ୟବାଦୀ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୩୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସତ୍ୟବାଦୀ ଉଚ୍ଚବିଦ୍ୟାଳୟର ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ଦାଶ ଉଦ୍ଘାଟନ କରିଥିଲେ। ଅତିଥିଭାବେ ଉକ୍ତ ମିଶନ ପକ୍ଷରୁ ପ୍ରଜ୍ଞାନନନ୍ଦ ମହାରାଜ, ଦିବ୍ୟାଂଶୁ ପ୍ରକାଶ ଦାସ, କ୍ରିଷ୍ଣପ୍ରିୟା ଦାସ ଓ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସେନାପତି, ପୁରୀ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଡ. ଅଜୟାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀମଦ୍ ଭଗବଦ୍ ଗୀତାର ମାର୍ମିକ ବାଣୀକୁ ନିଜ ଜୀବନ ଦର୍ଶନରେ ଏକ ଅଂଶ ଭାବେ ଗ୍ରହଣ କରି ଚାଲିଲେ, ଆତ୍ମତୃପ୍ତି ସହ ଈଶ୍ୱରଙ୍କ ଆଶୀର୍ବାଦ ରହିଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ୩ଟି ବିଭାଗରୁ ୮ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଥିଲେ। ସେମାନେ ହେଲେ 'କ' ବିଭାଗରୁ ସ୍ନେହାମୟୀ ମହାନ୍ତି ଗୋପାଳପୁରପାଟଣା ପ୍ରାଥମିକ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ସ୍ୱୟଂପ୍ରକାଶ ରଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାକ୍ଷୀଗୋପାଳ ରହିଥିଲେ। ସେହିଭଳି 'ଖ' ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଅଭିଜ୍ଞା ପ୍ରଧାନ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାକ୍ଷୀଗୋପାଳ ଓ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଶୁଭଶ୍ରୀ ପରିଡ଼ା ଓ ସାଇଶ୍ରୀରାଣୀ ନାୟକ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି 'ଗ' ବିଭାଗରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଓମ୍ ପ୍ରକାଶ ଦାଶ, ଅଭିଜିତ୍ ମହାରଣା, ଅମନ ଦାଶ ପ୍ରମୁଖ ଛାତ୍ରମାନେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅତିଥିମାନେ ଉପଢୌକନ ପ୍ରଦାନ କରିବା ସହ ପୁରସ୍କୃତ କରିଥିଲେ। ପ୍ରଜ୍ଞାନ ମିଶନ ପକ୍ଷରୁ ସୁଜାତା ମିଶ୍ର, ଡ. ମହେଶ ପାଣିଗ୍ରାହୀ ସମସ୍ତଙ୍କୁ ଗୀତା ପଠନ କରିବା ପାଇଁ ଅନେକ ପ୍ରେରଣା ଦେଇଥିଲେ। ଆଇନଜୀବୀ ସୁଶାନ୍ତ ରଥ ଓ ଶିକ୍ଷକ ବସନ୍ତ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ଆକ୍ରମଣ, ଜଣେ ଆହତ

ବଳଙ୍ଗା,୧୬।୧୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ମୌଜବେଗ ଗ୍ରାମର ଭୋଳାନାଥ ମଲ୍ଲିକଙ୍କୁ ଉକ୍ତ ଗ୍ରାମର ୩ ଜଣ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଭୋଳାନାଥ ରବିବାର କାମକୁ ଯିବାପାଇଁ ବଡ଼ବାପା ଶଙ୍କର ମଲ୍ଲିକଙ୍କ ବାଇକ୍ ନେଇ ଯାଇଥିଲେ। କାମସାରି ବଡ଼ବାପାଙ୍କ ଦୁଆରେ ଗାଡ଼ି ରଖି ଫେରୁଥିବା ସମୟରେ ପୂର୍ବଶତ୍ରୁତାରୁ ଗାଁର ଆଦିତ୍ୟ ମଲ୍ଲିକ, ଟିଙ୍କୁଲା ମଲ୍ଲିକ, ବିଚିତ୍ର ମଲ୍ଲିକ ମୋତେ ଦେଖି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି କହିଥିଲେ, କାହିଁକି ଆମ ବୋଉ ଓ ଭାଉଜଙ୍କୁ ବାଡ଼େଇଲୁ, ତମକୁ ଜୀବନରେ ମାରିଦେବୁ କହି ହାତରେ ଧରିଥିବା ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଭୋଳାନାଥ ଯନ୍ତ୍ରଣାରେ ଛଟପଟ ହେଇ ପାଟି କରିବାରୁ ବଡ଼ବାପା ଓ ବଡ଼ବୋଉ ଘଟଣାସ୍ଥଳରେ ପହଞ୍ଚି ତାଙ୍କ କବଳରୁ ମୋତେ ମୁକ୍ତ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବା ପରେ ବଳଙ୍ଗା ଥାନାଧିକାରୀ ଘଟଣାର ତଦନ୍ତ ଜାରି ରଖିଛନ୍ତି।

### କଳିଙ୍ଗ ପେସାଦାର ସାମ୍ବାଦିକ ସଂଘର କର୍ମକର୍ତ୍ତା ନିର୍ବାଚନ

କଣାସ,୧୬।୧୧(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଳିଙ୍ଗ ପେସାଦାର ସାମ୍ବାଦିକ ସଂଘର ବୈଠକ ପିପିଲିଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ମନୋଜ ଦାଶ ଓ ସମ୍ପାଦକ ରାଜକିଶୋର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଖବରଦାତାଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବା ସହ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଉପଦେଷ୍ଟା ଭାବେ ଦୁଃଶାସନ ନାୟକ, ରାଜକିଶୋର ସ୍ୱାଇଁଙ୍କୁ ମନୋନିତ କରାଯାଇଥିବା ବେଳେ ସଭାପତି ଭାବେ ବିଶ୍ୱରଞ୍ଜନ ବିଶୋରୀ, କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ନାୟକ, ଉପସଭାପତି ଅରୁଣ କୁମାର ରାଉତ, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ତ୍ରିପାଠୀ, ସହ-ସମ୍ପାଦକ ଅକ୍ଷୟ ରାଉତ, ସାଂସ୍କୃତିକ ସମ୍ପାଦକ ଜ୍ଞାନରଞ୍ଜନ ବିଶ୍ୱାଳଙ୍କୁ ସଭାରେ ମନୋନିତ କରାଯାଇଥିଲା।

### ସ୍ୱର୍ଗଦ୍ୱାର ପୁସ୍ତକର ଦ୍ୱିତୀୟ ବଙ୍ଗଳା ସଂସ୍କରଣ ଲୋକାର୍ପିତ

ପୁରୀ,୧୬।୧୧(ଅଜିତ୍ କୁମାର ମହାନ୍ତି)

ମହୋଦଧିର ମହାତୀର୍ଥ-ସ୍ୱର୍ଗଦ୍ୱାର ପୁସ୍ତକର ଦ୍ୱିତୀୟ ସଂସ୍କରଣ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପରିସରରେ ଲୋକାପର୍ଣ ହୋଇଯାଇଛି। ବଙ୍ଗଳା ବିଭାଗର ପ୍ରଫେସର ଉତ୍ତମ ଗିରି ଏକ ନିରାଡମ୍ବର ପରିବେଶରେ ପୁସ୍ତକର ଲୋକାପର୍ଣ କରି କହିଥିଲେ ଯେ,



ଆମ ପ୍ରାଚୀନ ଐତିହ୍ୟ ପ୍ରତି ଆମେ ସଚେତନ ହେବା ଜରୁରୀ। ବିଶ୍ୱବିଦ୍ୟାଳୟର ଗବେଷଣା ଛାତ୍ରୀ ଶ୍ରେୟା ହାଲଦାରଙ୍କୁ ଏହି ଅବସରରେ ଶୁଭେଚ୍ଛା ଜଣାଇଥିଲେ। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ଲିଖିତ ଏହି ପୁସ୍ତକ ପ୍ରଥମେ ୨୦୨୦ ମସିହାରେ ଓଡ଼ିଆ ଭାଷାରେ ପୁରୀର ସାଂବିଦୀ ପ୍ରକାଶନ ଛାପିଥିଲେ। ବଙ୍ଗଳା ଅନୁବାଦ ହେବା ପରେ କଲିକତାର ଭାଷା ସଂସଦ ଏହାକୁ ୨୦୨୪ ମସିହାରେ ପ୍ରକାଶ କରିଥିଲେ। ମାତ୍ର କିଛିଦିନ ମଧ୍ୟରେ ସମାପ୍ତ ହେବାରୁ ୨୦୨୫ରେ ପୁନଃପ୍ରକାଶ କରିଛନ୍ତି ବୋଲି ଡ. ମିଶ୍ର ସୂଚନା ଦେଇଛନ୍ତି।



ଭାରତ ସେବାଶ୍ରମ ସଂଘର ୧୦୦ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

## ଜାତୀୟ ପ୍ରେସ୍ ଦିବସ ପାଳିତ

ଡେଲାଙ୍ଗ,୧୬।୧୧(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଡେଲାଙ୍ଗ ବଜାର ସ୍ଥିତ ପ୍ରଭାତ କ୍ଲବ ପରିସରରେ ଡେଲାଙ୍ଗ ପ୍ରେସ କ୍ଲବର ସଭାପତି ତଥା ବର୍ଷୀୟାନ ଖବରଦାତା ପ୍ରସନ୍ନ ତ୍ରିପାଠୀଙ୍କ ସଭାପତିତ୍ୱରେ ବରିଷ୍ଠ ଖବରଦାତା ଦିଲୀପ କୁମାର ଧାଉଡ଼ିଆ, ବିଜୟ କୁମାର ମହାପାତ୍ର, ଅନିମାଞ୍ଜଳୀ ମିଶ୍ର, ସାମାଜିକ କର୍ମୀ ବାସୁଦେବ ଜେନା, କାହ୍ନୁଚରଣ ଲେଙ୍କା, ପ୍ରଭାତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଶୀର୍ଷକ 'ସୁସ୍ଥ ସମାଜ ଗଠନରେ ଖବରକାଗଜର ଭୂମିକା' ସମ୍ପର୍କରେ ଆଲୋଚନା ହୋଇଥିଲା।

## ନିର୍ଭୀକ ଖବର ପରିବେଷଣ ରାଜ୍ୟ ପାଇଁ ଶୁଭଙ୍କର

ଚାରିଛକ,୧୬।୧୧(ଶିଶିର କୁମାର ସ୍ୱାଇଁ)

**ଚାରିଛକ ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ**

ଚାରିଛକ ପ୍ରେସ୍ କ୍ଲବ୍ ପକ୍ଷରୁ ସ୍ଥାନୀୟ ଏକାନ୍ତ ଆଶ୍ରମ ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କରଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଜାତନ୍ତ୍ର ପଶ୍ଚିମବଙ୍ଗର ଅବସରପ୍ରାପ୍ତ ସହ ସମ୍ପାଦକ ନାରାୟଣ ବେହେରା, ମୁଖ୍ୟବକ୍ତା ଭାବେ ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର, ସମ୍ମାନିତ ଅତିଥିଭାବେ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ମଙ୍ଗଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ମିତ୍ର, ପ୍ରାକ୍ତନ ଆଇଆର୍‌ଏସ ଚନ୍ଦ୍ରକାନ୍ତ ଦଳେଇ, ପ୍ରାକ୍ତନ ପ୍ରାଧ୍ୟାପକ ପଞ୍ଚାନନ ସାହୁ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ କାହ୍ନୁଚରଣ ବେହେରା, ପୂର୍ବତନ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଚକ୍ରଧର ସା, ତୁଳସୀପୁର ଗ୍ରାମ୍ୟ କମିଟି ସଭାପତି ବନବିହାରୀ ଦାଶ, ନିଗମାନନ୍ଦ ମହାବିଦ୍ୟାଳୟ ଚାରିଛକର ପୂର୍ବତନ ଗ୍ରନ୍ଥାଗାରିକ ପଣ୍ଡିତ ମୁରଲୀଧର ଭାରତୀ, କୃଷକ ନେତା ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ରବୀନ୍ଦ୍ର କୁମାର ସେନାପତି, ଅଧୀନ ପାତ୍ର, ଗଙ୍ଗାଧର କର ପ୍ରମୁଖ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିମାନେ ହେଉଛନ୍ତି ଦେଶର ଚତୁର୍ଥ ସ୍ତମ୍ଭ, ଖବରଦାତାମାନେ ସର୍ବଦା ସତ୍ୟ, ନିରପେକ୍ଷ ଓ ନିର୍ଭୀକ ଖବର ପରିବେଷଣ କଲେ ଦେଶ ତଥା ରାଜ୍ୟ ପାଇଁ ଶୁଭଙ୍କର ବୋଲି ଜାତୀୟ ପ୍ରେସ ଦିବସ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଶେଷକରି ରାଜ୍ୟ ସରକାର ସାମ୍ବାଦିକମାନଙ୍କ ପାଇଁ ସତନ୍ତ୍ର ଆଇନ ପ୍ରଣୟନ କରିବା ସହିତ ଅନ୍ୟ ରାଜ୍ୟପରି ସାମ୍ବାଦିକଙ୍କୁ ଭତ୍ତା ପ୍ରଦାନ କରିବାକୁ ମୁଖ୍ୟ ଅତିଥିମାନେ କହିଥିଲେ। ଏହି ଅବସରରେ ସ୍ତମ୍ଭକାର ସନ୍ତୋଷ ଦାଶଙ୍କ ସମେତ ୫ଜଣ ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବସନ୍ତ ଦାସ, ପ୍ରତାପ କୁମାର ମଲ୍ଲିକ, ସୁକାନ୍ତ କର ଓ ରଞ୍ଜନ କୁମାର ଦାସଙ୍କୁ ପ୍ରେସ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବର କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ଉପସଭାପତି ବସନ୍ତ କୁମାର ଦାସ, ସନ୍ତୋଷ ଦାଶ, ସଂଗଠନ ସମ୍ପାଦକ ବିଜୟ ବେହେରା, ସହସମ୍ପାଦକ ସନ୍ତୋଷ ଦାସ, ମିଡିଆ ସେଲ୍ ସଂଯୋଜକ ବସନ୍ତ କୁମାର ମଲ୍ଲ, କାର୍ଯ୍ୟକାରୀ ସଦସ୍ୟ ଖବରଦାତା ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ବିନୋଦ ପ୍ରଧାନ, ପ୍ରଶାନ୍ତ ସାହୁ, ରଣଜିତ୍ କାଣ୍ଡି, ପଙ୍କଜ ସ୍ୱାଇଁ, ଉମାକାନ୍ତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କ୍ଲବ୍‌ର ସମ୍ପାଦକ ଡ. କେଦାରନାଥ ସାହୁ ଧନ୍ୟବାଦ ଦେଇଥିଲେ।

# ବିର୍ସା ମୁଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ

କୋଣାର୍କ,୧୬।୧୧(ଜ୍ୟୋତିରାଜ ମହାନ୍ତି)

**ଜିଲାସ୍ତରୀୟ ଜନଜାତି ଗୌରବ ଦିବସ**

କୋଣାର୍କ ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଆର୍ଥିକ ସହାୟତାରେ ଜନଜାତି ସମ୍ପ୍ରଦାୟର ଜନକ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ତଥା ଜନଜାତି ଗୌରବ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ପୁରୀ ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପୁରୀ ଜିଲା ମଙ୍ଗଳ ଅଧିକାରୀ ମମତା ରାଣୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭୋଇ ଯୋଗଦେଇ ଜନଜାତି ସମ୍ପ୍ରଦାୟର ଜନକ ଓ ପଥ ପ୍ରଦର୍ଶକ ହେଉଛନ୍ତି ଭଗବାନ ବିର୍ସା ମୁଣ୍ଡା। ତାଙ୍କର ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ରଞ୍ଜନ ସେଠୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅମିତା ମିଶ୍ର, ଜିଲା ସୂଚନା ବିଜ୍ଞାନ କେନ୍ଦ୍ର ଅଧିକାରୀ ବିଶ୍ୱନାଥ ପଣ୍ଡା, ପିପିଲି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଣବ ପଣ୍ଡା, ଗୋପ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀନିବାସ ମହାନ୍ତି, ସତ୍ୟବାଦୀ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଶ୍ମିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଜନନାୟକ ବିର୍ସା ମୁଣ୍ଡାଙ୍କ ଅମ୍ଳାନ କୀର୍ତ୍ତି ଓ ବହୁମୁଖୀ ପ୍ରତିଭାର ନିଃସ୍ୱାର୍ଥପର ଜନସେବା ଉପରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ନୀହାର ପ୍ରସାଦ ଲେଙ୍କା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ନୟନା ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ବନଜା ମହାନ୍ତି ଓ ଚିନ୍ମୟୀ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିର୍ସା ମୁଣ୍ଡାଙ୍କ ଜୀବନୀ ଓ ଜନସେବା ଦିଗରେ ଉଲ୍ଲେଖନୀୟ କୃତିତ୍ୱ ଉପରେ ଫଟୋଚିତ୍ର ପ୍ରଦର୍ଶିତ ହୋଇଥିଲା। ଜନଜାତି ସମ୍ପ୍ରଦାୟର ଗାଁ ହାଟ ଉପରେ ଷ୍ଟଲ୍ ପ୍ରଦର୍ଶିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆଧ୍ୟାତ୍ମିକ ଓ ଚେତନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁଲୋଚନା ବେହେରା, ଦୀପିକା ଜେନା, ଅମିୟା ପ୍ରିୟଦର୍ଶିନୀ ଧାରୁଆ, ରୀତା କୁମାରୀ ବଡ଼ଗାଇଁଆ, ସିଲା ଭଟ୍ଟ ଓ ଶିକ୍ଷକ ଅର୍ଜୁନ ଦଳାଇ ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

## ପୁରୀ ଜିଲା ଓଷ୍ଟାର ମହିଳା ଶିକ୍ଷକ ଓ କର୍ମଚାରୀ ସମ୍ମିଳନୀ

ପୁରୀ,୧୬।୧୧(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ରାଜ୍ୟ ସଂଗଠନର ନିଷ୍ପତ୍ତିକ୍ରମେ ଜିଲା ଓଷ୍ଟାର ଆହ୍ୱାନରେ ରାମଚଣ୍ଡୀ ସାହି ଭଗବତୀ ସରସ୍ୱତୀ ସ୍ମୃତି ଶିକ୍ଷକ ସଦନ ପରିସରରେ ମହିଳା ଶିକ୍ଷା ଓ କର୍ମଚାରୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଓଷ୍ଟା ସଭାପତି ବିଜୟ କୁମାର ବରାଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘର ଜିଲା ଉପସଭାନେତ୍ରୀ ରୂପଶ୍ରୀ ଛୋଟରାୟ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଯୁଗ୍ମ ସମ୍ପାଦିକା ବିବାସିନୀ ନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସମ୍ପାଦକ ବିଭୁଦତ୍ତ ନାୟକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଷ୍ଟାର କୋଷାଧ୍ୟକ୍ଷ ତଥା ଜିଲା ପ୍ରଭାରୀ ଅଶୋକ କୁମାର ସାମନ୍ତରାୟ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ରାଜ୍ୟ ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପସଭାନେତ୍ରୀ ରାଜଲକ୍ଷ୍ମୀ ବେହେରା, ବିଶିଷ୍ଟ ବକ୍ତା ଭାବେ ବରିଷ୍ଠ ପ୍ରବଚିକା ନିର୍ମଳା ଫତେସିଂ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ବେହେରା ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ କହିଥିଲେ ଯେ, ଆଜିର ସମୟର ଆହ୍ୱାନକ୍ରମେ ପ୍ରତ୍ୟେକ ବିଦ୍ୟାଳୟରେ କାର୍ଯ୍ୟରତ ମହିଳା ଶିକ୍ଷକ, କର୍ମଚାରୀମାନେ ସଶକ୍ତୀକରଣ ହେବା ସହ ଓଷ୍ଟା ସହିତ ସଂପୃକ୍ତି, ସହମତି ଓ ଅଙ୍ଗୀକାରବଦ୍ଧତା ପ୍ରକଟ କରିବା ଓ ବିଦ୍ୟାଳୟସ୍ତରରେ ନୀରବ ବିପ୍ଳବ କରି ନିଜର ହକ୍ ପାଇଁ ଲଢ଼େଇ କରିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରି କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପବିତ୍ର ମୋହନ ଦାସ, ଉପସଭାପତି ଲକ୍ଷ୍ମୀଧର ଉପାଧ୍ୟାୟ, ଯୁଗ୍ମ ସମ୍ପାଦକ ତରୁଣ କୁମାର ନାୟକ, କାର୍ଯ୍ୟକାରୀ ସଭ୍ୟ ବିଭୁନାରାୟଣ ଜେନା, ଯାମିନୀକାନ୍ତ ନାୟକ, ପ୍ରକାଶ କୁମାର ଜେନା, ବିଭିନ୍ନ ବ୍ଲକ୍‌ରେ ସମ୍ପାଦକ ହେମନ୍ତ କୁମାର ପ୍ରଧାନ, ଗୋପାଳ କୃଷ୍ଣ ବାରିକ୍, ସନ୍ତୋଷ କୁମାର ଦାସ, ସରୋଜ କୁମାର ନାୟକ, ଗଗନ ବିହାରୀ ପତି, ହରିହର ତ୍ରିପାଠୀ, ରାମକୃଷ୍ଣ ମହାନ୍ତି, ଗଗନ ବିହାରୀ ପ୍ରଧାନ, ପୀତବାସ ପ୍ରଧାନ, ଜଗନ୍ନାଥ ବାରିକ, ନବକିଶୋର ପ୍ରଧାନ, ସନାତନ ତରେଇ ପ୍ରମୁଖ କାର୍ଯ୍ୟକ୍ରମ ସହଯୋଗ କରିଥିଲେ। ଜିଲା କାର୍ଯ୍ୟକାରିଣୀ ସଦସ୍ୟା ସସ୍ମିତା ରାଉତରାୟ ଧନ୍ୟବାଦ ଦେଇଥିଲେ।

# ଚତୁର୍ଥ ସ୍ତମ୍ଭ ବିନା ଶାସନତନ୍ତ୍ର ଦିଶାହୀନ

ପୁରୀ,୧୬।୧୧(ଅଜିତ୍ କୁମାର ମହାନ୍ତି)

ଦି ମିଡିଆ ରାଜ୍ୟସ୍ତରୀୟ କର୍ତ୍ତବ୍ୟରତ ଖବରଦାତା, ସ୍ତମ୍ଭକାର ଓ ଲେଖକ ଫୋରମ୍ ପକ୍ଷରୁ ଜାତୀୟ ଗଣମାଧ୍ୟମ ଦିବସ ଅବସରରେ ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ 'ଗଣତନ୍ତ୍ରରେ ଚତୁର୍ଥସ୍ତମ୍ଭର ଆବଶ୍ୟକତା କେତେ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଫୋରମ୍‌ର ରାଜ୍ୟ ସଭାପତି ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲା ବେଳେ ଫୋରମ୍‌ର ଅଧ୍ୟକ୍ଷ ଖବରଦାତା ସରୋଜ ମିଶ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଜୟ ଲକ୍ଷ୍ମୀ ଦାଶ, ପ୍ରଫେସର ଅଭିମନ୍ୟୁ ଭୂୟାଁ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡ. ପ୍ରଭାତ କୁମାର ମହାପାତ୍ର, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଆଇନଜୀବୀ ରଚିତା ରାଉତରାୟ, ଐତିହାସିକ ମଦନମୋହନ ମହାପାତ୍ର, ଖବରଦାତା



ଦ ମିଡିଆ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ମଧୁସୂଦନ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଚତୁର୍ଥସ୍ତମ୍ଭ ବିନା ଶାସନତନ୍ତ୍ର ଦିଶାହୀନ ହୋଇଥାଏ ବୋଲି ଆଲୋଚନାରେ ମତପ୍ରକାଶ ପାଇଥିଲା। ଖବରଦାତା ୩ଟି ସ୍ତମ୍ଭ ଯଥା ସଂସଦ, ନ୍ୟାୟପାଳିକା, କାର୍ଯ୍ୟବାହିକା ବା ସରକାର ଓ ଆଇନତନ୍ତ୍ର ସଭିଙ୍କୁ ସଠିକ ମାର୍ଗରେ ପରିଚାଳିତ କରିବା ପାଇଁ ନିଜର ଲେଖା ମାଧ୍ୟମରେ ମାର୍ଗଦର୍ଶନ କରିଥାନ୍ତି। ପ୍ରଶାସନର ସମସ୍ତ ଭୁଲ୍‌କୁ ଖବରକାଗଜ ମାଧ୍ୟମରେ ଲୋକଲୋଚନକୁ ଆଣିଥାନ୍ତି, ଫଳରେ ଜନସଚେତନତା ବୃଦ୍ଧି ପାଇଥାଏ। ତେଣୁ ଗଣତନ୍ତ୍ର ଶାସନରେ ଗଣମାଧ୍ୟମ, ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ସେତୁ ରୂପେ କାମ କରିଥାଏ ବୋଲି ମତପ୍ରକାଶ ପାଇଥିଲା। ଖବର ପ୍ରକାଶନ ସର୍ବଦା ସଠିକ୍, ତଥ୍ୟଯୁକ୍ତ ଓ ତଦନ୍ତ ମୂଳକହେବା ଉଚିତ୍, ଭୁଲ ତଥ୍ୟ ଜନସାଧାରଣଙ୍କୁ ସର୍ବଦା ବିଭ୍ରାନ୍ତି କରିଥାଏ। ନିର୍ଭୁଲ ଖବର ପ୍ରକାଶ ହେଲେ ଖବରକାଗଜ ଓ ଖବରଦାତାଙ୍କର ମର୍ଯ୍ୟାଦା ବୃଦ୍ଧି ପାଇବ ଓ ତାହା ଲୋକଙ୍କର ବିଶ୍ୱାସ ଭାଜନ ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଆଲୋଚନାଚକ୍ରରେ ସନ୍ତୋଷ କୁମାର ମହାନ୍ତି, ଅଧ୍ୟାପକ ଅଶୋକ କୁମାର ମିଶ୍ର, ପ୍ରାଧ୍ୟାପକ ଧରଣୀଧର ପ୍ରଧାନ, ଖବରଦାତା ସତ୍ୟ ନାରାୟଣ ରାଉତରାୟ, ବିଶ୍ୱଜିତ ପଟ୍ଟନାୟକ, ଜୁପିଟର ଦାସ, ପ୍ରଦୀପ କୁମାର ନାୟକ, ଚନ୍ଦ୍ର ଶେଖର ପାତ୍ର, ଅଜୟ କୁମାର ଦାଶ, ଅଶୋକ କୁମାର ଆଢ୍ୟ, ଗୋଲକ ଚନ୍ଦ୍ର ଜେନା, ବିପିନ ଦଳାଇ, ପୌନାବାସୀ ଦେବୀ, ପ୍ରବାସିନୀ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ୟୁନିୟନ୍ ଫର କଟକ ସଦର ଡେଭଲପ୍‌ମେଣ୍ଟର ସାଙ୍ଗଠନିକ ବୈଠକ

କଟକ ସଦର,(ସୁଶାନ୍ତ କୁମାର ଜେନା): କିଶନ ନଗର ଥାନା ଅନ୍ତର୍ଗତ ମୁଗୁରିଆ ଠାରେ ରବିବାର ୟୁନିୟନ୍ ଫର କଟକ ସଦର ଡେଭଲପ୍‌ମେଣ୍ଟର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବେଶ୍ୱର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ସଭାପତି ମନୋଜ କୁମାର ନାୟକଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଙ୍ଗଠନିକ ସଭ୍ୟ ବିଜୟ କୁମାର ନାୟକ, ଉଦୟ ସାସମଲ, ସ୍ମୃତିରଞ୍ଜନ ଦାଶ, ଅଭିମନ୍ୟୁ ସାହୁ, ଅମିତାଭ ମହାପାତ୍ର, ମିଥୁନ ପରିଡ଼ା, କାର୍ତ୍ତିକ ଦାଶ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ସାଙ୍ଗଠନିକ କାର୍ଯ୍ୟକୁ ଅଧିକ ଜୋରଦାର କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

### ସଂକ୍ଷେପରେ

## ଆର୍‌ଏସ୍‌ଏସ୍‌ର ଯୁବ ସମ୍ମିଳନୀ

କଟକ,୧୬।୧୧(କାର୍ତ୍ତିକ ସାହୁ)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ଯୁବ ସମ୍ମିଳନୀ ରବିବାର କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତା ଭାବେ ଆର୍‌ଏସ୍‌ଏସ୍‌ର ଅଖିଳ ଭାରତୀୟ ଯୁଗ୍ମସଚିବ ଅତୁଲ ଲିମୟ ଯୋଗଦେଇ ଆଗାମୀ ବିକଶିତ ଭାରତର ନିର୍ମାଣରେ ଯୁବଶକ୍ତିର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ବୋଲି କହିଥିଲେ। କଟକ ବିଭାଗ କାର୍ଯ୍ୟବାହ ଶରତ କୁମାର ସେନ ଯୋଗଦେଇ ଯୁବକମାନଙ୍କୁ ନିଜ ଧ୍ୟେୟ ରାଷ୍ଟ୍ରର ଧ୍ୟେୟ ଠାରୁ ଭିନ୍ନ ନୁହେଁ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କମଲଜିତ ସିଂହ ଯୋଗଦେଇ ଯୁବକମାନଙ୍କୁ ରାଷ୍ଟ୍ର ନିର୍ମାଣରେ ଭାଗିଦାରୀ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ଲୋକକଳା ଖଞ୍ଜଣି ବାଦ୍ୟ ସହ ଓଡ଼ିଶୀ, ଦେଶଭକ୍ତି ସଙ୍ଗୀତରେ ଯୋଗ ପ୍ରଦର୍ଶନ କରାଯାଇଥିଲା। କଟକ ଜିଲାର ସଂଘଚାଳକ ବିପିନ ବିହାରି ରାଉତ ଉପସ୍ଥିତ ଥିଲେ। ଜିଲା ବୌଦ୍ଧିକ ପ୍ରମୁଖ ବିଘ୍ନେଶ୍ୱର ସ୍ୱାଇଁ ମଞ୍ଚ ପରିଚାଳନା ଓ କଟକ ନଗର ମହାବିଦ୍ୟାଳୟ ପ୍ରମୁଖ ମୁକ୍ତେଶ ମିଶ୍ର ଧନ୍ୟବାଦ ଦେଇଥିଲେ।

## କଂଗ୍ରେସର ସାଙ୍ଗଠନିକ ପ୍ରସ୍ତୁତି ବୈଠକ

କଟକ,୧୬।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ଗିରିବାଳା ବେହେରା ଅଧ୍ୟକ୍ଷତାରେ ଏକ ସାଙ୍ଗଠନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ ଯୋଗଦେଇ ସଂଗଠନକୁ ୱାର୍ଡସ୍ତରରୁ ମଜଭୁତ କରିବା ସହ ଅଧିକରୁ ଅଧିକ ନୂତନ ଯୁବତୀ ଯୁବକଙ୍କୁ ସାମିଲ କରାଯିବା ନେଇ ଆଲୋଚନା କରାଯାଇଥିଲା। ତୁରନ୍ତ ନଗର କମିଟି ଓ ୱାର୍ଡ କମିଟି ଗଠନ କରାଯିବ ବୋଲି ସଭାପତି କହିଥିଲେ। ବୈଠକରେ କର୍ପୋରେଟର ସନ୍ତୋଷ ଭୋଳ, ଭାନୁ ସେନାପତି, ଲିଜା ରାଉତ, ଶୁଭାଶିଷ ପଟ୍ଟନାୟକ, ଜନାର୍ଦ୍ଦନ ପରିଡ଼ା, ବରିଷ୍ଠ ନେତା କେଦାର ପୃଷ୍ଟି, ଶରତ ଚନ୍ଦ୍ର ସେଠୀ, ଅନିତା ନାୟକ, ଇଶ୍ରତ ଜାହାଁ ପ୍ରମୁଖ ଉପସ୍ଥିତ ଥିଲେ।

# 'ବିଶ୍ୱସନୀୟତା ହେଉଛି ସାମ୍ବାଦିକତାର ଆତ୍ମା'

## ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ




କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ମୃଣାଳ କୁମାର ଚାଟାର୍ଜୀ ଉଦ୍‌ବୋଧନ ଦେଉଛନ୍ତି।

କଟକ,୧୬।୧୧(କାର୍ତ୍ତିକ ସାହୁ)

ବର୍ତ୍ତମାନର କୃତ୍ରିମ ବୁଦ୍ଧିମତା (ଏଆଇ) ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ କରାଯାଇପାରିବ ନାହିଁ। ମାତ୍ର ଗଣମାଧ୍ୟମରେ ଏଆଇକୁ ବ୍ୟବହାର କରି ଅଧିକ ତଥ୍ୟ ସଂଗ୍ରହ କରାଯାଇପାରିବ। ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଖବରର ସତ୍ୟତା ଉପରେ ପ୍ରଶ୍ନବାଚୀ ରହିଛି। ତେବେ ବିଶ୍ୱସନୀୟତା ଆଧାରରେ ଗଣମାଧ୍ୟମ ତିଷ୍ଠି ରହିଛି। ଏହି ବିଶ୍ୱାସନୀୟତା ହେଉଛି ସାମ୍ବାଦିକତାର ଆତ୍ମା। ଗଣମାଧ୍ୟମ ଏପରି ଏକ ଶକ୍ତିଶାଳୀ ମାଧ୍ୟମ, ଯାହା ଗଣତନ୍ତ୍ରର ଅନ୍ୟ ତିନିଟି ସ୍ତମ୍ଭ ଉପରେ ନଜର ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ପ୍ରାଧ୍ୟାପକ ଡ. ମୃଣାଳ କୁମାର ଚାଟାର୍ଜୀ ମତବ୍ୟକ୍ତ କରିଛନ୍ତି।

କଟକ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ରବିବାର ଆୟୋଜିତ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ସମାରୋହରେ ମୁଖ୍ୟ ବକ୍ତା ଭାବେ ଡ. ଚାଟାର୍ଜୀ ଯୋଗଦେଇ କହିଲେ, କୃତ୍ରିମ ମେଧା କେବେହେଲେ ମଣିଷପଣିଆ ଓ ଭଲପାଇବାର ସ୍ଥାନ ନେଇପାରିବ ନାହିଁ। ଏବେ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମର ସଂଖ୍ୟା ବୃଦ୍ଧି ପାଇଥିବାବେଳେ ଖବରକୁ ବିଶ୍ୱସନୀୟ ଓ ମହତ୍ୱପୂର୍ଣ୍ଣ କରିବାର ଦାୟିତ୍ୱ ମଧ ସମାନ ଭାବରେ ବୃଦ୍ଧି ପାଇଛି। ଠିକ ତଥ୍ୟ ପ୍ରମାଣ ଯାଞ୍ଚ ପୂର୍ବକ ଲୋକଙ୍କ ନିକଟରେ ଖବର ପହଞ୍ଚାଇବାର ଗୁରୁଦାୟିତ୍ୱ ସାମ୍ବାଦିକମାନଙ୍କର ରହିଛି। ବର୍ତ୍ତମାନ ଇଣ୍ଟରନେଟ ଯୁଗରେ ଭ୍ରମାତ୍ମକ ଖବରର ସୁନାମି ଆରମ୍ଭ ହୋଇଯାଇଛି, ଯାହାକି ସାମାଜିକ ଗଣମାଧ୍ୟମ ଜରିଆରେ ଖୁବ ସହଜରେ ଲୋକଙ୍କ ନିକଟରେ ପହଞ୍ଚିପାରୁଛି। ତେଣୁ ଗଣମାଧ୍ୟମ ସାକ୍ଷରତା ଏବଂ ଜନସାଧାରଣଙ୍କ ମଧ୍ୟରେ ଭ୍ରମାତ୍ମକ ଖବର ଯାଞ୍ଚ କରିବାର କ୍ଷମତା ବୃଦ୍ଧି କରିବାର ମଧ୍ୟ ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ପ୍ରେସ୍ କାଉନସିଲ ଅଫ ଇଣ୍ଡିଆ ପକ୍ଷରୁ ସ୍ଥିରୀକୃତ ଚଳିତ ବର୍ଷ ପ୍ରେସ ଦିବସର ଆଲୋଚ୍ୟ ବିଷୟବସ୍ତୁ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ' ଶୀର୍ଷକରେ ଡ. ଚାଟାର୍ଜୀ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ।

ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମର ଆୟୁକ୍ତ କିରଣ ଦୀପ କୌର ସହୋତା ଯୋଗଦେଇ ପରିବର୍ତ୍ତନ ସହ ତାଳ ଦେଇ ନିରପେକ୍ଷ, ନିଜସ୍ୱ ମତସମ୍ପନ୍ନ ଓ ମାନବିକତାପୂର୍ଣ୍ଣ ଏବଂ ସତ୍ୟ ଓ ତଥ୍ୟଭିତ୍ତିକ ଖବର ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ଫନୀ ସମୟରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ସେ କହିଥିଲେ, ଗଣମାଧ୍ୟମର ପ୍ରତିନିଧିମାନେ ହିଁ ବନ୍ୟା, ବାତ୍ୟା ସମୟରେ ଖୁବ ଧୈର୍ଯ୍ୟର ସହ ସେମାନଙ୍କ ଦାୟିତ୍ୱ ନିର୍ବାହ କରି ଲୋକଙ୍କ ନିକଟରେ ଠିକ ଖବର ପହଞ୍ଚାଇବା ସହ ଭ୍ରମାତ୍ମକ ତଥ୍ୟଠାରୁ ଦୂରେଇ ରଖିଥାଆନ୍ତି। ସେହିପରି ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶିବ ଟୋପୋ ଯୋଗଦେଇ ଗଣମାଧ୍ୟମକୁ ଏକ ଶକ୍ତିଶାଳୀ ସ୍ୱରରେ ପରିଣତ କରିବା ପାଇଁ ଅବିରତ ଚେଷ୍ଟିତ ଖବରଦାତାମାନେ ସର୍ବଦା ସତ୍ୟକୁ ସମାଜ ଆଗରେ ପରିବେଷଣ କରିବାର ଦାୟିତ୍ୱ ନିର୍ବାହ କରିବା ଉଚିତ ବୋଲି କହିଥିଲେ। ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଚୌଦ୍ୱାରରେ ନିର୍ମାଣ ହେବ ସାମ୍ବାଦିକ ଭବନ: ବିଧାୟକ



କାର୍ଯ୍ୟକ୍ରମରେ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ମଙ୍ଗୁଳି-ଜଗତପୁର/ଚୌଦ୍ୱାର,୧୬।୧୧ (ମାନସ ସାମଲ/ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ହାପି ୱାର୍ଲ୍ଡ ମଣ୍ଡପ ପରିସରରେ ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ରବିବାର ପାଳିତ ହୋଇଯାଇଛି। ଏଥିରେ ସଂଘ ସଭାପତି ସତ୍ୟବ୍ରତ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ଆସନ୍ତା ଜାତୀୟ ପ୍ରେସ ଦିବସ ପୂର୍ବରୁ ଚୌଦ୍ୱାରରେ ସାମ୍ବାଦିକ ଭବନ ନିର୍ମାଣ କରାଯିବ ବୋଲି କହିଛନ୍ତି। ମୁଖ୍ୟ ବକ୍ତା ଭାବେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ ଯୋଗଦେଇ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା କାର୍ଡରେ ମା' ବାପାଙ୍କ ନାମ ଯୋଡ଼ିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠାତା ଡ. ଗଣେଶ୍ୱର ପ୍ରସାଦ ବେହେରା, ସାମାଜିକ କର୍ମୀ ଦିଲୀପ ଛତାର ଯୋଗଦେଇ ଗଣମାଧ୍ୟମ ବିନା ଗଣତନ୍ତ୍ର ସୁରକ୍ଷିତ ନୁହେଁ ବୋଲି କହିଥିଲେ। ୨୬ଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅତିଥିବୃନ୍ଦ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ମାନସ ପରିଡା ଧନ୍ୟବାଦ ଦେଇଥିଲେ।

ସେହିପରି ଚୌଦ୍ୱାର ଉତ୍କଳ ଖବରଦାତା ପରିବାର ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଉତ୍କଳ ନ୍ୟୁଜ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ-ସାଲେପୁର ଭାଜପା ସଂଗଠକ ହିମାଂଶୁ କୁମାର ମହାନ୍ତି, ବିଷ୍ଣୁ ରଣ ପରିଡ଼ା, ଗଣେଶ ପ୍ରସାଦ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସଂଗଠନ ମୁଖ୍ୟ ସୁନୀତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉତ୍କଳ ନ୍ୟୁଜ୍ ପରିଚାଳନା ନିର୍ଦ୍ଦେଶକ ଶଙ୍କର୍ଷଣ ମହାପାତ୍ର ପରିଚାଳନା କରିଥିଲେ।




କଳା ବିକାଶ କେନ୍ଦ୍ର ଅଡିଟୋରିୟମ୍‌ରେ ରବିବାର ନୃତ୍ୟାନୁଷ୍ଠାନ ଆଙ୍ଗିକ ଆନୁକୂଲ୍ୟରେ ଆୟୋଜିତ ନବରସ ନୃତ୍ୟ ଉତ୍ସବରେ ପରିବେଷିତ ଓଡ଼ିଶୀ ନୃତ୍ୟ। (ଫଟୋ: ରାଜକିଶୋର ମହାନ୍ତି)

# 'ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ହେଉ'

କଟକ,୧୬।୧୧(କାର୍ତ୍ତିକ ସାହୁ)

ରାଷ୍ଟ୍ର ତଥା ସମାଜର ହିତ ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ଅହରହ କାର୍ଯ୍ୟ କରିଚାଲିଛନ୍ତି। କାର୍ଯ୍ୟକ୍ଷେତ୍ରରେ ବାଧାବିଘ୍ନର ସମ୍ମୁଖୀନ ମଧ ହେଉଛନ୍ତି। ନିଜର ସୁରକ୍ଷା କଥା ଚିନ୍ତା ନକରି ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି। ଗଣମାଧ୍ୟମ ହିଁ ଜନଗଣର ସ୍ୱର। ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରନ୍ତୁ ବୋଲି ପ୍ରେସ୍ କ୍ଲବ କଟକ ପକ୍ଷରୁ ରବିବାର ଆୟୋଜିତ ଜାତୀୟ ପ୍ରେସ ଦିବସରେ କାର୍ଯ୍ୟରତ ଖବରଦାତାଙ୍କ ପକ୍ଷରୁ ମତପ୍ରକାଶ ପାଇଛି।

ବରିଷ୍ଠ ଖବରଦାତା ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଚୌଧୁରୀବଜାରସ୍ଥିତ ପ୍ରେସ୍ କ୍ଲବରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି ଯୋଗଦେଇ କହିଲେ, ସମସ୍ତେ ଏକତ୍ରିତ ହୋଇ ଉଦ୍ୟମ କଲେ ଖବରଦାତାମାନଙ୍କ ବହୁବିଧ ସମସ୍ୟାର ସମାଧାନ ହୋଇପାରିବ। ସୂଚନା ପାଇବାର ଅଧିକାର (ଆର୍‌ଟିଆଇ) ବଳରେ ଉନ୍ନତ ଖବର ପରିବେଷଣ କରାଯାଇପାରିବ। ମୁଖ୍ୟବକ୍ତା ଭାବେ ଭାରତୀୟ ସୂଚନା ସେବା ଅଧିକାରୀ ତଥା ଆକାଶବାଣୀ କଟକ ସମ୍ବାଦ ବିଭାଗର ବାର୍ତ୍ତା ସମ୍ପାଦକ ଇତିଶ୍ରୀ ସିଂ ରାଠୋର କହିଲେ, ଯୁବ ଖବରଦାତାମାନେ ଗଭୀର ଭାବେ ଅଧ୍ୟୟନ କରି ସତ୍ୟ ଖବର ପରିବେଷଣ କରିବା ଲାଗି ନିଜକୁ ପ୍ରସ୍ତୁତ କରିବା ଉଚିତ। ଭାଗ୍ୟଧର ବ୍ରହ୍ମା, ରୋହନ ମହାନ୍ତି, ଚିତ୍ତ ରଞ୍ଜନ ଦାଶ, ସୁନୀଲ ଦ୍ୱିବେଦୀ ପ୍ରମୁଖ ଓଡ଼ିଆ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରେସ କ୍ଲବର ସଂଯୋଜକ ଆଲୋକ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଖବରଦାତା ମୁରଲୀଧର ନାୟକଙ୍କ ଜଗନ୍ନାଥ ଜଣାଣ ପରିବେଷଣ କରିଥିଲେ। ଅମ୍ଳାନ ବଦନ ପଟ୍ଟନାୟକ, ତପନ ସାହୁ, ପ୍ରତାପ ସେନାପତି, ରବୀନ୍ଦ୍ର ପାଢ଼ୀ, ଅଭିଜିତ ଚନ୍ଦ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତାପ ସାହୁ ଧନ୍ୟବାଦ ଦେଇଥିଲେ।




ପ୍ରେସ୍ କ୍ଲବ କଟକ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ୱାଇଏମ୍‌ସିଏ ପକ୍ଷରୁ ପୁରସ୍କାର ବିତରଣ




ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

କଟକ,୧୬।୧୧(କାର୍ତ୍ତିକ ସାହୁ)

ୟଙ୍ଗ ମେନ୍‌ସ ଖ୍ରୀଷ୍ଟିୟାନ ଆସୋସିଏଶନ (ୱାଇଏମ୍‌ସିଏ) ପକ୍ଷରୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ୱାଏମ୍‌ସିଏର ସଭାପତି ଡ. ରାଜବଲ୍ଲଭ ମହାନ୍ତି ଆନ୍ତଃସ୍କୁଲ ସାହିତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଓର୍‌ମାସ୍‌ର ଯୁଗ୍ମ ସିଇଓ ବିପିନ୍ ବିହାରୀ ରାଉତ, ଡେପୁଟି କଲେକ୍ଟର ପ୍ରଜ୍ଞା ପରମିତା ଥାଟୋଇ ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଇଂ. ଆଲୋକ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ସମାଜ ନିର୍ମାଣରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଜାତୀୟ ପ୍ରେସ୍ ଦିବସ ପାଳିତ

କଟକ,୧୬।୧୧(କାର୍ତ୍ତିକ ସାହୁ)

ପ୍ରତ୍ୟେକ ଗଣମାଧ୍ୟମ ଅନୁଷ୍ଠାନ ଚାପ ଓ ପ୍ରଭାବମୁକ୍ତ ରହି କାର୍ଯ୍ୟ କଲେ ଚତୁର୍ଥ ସ୍ତମ୍ଭର ଗୁରୁତ୍ୱ ରହିବ। ସମାଜ ନିର୍ମାଣରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଦୈନିକ ହିମ୍ମତ୍ ଖବରକାଗଜ ଏବଂ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ ଦିବସ ସମାରୋହରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ରବିବାର ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂହ ଯୋଗଦେଇ କହିଲେ, ଖବରଦାତାମାନଙ୍କର ସୁରକ୍ଷା ଉପରେ ସରକାର ଧ୍ୟାନ ଦେବା ନିହାତି ଆବଶ୍ୟକ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ସମାଜ ନିର୍ମାଣରେ ଖବରଦାତାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଭାଜପା ସଭାପତି ସୁକାନ୍ତ କୁମାର ବିଶ୍ୱାଳ, ଶିଶୁ ସାହିତ୍ୟିକ ଡ. ସୁନାମଣି ରାଉତ, ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂହ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଂଘର ସଭାପତି ସଂଜୟ ଦାସ, ସମ୍ପାଦକ ପ୍ରଦ୍ୟୁମ୍ନ ଦାସ, ପ୍ରସନ୍ନ ପୃଷ୍ଟି ଖବରଦାତାମାନଙ୍କର ହିତ ସାଧନ ନିମନ୍ତେ ମତ ପ୍ରଦାନ କରିଥିଲେ। ଏହି ଅବସରରେ ମନୋଜ ଆଚାର୍ଯ୍ୟଙ୍କୁ ହିମ୍ମତବାଲା ସାମ୍ବାଦିକ ଗୌରବ ସମ୍ମାନ ସହ ଅନ୍ୟାନ୍ୟ ବରିଷ୍ଠ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଉପାଧ୍ୟକ୍ଷ ରଜନୀକାନ୍ତ ସାମନ୍ତରାୟଙ୍କ ପୌରହିତ୍ୟରେ ହିମ୍ମତ୍ ଖବରକାଗଜର ସମ୍ପାଦକ କମଳାକାନ୍ତ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରବୀନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଓ ବିଶ୍ୱଜିତ ଧଳ ଧନ୍ୟବାଦ ଦେଇଥିଲେ।

# ବ୍ଲକ୍‌ସ୍ତରୀୟ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ



ଚୌଦ୍ୱାର/ ମଙ୍ଗୁଳି- ଜଗତପୁର, ୧୬।୧୧ (ଆଶୁତୋଷ ଦାସ/ ମାନସ ସାମଲ)

ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ଖେଳ ପଡ଼ିଆରେ ୨ଦିନ ଧରି ଚାଲିଥିବା ୮ମ ଟାଙ୍ଗୀ-ଚୌଦ୍ୱାର ବ୍ଲକସ୍ତରୀୟ ଆଥଲେଟିକ୍ ମିଟ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକ୍ ଆଥଲେଟିକ୍ ଆସୋସିଏଶନ୍, ସ୍ୱାମୀ ବିବେକାନନ୍ଦ ସୋସିଆଲ ଡେଭଲପମେଣ୍ଟ ଓ ଶାଳଗାଁସ୍ଥିତ ଷ୍ଟାର କ୍ଲବ୍ ମିଳିତ ଆନୁକୂଲ୍ୟରେ ତଥା ଇମ୍ଫା ଶିଳ୍ପଗୋଷ୍ଠୀର ସହଭାଗିତାରେ ଆୟୋଜିତ ଏହି ମିଟ୍‌କୁ ବଂଶୀଧର ଇଲାପଣ୍ଡା ଫାଉଣ୍ଡେଶନ୍‌ର ଉପସଭାପତି ଧର୍ମେଶ ଗୋଏଲ ଉଦ୍‌ଘାଟନ କରିଥିଲେ। ଏଥିରେ ଇମ୍ଫାର ବରିଷ୍ଠ ପ୍ରବନ୍ଧକ ସୁଜିତ୍ କୁମାର ମିଶ୍ର, ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ କୁମାର ବସନ୍ତିଆ, ପୂର୍ବତନ ଆଇଜି ତ୍ରୈଲୋକ୍ୟନାଥ ଖୁଣ୍ଟିଆ, ସ୍ଥାନୀୟ କାଉନସିଲର ବିନୋଦିନୀ ରାଉତରାୟ, ପୂର୍ବତନ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜଳନ୍ଧର ଜାଲି, ସେଖ୍ ମହମ୍ମଦ ଜବ୍ବାର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ମୋଟ ୧୧୨ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟର ୯୧୫ଜଣ ପ୍ରତିଯୋଗୀ ମୋଟ ୮୬ଟି ବିଭାଗ ଖେଳରେ ଭାଗ ନେଇଥିଲେ।

ଆଥଲେଟିକ୍ ମିଟ୍ ସଭାପତି ଦିଲୀପ କୁମାର ଛତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଚୌଦ୍ୱାର ଆଇଆଇସି ଦୀପକ ଖଣ୍ଡାୟତରାୟ, ଫୁଟବଲ ଆସୋସିଏଶନ୍‌ର ଉପସଭାପତି ସହଦେବ ରାଉତ, ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ସୁବ୍ରତ ସାମଲ, ପୂର୍ବତନ କାଉନସିଲର ବିଷ୍ଣୁ ଚରଣ ପରିଡ଼ା, ପ୍ରଧାନ ଶିକ୍ଷକ ଜିତେନ୍ ରାଉତ, ଇତିଶ୍ରୀ ପଟ୍ଟନାୟକ, ରାଜକୁମାରୀ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ମିଟ୍ ସମ୍ପାଦକ ବିଜୟ କୁମାର ସାହୁ ବିବରଣୀ ପାଠ କରିଥିଲେ। ସୋସିଆଲ ଡେଭଲପମେଣ୍ଟ ସଭାପତି ଭାସ୍କର ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ା ମୁଖ୍ୟ ସମ୍ପାଦକ ସୁରେଶ କୁମାର ରାଉତରାୟ ଓ ଡେଭେଲପମେଣ୍ଟ ସମ୍ପାଦକ ଅଶ୍ୱିନୀ କୁମାର ଜେନାଙ୍କ ପ୍ରତ୍ୟକ୍ଷ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟାଙ୍ଗୀ ପଦ୍ମିନୀ ହସ୍ପିଟାଲ ଏବଂ ସମ୍ ହସ୍ପିଟାଲ ତରଫରୁ ଆଶୁ ଚିକିତ୍ସା ଓ ଆମ୍ବୁଲାନ୍ସ ସେବା, ଉଦୟନାଥ ଚାରିଟେବ୍‌ଲ ଟ୍ରଷ୍ଟ ପକ୍ଷରୁ ଜଳସେବା ଓ ଆଶୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା।

# 'ଚଳିତବର୍ଷ ବାଲିଯାତ୍ରା କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି'

## ଜିଲାପାଳଙ୍କୁ ଦୋଷଦେଇ ବର୍ଷିଲେ ମେୟର



ଖବରଦାତା ସମ୍ମିଳନୀରେ ମେୟର ସୁବାସ ସିଂ ବିବୃତି ପ୍ରଦାନ କରୁଛନ୍ତି।

କଟକ,୧୬।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଚଳିତବର୍ଷ ଐତିହାସିକ ବାଲିଯାତ୍ରା କଟକ-୨୦୨୫ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ଉପରପଡ଼ିଆରେ ବାଲିଯାତ୍ରା ଆୟୋଜନ ନ ହେବା ନିନ୍ଦନୀୟ। ଶହ ଶହ ବର୍ଷର ପରମ୍ପରାକୁ କଟକ ଜିଲାପାଳ ଭାଙ୍ଗିଛନ୍ତି। କଟକବାସୀଙ୍କ ଭାବାବେଗ ସହ ଖେଳାଯାଇଛି। ଜିଲାପାଳ କାହା ଚାପରେ ଏଭଳି ପଦକ୍ଷେପ ନେଇଛନ୍ତି ବୋଲି ମେୟର ସୁବାସ ସିଂ ପ୍ରଶ୍ନ କରିବା ସହ ପ୍ରଶାସନକୁ ଏଥିଲାଗି ଦୋଷାରୋପ କରିଛନ୍ତି। ରବିବାର ଗଡ଼ଖାଇସ୍ଥିତ ନିଜ ସରକାରୀ କ୍ୱାର୍ଟର୍ସରେ ମେୟର ସିଂ ଖବରଦାତା ସମ୍ମିଳନୀରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କୁ ଟାର୍ଗେଟ୍ କରି ଏଭଳି ଅଭିଯୋଗ ଆଣିବା ସହ ବାଲିଯାତ୍ରା ନିମନ୍ତ୍ରଣପତ୍ରକୁ ଚିରିଦେଇଛନ୍ତି।

ସୁବାସ କହିଛନ୍ତି, ଜିଲାପାଳ ନିଜ ଅହଂକାର ପାଇଁ ଏଭଳି କାର୍ଯ୍ୟ କରିଛନ୍ତି। ଉପରପଡ଼ିଆରେ କୌଣସି ପ୍ରତିବନ୍ଧକ ନ ଥିବା ହାଇକୋର୍ଟ ସ୍ପଷ୍ଟ କରିଥିଲେ। ଏହାସତ୍ତ୍ୱେ ଜିଲାପାଳ ଉପରପଡ଼ିଆକୁ ଅଣଦେଖା କରିଥିଲେ। ବାଲିଯାତ୍ରାରେ ଉଠାଦୋକାନୀଙ୍କୁ ହଇରାଣ କରାଯାଇଛି। ଚଳିତଥର ଆଠଗଡ଼ ଅତିରିକ୍ତ ଜିଲାପାଳଙ୍କ ଉପସ୍ଥିତିରେ ଉଠାଦୋକାନୀଙ୍କ ସାମଗ୍ରୀ ଉପରେ ବୁଲ୍‌ଡୋଜର ଚଢ଼ାଇବା ଘଟଣା ପ୍ରକାଶ କରୁଛି ଯେ, ଜଣେ ଆଇଏଏସ୍ ଅଧିକାରୀଙ୍କର ବ୍ୟବସାୟୀଙ୍କ ପ୍ରତି କ'ଣ ସମ୍ମାନ ରହିଛି। ଚଳିତଥର ସିଏମ୍‌ସି ଲୋଗୋ କେବଳ ଆୟୋଜନ ବୋର୍ଡ ଓ ନିମନ୍ତ୍ରଣ କାର୍ଡରେ ଛପାଯାଇଛି। ତେବେ କୌଣସି ନିର୍ବାଚିତ ଲୋକପ୍ରତିନିଧିଙ୍କୁ ପ୍ରକୃତ ସମ୍ମାନ ଦିଆଯାଇନାହିଁ। ସିଏମ୍‌ସିକୁ ଜିଲାପାଳ ଉପେକ୍ଷା କରିଛନ୍ତି। କାର୍ଯ୍ୟକ୍ରମ ସମୟରେ ସିଏମ୍‌ସି କମିଶନରଙ୍କୁ ମଞ୍ଚ ତଳେ ବସାଇ ଦିଆଯାଇଥିଲା। ଏପରିକି ଅଭିଭାଷଣ ଦେବାକୁ ସୁଯୋଗ ଦିଆଯାଇ ନ ଥିଲା। ସେହିପରି ଡେପୁଟି ମେୟରଙ୍କୁ ବଲିଉଡ୍ ସଙ୍ଗୀତ କାର୍ଯ୍ୟକ୍ରମରେ ବସିବାକୁ ଉପଯୁକ୍ତ ସ୍ଥାନ ମିଳିଲାନାହିଁ। ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ମେୟର ପରିଚାଳନା କରିବା କଥା। ହେଲେ ତାହା ଚଳିତଥର କରାଗଲାନାହିଁ। ଜିଲାପାଳ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟକଳାପ ନେଇ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ତଦନ୍ତ ପାଇଁ ଚିଠି ଲେଖିବୁ। ଏସବୁର ତଦନ୍ତ ନହେଲେ ଆଗାମୀ ଦିନରେ ସ୍ଥିତି ଭୟାବହ ହେବ ବୋଲି ସିଂ କହିଛନ୍ତି।

ସେହିପରି ଡେପୁଟି ମେୟର ଦମୟନ୍ତୀ ମାଝୀ କହିଛନ୍ତି, ଚଳିତଥର ମୋତେ ନିମନ୍ତ୍ରଣ କରାଗଲା ନାହିଁ। ବାଲିଯାତ୍ରାର ଶେଷଦିନ କାର୍ଯ୍ୟକ୍ରମ ସମୟରେ ଡେପୁଟି ମେୟର ବୋଲି ପରିଚୟ ଦେଇଥିଲେ ମଧ ପାସ୍ ଆଧାରରେ ଯାଇ ବସିବାକୁ ମୋତେ କୁହାଯାଇଥିଲା। ଏପରି ବ୍ୟବହାର ଜଣେ ଲୋକପ୍ରତିନିଧିଙ୍କୁ କରିବା ସମ୍ପୂର୍ଣ୍ଣ ନିନ୍ଦନୀୟ।

ଅନ୍ୟପଟେ ଏ ସମ୍ପର୍କରେ ଜିଲାପାଳ ସିନ୍ଦେ କହିଛନ୍ତି, ମେୟରଙ୍କ ମନ୍ତବ୍ୟ ଉପରେ କୌଣସି ମତାମତ ଦେବାକୁ ଚାହିଁବି ନାହିଁ। ତେବେ ସିଏମ୍‌ସି କମିଶନର କାର୍ଯ୍ୟକ୍ରମ ଆରମ୍ଭରୁ ଶେଷପର୍ଯ୍ୟନ୍ତ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମେୟର ଓ ଡେପୁଟି ମେୟରଙ୍କୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ଉଭୟ କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିଲେ। ମୁଁ ବ୍ୟକ୍ତିଗତ ଭାବେ ମେୟରଙ୍କ ସହ କଥା ହୋଇଥିଲି ଓ କାର୍ଯ୍ୟକ୍ରମ ବିଷୟରେ ଜଣାଇଥିଲି। ତେବେ ମେୟର ନୂଆପଡ଼ା ନିର୍ବାଚନ କାମରେ ବ୍ୟସ୍ତ ଥିଲେ ଏବଂ ଅନୁପସ୍ଥିତ ରହିବା ନେଇ ଜଣାଇଥିଲେ ବୋଲି ସିନ୍ଦେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..........................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିଲମ୍ବନର ୧୫ ଦିନ ପରେ ଚିଫ୍ ୱାର୍ଡରଙ୍କୁ ପୁନଃ ନିଯୁକ୍ତି

## ଚୌଦ୍ୱାର ଜେଲରୁ ଦୁଇ ବିହାରୀ କଏଦୀ ଫେରାର ଘଟଣା

- ଅହେତୁକ ଅନୁକମ୍ପାକୁ ନେଇ ଉଠିଲା ପ୍ରଶ୍ନ
- କଏଦୀ ଫେରାର ପଛରେ ଜେଲ ବିଭାଗର ବଡ଼ ଅଧିକାରୀ
- ବାଂଲାଦେଶରେ ଦୁଇ କଏଦୀ ଲୁଚିଥିବା ପୋଲିସର ସନ୍ଦେହ

ଭୁବନେଶ୍ୱର, ୧୬।୧୧ (ତ୍ରିନାଥ ମହାନ୍ତି)

ଚୌଦ୍ୱାର ଜେଲରୁ ଫେରାର ଦୁଇ ବିହାରୀ କଏଦୀ ରାଜା ସାହାଣୀ ଏବଂ ଚନ୍ଦ୍ରକାନ୍ତ କୁମାର ଏପର୍ଯ୍ୟନ୍ତ ଧରାପଡ଼ିନାହାନ୍ତି। ଜେଲ ବିଭାଗ ଏହି ମାମଲାର ତଦନ୍ତ କରୁଥିବାବେଳେ ନିଲମ୍ବନର ୧୫ ଦିନ ପରେ ନିଲମ୍ବିତ ଚିଫ୍ ୱାର୍ଡର ଭଗତ ଚରଣ ରାମଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ତାଙ୍କୁ ଅକ୍ଟୋବର ୧୮ରେ କେନ୍ଦ୍ରାପଡ଼ା ଜିଲାରେ ନିଯୁକ୍ତି ମିଳିଛି। ଦୋଷ ଖସାଇବା ପାଇଁ ଜେଲ ବିଭାଗ ଲୋକଦେଖାଣିଆ ଭାବେ ନିଲମ୍ବନ କରିବା ପରେ ପୁଣି ତାଙ୍କ ନିଯୁକ୍ତିକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଏଦୀ ଫେରାର ପଛରେ ବିଭାଗର ବଡ଼ ଅଧିକାରୀ ଓ କେତେଜଣ କଏଦୀଙ୍କ ସମ୍ପୃକ୍ତି ନେଇ ଉଠୁଥିବା ଅଭିଯୋଗର ସତ୍ୟତା ମଧ୍ୟ ଏଥିରୁ ଦୃଢ଼ୀଭୂତ ହେଉଛି। କାର୍ଯ୍ୟରେ ଅବହେଳା କରିଥିବା ଏହି ୱାର୍ଡରଙ୍କୁ ଅହେତୁକ ଅନୁକମ୍ପା ଦେବା ଜେଲ ବିଭାଗର ଅସଲ ଚେହେରା ପଦାରେ ପଡ଼ିଛି। ଦୁଇ କଏଦୀ ଫେରାର ହେବା ଦିନ ଚିଫ୍ ୱାର୍ଡର ଭଗତ ଚରଣ ରାମଙ୍କ ଡ୍ୟୁଟି ଥିଲା। ଜେଲ ଭିତରେ ସିସିଟିଭି ଏବଂ କଡ଼ା ପ୍ରହରା ଥିବା ସତ୍ତ୍ୱେ କଏଦୀ ଫେରାର ହେବା ଜେଲ କର୍ତ୍ତୃପକ୍ଷଙ୍କ ଉପରେ ସନ୍ଦେହ ସୃଷ୍ଟି କରୁଛି। ଏପରି ସ୍ଥିତିରେ ଚିଫ୍ ୱାର୍ଡରଙ୍କ ଉପରୁ ନିଲମ୍ବନ ହଟାଇବା ପାଇଁ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଡିଆଇଜି ଜେଲ ଡିଜିଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି। ଏହି ଚିଠି ଆଧାରରେ କାର୍ଯ୍ୟରେ ଅବହେଳା କରିଥିବା ୱାର୍ଡରଙ୍କ ଉପରୁ ନିଲମ୍ବନ ହଟାଯାଇ ପୁନଃ ନିଯୁକ୍ତି ଦିଆଯାଇଥିବା କୁହାଯାଉଛି। କିନ୍ତୁ ସରକାରୀ ନିୟମ ଅନୁସାରେ, ତଦନ୍ତ ଚାଲୁଥିଲେ ବା ତଦନ୍ତରୁ ଘଟଣାରେ ସମ୍ପୃକ୍ତି ନ ଥିବା ଜଣାପଡିଲେ, ନିଲମ୍ବନର ୬ ମାସ ପରେ ନିଯୁକ୍ତି ଦେବା କଥା। କିନ୍ତୁ ଏକ୍ଷେତ୍ରରେ ସବୁ ନିୟମକୁ ଜେଲ ବିଭାଗର ବଡ଼ ଅଧିକାରୀମାନେ ଜଳାଞ୍ଜଳି ଦେଇଦେଲେ। ଆହୁରି ମଧ୍ୟ ଉକ୍ତ ଚିଫ୍ ୱାର୍ଡର ପୂର୍ବରୁ କେନ୍ଦ୍ରାପଡ଼ା ଜେଲରେ ଥିଲେ। ସେଠାରେ କଏଦୀଙ୍କଠାରୁ ଟଙ୍କା ନେବା ଅଭିଯୋଗରେ ଚୌଦ୍ୱାର ଜେଲକୁ ତାଙ୍କୁ ବଦଳି କରାଯାଇଥିଲା। ହେଲେ ଏଠାରେ କଏଦୀ ଫେରାର ମାମଲାରେ ନିଲମ୍ବନ ହୋଇ ପୁଣି କିଭଳି କେନ୍ଦ୍ରାପଡ଼ା ଜେଲକୁ ଗଲେ ତାହା ଅନେକ ପ୍ରଶ୍ନ ସୃଷ୍ଟି କରିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଚୌଦ୍ୱାର ଜେଲରୁ ଫେରାର ଦୁଇ କଏଦୀଙ୍କ ଖସାଇବା ପଛରେ ୱାର୍ଡର ଏବଂ ଉଚ୍ଚ ଅଧିକାରୀଙ୍କ ହାତ ରହିଥିବା କୁହାଯାଉଛି। ଏଥିରେ ଜେଲରେ ରହୁଥିବା ଜଣେ ଗ୍ୟାଙ୍ଗଷ୍ଟରଙ୍କ ହାତ ରହିଛି। କାରଣ ଦୁଇ କଏଦୀ ଜେଲ୍‌ର ପଛ ପଟ ଦେଇ ଫେରାର ହୋଇଛନ୍ତି। ଜେଲର ପଛପଟରୁ ଷ୍ଟେଶନ ଖୁବ୍ କମ୍ ସମୟ ଲାଗେ। ତେଣୁ ପୂରା ଜେଲ ଭିତର ଓ ବାହାର ନକ୍ସା ଉକ୍ତ ଗ୍ୟାଙ୍ଗଷ୍ଟର ତାଙ୍କୁ ଦେବା ସହ ଫେରାର ହେବାରେ ସହଯୋଗ କରିଥିବା କୁହାଯାଉଛି। ପୋଲିସ ସମ୍ପୃକ୍ତ ଗ୍ୟାଙ୍ଗଷ୍ଟରଙ୍କୁ ତଦନ୍ତ ପରିସରଭୁକ୍ତ କଲେ ବଡ଼ କେଲେଙ୍କାରିର ପର୍ଦ୍ଦାଫାଶ ହେବ। ଦୁଇ କଏଦୀ ଭିନ୍ନ ଭିନ୍ନ ସେଲ୍‌ରେ ରହୁଥିଲେ। କିନ୍ତୁ ଫେରାର ଦିନ କିଭଳି ଏକା ସମୟ ଏବଂ ଏକା ସ୍ଥାନରେ ପହଞ୍ଚିଲେ, ତାହା ମଧ୍ୟ ସନ୍ଦେହଘେରକୁ ଆସୁଛି। କୁହାଯାଉଛି ଫେରାର ପାଇଁ ଦୁଇ କଏଦୀ ଦେଢ଼ମାସ ଆଗରୁ ଯୋଜନା କରିଥିଲେ। ସେମାନେ ଏକ ଆରି ବ୍ଲେଡ୍‌ରେ ସେଲ୍‌ର ଲୁହାକୁ ସବୁଦିନ ଟିକେ ଟିକେ କାଟି ସେଥିରେ ସାବୁନ ଲଗାଇ ଦେଉଥିଲେ। ପୁଣି ଉଭୟ କଏଦୀ ଖାଇବା ଓ ଅନ୍ୟ ସମୟରେ ସେଲ୍‌ରୁ ବାହାରିବା ପରେ ସେଲ୍ ଲୁହା କଟା କେତେବାଟ ଗଲା କଥା ହେଉଥିଲେ। ସେମାନେ ଆରି ବ୍ଲେଡ୍ କେଉଁଠୁ ଆଣିଲେ ଓ ଡ୍ୟୁଟିରେ ଥିବା ୱାର୍ଡର କିପରି କିଛି ଜାଣିପାରି ନ ଥିଲେ? ଫଳରେ ଫେରାର ଦିନ ସମ୍ପୂର୍ଣ୍ଣ କାଟିବା ପରେ ଉଭୟ ସେଲ୍‌ରୁ ବାହାରି ପାଚେରି ବାଡ଼ରେ କପଡ଼ା ଫିଙ୍ଗି ଗତ ଅକ୍ଟୋବର ୩ରେ ଫେରାର ହୋଇଯାଇଥିଲେ।

କୁହାଯାଉଛି, ଫେରାର ହେବା ପରେ ଷ୍ଟେଶନରୁ ସିଧା ବାଲେଶ୍ୱର ଦେଇ ପଶ୍ଚିମବଙ୍ଗରେ ପହଞ୍ଚିଥିଲେ। ସେଠାରୁ ସେମାନେ ବାଂଲାଦେଶ ପଳାଇ ଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏଭଳି ସ୍ଥିତିରେ ଚିଫ୍ ୱାର୍ଡରଙ୍କ ଉପରୁ ନିଲମ୍ବନ ହଠାଇ ପୁନଃ ନିଯୁକ୍ତି ଦେବାକୁ ନେଇ ପ୍ରଶ୍ନ ଉଠିଛି।

## ୫୦ କେ.ଜି. ଗଞ୍ଜେଇ ଜବତ, ଜଣେ ଗିରଫ



କାଲିମେଲା, ୧୬।୧୧ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ପୋଲିସ ଶନିବାର ରାତିରେ ମାଲକାନଗିରି ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥର ଏମ୍‌ଭି-୯୦ ଗ୍ରାମ ନିକଟରୁ ୫୦ କେଜି ଗଞ୍ଜେଇ ଜବତ କରିବା ସହ ଚୋରା ଚାଲାଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏମ୍‌ଭି ୬୬ ଗ୍ରାମର ଯତୀନ ବିଶ୍ୱାସଙ୍କ ପୁଅ ବିପୁଲ ବିଶ୍ୱାସ। ରବିବାର ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଘଟଣାସ୍ଥଳରୁ ଅନ୍ୟ ୩ ଅଭିଯୁକ୍ତ ଖସି ପଳାଇବାରେ ସଫଳ ହୋଇଥିଲେ। ଅଭିଯୁକ୍ତମାନେ ପ୍ଲାଷ୍ଟିକ୍ ବ୍ୟାଗରେ ଗଞ୍ଜେଇ ରଖି ବେଆଇନ ଭାବେ ପଡୋଶୀ ଆନ୍ଧ୍ରପ୍ରଦେଶକୁ ଚାଲାଣ ପାଇଁ ଗାଡିକୁ ଅପେକ୍ଷା କରିଥିଲେ। କାଲିମେଲା ପୋଲିସ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ କୌଣସି ସୂତ୍ରରୁ ଖବରପାଇ ଚଢ଼ାଉ କରି ମୋଟର ସାଇକେଲ ସହ ଗଞ୍ଜେଇ ଜବତ କରିଥିଲା। ଏ ସମ୍ପର୍କରେ କାଲିମେଲା ଥାନାରେ କେସ ନଂ ୨୭୩ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି।

# ଭତ୍ତା ଟଙ୍କା ନ ଦେବାରୁ ବାପାଙ୍କୁ ହତ୍ୟା ସନ୍ଦେହ

କବିସୂର୍ଯ୍ୟନଗର, ୧୬।୧୧ (କୃପାସିନ୍ଧୁ ସ୍ୱାଇଁ)

ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ନ ଦେବାରୁ ବାପାଙ୍କୁ ପୁଅ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବରିଡା ଗ୍ରାମର ଏ. ଗୋପାଳ ନଗରରେ। ମୃତକ ହେଲେ ପଦ୍ମନାଭ ସାହୁ (୮୫)। ପୋଲିସ ଘଟଣାର ତଦନ୍ତ ଜାରି ରଖି ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଖବରରୁ ଜଣାପଡ଼ିଛି, ୪ ପୁଅ ପ୍ରକାଶ ସାହୁ, ତପନ ସାହୁ, ରମେଶ ସାହୁ ଓ ସୁଦାମ ସାହୁଙ୍କୁ ନେଇ ପଦ୍ମନାଭଙ୍କ ପରିବାର। ଶନିବାର ପଦ୍ମନାଭ ସବୁ ମାସ ଭଳି ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ଟଙ୍କା ଆଣିଥିଲେ। ପୁଅ ରମେଶ (୪୦) ମଦ ପିଇବା ପାଇଁ ବାପାଙ୍କୁ ଟଙ୍କା ମାଗିବା ସହ ପୁନଃ ବିବାହ ପାଇଁ ଜିଦ୍ ଧରିଥିଲେ। ଏହି ସମୟରେ ପଦ୍ମନାଭଙ୍କ ସପକ୍ଷରେ ତପନ ବାହାରିବାରୁ ରମେଶ ତାଙ୍କୁ ମାଡ଼ ମାରିବା ସହ ତାଙ୍କ ନାକକୁ କାମୁଡି ଦେଇଥିଲେ। ଏନେଇ ବଡ଼ଭାଇ ପ୍ରକାଶ ଥାନାରେ ଅଭିଯୋଗ କରିବା ପରେ ଶନିବାର ସନ୍ଧ୍ୟାରେ ପୋଲିସ ଘରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା ପରେ ସମାଧାନ କରି ଫେରିଥିଲା। ରବିବାର ସକାଳୁ ପଦ୍ମନାଭ ନ ଉଠିବାରୁ ରମେଶଙ୍କ ସ୍ତ୍ରୀ ହେମ ଯାଇ ତାଙ୍କୁ ଉଠାଇଥିଲେ। ମାତ୍ର ପଦ୍ମନାଭଙ୍କ ମୃତ୍ୟୁ ଘଟିସାରିଥିଲା। ଏନେଇ ପରିବାର ଲୋକେ ସମସ୍ତେ ଜାଣିବା ପରେ ପଦ୍ମନାଭଙ୍କ ପାଖରେ ପହଞ୍ଚିଥିଲେ। ବିଳମ୍ବିତ ରାତିରେ ରମେଶ ପଦ୍ମନାଭଙ୍କୁ ପିଟିବା ସହ ପେଟକୁ ଛୁରି ଭୁସି ଦେଇଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ପ୍ରକାଶ ଥାନାରେ ଅଭିଯୋଗ କରିବା ପରେ ଆଇଆଇସି ନିରଞ୍ଜନ ଦାଶ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏନେଇ ନଂ. ୬୮୧/୨୫ରେ ଏକ ମାମଲା ରୁଜୁ ହୋଇଛି। ୪ ଭାଇ ଓ ହେମଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଯିଏ ଅଭିଯୁକ୍ତ ହେବେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ଦାଶ କହିଛନ୍ତି।

# ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

କେନ୍ଦୁଝର, ୧୬।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ

କେନ୍ଦୁଝର ସଦର ଥାନା ଅଞ୍ଚଳରେ ଜଣେ ୯ ବର୍ଷୀୟା ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ପଶ୍ଚିମବଙ୍ଗ ବାଙ୍କୁରା ଜିଲା ଜଲହରି ଥାନା ଅଞ୍ଚଳର ଆସିଫ ଅନୱାର ଖାନ (୩୨)। ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ବାପାଙ୍କ ଗ୍ରାମରେ ଏକ ଗ୍ରୋସରି ଦୋକାନ ଅଛି। ଅଭିଯୁକ୍ତ ସେ ଅଞ୍ଚଳର ଦୋକାନଗୁଡ଼ିକରେ ପାଉଁରୁଟି ବିକିବାକୁ ଯାଇଥାନ୍ତି। ଶନିବାର ପାଉଁରୁଟି ବିକିବା ପାଇଁ ଯାଇଥିବା ବେଳେ ଦୋକାନ ବନ୍ଦ ଥିବାରୁ ସେ ପୀଡ଼ିତାଙ୍କ ଘରକୁ ଯାଇଥିଲେ। ଘରେ କେହି ନ ଥିବା ଦେଖି ନାବାଳିକାଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ପରିବାର ଲୋକେ ଫେରି ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଦେଖି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ରବିବାର ନାବାଳିକାଙ୍କ ବାପା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୬୯୭/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ସ୍ଥାନୀୟ କାଶିପୁର ନିକଟରୁ ଗିରଫ କରିଥିଲା।

# ବିହାର ପୋଲିସକୁ ତଥ୍ୟ ମାଗିଲା ସ୍ପେଶାଲ କ୍ରାଇମ ୟୁନିଟ୍

ଭୁବନେଶ୍ୱର, ୧୬।୧୧ (ତ୍ରିନାଥ ମହାନ୍ତି)

- ଗିରଫ ୨ବିହାରୀଙ୍କଠାରୁ ବନ୍ଧୁକ କିଣିଥିବା ଖଣି, ବାଲି ମାଫିଆଙ୍କ ତାଲିକା ଚାଲିଛି
- ୩ବର୍ଷରେ ୨୪୦ ବନ୍ଧୁକ ଜବତ

ଗିରଫ ହୋଇ ଜେଲ ଯାଇଥିବା ଦୁଇ ଆନ୍ତଃରାଜ୍ୟ ବିହାରୀ ବନ୍ଧୁକ ବେପାରୀଙ୍କ ସମ୍ପର୍କରେ ଖୋଳତାଡ଼ କରୁଛି ସ୍ପେଶାଲ କ୍ରାଇମ୍ ୟୁନିଟ୍। ସେମାନଙ୍କ ଆପରାଧିକ ରେକର୍ଡ ସିସିଟିଏନ୍‌ଏସ୍‌ରେ ଖୋଜାଯାଇଥିଲା। ହେଲେ ବିହାରରେ ସେମାନଙ୍କ ନାମରେ ଆପରାଧିକ ରେକର୍ଡ ଥିବା ଜଣାପଡୁ ନାହିଁ। ତେଣୁ ସ୍ପେଶାଲ କ୍ରାଇମ୍ ୟୁନିଟ୍ ବିହାର ପୋଲିସକୁ ମେଲ କରି ଦିବ୍ୟାଂଶୁ କୁମାର ଏବଂ ଚନ୍ଦନ କୁମାରଙ୍କ ଅପରାଧିକ ରେକର୍ଡ ମାଗିଛି। ପୂର୍ବରୁ ତାଙ୍କର ଅପରାଧିକ ରେକର୍ଡ ପୁଲିସ ଜାଣିବା ପରେ ତଦନ୍ତ ଆଗକୁ ବଢିବ ବୋଲି ସ୍ପେଶାଲ କ୍ରାଇମ୍ ୟୁନିଟ୍ ସୂଚନା ଦେଇଛି। ଆହୁରି ମଧ୍ୟ ଦୁଇ ଅଭିଯୁକ୍ତ ୪ମାସ ହେବ ଓଡ଼ିଶା ଆସିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ହେଲେ ପୋଲିସ କଥାକୁ ସନ୍ଦେହ କରୁଛି। କାରଣ ସେମାନେ ବର୍ଷେ ଓଡ଼ିଶାରେ ବନ୍ଧୁକ କାରବାର କରୁଥିବା ତଦନ୍ତରୁ ଜଣାପଡିଛି। ବିଶେଷକରି ବାଲେଶ୍ୱର,ଭଦ୍ରକ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ ଏବଂ ଭୁବନେଶ୍ୱରରେ ବନ୍ଧୁକ କାରବାର କରୁଥିଲେ। ବନ୍ଧୁକ ଡିଲ୍ ସମୟରେ କୋଡ୍ ୱାର୍ଡ 'କଳା ଘୋଡା' ବ୍ୟବହାର ହେଉଥିଲା। ଆହୁରି ମଧ୍ୟ ଏହି ବନ୍ଧୁକ କାରବାରର ମାଷ୍ଟରମାଇଣ୍ଡ ବିହାରର ମୁଙ୍ଗେରରେ ରହି ଓଡ଼ିଶା ସମେତ ୫ ରାଜ୍ୟରେ ନେଟ୍‌ୱର୍କ ଚଳାଉଛି। ଅନ୍ୟପକ୍ଷରେ ଗିରଫ ଦୁଇ ବେପାରୀଙ୍କଠାରୁ ଖଣି ଓ ବାଲି ମାଫିଆ ଏବଂ ଅପରାଧୀମାନେ ବନ୍ଧୁକ କିଣିଛନ୍ତି। ତେଣୁ ପୋଲିସ ଦୁଇ ଅଭିଯୁକ୍ତଙ୍କ ମୋବାଇଲ୍‌ର ସିଡିଆର୍ ଘାଣ୍ଟୁଛି। ଏବେ ସେମାନଙ୍କ ଲିଙ୍କ୍‌ରେ ଥିବା ମାଫିଆଙ୍କ ତାଲିକା ଚାଲିଥିବାବେଳେ ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିବାକୁ ପୋଲିସ ଲକ୍ଷ୍ୟ ରଖିଛି। ଏହି ତଥ୍ୟ ଆଧାରରେ ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ କମିଶନରେଟ୍ ପୋଲିସ ଖୁବ୍‌ଶୀଘ୍ର ମୁଙ୍ଗେର ଯିବ। ସେହିପରି ସେମାନଙ୍କ ଲିଙ୍କ୍‌ରେ ଥିବା ଖଣି ଓ ବାଲିମାଫିଆଙ୍କୁ ଗିରଫ କରିବାକୁ ଚଢ଼ାଉ କରାଯିବ। ମଙ୍ଗଳବାର ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରାଯିବ ବୋଲି ପୋଲିସ କହିଛି।

ଗତ ୩ବର୍ଷରେ କମିଶନରେଟ ପୋଲିସ ୨୪୦ ବନ୍ଧୁକ ଜବତ କରିଛି। କେବଳ ଶେଷ ୩ମାସରେ ୨୦ଟି ବନ୍ଧୁକ ଜବତ ହୋଇଛି। ୨୦୨୪ରେ ୧୧୦ଟି ବନ୍ଧୁକ ଜବତ କରାଯାଇଥିବାବେଳେ ୨୦୨୩ରେ ୮୦ଟି ଓ ୨୦୨୫ ବର୍ତ୍ତମାନ ସୁଦ୍ଧା ୫୦ରୁ ଅଧିକ ବନ୍ଧୁକ ଜବତ ହୋଇଛି।

# ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା: ୩ ମାସ ପରେ ଚାଳକ ଗିରଫ

ଭୁବନେଶ୍ୱର, ୧୬।୧୧ (ସତ୍ୟଜିତ ରାଉତ)

ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣାରେ ଏୟାରଫିଲ୍ଡ ଥାନା ପୋଲିସ ଅଭିଯୁକ୍ତ ଚାଳକଙ୍କୁ ୩ ମାସ ପରେ ରବିବାର ଗିରଫ କରିଛି। ସେ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ କପିଳପ୍ରସାଦ ଡିପ ସାହିର ଅଦେଇ ସାମଲ (୪୪)। ତାଙ୍କଠାରୁ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଜବତ କରାଯାଇଛି। କୋର୍ଟଚାଲାଣ ପରେ ଅଦେଇଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯୁବକ ହେଲେ ସ୍ଥାନୀୟ ଚଣ୍ଡୀବଜାରରେ ରହୁଥିବା ମୟୂରଭଞ୍ଜର ମାଥୁରି ବାସ୍କେ। ସେ ଅଗଷ୍ଟ ୧୪ ସନ୍ଧ୍ୟାରେ ଅନ୍ୟ ଦୁଇ ସାଙ୍ଗଙ୍କ ସହ ଏକ ବାଇକରେ ଯୋଗେ ବୋତଣ୍ଡା ଯାଉଥିବା ବେଳେ ଭାରସାମ୍ୟ ହରାଇ ସମସ୍ତେ ରାସ୍ତା ଉପରେ ପଡ଼ିଯାଇଥିଲେ। ଏହି ସମୟରେ ଟ୍ରାକ୍ଟର ନେଇ ଆସୁଥିବା ଅଦେଇ ପଛ ପାର୍ଶ୍ୱରୁ ଅତି ଦ୍ରୁତ ଗତିରେ ମାଥୁରିଙ୍କ ଉପରେ ଚଢ଼ି ଚାଲିଯାଇଥିଲେ। ଫଳରେ ମାଥୁରି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ଲାଗି ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ ଏମ୍ସ ନିଆଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଦୁର୍ଘଟଣା ଘଟାଇ ଅଦେଇ ଫେରାର ହୋଇଯାଇଥିଲେ। ଏନେଇ ମୃତକଙ୍କ ବାପା ଅନ୍ତୁ ବାସ୍କେଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୭୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ବାଇକ୍ ବନ୍ଧକ ରଖି ସୁଧ କାରବାର

କଟକ ସଦର, ୧୬।୧୧ (ସୁଶାନ୍ତ କୁମାର ଜେନା)

## ୨୫ ବାଇକ ଜବତ, ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

କନ୍ଦରପୁର ନିକଟସ୍ଥ ସରସୁଦା ଗ୍ରାମର ଜଣେ ବ୍ୟକ୍ତି ଦୀର୍ଘଦିନ ଧରି ବାଇକ୍ ବନ୍ଧକ ରଖି ଋଣ କାରବାର କରିଆସୁଥିବାବେଳେ ରବିବାର ତାଙ୍କ ଘରେ ବିରିଡ଼ି ଥାନା ପୋଲିସ ଚଢ଼ାଉ କରିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ବନ୍ଧକ ରଖାଯାଇଥିବା ୩୨ଟି ବାଇକ୍‌କୁ ପୋଲିସ ଜବତ କରିବା ସହ ଅଧିକ ଖୋଳତାଡ଼ ଜାରି ରଖିଛି।

ସୂଚନା ଅନୁଯାୟୀ, ଜଣେ ବ୍ୟକ୍ତି ବାଇକ୍ ଓ ସୁନାଗହଣା ବନ୍ଧକ ରଖି ବେଆଇନ ଭାବେ ଅଧିକ ସୁଧରେ ଲୋକଙ୍କୁ ଋଣ ଦେଉଥିବା ନେଇ ବିରିଡ଼ି ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ରବିବାର ସନ୍ଧ୍ୟାରେ ବିରିଡ଼ି ଥାନା ଅଧିକାରୀ ସୁଜାତା ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ୍ ସମ୍ପୃକ୍ତ ବ୍ୟକ୍ତିଙ୍କ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଥିବା ଭଡ଼ାଘରେ ଚଢାଉ କରିଥିଲା। ଚଢାଉ ବେଳେ ୩୨ଟି ବାଇକ୍ ସମେତ କିଛି ସୁନାଗହଣା ଜବତ କରାଯାଇଛି। ବାସଭବନ ଓ ଭଡ଼ାଘର ବ୍ୟତୀତ ଅନ୍ୟ କେଉଁଠାରେ ବାଇକ୍ ଓ ସୁନାଗହଣା ରଖାଯାଇଛି କି ନାହିଁ ଏବଂ ଉକ୍ତ ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେ ସଂକ୍ରାନ୍ତରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଚଢାଉ ଶେଷ ପରେ ଗଣମାଧ୍ୟମକୁ ସବିଶେଷ ତଥ୍ୟ ଦିଆଯିବ ବୋଲି ପୋଲିସ ସୂଚନା ଦେଇଛି।


# Classified Everyday 0674-2580101, 9692975378



REAL ESTATE
SALE

**Twinsity-** କଟକ ଓ ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **"Grand Bazar"** ସମ୍ମୁଖରୁ **NH** ସମ୍ମୁଖର ୧କି.ମି. ଦୂରତାରେ **Rev. Road** ସଂଲଗ୍ନ ଘରବାରି ପ୍ଲଟ କିଣନ୍ତୁ ଓ ଆପଣଙ୍କର ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ । ସନ୍ତୋଷ- **9438362273.** D-12

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834

LIG House (136, 137, 138, 139) for sale at Sector- 3, Niladri Vihar, Near- Pani Tanki, Bhubaneswar, Contact- 9437229575. D-2575

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

**Khordha Municipality** ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବା -7008634668 ଧ-୦୮

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ପ୍ଲଟ ବିକ୍ରି ହେବ- 9178660666. ଧ-୨୫୫୫





The massage felt totally professional! & comfortable at all times- 7978109255. D-211

## AFFIDAVIT

By virtue of an affidavit sworn before the Notary Public, Junagarh, dated- 10.11.2025, I, Surjit Surujal, Village/Post- Mathura, P.S.- Junagarh, Dist.- Kalahandi, Odisha, declare that I want to correction the wrong name in my son's Aadhaar from Sitan Surujal, S/o.- Surjeet Surujal to Shitansu Surujal , S/o.- Surjit Surujal. Henceforth, he will be known as Shitansu Surujal , S/o.- Surjit Surujal for all purposes. D-2589

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Balangir, dated- 14.11.2025, I, Rajib Kumbhar, Address At/P.O.- Ranisarda, P.S.- Tarbha, Dist.- Subarnapur (Odisha) declare that I have changed the name of my son from PRI RANYJAN KUMBHAR to PRIYA RANJAN KUMBHAR. Henceforth, he shall be known as PRIYA RANJAN KUMBHAR for all purposes.
Rajib Kumbhar D-2590

By virtue of an affidavit sworn before Notary Public, Borigumma, dated- 12.09.2025, I, Samari Penthia, Address- Dhaudapalla, P.O.- Sasahandi, P.S.- Borigumma, Dist.- Koraput, Odisha,764056 declare that I have changed the name of daughter from JAYA SURIA PEMNTAIA (Old Name) to JAYASHREE PENTHIA (New Name). Henceforth, she shall be known as JAYASHREE PENTHIA (New Name) for all purposes.
JAYASHREE PENTHIA D-2587

I, BORA PARTH SARATHI, S/O- BORA JAGANNATH RAO, RESIDENT OF AT- MAKARBAG SAHI, BUXI BAZAR, CUTTACK SADAR, DIST- CUTTACK, PIN- 753001, ODISHA DECLARE BY AFFIDAVIT NO- 76AA763871, DATED - 14/11/2025, THAT NOW ONWARDS I SHALL BE KNOWN AS B. PARTH SARATHI FOR ALL FUTURE PURPOSES. D-2588

## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ



**ଁଗୋପବନ୍ଧୁ ପଟନାୟକ**
ଛତ୍ରପୁର, ଗଞ୍ଜାମ
ଆବିର୍ଭାବ- ୦୨।୦୨।୧୯୫୦
ତିରୋଧାନ- ୦୬।୧୧।୨୦୨୫
ବିଶିଷ୍ଟ ସାହିତ୍ୟିକ, ସୃଜନଶୀଳ ଲେଖକ, ଅନୁବାଦକ, ଝରକା ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା ଓ ସୁଯୋଗ୍ୟ ସମ୍ପାଦକ, ଦୟାମଞ୍ଜରୀ ଟ୍ରଷ୍ଟର ପ୍ରବନ୍ଧକ, ଗୋଦାବରୀଶ ସାହିତ୍ୟ ସଂସଦ ତରଫରୁ ପ୍ରଦତ୍ତ ବାର୍ଷିକ ଦୟାମଞ୍ଜରୀ ପୁରସ୍କାରର ପ୍ରବର୍ତ୍ତକ, ସେବା ନିବୃତ୍ତ ଷ୍ଟେଟ ବ୍ୟାଙ୍କ ଅଫିସର ଶ୍ରୀ ଗୋପବନ୍ଧୁ ପଟନାୟକ ଆଉ ଆମ ଗହଣରେ ନାହାନ୍ତି। ଚଳିତ ନଭେମ୍ବର ମାସ ୦୬ ତାରିଖରେ ନୂଆଦିଲ୍ଲୀ ସ୍ଥିତ ଆଇ.ଏଲ.ବି.ଏସ ହସ୍ପିଟାଲରେ ସମସ୍ତଙ୍କୁ ଶୋକସାଗରରେ ଭସାଇ ସେ ପରଲୋକ ଗମନ କରିଛନ୍ତି, ତାଙ୍କରି ଅମର ଆତ୍ମାର ସଦ୍‌ଗତି ଓ ମୋକ୍ଷପ୍ରାପ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା ସହ ବେଦନାସିକ୍ତ ବନ୍ଧୁ ଓ ପରିବାରବର୍ଗ/ ଆତ୍ମୀୟସ୍ୱଜନ।

### ପ୍ରଥମ ଶ୍ରାଦ୍ଧବାର୍ଷିକ



**ଁଡ. ଗୋବିନ୍ଦ ଚନ୍ଦ୍ର ନାୟକ**
ସ୍ଥାନ- ଭୁବନେଶ୍ୱର
ଆବିର୍ଭାବ- ୦୧.୦୭.୧୯୪୪
ତିରୋଧାନ- ୩୦.୧୧.୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟର ପ୍ରାର୍ଥନା। ତାଙ୍କର ଆଦର୍ଶ, କର୍ତ୍ତବ୍ୟବୋଧ, ସ୍ନେହ, ତ୍ୟାଗ ଓ ପରୋପକାରିତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ।
-:ଶୋକସନ୍ତପ୍ତ ;-
ପତ୍ନୀ- ନମିତା, ଝିଅ- କ୍ୱାଇଁ, ନାତି ଓ ନାତୁଣୀ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ


# ଚାକିରି ନାଁରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ, ଜେଲ ଗଲେ ମହିଳା

ନୟାଗଡ଼, ୧୬।୧୧ (ଲୋକନାଥ ମିଶ୍ର)

ଚାକିରି ଦେବାକୁ କହି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗରେ ନୟାଗଡ଼ ଜିଲା ଇଟାମାଟି ଥାନା ପୋଲିସ ନୟାଗଡର କମଳିନୀ ପାଟଶାଣୀଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି । ସେ ୭ଜଣ ବେକାର ଯୁବକଙ୍କଠାରୁ ଚାକିରି କରାଇଦେବେ କହି ଟଙ୍କା ନେଇଥିଲେ। ଚାକିରି କରାଇ ନ ଥିଲେ କି ଟଙ୍କା ଫେରାଇ ନ ଥିଲେ । ଏନେଇ ହରେକୃଷ୍ଣପୁରର ରାକେଶ ଜେନା ଗତ କିଛି ମାସ ତଳେ ଇଟାମାଟି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୦୯/୨୫ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ଏହି ଠକେଇ ଘଟଣାରେ କମଳିନୀଙ୍କ ଭାଇ ଓ ଖୋର୍ଦ୍ଧା ଜିଲା ବାଘମାରି ଅଞ୍ଚଳର ଅନ୍ୟ ଜଣେ ସମ୍ପୃକ୍ତ ଥିବା ଜଣାପଡ଼ିଛି।

# ବ୍ୟାଟେରି ଚୋରି ଗ୍ୟାଙ୍ଗ ସଦସ୍ୟ ଧରାପଡ଼ିଲେ

ଭୁବନେଶ୍ୱର, ୧୬।୧୧ (ସତ୍ୟଜିତ ରାଉତ)

## ୫ରୁ ଊର୍ଦ୍ଧ୍ୱ ବ୍ୟାଟେରି ଜବତ, ସହଯୋଗୀଙ୍କୁ ଖୋଜା ଚାଲିଛି

ବିଭିନ୍ନ ଦୋକାନ ଓ ଗାଡ଼ିରୁ ବ୍ୟାଟେରି ଚୋରି କରିନେଉଥିବା ଏକ ଗ୍ୟାଙ୍ଗର ଜଣେ ସଦସ୍ୟଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ରବିବାର କାବୁ କରିଛି। ପୋଲିସ ତାଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି। ଅଭିଯୁକ୍ତଙ୍କ ଠାରୁ ଏକ କାର୍ ଓ ସେଥିରେ ଥିବା ୫ରୁ ଊର୍ଦ୍ଧ୍ୱ ବ୍ୟାଟେରୀ ଏବଂ ଅନ୍ୟାନ୍ୟ ଉପକରଣ ଜବତ ହୋଇଛି। ଫେରାର ହେବା ବେଳେ ନିଳାଦ୍ରୀ ବିହାର ଅଞ୍ଚଳରେ ପୋଲିସ ଅଭିଯୁକ୍ତଙ୍କୁ କାବୁ କରିଥିଲା। ତେବେ ଏହି ଗ୍ୟାଙ୍ଗର ଅନେକ ସଦସ୍ୟ ଥିବାବେଳେ ପୋଲିସ ସେମାନଙ୍କୁ ଧରିବାକୁ ପ୍ରୟାସ ଚଳାଇଛି। ଏଥିସହ ଆହୁରି ଅଧିକ ବ୍ୟାଟେରୀ ଜବତ ହେବା ସମ୍ଭାବନା ରହିଛି। ସୋମବାର ଏନେଇ ପୋଲିସ ବିସ୍ତୃତ ସୂଚନା ଦେବ ବୋଲି କହିଛି।

# କ୍ୱାଣ୍ଟମ୍ ଯୁଗର ଅବଦାନ



ନିକୁଞ୍ଜ ବିହାରୀ ସାହୁ

''ବିଜ୍ଞାନଜଗତ ଏହିପରି ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଥିବା ସମୟରେ ୧୯୦୦ ଖ୍ରୀଷ୍ଟାବ୍ଦରେ ଜଣେ ଜର୍ମାନୀ ବୈଜ୍ଞାନିକ ମାକ୍ସ ପ୍ଲାଙ୍କ ଏକ ନୂତନ ତତ୍ତ୍ୱ ଆବିଷ୍କାର କଲେ। ତାଙ୍କ ତତ୍ତ୍ୱ ଅନୁସାରେ ଶକ୍ତି ନିରବଚ୍ଛିନ୍ନ ପ୍ରବାହ ପରିବର୍ତ୍ତେ କ୍ଷୁଦ୍ରାତିକ୍ଷୁଦ୍ର ଅନେକ ପ୍ୟାକେଟ ମୁଣାର ବିଚ୍ଛିନ୍ନ ସମାହାର। ସେହି ମୁଣାକୁ 'କ୍ୱାଣ୍ଟମ୍' ବୋଲି କୁହାଗଲା। ଏହି ତତ୍ତ୍ୱ ଅନୁସାରେ ପଦାର୍ଥର ପରମାଣୁ ସମସ୍ତ ମୂଲ୍ୟର ଶକ୍ତି ଉତ୍ସର୍ଜନ କିମ୍ବା ଅବଶୋଷଣ ନକରି କେବଳ କେତକ ନିର୍ଦ୍ଦିଷ୍ଟ ମୂଲ୍ୟର ଶକ୍ତି ବିନିମୟ କରିଥାଏ।''



ନେଲସ ବୋ'ର



ବିଂଶ ଶତାବ୍ଦୀ ପୂର୍ବରୁ ବୈଜ୍ଞାନିକମାନେ ଆତ୍ମସନ୍ତୋଷ ଲାଭ କରୁଥିଲେ ଯେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଅଧିକାଂଶ ଆବିଷ୍କାର ଘଟିସାରିଛି ଏବଂ ଏହି ଦିଗନ୍ତରେ ଆଉ କିଛି ନୂତନ ସମ୍ଭାବନା ବାକି ନାହିଁ। ସେ ସମୟରେ ନିଉଟନଙ୍କ ପ୍ରଦତ୍ତ ପାରମ୍ପରିକ ବିଜ୍ଞାନର ପଦ୍ଧତି ଅନୁସରଣ ପୂର୍ବକ ଏକ ବିଲିଆର୍ଡ଼ ବଲର ଗତିରୁ ଆରମ୍ଭକରି ବିଶ୍ୱବ୍ରହ୍ମାଣ୍ଡରେ ଗ୍ରହ ଉପଗ୍ରହ ଏବଂ ଗାଲାକ୍ସିମାନଙ୍କର ଗତି ବୁଝାଇ ହେଉଥିଲା। ସେ ସମୟରେ ବିଶ୍ୱାସ କରାଯାଉଥିଲା ଯେ ପ୍ରକୃତିରେ ଶକ୍ତି ଏକ ଅବିଚ୍ଛିନ୍ନ ପ୍ରବାହ, ଅର୍ଥାତ କୌଣସି ଉତ୍ତପ୍ତ ବସ୍ତୁର ପରମାଣୁସବୁ ସମସ୍ତ ମୂଲ୍ୟର ଶକ୍ତି ଉତ୍ସର୍ଜନ କିମ୍ବା ଅବଶୋଷଣ କରିଥାନ୍ତି। ମାତ୍ର ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ ଥିଲା ଏକ କୃଷ୍ଣବସ୍ତୁର ବିକିରଣ।

### କୃଷ୍ଣବସ୍ତୁର ବିକିରଣ

କୃଷ୍ଣବସ୍ତୁ ଏକ ଆଦର୍ଶ ବସ୍ତୁ, ଯାହା ଆପତିତ ଶକ୍ତିର ସମସ୍ତ ବିକିରଣକୁ ଅବଶୋଷଣ କିମ୍ବା ଉତ୍ସର୍ଜନ କରିଥାଏ ଏବଂ ଉତ୍ସର୍ଜିତ ଶକ୍ତିର ପରିମାଣ କେବଳ ବସ୍ତୁର ତାପମାତ୍ରା ଉପରେ ନିର୍ଭର କରିଥାଏ। ପରେ ବୈଜ୍ଞାନିକମାନେ କୌଣସି କୃଷ୍ଣବସ୍ତୁର ଉତ୍ସର୍ଜନ ନିମନ୍ତେ ତା'ର ଆବୃତ୍ତି ଅନୁସାରେ ଶକ୍ତିର ପରିମାଣକୁ ପରୀକ୍ଷା ମୂଳକ ଭାବେ ଅନୁଧ୍ୟାନ କରି ଲକ୍ଷ୍ୟକଲେ ଯେ, ନିମ୍ନ ଆବୃତ୍ତି ପରିସରରେ ଉତ୍ସର୍ଜିତ ଶକ୍ତି ଆବୃତ୍ତି ସହିତ ଧୀରେ ଧୀରେ ବୃଦ୍ଧି ପାଉଛି ଏବଂ ଉଚ୍ଚ ଆବୃତ୍ତିରେ ଉତ୍ସର୍ଜିତ ଶକ୍ତି ଅଚାନକ ହ୍ରାସ ପାଉଛି। ପାରମ୍ପରିକ ରାଲେ-ଜିନ୍ସଙ୍କ ନିୟମ ଅନୁସାରେ, ବିକିରଣର ଆବୃତ୍ତି ବଢିଲେ ଉତ୍ସର୍ଜିତ ଶକ୍ତିର ପରିମାଣ ତଦନୁସାରେ ବଢିଥାଏ। ଅର୍ଥାତ ଅତିବାଇଗଣି ଭଳି ଅତି ଉଚ୍ଚ ଆବୃତ୍ତିରେ କୃଷ୍ଣବସ୍ତୁ ଅସୀମ ଶକ୍ତି ବିକିରଣ କରିବା କଥା, ମାତ୍ର ବାସ୍ତବକ୍ଷେତ୍ରରେ ସେପରି ହୁଏ ନାହିଁ। ଏହି ବ୍ୟତିକ୍ରମକୁ 'ଅତିବାଇଗଣି ସଙ୍କଟ' ବୋଲି କୁହାଗଲା। ଏହି ସମସ୍ୟାର ସମାଧାନ ପାରମ୍ପରିକ ବିଜ୍ଞାନ ପକ୍ଷରେ ସମ୍ଭବପର ନଥିଲା।

ବିଜ୍ଞାନଜଗତ ଏହିପରି ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଥିବା ସମୟରେ ୧୯୦୦ ଖ୍ରୀଷ୍ଟାବ୍ଦରେ ଜଣେ ଜର୍ମାନୀ ବୈଜ୍ଞାନିକ ମାକ୍ସ ପ୍ଲାଙ୍କ ଏକ ନୂତନ ତତ୍ତ୍ୱ ଆବିଷ୍କାର କଲେ। ତାଙ୍କର ତତ୍ତ୍ୱ ଅନୁସାରେ ଶକ୍ତି ନିରବଚ୍ଛିନ୍ନ ପ୍ରବାହ ପରିବର୍ତ୍ତେ କ୍ଷୁଦ୍ରାତିକ୍ଷୁଦ୍ର ଅନେକ ପ୍ୟାକେଟ ମୁଣାର ବିଚ୍ଛିନ୍ନ ସମାହାର। ସେହି ମୁଣାକୁ 'କ୍ୱାଣ୍ଟମ୍' ବୋଲି କୁହାଗଲା। ଏହି ତତ୍ତ୍ୱ ଅନୁସାରେ ପଦାର୍ଥର ପରମାଣୁ ସମସ୍ତ ମୂଲ୍ୟର ଶକ୍ତି ଉତ୍ସର୍ଜନ କିମ୍ବା ଅବଶୋଷଣ ନକରି କେବଳ କେତେକ ନିର୍ଦ୍ଦିଷ୍ଟ ମୂଲ୍ୟର ଶକ୍ତି ବିନିମୟ କରିଥାଏ। ତାଙ୍କର ଏହି ନୂତନ ତତ୍ତ୍ୱ ସେତେବେଳେ ବିଜ୍ଞାନ ଜଗତରେ ଚହଳ ସୃଷ୍ଟି କରିଥିଲା। ମାତ୍ର ଏହି ତତ୍ତ୍ୱର ପ୍ରୟୋଗ ଦ୍ୱାରା କୌଣସି କୃଷ୍ଣବସ୍ତୁର ଆବୃତ୍ତି ଅନୁସାରେ ଉତ୍ସର୍ଜିତ ଶକ୍ତିର ପରିମାଣକ ଠିକ ରୂପେ ବୁଝାଇ ହେଲା। ଏହି ନୂତନ ତତ୍ତ୍ୱକୁ 'କ୍ୱାଣ୍ଟମ୍ ତତ୍ତ୍ୱ' ବୋଲି କୁହାଗଲା। ପ୍ଲାଙ୍କଙ୍କର ଏହି ମହତ୍ତ୍ୱପୂର୍ଣ୍ଣ ଅବଦାନ ପାଇଁ ତାଙ୍କୁ 'କ୍ୱାଣ୍ଟମ୍ ତତ୍ତ୍ୱର ଜନକ' ବୋଲି କୁହାଗଲା।

### ପରମାଣୁର ଗଠନରେ କ୍ୱାଣ୍ଟମ୍ ତତ୍ତ୍ୱର ପ୍ରୟୋଗ

୧୯୧୩ ମସିହାରେ ଡେନମାର୍କର ପଦାର୍ଥବିଜ୍ଞାନୀ ନେଲସ ବୋ'ର ଏହି କ୍ୱାଣ୍ଟମ୍ ତତ୍ତ୍ୱ ପ୍ରୟୋଗ କରି ହାଇଡ୍ରୋଜେନ ପରମାଣୁର ବର୍ଣ୍ଣାଳୀକୁ ସଫଳତାର ସହ ବୁଝାଇବା ସହିତ ପରମାଣୁର ଗଠନ ସମ୍ପର୍କରେ ଏକ ନୂତନ ମତବାଦ ଉପସ୍ଥାପନା କଲେ। ପରମାଣୁର ଗଠନ ସମ୍ପର୍କରେ ପୂର୍ବରୁ ପ୍ରଚଳିତ ମତବାଦ ପରମାଣୁର ସ୍ଥାୟିତ୍ୱ ବୁଝାଇବା ନିମନ୍ତ ଅସମର୍ଥ ଥିଲା। ବୋ'ର ପାରମ୍ପରିକ ବିଜ୍ଞାନ ସହିତ କ୍ୱାଣ୍ଟମ୍ ତତ୍ତ୍ୱର ମିଶ୍ରଣ କରି ଏକ ନୂତନ ମତବାଦ ପ୍ରଣୟନ କଲେ, ଯାହା ପରମାଣୁର ସ୍ଥାୟିତ୍ୱ ଏବଂ ହାଇଡ୍ରୋଜେନ ଭଳି ପରମାଣୁର ବର୍ଣ୍ଣାଳୀ ସଫଳତାର ସହ ବୁଝାଇ ପାରିଲା। ଏହା କ୍ୱାଣ୍ଟମ୍ ତତ୍ତ୍ୱର ଅନ୍ୟ ଏକ ବଡ଼ ସଫଳତା ଥିଲା। ବୋ'ର ମତପୋଷଣ କରିଥିଲେ ଯେ, ପରମାଣୁର ନିଉକ୍ଲିୟସ ଚାରିପଟେ ଘୂରୁଥିବା ଇଲେକ୍ଟ୍ରନ ସମସ୍ତ କକ୍ଷପଥ ଗ୍ରହଣ କରିପାରିବ ନାହିଁ। ତାହା କେବଳ ସେହି କକ୍ଷ ଗ୍ରହଣ କରିପାରିବ ଯେଉଁଠି ତା'ର ସମୁଦାୟ ଶକ୍ତିର ପରିମାଣ ସ୍ଥିର ରହିଥାଏ। ସେଥିପାଇଁ ସେ ଇଲେକ୍ଟ୍ରନର କୌଣୀୟ ସଂବେଗ (Angular momentum) ପାଇଁ ସମସ୍ତ ମୂଲ୍ୟ ଗ୍ରହଣ ପରିବର୍ତ୍ତେ କିଛି ନିର୍ଦ୍ଦିଷ୍ଟ ମୂଲ୍ୟର ପ୍ରସ୍ତାବନା କଲେ।

### ପ୍ରକାଶ-ବୈଦ୍ୟୁତିକ ପ୍ରଭାବ

ବୈଜ୍ଞାନିକ ଆଇନଷ୍ଟାଇନ କ୍ୱାଣ୍ଟମ୍ ତତ୍ତ୍ୱକୁ ଆଉ ପାଦେ ଆଗେଇ ନେଇ ଏହାକୁ ପ୍ରକାଶ କିମ୍ବା ଆଲୋକ କ୍ଷେତ୍ରରେ ପ୍ରୟୋଗ କଲେ। ପୂର୍ବରୁ ବିଶ୍ୱାସ କରାଯାଉଥିଲା ଯେ, ଆଲୋକ ଏକ ତରଙ୍ଗ ଏବଂ ଏହା ଶକ୍ତିର ଏକ ଅବିଚ୍ଛିନ୍ନ ପ୍ରବାହ। ମାତ୍ର ଆଲୋକର ଏହି ଧର୍ମ ବ୍ୟବହାର କରି ପ୍ରକାଶ-ବୈଦ୍ୟୁତିକ ପ୍ରଭାବ ସମ୍ପର୍କୀୟ ପରୀକ୍ଷାର ଫଳାଫଳକୁ ବୁଝାଇବା ସମ୍ଭବ ହେଲା ନାହିଁ। କେତେକ ପଦାର୍ଥ ଉପରେ ଆଲୋକ ପଡ଼ିଲେ ସେଥିରୁ ଇଲେକ୍ଟ୍ରନ ସ୍ୱତଃ ନିର୍ଗତ ହୁଏ, ଯାହାକୁ ପ୍ରକାଶ-ବୈଦ୍ୟୁତିକ ପ୍ରଭାବ କହନ୍ତି।

ପାରମ୍ପରିକ ବିଜ୍ଞାନ ଏହି ପ୍ରକାଶ-ବୈଦ୍ୟୁତିକ ପ୍ରଭାବ ସମ୍ପର୍କୀୟ ମୁଖ୍ୟତଃ ତିନୋଟି ପ୍ରସଙ୍ଗ ଯଥା ଦ୍ୱାରଦେଶୀୟ ଆବୃତ୍ତି, ତତ୍କାଳିକ ଇଲେକ୍ଟ୍ରନ ଉତ୍ସର୍ଜନ ପ୍ରକ୍ରିୟା, ଉତ୍ସର୍ଜିତ ଇଲେକ୍ଟ୍ରନଗୁଡ଼ିକର ଗତିଜ ଶକ୍ତିର ଆପତିତ ଆଲୋକରଶ୍ମିର ତୀବ୍ରତା ପରିବର୍ତ୍ତେ ଆବୃତ୍ତି ଉପରେ ନିର୍ଭରଶୀଳତା ଇତ୍ୟାଦି ବୁଝାଇ ପାରିଲା ନାହିଁ। ଏହି ସଂକଟକୁ ଦୂର କରିବା ପାଇଁ ଆଇନ୍‌ଷ୍ଟାଇନ ମତ ଦେଲେ ଯେ, ଆଲୋକ ଶକ୍ତିର ଏକ ଅବିଚ୍ଛିନ୍ନ ପ୍ରବାହ ପରିବର୍ତ୍ତେ ଅନେକ ଶକ୍ତିମନ୍ତ ବସ୍ତୁତ୍ୱ ବିହୀନ କଣିକା 'ଫୋଟନ'ର ସମାହାର, ଯାହା ଆଲୋକ ବେଗରେ ଗତି କରିଥାନ୍ତି। ସେ ଏହି ତତ୍ତ୍ୱ ପ୍ରୟୋଗ କରି ପ୍ରକାଶ-ବୈଦ୍ୟୁତିକ ପ୍ରଭାବ ସମ୍ପର୍କୀୟ ପର୍ଯ୍ୟବେକ୍ଷଣର ଫଳାଫଳକୁ ଠିକ୍ ରୂପେ ବୁଝାଇ ପାରିଲେ। ଆଇନ୍‌ଷ୍ଟାଇନଙ୍କ ପ୍ରକାଶ-ବୈଦ୍ୟୁତିକ ପ୍ରଭାବ ସମ୍ପର୍କୀୟ ଏହି ଯୁଗାନ୍ତକାରୀ ମତବାଦ ପାଇଁ ତାଙ୍କୁ ୧୯୨୨ ମସିହାରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରଦାନ କରାଗଲା।

ଏଇବର୍ଷ ତିନିଜଣ ଆମେରିକୀୟ ପଦାର୍ଥବିଜ୍ଞାନୀ ନିଜର କ୍ୱାଣ୍ଟମ୍ ତତ୍ତ୍ୱ ସମ୍ବନ୍ଧୀୟ ଆବିଷ୍କାର ନିମନ୍ତେ ନୋବେଲ ପୁରସ୍କାର ଲାଭ କରିଛନ୍ତି। ସେ ପଦାର୍ଥବିଜ୍ଞାନୀମାନେ ହେଲେ: ଜନ୍ କ୍ଲାର୍କ୍, ମାଇକେଲ ଏଚ୍. ଡେଭୋରେଟ ଏବଂ ଜନ୍ ମାର୍ଟିନିସ। ସେମାନେ ଏକ ବୈଦ୍ୟୁତିକ ପରିପଥରେ ଶକ୍ତିର କ୍ୱାଣ୍ଟମ୍‌କରଣ ପ୍ରକ୍ରିୟା ତଥା ସ୍ଥୂଳ ପରିସ୍ଥିତିରେ କାଣ୍ଟମ୍ ଯାନ୍ତ୍ରିକୀ ଟନେଲିଙ୍ଗ ପ୍ରଭାବ ଆବିଷ୍କାର ପାଇଁ ଏହି ନୋବେଲ ପୁରସ୍କାର ବିଜେତା ହୋଇଛନ୍ତି।

ଏହିପରି ଭାବରେ କ୍ୱାଣ୍ଟମ୍ ଯୁଗର ସୂତ୍ରପାତ ହୁଏ। ଏହି କ୍ୱାଣ୍ଟମ ତତ୍ତ୍ୱକୁ ଭିତ୍ତିକରି ଆଧୁନିକ ଯୁଗର ଅନେକ ଉପକରଣ ଯଥା ଲେଜର, ଟ୍ରାଞ୍ଜିଷ୍ଟର, ଏଲ୍.ଇ.ଡି. ଶରୀର ଅଭ୍ୟନ୍ତର ଟିସୁର ଫଟୋଚିତ୍ର ଉତ୍ତୋଳନ ନିମନ୍ତେ ବ୍ୟବହୃତ ଏମ୍‌ଆର୍‌ଆଇ ଯନ୍ତ୍ର, କ୍ୱାଣ୍ଟମ୍ କମ୍ପ୍ୟୁଟର, ସୂକ୍ଷ୍ମ ଅଣୁଜୀବଙ୍କ ସ୍ପଷ୍ଟ ଦର୍ଶନ ପାଇଁ ବ୍ୟବହୃତ ସ୍କାନିଙ୍ଗ ଟନେଲିଙ୍ଗ ମାଇକ୍ରୋସ୍କୋପ୍ ଇତ୍ୟାଦି ବିକଶିତ କରାଯାଇ ପାରିଲା। ମାନବ ସମାଜକୁ କ୍ୱାଣ୍ଟମ୍ ତତ୍ତ୍ୱର ଏହି ବିପୁଳ ଅବଦାନକୁ ସ୍ମରଣୀୟ କରିବା ପାଇଁ ଏହି ବର୍ଷ ୨୦୨୫ ମସିହାକୁ 'ଅନ୍ତର୍ଜାତୀୟ କ୍ୱାଣ୍ଟମ୍ ବିଜ୍ଞାନ ଓ ପ୍ରଯୁକ୍ତି ବର୍ଷ' ବୋଲି ଘୋଷଣା କରାଯାଇଛି।

-ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ : ୮୦୧୮୭୦୮୮୫୮

## ପ୍ଲାଷ୍ଟିକ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ



ସାଧାରଣତଃ ବିଭିନ୍ନ କାରଣରୁ ଜଳବାୟୁ ପରିବର୍ତ୍ତନ ଘଟିଥାଏ। ବର୍ତ୍ତମାନ ଏହା ଦିନକୁ ଦିନ ଯେଉଁଭଳି ପ୍ରଦୂଷିତ ହେବାରେ ଲାଗିଛି ତାହା ଉପରେ ପରିବେଶବିତ୍‌ମାନେ ଚିନ୍ତାପ୍ରକଟ କଲେଣି। ଜଳବାୟୁର ଏହି ପରିବର୍ତ୍ତିତ ରୂପ ପାଇଁ ପ୍ଲାଷ୍ଟିକ ପ୍ରଦୂଷଣ କେତେକାଂଶରେ ଦାୟୀ ବୋଲି ସିଡ୍‌ନୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡିଛି। ଅଶୋଧିତ ପେଟ୍ରୋଲିୟମ୍‌ରୁ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ ସେଥିରୁ ଅନେକ ବିଷାକ୍ତ ଓ ସବୁଜଘର ଗ୍ୟାସ୍ ଉତ୍ପନ୍ନ ହୋଇ ପରିବେଶକୁ ନିର୍ଗମନ ଘଟେ। ପୁଣି ପ୍ଲାଷ୍ଟିକ ପଦାର୍ଥକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡି ନଷ୍ଟ କରାଯିବା ଦ୍ୱାରା ମଧ୍ୟ ଅନେକ ସବୁଜଘର ଗ୍ୟାସ ବାୟୁମଣ୍ଡଳକୁ ନିର୍ଗତ ହୁଏ। ଗତ ୨୦୧୯ ମସିହାରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଏ ଯେ, ପ୍ଲାଷ୍ଟିକ ଉତ୍ପାଦନ ଓ ଭସ୍ମୀକରଣ ପ୍ରକ୍ରିୟା ଯୋଗୁ ବାୟୁମଣ୍ଡଳକୁ ସମୁଦାୟ ୮୫୦ ମିଲିୟନ ଟନ୍ ସବୁଜଘର ଗ୍ୟାସ ଉତ୍ସର୍ଜିତ ହୋଇଛି। ଆଗାମୀ ୨୦୫୦ ମସିହା ବେଳକୁ ଏହା ଆଶାତୀତ ବୃଦ୍ଧି ପାଇ କେବଳ ପ୍ଲାଷ୍ଟିକ ଯୋଗୁ ଉତ୍ସର୍ଜିତ ସବୁଜଘର ଗ୍ୟାସର ପରିମାଣ ସମୁଦାୟ ବିଶ୍ୱ ଉତ୍ସର୍ଜନର ୧୪% ମାତ୍ରାରେ ପହଞ୍ଚିବ ବୋଲି ଆଶଙ୍କା ପ୍ରକାଶ କରାଯାଏ। ଏହି ବିପୁଳ ସବୁଜଘର ଗ୍ୟାସ୍ ଯେ ଭବିଷ୍ୟତରେ ବିଶ୍ୱତାପନ ପ୍ରକ୍ରିୟାରେ ସହାୟକ ହୋଇ ବିଶ୍ୱ ଜଳବାୟୁ ପରିବର୍ତ୍ତନର ଧାରାକୁ ଘୋର ତ୍ୱରାନ୍ୱିତ କରିବ ଏଥିରେ ସନ୍ଦେହ ନାହିଁ।

## ଡିପ୍ରେସନ୍ ଦୂର କରିବାର ସହଜ ଉପାୟ



ବର୍ତ୍ତମାନର ବ୍ୟସ୍ତମୟ ଜୀବନରେ ଜଣେ ଡିପ୍ରେସର ସମ୍ମୁଖୀନ ହେବା କିଛି ନୂଆ କଥା ନୁହେଁ। କିନ୍ତୁ ଏହାଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିବାର ଏକ ସହଜ ତଥା ସରଳ ଉପାୟ ରହିଛି। ତାହା ହେଲା ଖାଦ୍ୟପେୟ। ଆମେ ଜାଣୁ ଯେ, ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ହେଲେ ଏବେ ଅନେକେ ଖାଇବାରେ ସନ୍ତୁଳନ ନ ରଖିବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବେଜିଂ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ,ଯଦି ଜଣେ ବ୍ୟକ୍ତି ନିଜର ଖାଦ୍ୟପେୟ ଠିକ୍‌ଠାକ୍ ରଖନ୍ତି, ତେବେ ସେ ନିଜକୁ ଡିପ୍ରେଶନଠାରୁ କେତେକାଂଶରେ ଦୂରେଇ ରଖିପାରିବେ। କେତେକ ବ୍ୟକ୍ତି ଡିପ୍ରେସନ୍‌ରେ ରହିବା ସମୟରେ ଅଧିକ ଖାଦ୍ୟ ଖାଇଥାନ୍ତି। ଏହାଦ୍ୱାରା ପରବର୍ତ୍ତୀ ସମୟରେ ସେମାନେ ମେଦ ବହୁଳତାର ଶିକାର ହୋଇଥାନ୍ତି। ତେଣୁ ଡିପ୍ରେଶନଠାରୁ ନିଜକୁ ଦୂରେଇ ରଖିବା ଲାଗି ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ପ୍ରୋଟିନ୍, ଓମେଗା ୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଥିବା ଖାଦ୍ୟକୁ ସାମିଲ କରନ୍ତୁ। ଗାଜର, ମୂଳା, କଖାରୁ, ପାଳଙ୍ଗ ଶାଗ, ଚିନାବାଦାମ, ଟମାଟୋ, କମଳାଆଦି ଖାଦ୍ୟ ଶରୀର ପାଇଁ ବେଶ୍ ଉପଯୋଗୀ।

## କରୋନାରୀ ଧମନୀ



ହୃଦ୍‌ଯନ୍ତ୍ରକୁ ରକ୍ତ ସଞ୍ଚାରଣ କରାଉଥିବା ଧମନୀଗୁଡ଼ିକୁ କରୋନାରୀ ଧମନୀ କୁହାଯାଇଥାଏ। କାରଣ ଏହା ହୃଦଯନ୍ତ୍ରର ମୁକୁଟ ପରି ପ୍ରତୀୟମାନ ହୁଅନ୍ତି। ଧମନୀରେ କୋଲେଷ୍ଟରଲ, ଆଖେରୋମା ଇତ୍ୟାଦି ଜମି ରକ୍ତ ସଞ୍ଚାଳନର ବାଟ ବନ୍ଦ କରିଥାଏ। ଏଥିପାଇଁ ସ୍ଥଳବିଶେଷରେ ଷ୍ଟେଣ୍ଟ, ବାଇପାସ୍ ସର୍ଜରି ଇତ୍ୟାଦି କରାଯାଇଥାଏ। ରକ୍ତ ଜମାଟ ଓ ଚର୍ବିଜାତୀୟ ଉପାଦାନ ହ୍ରାସ ପାଇଁ ଔଷଧ ଦିଆଯାଇଥାଏ। ଏବେ ବିନା ଅପରେଶନରେ ମଧ୍ୟ ହାର୍ଟ ବ୍ଲକେଜର ଚିକିତ୍ସା କରାଯାଇପାରୁଛି। ଆମ ଶରୀରରେ ରକ୍ତ ସଞ୍ଚାଳନ ଏହିପରି ହୋଇଥାଏ। ପ୍ରଥମେ ଶରୀରର ସମସ୍ତ ଅଙ୍ଗ ଓ ଅଂଶରୁ ଦୂଷିତ ରକ୍ତ ସଂଗ୍ରହ ହୋଇ ଊର୍ଦ୍ଧ୍ୱ ଓ ଅଧ ଭେନା, କାଭା ଦ୍ୱାରା ଦକ୍ଷିଣ ଅଳିନ୍ଦକୁ ଆସି ଦକ୍ଷିଣ ନିଳୟ ଦେଇ ଅଙ୍ଗାରକାମ୍ଳରହିତ ଓ ଅମ୍ଳଜାନଯୁକ୍ତ ହୋଇ ପରିଷ୍କାର ରକ୍ତ ହେବା ପାଇଁ ଫୁସ୍‌ଫୁସ୍‌କୁ ଯାଏ। ସେଠାରୁ ଏହା ଫୁସ୍‌ଫୁସ୍ ଶିରା ଦେଇ ବାମଅଳିନ୍ଦ ଓ ନିଳୟ ମଧ୍ୟ ଦେଇ ଧମନୀ ଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ଯାଇଥାଏ। ଏହି ପ୍ରକ୍ରିୟା ନିରନ୍ତର ଚାଲିଥାଏ। ସାଧାରଣତଃ ହୃତ୍‌ପିଣ୍ଡର ଚାରିଗୋଟି କୋଠରି ମଧ୍ୟରୁ କେବଳ ଗୋଟିଏ ପଟ ଉପର କୋଠରିରୁ ତଳ କୋଠରିକୁ ବାଟ ଥାଏ। ବାମରୁ ଦକ୍ଷିଣ କିମ୍ବା ଦକ୍ଷିଣରୁ ବାମକୁ ବାଟ ନ ଥାଏ। ଏହା ସେପ୍ଟମ ଦ୍ୱାରା ବନ୍ଦ ହୋଇଥାଏ।

## ଉପକାରୀ ଗୁଜୁରାତି



ଗୁଜୁରାତିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏହା ପାଚନ କ୍ରିୟାକୁ କେତେକାଂଶରେ ସକ୍ରିୟ କରିଥାଏ। ତା'ସହ ଶରୀରରେ ଥିବା ଏନ୍‌ଜାଇମ୍ ତତ୍ତ୍ୱକୁ ମଧ୍ୟ ଦୃଢ଼ କରେ। ଶ୍ୱାସକ୍ରିୟାକୁ ସତେଜ ରଖେ ଗୁଜୁରାତି। ଏହାକୁ ଖାଇଲେ ପାଟିରେ ଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଯାଇଥାଏ। ଲଣ୍ଡନ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡିଛି ଯେ ଗୁଜୁରାତି ଖାଇବା ଦ୍ୱାରା ହୃତ୍‌ପିଣ୍ଡ କାର୍ଯ୍ୟଧାରା କେକୋଂଶରେ ସକ୍ରିୟ ରଖିଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଛି, ଯାହାଦ୍ୱାରା ରକ୍ତ ସଞ୍ଚାଳନ ପୂର୍ବାପେକ୍ଷା ସକ୍ରିୟ ରହିଥାଏ। ଗୁଜୁରାତିରେ ଏଭଳି ତତ୍ତ୍ୱ ରହିଛି, ଯାହା ଶରୀରରେ ଥିବା ବିଷାକ୍ତ ଜିନିଷଗୁଡିକୁ ବାହାର କରିଦିଏ। ସବୁଠାରୁ ଖାସ୍ କଥା ହେଲା, ଏହା ଓଜନକୁ ମଧ୍ୟ ସନ୍ତୁଳିତ ରଖେ। ଡାଇବେଟିସ୍ ସମସ୍ୟା ସହ ଜଡିତ ବ୍ୟକ୍ତି ଏହାକୁ ଖାଇପାରନ୍ତି। ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ ଗୁଜୁରାତି। ଏହା ମଧ୍ୟ ଶରୀରରେ ଶକ୍ତି ସଞ୍ଚାର କରିଥାଏ।

## ପୃଥୁଳତାରୁ ହୋଇପାରେ ଡାଇବେଟିସ୍



ପୃଥୁଳତା ଏବଂ ଡାଇବେଟିସ୍ ମଧ୍ୟରେ ଯେ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି। ଅବଶ୍ୟ ଅଧିକାଂଶ ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏଥିରେ ବଂଶଗତ ପ୍ରଭାବ ପରିଲକ୍ଷିତ ହୋଇଥାଏ। ପୃଥୁଳତା ବା ଓବେସିଟି ବଢ଼ିଗଲେ ତାହା ରକ୍ତରେ ସୁଗାର ପରିମାଣ ବଢ଼ାଇ ଦିଏ। ରକ୍ତରେ ଚର୍ବି ଜମିଲେ ମଧ୍ୟ ତାହା ଡାଇବେଟିସ୍ ରୋଗୀଙ୍କ ପାଇଁ କ୍ଷତିକାରକ। ଏପରି ସ୍ଥିତିକୁ ଡାକ୍ତରୀ ଭାଷାରେ 'ଇନ୍‌ସୁଲିନ୍ ରେଜିଷ୍ଟାନ୍ସ' ବୋଲି କୁହନ୍ତି। ଏହାବ୍ୟତୀତ ପୃଥୁଳତା ଲାଗି ରହିଲେ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ନାମକ ଜୀବକୋଷମାନ କ୍ଳାନ୍ତ ହୋଇପଡ଼ନ୍ତି। ପୃଥୁଳକାୟ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ କରିପାରେନି। ତେଣୁ ପୃଥୁଳତା ଡାଇବେଟିସ୍ ରୋଗୀଙ୍କ ଚିକିତ୍ସାରେ ଅନ୍ୟତମ ପ୍ରଧାନ ବାଧକ ସାଜିଥାଏ। ମାତ୍ର ଖାଦ୍ୟ ନିୟନ୍ତ୍ରଣ ଓ ନିୟମିତ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ପୃଥଳତାକୁ କେତେକାଂଶରେ ହ୍ରାସ କରାଯାଇ ପାରିବ।

## ସ୍ୱାସ୍ଥ୍ୟ ସୂଚନା

➢ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ। ଏହାକୁ ନିୟମିତ ଖାଇବାକୁ ଭୁଲନ୍ତୁ ନାହିଁ। ଏହି ତାଲିକାରେ ସାଲାଡ, ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ।

➢ସଜନା ଶାଗ ରକ୍ତରେ ଗ୍ଲୁକୋଜ୍ ଏବଂ ୟୁରିନ୍‌ରେ ଶର୍କରା ଆଉ ପ୍ରୋଟିନ୍‌ର ପରିମାଣକୁ ସନ୍ତୁଳିତ ରଖେ। ଫଳରେ ରକ୍ତଚାପ କେତେକାଂଶରେ କମିଯିବା ସହ ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣ ବୃଦ୍ଧି ପାଇଥାଏ।

➢ନିୟମିତ କିଛି ପରିମାଣରେ ଦହି ଖାଇଲେ ତାହା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଶରୀରରେ କୋଲେଷ୍ଟରଲ୍ ପରିମାଣକୁ କେତେକାଂଶରେ ସନ୍ତୁଳିତ ରଖେ।

➢ଅଙ୍ଗୁରରେ ଆଣ୍ଟି ଅକ୍ସିଡ଼ାଣ୍ଟର ମାତ୍ରା ରହିଛି। ଏହାକୁ ଖାଇଲେ ତାହା ମସ୍ତିଷ୍କର କାର୍ଯ୍ୟଧାରା କେତେକାଂଶରେ ସକ୍ରିୟ ହୋଇଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

➢ବେଡ୍ ରୁମ୍ ପରିବେଶ ସବୁବେଳ ଏପରି ରଖନ୍ତୁ ଯେମିତି ତାହା ନିଦ୍ରାକୁ ପ୍ରଭାବିତ କରିବ ନାହିଁ। ପ୍ରତିଦିନ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବାକୁ ଚେଷ୍ଟା କରନ୍ତୁ।

➢କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ। ଏହାକୁ ନିୟମିତ ଖାଇଲେ ତାହା ରକ୍ତଚାପକୁ ମଧ୍ୟ କେତେକାଂଶରେ ସନ୍ତୁଳିତ ରଖେ।



## ଥାଲାସେମିଆ: କିଛି କଥା

ଥାଲାସେମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି-ଥାଲାସେମିଆ ମେଜର, ଥାଲାସେମିଆ ମାଇନର ଏବଂ ଥାଲାସେମିଆ ଇଣ୍ଟରମେଡିଆ। ଥାଲାସେମିଆ ମେଜରକୁ ମଧ୍ୟ 'ବିଟା ଥାଲାସେମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍‌ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡିଥିବାରୁ ଗୁରୁତର ଭାବେ ରକ୍ତହୀନତା ବା ଆନିମିଆ ସୃଷ୍ଟି ହୋଇଥାଏ। ଯେଉଁ ରୋଗାକ୍ରାନ୍ତ ଶିଶୁମାନେ ବର୍ଷେ କି ଦୁଇ ବର୍ଷ ଭିତରେ ମୃତ୍ୟୁବରଣ ନ କରି ବଞ୍ଚିରହନ୍ତି, ସେମାନଙ୍କର ମୁଖମଣ୍ଡଳ ଗୋଲାକାର ଦେଖାଯାଏ। କପାଳ ଓ ମସ୍ତିଷ୍କର ଦୁଇ ପାଖ ହାଡ଼ ଫୁଲିଯାଏ। ହନୁ ହାଡ଼ ବଢ଼ିଯାଏ। ଥାଲାସେମିଆ ଶିଶୁ ସ୍ୱାଭାବିକ ଭାବରେ ବିକାଶ ଲାଭ କରିପାରେନି। ତା'ଠାରେ ଅନିୟମିତ ଭାବରେ ଜ୍ୱର ହୁଏ। ଭୋକ ମରିଯାଏ। ପ୍ରକାଶ ପାଏ କାମଳ। ରୋଗୀ ଦୁର୍ବଳତା ଅନୁଭବ କରେ। ସହଜରେ ଧଇଁସଇଁ ହୋଇପଡେ। ଥାଲାସେମିଆ ରୋଗୀର ହେମୋଗ୍ଲୋବିନ୍‌ର ମାତ୍ରା ଓ ଲୋହିତ ରକ୍ତକୋଷିକାଗୁଡିକର ସଂଖ୍ୟା କମିଯାଏ। ଏଚ.ପି.ଏଲ.ସି. ନାମକ ଏକ ଅତ୍ୟାଧୁନିକ ପରୀକ୍ଷାରୁ ଥାଲାସେମିଆ ରୋଗକୁ ନିର୍ଦ୍ଦିଷ୍ଟ ଭାବରେ ନିର୍ଣ୍ଣୟ କରାଯାଇଥାଏ। ଆନୁଷଙ୍ଗିକ ପରୀକ୍ଷା ଭାବରେ ଅସ୍ଥିମଜ୍ଜା ପରୀକ୍ଷା, ହାଡର ଏକ୍ସ-ରେ କରିବା ବ୍ୟତୀତ ରକ୍ତରେ ଲୌହ ଓ ଫେରିଟିନ୍‌ର ମାତ୍ରା ନିର୍ଦ୍ଧାରଣ କରାଯାଏ। ଥାଲାସେମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତ ଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ।



ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ନଭେମ୍ବର ୧୭/୨୦୨୫ Bhubaneswar, Monday, November 17/ 2025

# ଭାରତର ଲଜ୍ଜାଜନକ ପରାଜୟ

## ଅଢ଼େଇ ଦିନରେ ଖେଳ ଶେଷ

**କୋଲକାତା, ୧୬।୧୧(ପି.ଟି.)**

ସାମ୍ନାରେ ୧୨୪ ରନର ଛୋଟିଆ ଟାର୍ଗେଟ ଥିବା ସତ୍ତ୍ୱେ ଭାରତୀୟ ଦଳ ମାତ୍ର ୯୩ ରନରେ ଅଲଆଉଟ୍ ହୋଇ ଲଜ୍ଜାଜନକ ପରାଜୟ ବରଣ କରିଛି। ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ନ ଥିବା ପିଚ୍ ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ ଓ କୁଲଦୀପ ଯାଦବଙ୍କୁ ସୁହାଇବ ବୋଲି ଆଶା କରାଯାଉଥିଲା। ହେଲେ ଦକ୍ଷିଣ ଆଫ୍ରିକୀୟ ସ୍ପିନର ସାଇମନ ହାର୍ମରଙ୍କ ଉଭୟ ଇନିଂସରେ ୪ ଉଇକେଟ ସଫଳତା ଓ ଭାରତୀୟ ବ୍ୟାଟରଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଦଳ ପାଇଁ ପରାଜୟର କାରଣ ସାଜିଥିଲା। ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୧୫୯ ରନ କରିଥିବା ବେଳେ ଭାରତ ୧୮୯ ରନ କରିଥିଲା। ୩୦ ରନରେ ପଛୁଆ ଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୧୫୩ ରନରେ ସୀମିତ ରହିବା ପରେ ଭାରତ ସମ୍ମୁଖରେ ୧୨୪ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଜବାବରେ ଭାରତ ତା'ର ଦ୍ୱିତୀୟ ଇନିଂସରେ ମାତ୍ର ୯୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତୀୟ ଅଧିନାୟକ ଶୁବମନ ଗିଲ୍ ବେକଜନିତ ସମସ୍ୟା କାରଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଥିବାରୁ ବ୍ୟାଟିଂ ଲାଗି ଉପଲବ୍ଧ ନ ଥିଲେ। ଘରୋଇ ପରିବେଶରେ ଖେଳାଯାଇଥିବା ଗତ ୬ ଟେଷ୍ଟରେ ଏହା ଭାରତୀୟ ଦଳର ଚତୁର୍ଥ ପରାଜୟ। ଅନ୍ୟପକ୍ଷରେ ଏହା ଦକ୍ଷିଣ ଆଫ୍ରିକା ଦଳର ଗତ ୧୫ ବର୍ଷରେ ଭାରତ ମାଟିରେ ପ୍ରଥମ ଟେଷ୍ଟ ବିଜୟ। ଏହି ବିଜୟ ସହ ଦ. ଆଫ୍ରିକା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୧-୦ର ଅଗ୍ରଣୀ ହାସଲ କରିଛି। ମ୍ୟାଚ୍‌ରେ ଉଲ୍ଲେଖନୀୟ ବୋଲିଂ ପ୍ରଦର୍ଶନ କରିଥିବା ହାର୍ମରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ୨୨ ତାରିଖଠାରୁ ଗୁଆହାଟୀରେ ଖେଳାଯିବ।

ରବିବାର ତଥା ମ୍ୟାଚ୍‌ର ତୃତୀୟ ଦିନ ଦକ୍ଷିଣ ଆଫ୍ରିକା ଦଳ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୯୩/୭ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଟେମ୍ବା ବଭୁମା ଓ କର୍ବିନ ବୋଶ୍ ଅଷ୍ଟମ ଉଇକେଟରେ ୪୪ ରନ ଯୋଡ଼ିଥିଲେ। ୨୫ ରନ କରି ଖେଳୁଥିବା ବୋଶ୍‌ଙ୍କୁ ଯଶପ୍ରୀତ ବୁମରା କ୍ଲିନ ବୋଲ୍ଡ କରିଥିଲେ। ଏହାପରେ ହାର୍ମର (୭) ଓ କେଶବ ମହାରାଜ (୦)ଙ୍କୁ ଗୋଟିଏ ଓଭରରେ ମହମ୍ମଦ ସିରାଜ ଆଉଟ୍ କରି ଦକ୍ଷିଣ ଆଫ୍ରିକାର ଇନିଂସର ଅନ୍ତ ଘଟାଇଥିଲେ। ଅଧିନାୟକ ବଭୁମା ୫୫ (୪ ଚୌକା) ରନ କରି ଅପରାଜିତ ରହିଥିଲେ। ଭାରତ ପାଇଁ ରବୀନ୍ଦ୍ର ଜାଡେଜା ୪ ଉଇକେଟ ନେଇଥିବାବେଳେ କୁଲଦୀପ ଯାଦବ ଓ ସିରାଜ ୨ ଲେଖାଏ ଏବଂ ବୁମରା ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଉଇକେଟ ନେବାପରେ ସାଇମନ ହାର୍ମରଙ୍କୁ ଟେମ୍ବା ବଭୁମାଙ୍କ ବଧେଇ।

୧୨୪ ରନର ଟାର୍ଗେଟ ନେଇ ଓହ୍ଲାଇଥିବା ଭାରତ ଆରମ୍ଭରୁ ଦୁଇ ଓପନରଙ୍କୁ ହରାଇଥିଲା। ଯଶସ୍ୱୀ ଜୟସ୍ୱାଲ ଖାତା ଖୋଲିପାରି ନ ଥିବାବେଳେ ଲୋକେଶ ରାହୁଲ ୧ ରନ କରି ଆଉଟ୍ ହୋଇଥିଲେ। ଗିଲ୍‌ଙ୍କ ଅନୁପସ୍ଥିତିରେ ଟପ୍ ଅର୍ଡରରେ ବ୍ୟାଟିଂ କରିଥିବା ଧ୍ରୁବ ଜୁରେଲ ୧୩ ଓ ରିଷଭ ପନ୍ତ ୨ ରନ କରି ପାଭିଲିଅନ ଫେରିଥିଲେ। ୱାଶିଂଟନ ସୁନ୍ଦର (୩୧ ରନ, ୨ ଚୌକା) ଓ ରବୀନ୍ଦ୍ର ଜାଡେଜା (୧୮ରନ୍,୨ ଚୌକା) ଦଳକୁ କିଛିଟା ଆଶା ଦେଇଥିଲେ। ହେଲେ ଦୁହିଁଙ୍କ ଉଇକେଟ ପଡ଼ିବା ସହ ଦକ୍ଷିଣ ଆଫ୍ରିକାର ବିଜୟ ପ୍ରାୟ ନିଶ୍ଚିତ ହୋଇଯାଇଥିଲା। ଶେଷ ଆଡ଼କୁ ଅକ୍ଷର ପଟେଲ ଆଟାକିଂ ବ୍ୟାଟିଂ କରି ୧ ଚୌକା ଓ ୨ ଛକା ସହିତ ୨୬ ରନ କରି ଅଷ୍ଟମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଏହାର ପରବର୍ତ୍ତୀ ବଲରେ ସିରାଜଙ୍କ ଉଇକେଟ ନେଇ କେଶବ ମହାରାଜ ଭାରତୀୟ ଇନିଂସରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଭାରତ ମାତ୍ର ୯୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଭ୍ରମଣକାରୀ ଦଳ ପାଇଁ ହାର୍ମର ୪ ଉଇକେଟ ନେଇଥିବାବେଳେ ମାର୍କୋ ଜାନସେନ ଓ ମହାରାଜ ୨ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୫୯/ଅଲଆଉଟ୍। ଭାରତ ପ୍ରଥମ ଇନିଂସ: ୧୮୯/ଅଲଆଉଟ୍। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୧୫୩/ଅଲଆଉଟ୍ (ଟେମ୍ବା ବଭୁମା-୫୫*, କର୍ବିନ ବୋଶ୍-୨୫, ରବୀନ୍ଦ୍ର ଜାଡେଜା-୪/୫୦, ମହମ୍ମଦ ସିରାଜ-୨/୨, କୁଲଦୀପ ଯାଦବ-୨/୩୦)। ଭାରତ ଦ୍ୱିତୀୟ ଇନିଂସ: ୯୩/ଅଲଆଉଟ୍ (ୱାଶିଂଟନ ସୁନ୍ଦର-୩୧, ଅକ୍ଷର ପଟେଲ-୨୬, ସାଇମନ ହାର୍ମର-୪/୨୧, ମାର୍କୋ ଜାନସେନ-୨/୧୫, କେଶବ ମହାରାଜ-୨/୩୭)।

# ଗୋଲକୁଣ୍ଡା ଗାର୍ଡିଆନ୍ସ ଚାମ୍ପିୟନ



ଚାମ୍ପିୟନ ଗୋଲକୁଣ୍ଡା ଗାର୍ଡିଆନ୍ସ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

## ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୧୬।୧୧(ତପନ ସ୍ୱାଇଁ)**

ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେଶନ (ଆଇଏସ୍ଏଫ୍) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ)ର ମିଳିତ ଆନୁକୂଲ୍ୟରେ ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ (ଆଇଓସିପିଏଲ୍)-୨୦୨୫ ରବିବାର ଉଦ୍‌ଯାପିତ ହୋଇଛି। ମୋଟ ୧୧ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଗୋଲକୁଣ୍ଡା ଗାର୍ଡିଆନ୍ସ, ବାରବାଟୀ ବ୍ୟାଟଲର୍ସ ଓ ଭିକ୍ଟୋରିଆ ଭିକ୍ଟର୍ସ ୧୭ ପଏଣ୍ଟ ଲେଖାଏ ପାଇ ଅଭିଯାନ ଶେଷ କରିଛନ୍ତି। ତେବେ ଟାଇବ୍ରେକ୍‌ରେ ଗାର୍ଡିଆନ୍ସ ଚାମ୍ପିୟନ ହୋଇଥିବାବେଳେ ବ୍ୟାଟଲର୍ସ ରନରଅପ୍ ଏବଂ ଭିକ୍ଟର୍ସ ତୃତୀୟ ସ୍ଥାନ ଅଧିକାର କରିଛି। ଗାର୍ଡିଆନ୍ସ ୧୧ ମ୍ୟାଚରୁ ୭ ବିଜୟ, ୩ ଡ୍ର ଓ ୧ ପରାଜୟ, ବ୍ୟାଟଲର୍ସ ୮ ବିଜୟ, ୧ ଡ୍ର ଓ ୨ ପରାଜୟ ଏବଂ ଭିକ୍ଟର୍ସ ୮ ବିଜୟ, ୧ ଡ୍ର ଓ ୨ ପରାଜୟ ଲାଭ କରିଛି। ପ୍ରତିଯୋଗିତାରେ ୨ ଗ୍ରାଣ୍ଡମାଷ୍ଟର, ୧୪ ଅନ୍ତର୍ଜାତୀୟ ମାଷ୍ଟର, ୩ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୮ ଫିଡେ ମାଷ୍ଟର, ୩ ମହିଳା ଫିଡେ ମାଷ୍ଟର, ୬ କ୍ୟାଣ୍ଡିଡେଟ୍ ମାଷ୍ଟର ଓ ଜଣେ ମହିଳା କ୍ୟାଣ୍ଡିଡେଟ୍ ମାଷ୍ଟରଙ୍କ ସହ ୩୭ଜଣ ଫିଡେ ଟାଇଟଲଧାରୀଙ୍କୁ ମିଶାଇ ମୋଟ ୯୬ ଖେଳାଳି ଅଂଶଗ୍ରହଣ କରିଥିଲେ। ଚାମ୍ପିୟନ ଗୋଲକୁଣ୍ଡା ଗାର୍ଡିଆନ୍ସ ଦଳରେ ଆର୍ଯ୍ୟନ ଅର୍ନଭ ସାମନ୍ତରାୟ, ଫିଡେ ମାଷ୍ଟର ମୋହିତୋଷ ଦେ, ଅନ୍ତର୍ଜାତୀୟ ମାଷ୍ଟର ଆରାଧ ଗର୍ଗ, ସ୍ୱପ୍ନିଲ ପ୍ରିୟଦର୍ଶୀ, କ୍ୟାଣ୍ଡିଡେଟ ମାଷ୍ଟର ମୁକୁନ୍ଦ ହେମନ୍ତ ଅଗ୍ରୱାଲ, ମହିଳା ଫିଡେ ମାଷ୍ଟର ଅର୍ଶିୟା ଦାସ, ରାକେଶ କୁମାର ନାୟକ ଓ ସୋୟମ ଲକ୍ଷ୍ମୀଦତ୍ତ ସାବତ ସାମିଲ ଥିଲେ।

ବିଜେତା ଟିମ୍‌କୁ ୫ ଲକ୍ଷ, ପ୍ରଥମ ରନର୍ସ ଅପ୍‌କୁ ୩ ଲକ୍ଷ ଓ ଦ୍ୱିତୀୟ ରନର୍ସ ଅପ୍‌କୁ ୨ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ତଥା ଅଲ୍ ଝାଡ଼ଖଣ୍ଡ ଚେସ୍ ଆସୋସିଏଶନ ସଭାପତି ପ୍ରଦୀପ କୁମାର ବର୍ମା, ସମ୍ମାନିତ ଅତିଥି ଏସାର ମିନମେଟ୍ ଲିମିଟେଡ୍‌ର ସିଇଓ ଶଶି ଶେଖର ମହାନ୍ତି, ଜେମିନି ଅଏଲ୍ ସିନିୟର ମ୍ୟାନେଜର (କମର୍ସିଆଲ) ପ୍ରଦୀପ୍ତ କିଶୋର ମହାପାତ୍ର, ଏସ୍ଏନ୍ଏମ୍ ଗ୍ରୁପ୍ ଚେୟାରମ୍ୟାନ ପ୍ରଦୀପ୍ତ ମହାନ୍ତି, ସଂଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଆଇଏସ୍ଏଫ୍ ଟିମ୍‌ର ନିର୍ଦ୍ଦେଶକ ସଞ୍ଜୟ ଚୌଧୁରୀ, ଚିଦାମ୍ବିକା ଖଟୁଆ, ଶେଖ ଅବଦୁଲ ସମିମ୍, ଜାତୀୟ ସଭାପତି ପ୍ରଦୀପ୍ତ ମହାନ୍ତି, ରାଜ୍ୟ ସଭାପତି ବିଷ୍ଣୁ ପ୍ରସାଦ ମିଶ୍ର, ରାଜ୍ୟ ସମ୍ପାଦକ ସଞ୍ଜୟ ଦାସ, ରାଜ୍ୟ ଆବାହକ ରାଶି ଅଗ୍ରୱାଲ, ଆଞ୍ଚଳିକ ପରିଚାଳକ ଦର୍ଶନ କୁମାର ବେହେରାଙ୍କ ସମେତ ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, କାର୍ଯ୍ୟକାରିଣୀ ସଦସ୍ୟ ରିତେଶ ରଥ, ଅଭିଶେକ ଆଚାର୍ଯ୍ୟ, ଆୟୋଜକ କମିଟି ସଦସ୍ୟ ମାନସ ପାଣି, ବି.ଏନ. ସାହୁ, ବିଷ୍ଣୁ ଅଗ୍ରୱାଲ, ଧନଞ୍ଜୟ ସାବତ, ଅର୍ଘ୍ୟ ଅର୍ପଣ ପରିଡା, ପଦ୍ମିନୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ମୁକ୍ତେଶ୍ୱର, କିଶୋର ସ୍ପୋର୍ଟିଂ ବିଜୟୀ

## ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍

**ଭୁବନେଶ୍ୱର, ୧୬।୧୧ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍‌ର ରବିବାର ଅନୁଷ୍ଠିତ ୨ଟି ମ୍ୟାଚରେ ମୁକ୍ତେଶ୍ୱର ଏବଂ କିଶୋର ସ୍ପୋର୍ଟିଂ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ମୁକ୍ତେଶ୍ୱର ସ୍ପୋର୍ଟିଂ ୪-୧ ଗୋଲରେ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅନିଲ ନାୟକ ୨ଟି ଏବଂ ପ୍ରତ୍ୟୁଷ ସିଂ ଓ ଶରତ ମିନ୍ୟାକା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରତିପକ୍ଷ ଦଳରୁ ନିଖିଲ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଡବଲ ଗୋଲ ସ୍କୋରର ଅନିଲ ନାୟକଙ୍କୁ ଅତିଥି ରାଜ୍ୟର ପ୍ରତିଷ୍ଠିତ ଆଥ୍‌ଲେଟିକ୍ସ କୋଚ୍ ନୀଳମାଧବ ଦେଓ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ କିଶୋର ସ୍ପୋର୍ଟିଂ ୨-୦ ଗୋଲରେ ସିଲିକନ୍ ୟୁନିଭର୍ସିଟିକୁ ହରାଇ ଦେଇଛି। କିଶୋର ସ୍ପୋର୍ଟିଂ ପକ୍ଷରୁ ଆଶିଷ ବାହାଲା ଓ ସିଦ୍ଧାନ୍ତ ଦାସ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରାଜ୍ୟର ପ୍ରତିଷ୍ଠିତ କ୍ରୀଡ଼ା ବିଜ୍ଞାନୀ ବିଶେଷଜ୍ଞ ମୁକ୍ତି ପ୍ରସାଦ ଦାଶ ଓ ସସ୍ମିତା ଦାଶ ଅତିଥିଭାବେ ଯୋଗଦେଇ ସିଦ୍ଧାନ୍ତ ଦାସଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।


ସିଦ୍ଧାନ୍ତ ଦାସ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ପ୍ରଥମ ଦିନରେ ଓଡ଼ିଶାକୁ ୭ ପଦକ

## ପାରା ସୁଇମିଂ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୧୬।୧୧ (ବିଜୟ ରଣା)**

ହାଇଦ୍ରାବାଦରେ ରବିବାରଠାରୁ ଆରମ୍ଭ ହୋଇଥିବା ପାରା ସୁଇମିଂ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ୩ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ ବ୍ରୋଞ୍ଜ ସହ ମୋଟ ୭ ପଦକ ହାସଲ କରିଛି। ପୁରୁଷ ଏସ୍-୪ କାଟେଗୋରି ୧୦୦ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ବଳରାମ ସ୍ୱାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛି। ସେହିପରି ପୁରୁଷ ଏସ୍-୫ କାଟେଗୋରି ୧୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ନରହରି ବେହେରା ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ଜିତିଛନ୍ତି। ଅନ୍ୟପକ୍ଷରେ ମହିଳା ଏସ୍-୬ କାଟେଗୋରି ୧୦୦ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ କବିତା ଦଲାଲ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ରଞ୍ଜନ କୁମାର ହାଂସ୍‌ଦା ପୁରୁଷ ଏସ୍-୧୧ କାଟେଗୋରି ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରାଜ୍ୟ ପାଇଁ ରୌପ୍ୟ ଆଣିଛନ୍ତି। ଓଡ଼ିଶାର ଦୀନେଶ ମୋହନ ମାଝି ପୁରୁଷ ଏସ୍-୧୦ କାଟେଗୋରି ୧୦୦ମିଟର, ୫୦ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ଶିବାନନ୍ଦ ବୈଦ୍ୟ ପୁରୁଷ ଏସ୍-୧୩ କାଟେଗୋରି ୧୦୦ମିଟର ଫ୍ରିଷ୍ଟାଇଲରେ ଏକ ବ୍ରୋଞ୍ଜ ପଦକ ପାଇଥିବା ବେଳେ କମଳ ଟୁଡୁ ପୁରୁଷ ଏସ୍-୧୩ କାଟେଗୋରି ୧୦୦ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ବ୍ରୋଞ୍ଜ ଜିତିଛନ୍ତି।

# ପାକିସ୍ତାନକୁ ହରାଇଲା ଭାରତ

**ଭୁବନେଶ୍ୱର, ୧୬।୧୧ (ବିଜୟ ରଣା)**

ଶ୍ରୀଲଙ୍କାର କଲମ୍ବୋଠାରେ ଚାଲିଥିବା ପ୍ରଥମ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୮ ଉଇକେଟରେ ହରାଇ ଦେଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ବିନିମୟରେ ୧୩୫ରନ କରିଥିଲା। ଦଳ ପକ୍ଷରୁ ମେହେରନ୍ ଅଲି-୬୬ରନ (୪୪ ବଲ୍) ବୁଶ୍ରା ଅଶ୍ରଫ ୪୪ (୩୮ ବଲ୍)ରନ କରିଥିଲେ। ଭାରତ ତରଫରୁ ଫୁଲ ସୋରେନ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ରେକ୍ ଥ୍ରୁ ଆଣିଥିଲେ। ମିଡଲ ଓଭରରେ ଅନୁ କୁମାରୀ ଶୃଙ୍ଖଳିତ ବୋଲିଂ କରିଥିଲେ। ଗଙ୍ଗା କଦମ ଟାଇଟଲ ବୋଲିଂ କରି ପାକିସ୍ତାନ ବ୍ୟାଟରମାନଙ୍କ ଉପରେ ଚାପ ସୃଷ୍ଟି କରିଥିଲେ। ଜବାବରେ ଭାରତ ୧୦.୨ଓଭରରେ ୨ଉଇକେଟ ବିନିମୟରେ ୧୩୬ ରନ କରି ମ୍ୟାଚ ଜିତିନେଇଥିଲା। ଭାରତ ତରଫରୁ ଆନେଖା ଦେବୀ ୬୪ (୩୪ ବଲ୍) ଓ ଅଧିନାୟିକା ଦୀପିକା ଟିସି ୪୫ (୨୧ ବଲ୍) ରନ କରିଥିଲେ। ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିସାରିଥିବା ଭାରତର ଏହା ଥିଲା କ୍ରମାଗତ ୫ମ ବିଜୟ। ସୋମବାର ଶ୍ରୀଲଙ୍କା ବନାମ ଅଷ୍ଟ୍ରେଲିଆ ମ୍ୟାଚ ଖେଳାଯିବ।

# ୨୩ ସ୍ୱର୍ଣ୍ଣ ସହ ଖୋର୍ଦ୍ଧା ଦଳଗତ ଚାମ୍ପିୟନ


କୃତୀ ପ୍ରତିଯୋଗୀଙ୍କ ସହ ବିଧାୟକ ବାବୁ ସିଂ ଓ ଅନ୍ୟମାନେ।

## ରାଜ୍ୟ ବେଞ୍ଚ୍‌ପ୍ରେସ୍ ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର, ୧୬।୧୧ (ତପନ ସ୍ୱାଇଁ)**

ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ଓଡ଼ିଶା ରାଜ୍ୟ ବେଞ୍ଚ୍‌ପ୍ରେସ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ରାଜ୍ୟର ୧୬ ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଓ ୫୦ ଅଫିସିଆଲ ଏଥିରେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ବାବୁ ସିଂ ଏବଂ ବରିଷ୍ଠ ଭାଜପା ନେତା ଜଗନ୍ନାଥ ପ୍ରଧାନ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଖୋର୍ଦ୍ଧା ଜିଲା ୨୩ଟି ସ୍ୱର୍ଣ୍ଣ ପଦକ ପାଇ ଦଳଗତ ଚାମ୍ପିୟନ ହୋଇଥିବାବେଳେ କଟକ ୮ ସ୍ୱର୍ଣ୍ଣ ସହ ଦ୍ୱିତୀୟ ଓ ସୁନ୍ଦରଗଡ଼ ୬ ସ୍ୱର୍ଣ୍ଣ ପଦକ ସହିତ ତୃତୀୟ ସ୍ଥାନ ଅଧିକାର କରିଛି। ପ୍ରତିଯୋଗିତାକୁ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଜାନକୀ ବଲ୍ଲଭ ମିଶ୍ର, ବି.ପି. ବେହେରା, ପ୍ରଦୀପ କୁମାର ପାତ୍ର, କୃଷ୍ଣଚନ୍ଦ୍ର ସାହୁ, ଚନ୍ଦ୍ରଶେଖର ସାହୁ, ଏନ.ବି. ପଟ୍ଟନାୟକ, ସୁଜିତ କୁମାର ଗିରି, ଗୋପାଳ ଦାସ, ରାକେଶ ଶତପଥୀ, ଉମାକାନ୍ତ ବେହେରା, ଜାଭେଦ ଅର୍ଶଦ, ଦୀପକ ନାଏକ, କିର୍ତ୍ତନ ବେହେରା, ଫିରୋଜ ଆଲାମ, ଦିବ୍ୟଲେଖା ମିଶ୍ର, ଅନୁପମା ସ୍ୱାଇଁ, ସ୍ୱାଗତିକା ଖଟେଇ, ଲକି ରାଣୀ ପାତ୍ର, ରାଜସ୍ମିତା ସାହୁ, ଲଳିତ କୁମାର ସାହୁ, ଅବିନାଶ ପୁହିର ଓ ସନ୍ଦିପ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ବିପ୍ଳବ, ଅନିଲ ଇନିଂସ ସମ୍ଭାଳିଲେ

## ରଣଜୀ ଟ୍ରଫି

**ଭୁବନେଶ୍ୱର, ୧୬।୧୧ (ତପନ ସ୍ୱାଇଁ)**

ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ରଣଜୀ ଟ୍ରଫି ଏଲିଟ ଗ୍ରୁପ୍ 'ଏ' ମ୍ୟାଚ ରବିବାର କିଟ୍ କ୍ରିକେଟ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଓଡ଼ିଶା ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ମଧ୍ୟଭାଗରେ ଅଭିଜ୍ଞ ବିପ୍ଳବ ସାମନ୍ତରାୟ ଓ ଅନିଲ ପରିଡ଼ା ଇନିଂସ ସମ୍ଭାଳି ଓଡ଼ିଶାର ସମ୍ମାନ ରଖିଛନ୍ତି। ପ୍ରଥମ ଦିବସ ଶେଷ ବେଳକୁ ଓଡ଼ିଶା ୭ ଉଇକେଟ ହରାଇ ୨୪୩ ରନ ସଂଗ୍ରହ କରିଛି। ଅନିଲ ୯୮ ରନକରି ଅପରାଜିତ ରହିଛନ୍ତି। ଏହି ମ୍ୟାଚରେ ଉଇକେଟ କିପର ସାୱନ ପହାରିଆ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଛନ୍ତି। ମ୍ୟାଚ ପୂର୍ବରୁ ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ ତାଙ୍କୁ ଓଡ଼ିଶା କ୍ୟାପ ପ୍ରଦାନ କରିଛନ୍ତି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଓଡ଼ିଶା ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତି। ମାତ୍ର ନାଗାଲାଣ୍ଡ ବୋଲରମାନେ ସକାଳେ ପିଚ୍‌ର ଆର୍ଦ୍ରତାରୁ ଫାଇଦା ଉଠାଇ ଓଡ଼ିଶାର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ଓଡ଼ିଶା ୩୪ ରନ ମଧ୍ୟରେ ୪ଟି ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଦୁଇ ଓପନର ଗୌରବ ଚୌଧୁରୀ ଓ ସ୍ୱସ୍ତିକ ସାମଲ ଯଥାକ୍ରମେ ୧୦ ଓ ୯ ରନ କରିଥିବାବେଳେ ଗୋବିନ୍ଦ ପୋଦ୍ଦାର ଖାତା ଖୋଲିପାରି ନ ଥିଲେ। ଅଧିନାୟକ ଶୁଭ୍ରାଂଶୁ ଭଲ ଆରମ୍ଭ କରିଥିଲେ ହେଁ ୧୩ ରନକରି ପ୍ୟାଭିଲିୟନ ଫେରିଥିଲେ। ଚଳିତ ସିଜନର ୪ଟି ମ୍ୟାଚ ପରେ ଦଳକୁ ଡାକରା ପାଇଥିବା ବିପ୍ଳବ ଓ କ୍ୟାରିୟରର ଦ୍ୱିତୀୟ ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ ଖେଳିବାକୁ ସୁଯୋଗ ପାଇଥିବା ଅନିଲ ଚାପର ବଶବର୍ତ୍ତୀ ନ ହୋଇ ୫ମ ଉଇକେଟରେ ୩୫୪ ବଲ୍‌ରୁ ୧୭୯ ରନର ପାର୍ଟନରଶିପ୍ ଗଢ଼ି ଓଡ଼ିଶାକୁ ଲଜ୍ଜାଜନକ ସ୍ଥିତିରୁ ଉଦ୍ଧାର କରିଥିଲେ। ଶତକ ହାସଲର ନିକଟବର୍ତ୍ତୀ ହୋଇଥିବା ବିପ୍ଳବ ୯୨ ରନ କରିଥିବାବେଳେ ଇମଲିୱାଟି ଲେମଟୁରଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇଯିବାରୁ ଯୋଡ଼ି ଭାଙ୍ଗିଥିଲା। ସେ ୧୪୫ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୯ ଚୌକା ଓ ୧ ଛକା ମାରିଥିଲେ। ଅନିଲ କିନ୍ତୁ ୯୮ ରନରେ ଅପରାଜିତ ରହି କ୍ୟାରିୟରର ପ୍ରଥମ ଶତକ ହାସଲର ଦ୍ୱାରରେ ପହଞ୍ଚିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେ ତାଙ୍କର ସର୍ବୋଚ୍ଚ ସ୍କୋର ୯୯* ରନ। ଚଳିତବର୍ଷ ପ୍ରାରମ୍ଭରେ ଜାନୁଆରୀ ୩୦ରୁ ଫେବୃଆରୀ ୨ ପର୍ଯ୍ୟନ୍ତ କଟକରେ ଅନୁଷ୍ଠିତ ସର୍ଭିସେସ ବିପକ୍ଷ ଏକମାତ୍ର ମ୍ୟାଚର ଦ୍ୱିତୀୟ ଇନିଂସରେ ଓଡ଼ିଶା ଅଲ୍‌ଆଉଟ ହେବା ବେଳକୁ ସେ ୯୯ ରନରେ ଅପରାଜିତ ରହିଥିଲେ। କିଟ୍ ଗ୍ରାଉଣ୍ଡରେ ଅନିଲ ୨୪୯ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୯ ଚୌକା ଓ ୧ ଛକା ମାରିଛନ୍ତି। ତେବେ ଏତିକିରେ କାର୍ଯ୍ୟ ସରିନାହିଁ। ଓଡ଼ିଶା ପ୍ରଥମ ଇନିଂସ ସ୍କୋରକୁ ଯଥା ସମ୍ଭବ ଆଗକୁ ନେବା ଦାୟିତ୍ୱ ଏବେ ଅନିଲଙ୍କ ଉପରେ। ଟେଲ୍ ଏଣ୍ଡରଙ୍କୁ ସାଥିକରି ତାଙ୍କୁ ଏଠାରେ ଏକ ବଡ଼ ଇନିଂସ ଖେଳିବାକୁ ହେବ। ନାଗାଲାଣ୍ଡ ବୋଲରଙ୍କ ମଧ୍ୟରେ ଇମଲିୱାଟି ଲେମଟୁର, ରୋନିତ ମୋରେ ଓ ରଙ୍ଗସେନ ଜୋନାଥନ ୨ଟି ଲେଖାଏ ଏବଂ ଦୀପ୍ ବୋରା ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୪୩/୭ (ଅନିଲ ପରିଡ଼ା-୯୮*, ବିପ୍ଳବ ସାମନ୍ତରାୟ-୯୨, ଇମଲିୱାଟି ଲେମଟୁର-୨/୨୫, ରୋନିତ ମୋରେ-୨/୪୫, ରଙ୍ଗସେନ ଜୋନାଥନ-୨/୬୧, ଦୀପ୍ ବୋରା-୧/୨୮)।



କିଟ୍ ଷ୍ଟାଡିୟମରେ ରବିବାର ଶଟ୍ ଖେଳିବା ଅବସରରେ ଅନିଲ ପରିଡ଼ା ଓ ବିପ୍ଳବ ସାମନ୍ତରାୟ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ